# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୮/୨୦୨୩ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 8/2023 Page 20 ₹ 7.00

୪୯ଶ ଭାଗ ୩୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 314 ମୂଲ୍ୟ₹୭/-




## ମାରାକ୍ରମଙ୍କ ଦ୍ରୁତତମ ଶତକ

ଦକ୍ଷିଣ ଆଫ୍ରିକାର ଏଡେନ ମାରାକ୍ରମ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ୪୯ବଲ୍‌ରେ ଦ୍ରୁତତମ ଶତକ ହାସଲ କରିଛନ୍ତି।

୧୯

୧୭

## ୩ରେ ସୁସ୍ମିତାଙ୍କ 'ଆର୍ଯ୍ୟା ୩'

ନଭେମ୍ବର ୩ରେ ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍‌ଙ୍କ ୱେବ୍ ସିରିଜ୍ 'ଆର୍ଯ୍ୟା ୩' ରିଲିଜ୍ ହେବାକୁ ଯାଉଛି।



# ଆଉ ଏକ ଯୁଦ୍ଧ

ଗୋଟିଏ ଯୁଦ୍ଧ ସରିନାହିଁ, ଆଉ ଏକ ଯୁଦ୍ଧ ମୁଣ୍ଡ ଟେକିଲାଣି। ରୁଷିଆ-ୟୁକ୍ରେନ୍ ସଂଘର୍ଷ ଶନିବାର ୫୯୧ ଦିନରେ ପହଞ୍ଚିଥିବାବେଳେ ଇସ୍ରାଏଲ ଉପରେ ପାଲେଷ୍ଟାଇନ୍‌ର କଠୋରପନ୍ଥୀ ଗୋଷ୍ଠୀ ହମାସ୍ ପକ୍ଷରୁ ୫,୦୦୦ ରକେଟ ମାଡ଼ କରାଯାଇଛି। ଏହି ଅତର୍କିତ ଆକ୍ରମଣରେ ୨୦୦ ସାଧାରଣ ନାଗରିକ ନିହତ ହୋଇଛନ୍ତି। ୧,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିଦ୍ରୋହୀ ହମାସ୍‌ର ଚ୍ୟାଲେଞ୍ଜକୁ ଗ୍ରହଣକରି ଯୁଦ୍ଧ ଘୋଷଣା କରିଛନ୍ତି। ଇସ୍ରାଏଲର ଜବାବୀ କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୨୩୨ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ଆକାଶଛୁଆଁ ହୋଇଛି। ଏଭଳି ସମୟରେ ଆଉ ଏକ ଯୁଦ୍ଧର ସମ୍ଭାବ୍ୟ ପରିଣାମକୁ ନେଇ ବିଶ୍ୱବାସୀ ଚିନ୍ତିତ।

## ୪୩୨ ନିହତ, ଯୁଦ୍ଧ ଘୋଷଣା କଲା ଇସ୍ରାଏଲ



ଗାଜା ଷ୍ଟ୍ରିପ୍‌ରୁ ରକେଟ୍ ମାଡ଼ କରାଯିବା ପରେ ଇସ୍ରାଏଲ୍‌ର ଆଶ୍‌କେଲୋନ୍‌ରେ ଜଣେ ବ୍ୟକ୍ତି ପ୍ରାଣ ବିକଳରେ ଦୌଡ଼ୁଛନ୍ତି।

**ଜେରୁଜେଲମ୍,୭।୧୦**

ହମାସ୍ ବିଦ୍ରୋହୀଙ୍କ ଅଚାନକ ଆକ୍ରମଣରେ ଜଣେ ମେୟରଙ୍କ ସମେତ ୨୦୦ ଇସ୍ରାଏଲୀ ନିହତ ହେବା ସହ ୧,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହାର ଜବାବରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଶନିବାର ହମାସ୍ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି। ଶତ୍ରୁତା ପାଇଁ ହମାସ୍‌କୁ ଅଭୂତପୂର୍ବ ମୂଲ୍ୟ ଦେବାକୁ ପଡ଼ିବ ବୋଲି ନେତାନ୍ୟାହୁ କହିଛନ୍ତି। ଶନିବାର ସକାଳେ ହମାସ୍‌ର ସଶସ୍ତ୍ର ଆତଙ୍କବାଦୀ ଗାଜା ଷ୍ଟ୍ରିପ୍‌ରୁ ଇସ୍ରାଏଲ୍ ଉପରେ ୫,୦୦୦ ରକେଟ ମାଡ଼ କରିଥିଲେ। ମାତ୍ର ୨୦ ମିନିଟ୍ ମଧ୍ୟରେ ଏତେ ସଂଖ୍ୟାରେ ରକେଟ ଆକ୍ରମଣ କରାଯାଇଥିଲା। କିଛିବର୍ଷ ମଧ୍ୟରେ ଇସ୍ରାଏଲ୍ ଭୂଖଣ୍ଡରେ ଏହା ସବୁଠୁ ଭୟାବହ ଆକ୍ରମଣ। ☞ପୃଷ୍ଠା-୪

# ନୂଆବର୍ଷରେ ମେଟ୍ରୋ ପ୍ରକଳ୍ପ ଶିଳାନ୍ୟାସ

**ଖର୍ଚ୍ଚ ହେବ ୫୯୨୯ କୋଟି**

**ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୭।୧୦(ଅନିଲ ଦାସ)**

୨୦୨୪ ଜାନୁୟାରୀ ପହିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଶୁଭ ଦେବେ। ଏହି ପ୍ରକଳ୍ପ ପାଇଁ ପ୍ରସ୍ତୁତ ୫୯୨୯ କୋଟି ଟଙ୍କାର ପ୍ରକଳ୍ପ ରିପୋର୍ଟକୁ ଅନୁମୋଦନ ମିଳିସାରିଛି। ଏହି ସମସ୍ତ ଅର୍ଥ ରାଜ୍ୟ ସରକାର ବହନ କରିବେ। ରାଜ୍ୟ ସରକାରଙ୍କ ୫-ଟି ପଦକ୍ଷେପ ଅନୁଯାୟୀ ଏହି ପ୍ରକଳ୍ପ ହାତକୁ ନିଆଯିବ। ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୨୧୦ କୋଟି ଟଙ୍କା ଅତିରିକ୍ତ ବଜେଟରେ ଆଣିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ କମ୍ପାନୀ ଆକ୍ଟ ଅନୁଯାୟୀ ଏହା ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ନିଜସ୍ୱ କମ୍ପାନୀ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ସ୍ଲୋଗାନରୁ କ'ଣ ମିଳିବ

# ୧୦୭

## ଏସିଆନ୍ ଗେମ୍ସରେ ଭାରତ



ଫାଇନାଲରେ ଚାଇନିଜ୍ ତାଇପେକୁ ହରାଇବା ପରେ ଭାରତୀୟ ମହିଳା କବାଡି ଦଳ।

**ହାଙ୍ଗଝୋ,୭।୧୦(ପି.ଟି.)**

ଏସିଆନ୍ ଗେମ୍ସ ୨୦୨୩ରେ ଇତିହାସ ରଚିଛି ଭାରତ। ପ୍ରଥମ ଥର ପାଇଁ ପଦକ ସଂଖ୍ୟାରେ ଦଳ ୧୦୦ ପାର କରିଛି । ଏହି ୧୦ ଦିନିଆ ଇଭେଣ୍ଟରେ ଭାରତୀୟ କ୍ରୀଡାବିତ୍‌ମାନେ ୧୦୭ ପଦକ ସହିତ ଅଭିଯାନ ଶେଷ କରିଛନ୍ତି। ଶନିବାର ପ୍ରତିଯୋଗିତାର ନବମ ଦିନରେ ଚମତ୍କାର ପ୍ରଦର୍ଶନ କରି ୬ ସ୍ୱର୍ଣ୍ଣ ସହିତ ୧୨ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ବ୍ୟତୀତ ଭାରତ ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛି। ଅନ୍ତିମ ଦିବସରେ କେବଳ କରାଟେ ଓ ଆକ୍ୱାଟିକ୍ ସନ୍ତରଣ ଇଭେଣ୍ଟ ରହିଥିବାବେଳେ ଏଥିରେ କୌଣସି ଭାରତୀୟ ପ୍ରତିଯୋଗୀ ଭାଗ ନେଉ ନାହାନ୍ତି। ଚଳିତ ବର୍ଷ ଏସିଆନ୍ ଗେମ୍ସ ଇତିହାସରେ ଭାରତ ଏହାର ସର୍ବବୃହତ୍ ଦଳ ପଠାଇଥିବା ବେଳେ ଏହା ନବମ ଦିନ ଶେଷ ସୁଦ୍ଧା ୧୦୭ ପଦକ ହାସଲ କରି ଅଭିଯାନ ଶେଷ କରିଛି। ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ ସହିତ ସମୁଦାୟ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ହାସଲ କରିଛି। ଶନିବାର କମ୍ପାଉଣ୍ଡ ଆର୍ଚେରୀର ☞ପୃଷ୍ଠା-୪




ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୮ ଅକ୍ଟୋବର, ୨୦୨୩



# ହମାସ୍-ଇସ୍ରାଏଲ୍ ଘମାଘୋଟ ଲଢ଼େଇ

## ରକେଟ ମାଡ଼ ପରେ ଇସ୍ରାଏଲ୍‌ରେ ପଶିଲେ ହମାସ୍ ବିଦ୍ରୋହୀ, ଗାଜା ଷ୍ଟ୍ରିପ୍‌ରେ ବୋମା ମାଡ଼


ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲୀ ସେନାର ଆକାଶ ମାର୍ଗରୁ ବୋମା ମାଡ଼।


ଇସ୍ରାଏଲ୍‌ର ଜଳୁଥିବା ଟ୍ୟାଙ୍କ୍ ଉପରେ ହମାସ୍ ବିଦ୍ରୋହୀ ଖୁସି ମନାଉଛନ୍ତି।

**ଜେରୁଜେଲମ,୭।୧୦**

ପାଲେଷ୍ଟାଇନ୍‌ର ବିଦ୍ରୋହୀ ଗୋଷ୍ଠୀ ହମାସ୍ ଶନିବାର ସକାଳେ ଇସ୍ରାଏଲ୍ ଉପରେ ଅଚାନକ ଆକ୍ରମଣ କରିବାରୁ ଏହାର ଜବାବରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ୍ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି। ଆକ୍ରମଣରେ ଉଭୟ ପକ୍ଷରୁ ୪୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ୨୦୦ ଇସ୍ରାଏଲୀ ନାଗରିକ ପ୍ରାଣ ହରାଇବା ସହ ପ୍ରାୟ ୧,୦୦୦ ଲୋକ ଆହତ ହୋଇଛନ୍ତି। ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍‌ର ଜବାବୀ କାର୍ଯ୍ୟାନୁଷ୍ଠାନରେ ୨୩୨ ଜଣ ପାଲେଷ୍ଟିନୀୟ ନିହତ ହେବା ସହ ୧,୬୧୦ ଜଣ ଆହତ ହୋଇଛନ୍ତି। ଗାଜା ଉପରେ ଇସ୍ରାଏଲ୍ ଆକାଶ ମାର୍ଗରୁ ବୋମା ବର୍ଷଣ ଜାରି ରଖିବା ସହ ଉପକୂଳ ଅଞ୍ଚଳର ସୀମାରେ ବନ୍ଧୁକଧାରୀମାନଙ୍କ ସହ ସଂଘର୍ଷ ଘଟିଛି।

ଇସ୍ରାଏଲ୍-ପାଲେଷ୍ଟାଇନ୍ ବିବାଦକୁ ନେଇ ଦୀର୍ଘଦିନର ହିଂସା ପରେ ଶନିବାର ଏହା ବିସ୍ଫୋରକ ରୂପ ନେଇଛି। ହମାସ ବିଦ୍ରୋହୀମାନେ ଖୁବ୍ କମ୍ ସମୟ ମଧ୍ୟରେ ଇସ୍ରାଏଲ୍ ଉପରେ ହଜାର ହଜାର ରକେଟ ଆକ୍ରମଣ କରିବା ପରେ ଏହାର ବିଭିନ୍ନ ସହରରେ ପ୍ରବେଶ କରି ସାଧାରଣ ଲୋକଙ୍କୁ ହତ୍ୟା କରିଚାଲିଥିଲେ। ହମାସ ବନ୍ଧୁକଧାରୀମାନେ ଗାଜା ସୀମାରୁ ୨୪ କିଲୋମିଟର ଇସ୍ରାଏଲ ଭିତରେ ପଶି ୨୨ଟି ସ୍ଥାନରେ ଆକ୍ରମଣ କରିଥିଲେ। ସେମାନେ ଘଣ୍ଟା ଘଣ୍ଟା ଧରି ବୁଲିବା ସହ ସାଧାରଣ ନାଗରିକ ଓ ସୈନ୍ୟଙ୍କୁ ହତ୍ୟା କରିଥିଲେ। ଆତଙ୍କାବାଦୀମାନେ ମୋଟରସାଇକେଲ, କାର୍ ଏବଂ ପାରାଗ୍ଲାଇଡରରେ ଅପ୍ରତ୍ୟାଶିତ ଭାବେ ଦକ୍ଷିଣ ଇସ୍ରାଏଲ୍‌ର ସହରଗୁଡ଼ିକରେ ପ୍ରବେଶ କରିଥିଲେ। ସାଧାରଣ ଲୋକଙ୍କ ଉପରକୁ ସେମାନେ ଗୁଳି ଚଳାଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭୟଭୀତ ଇସ୍ରାଏଲୀମାନେ ସେମାନଙ୍କ ସୁରକ୍ଷା ପାଇଁ ସେନାର ସହାୟତା ମାଗିଛନ୍ତି। ୬ ଘଣ୍ଟା ହେଲା ଆମ ଉପରେ ଆକ୍ରମଣ କରାଯାଉଛି। ଏଠାରେ ଆମକୁ ସୁରକ୍ଷା ଦେବା ପାଇଁ କୌଣସି ସୈନ୍ୟ ନାହାନ୍ତି ବୋଲି କିବୁଜ୍‌ରେ ଜଣେ ଇସ୍ରାଏଲୀ କହିଛନ୍ତି। ରାତି ହେବା ସହ ଇସ୍ରାଏଲ୍ ଆକ୍ରମଣକୁ ଜୋରଦାର କରିଛି। ବୋମା ମାଡ଼ରେ ଗାଜା ଷ୍ଟ୍ରିପ୍‌ର ବହୁ ବିଲ୍ଡିଂ ଧରାଶାୟୀ ହୋଇଥିବା ଦେଖିବାକୁ ମିଳିଛି।


ବେଞ୍ଜାମିନ୍ ନେତାନ୍ୟାହୁ

### ଆକ୍ରମଣକୁ ଭାରତ, ଆମେରିକାର ନିନ୍ଦା

ଇସ୍ରାଏଲ୍ ଉପରେ ହମାସ୍‌ର ଆକସ୍ମିକ ଆକ୍ରମଣକୁ ଭାରତ ଏବଂ ଆମେରିକା ନିନ୍ଦା କରିଛନ୍ତି। ଯୁଦ୍ଧ ତୁରନ୍ତ ବନ୍ଦ କରିବା ଏବଂ ସାଧାରଣ ଲୋକଙ୍କୁ ନିରାପତ୍ତା ପାଇଁ ଉଭୟ ଦେଶ ଆହ୍ୱାନ ଦେଇଛନ୍ତି। ଇସ୍ରାଏଲ୍‌ରେ ଆତଙ୍କବାଦୀ ଆକ୍ରମଣରେ ଗଭୀର ମର୍ମାହତ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସରେ ପୋଷ୍ଟ କରିଛନ୍ତି। ମୃତାହତ ନିରୀହ ନାଗରିକ ଓ ସେମାନଙ୍କ ପରିବାର ପ୍ରତି ଆମର ସମବେଦନା ରହିଛି। କଠିନ ସମୟରେ ଆମେ ଇସ୍ରାଏଲ୍ ସହିତ ରହିଛୁ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଆମେରିକା ଆକ୍ରମଣକୁ ନିନ୍ଦା କରିବା ସହ ଇସ୍ରାଏଲ୍‌କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି। ଆତଙ୍କବାଦ ଆଦୌ ଯଥାର୍ଥ ନୁହେଁ ବୋଲି ଆମେରିକା ଜାତୀୟ ସୁରକ୍ଷା ପରିଷଦ ମୁଖପାତ୍ର ଆଡ୍ରିଏନ୍ ୱାଟ୍‌ସନ କହିଛନ୍ତି। ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକ୍ ସୁଲିଭାନ୍ ଇସ୍ରାଏଲୀ ପ୍ରତିପକ୍ଷ ଜାଚି ହାନେଗ୍‌ବିଙ୍କ ସହ କଥା ହୋଇଛନ୍ତି। ଆମେ ଇସ୍ରାଏଲ୍ ସରକାର ଏବଂ ଏହାର ଜନସାଧାରଣଙ୍କ ସହ ରହିଛୁ ଏବଂ ଆକ୍ରମଣରେ ଇସ୍ରାଏଲୀଙ୍କ ମୃତ୍ୟୁକୁ ଦୃଢ଼ ନିନ୍ଦା କରୁଛୁ ବୋଲି ୱାଟ୍‌ସନ କହିଛନ୍ତି।

### ଇସ୍ରାଏଲ୍-ପାଲେଷ୍ଟାଇନ୍ ବିବାଦର ଇତିହାସ

ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ବିବାଦ ବହୁ ପୁରୁଣା। ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଯେତେବେଳେ ଜିଓନିଷ୍ଟମାନେ ଓଟ୍ଟୋମାନ୍ ନିୟନ୍ତ୍ରଣରେ ଥିବା ପାଲେଷ୍ଟାଇନ୍‌ରେ ଇହୁଦୀମାନଙ୍କ ପାଇଁ ନିଜସ୍ୱ ରାଷ୍ଟ୍ର ପ୍ରତିଷ୍ଠା କରିବାକୁ ଚାହିଁଲେ ସେବେଠାରୁ ବିବାଦର ସୂତ୍ରପାତ ହୋଇଥିଲା। ୧୯୧୭ରେ ବ୍ରିଟିଶ ସରକାର ବାଲ୍‌ଫୋର ଡିକ୍ଲାରେଶନ ଜାରି କରିଥିଲେ, ଯାହା ପାଲେଷ୍ଟାଇନରେ ଇହୁଦୀ ହୋମ୍‌ଲ୍ୟାଣ୍ଡ ଚିନ୍ତାଧାରାକୁ ଜନ୍ମ ଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ଧ୍ୱଂସଲୀଳା ପରେ ପାଲେଷ୍ଟାଇନରେ ଇହୁଦୀ ରାଷ୍ଟ୍ର ପ୍ରତିଷ୍ଠା ଲାଗି ଅନ୍ତର୍ଜାତୀୟ ସ୍ତରରେ ଚାପ ଜୋର୍‌ଦାର ହୋଇଥିଲା, ଯେଉଁଥିରୁ ୧୯୪୮ରେ ଇସ୍ରାଏଲ୍‌ର ସୃଷ୍ଟି। ଇସ୍ରାଏଲ୍ ପ୍ରତିଷ୍ଠା ହେବା ସହ ଯୁଦ୍ଧ ଯୋଗୁ ଲକ୍ଷ ଲକ୍ଷ ପାଲେଷ୍ଟାଇନ୍ ବିସ୍ଥାପିତ ହୋଇ ଶରଣାର୍ଥୀ ହେଲେ। ଏହାକୁ ନେଇ ବହୁ ଦଶନ୍ଧି ଧରି ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ବିବାଦ ଲାଗି ରହିଛି। ପାଲେଷ୍ଟାଇନ୍‌ର ଅନ୍ୟୁନ କିଛି ଅଂଶରେ ପାଲେଷ୍ଟିନୀୟମାନେ ସେମାନଙ୍କର ନିଜସ୍ୱ ସ୍ୱାଧୀନ ରାଷ୍ଟ୍ର ସ୍ଥାପନ ଚାହାନ୍ତି। ଇସ୍ରାଏଲ୍ ନିଜର ସୀମାକୁ ସୁରକ୍ଷିତ ରଖିବା ସହ ୱେଷ୍ଟବ୍ୟାଙ୍କକୁ ଅକ୍ତିଆର କରିଥିବାବେଳେ ଇଜିପ୍ଟିଆନ୍ ଇସ୍ରାଏଲୀ ଗାଜା ଷ୍ଟ୍ରିପ୍‌କୁ ଅବରୋଧ କରି ରଖିଛନ୍ତି।

ଶାନ୍ତି ବୁଝାମଣା ଲାଗି ବିଗତ ବର୍ଷମାନଙ୍କରେ ଅନେକ ଉଦ୍ୟମ ହୋଇଛି। ତେବେ ଶାନ୍ତି ରାଜିନାମା ତିଷ୍ଠିପାରି ନାହିଁ। ବିବାଦକୁ ନେଇ ଅନେକ ସମୟରେ ହିଂସାତ୍ମକ ସଂଘର୍ଷ ଘଟିଛି। ପାଲେଷ୍ଟିନୀୟ ବିଦ୍ରୋହୀ ଆକ୍ରମଣ କରିଥିବାବେଳେ ଇସ୍ରାଏଲ୍ ପକ୍ଷରୁ ସାମରିକ ଅଭିଯାନ କରାଯାଇଛି। ଆମେରିକା ଓ ଅନ୍ୟ କେତେକ ଦେଶ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ କରିଥିବାବେଳେ ୱେଷ୍ଟବ୍ୟାଙ୍କରେ ଇସ୍ରାଏଲୀୟଙ୍କ ଆଧିପତ୍ୟ, ଜେରୁଜେଲମ୍‌ର ବୈଧାନିକ ସ୍ଥିତି ଏବଂ ପାଲେଷ୍ଟାଇନ୍ ଶରଣାର୍ଥୀ ଆଦି ଅନେକ ପ୍ରତିବନ୍ଧକ ଯୋଗୁ ତାହା ସଫଳ ହୋଇପାରି ନାହିଁ।

## ସଂକ୍ଷେପରେ

### କାନାଡାରେ ବିମାନ ଦୁର୍ଘଟଣା: ୨ ଭାରତୀୟ ପାଇଲଟ ମୃତ

**ଓଟ୍ଟାୱା,୭।୧୦:** କାନାଡାର ବ୍ରିଟିଶ କଲମ୍ବିଆ ପ୍ରଦେଶରେ ଶନିବାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ଭାରତୀୟ ଟ୍ରେନି ପାଇଲଟ୍ ପ୍ରାଣ ହରାଇଛନ୍ତି। ପାଇଲଟ୍ ଅଭୟ ଗାଡ୍ରୁ ଏବଂ ୟାଶ ବିଜୟ ରାମୁଗାଡେଙ୍କ ଘର ମୁମ୍ବାଇରେ। ଚିଲିୱାକ୍ ସହରର ଏକ ମୋଟେଲ ପଛରେ ଥିବା ଗଛରେ ପାଇପର ପିଏ-୩୪ ସେନେକା ବିମାନ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ପାଇଲଟଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ କାନାଡା ଟ୍ରାନ୍ସପୋର୍ଟ ସେଫ୍ଟି ବୋର୍ଡ ଏହାର ତଦନ୍ତ ଆରମ୍ଭ କରିଛି।

### ୮ ଦିନ ପରେ ଯବାନଙ୍କୁ ମୁକ୍ତକଲେ ମାଓବାଦୀ

**ରାୟପୁର,୭।୧୦:** ମାଓବାଦୀମାନେ ବସ୍ତର ଫାଇଟର ଫୋର୍ସର ଜଣେ ଯବାନଙ୍କୁ ୮ ଦିନ ବନ୍ଦୀକରି ରଖିବା ପରେ ଗ୍ରାମବାସୀ ଓ ଆଦିବାସୀ କର୍ମୀମାନଙ୍କୁ ଅନୁରୋଧକ୍ରମେ ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ମୁକ୍ତ କରିଦେଇଛନ୍ତି। ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧିଙ୍କ ଉପସ୍ଥିତିରେ କନ୍‌ଷ୍ଟେବଲ ଶଙ୍କର କୁଡିୟାମ୍(୨୮)ଙ୍କୁ କେତେକ ସର୍ତ୍ତରେ ମୁକ୍ତ କରାଯାଇଛି। ଶଙ୍କରଙ୍କୁ ମାଓବାଦୀମାନେ ଅପହରଣ କରିନେବା ପରେ ପୋଲିସ ଚାକିରି ଛାଡ଼ିଦେବାକୁ କହିଥିଲେ। ଶଙ୍କର ନିକଟରେ ବସ୍ତର ଫାଇଟରରେ ଯୋଗଦେଇଥିଲେ। ତାଙ୍କୁ ମୁକ୍ତ କରିବା ନିମନ୍ତେ ପରିବାର ସଦସ୍ୟ, କମ୍ୟୁନିଟି ନେତା ଓ ବିଜାପୁର ଏସ୍‌ପି ଭିଡିଓ ବାର୍ତ୍ତା ଜରିଆରେ ଅନୁରୋଧ କରିଥିଲେ। ଏହାର ଜବାବରେ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମାଓବାଦୀ ଅଭିଯୋଗ କରିଛନ୍ତି, ପୋଲିସ ୨ ନିରୀହ ଗ୍ରାମବାସୀଙ୍କୁ ଫେକ୍ ଏନ୍‌କାଉଣ୍ଟରରେ ହତ୍ୟାକରି ମାଓବାଦୀଙ୍କ ମୁଣ୍ଡରେ ଅଠା ବୋଳିଥିଲା। କନଷ୍ଟେବଲ ଶଙ୍କର ସେପ୍ଟେମ୍ବର ୨୯ରୁ ନିଖୋଜ ଥିଲେ। ମାଓବାଦୀମାନେ ତାଙ୍କୁ ଅପହରଣ କରିଥିବା ପରେ ଜଣାପଡ଼ିଥିଲା ବୋଲି ବିଜାପୁର ଏସ୍‌ପି କହିଛନ୍ତି।

### ରାଜସ୍ଥାନରେ ଜାତି ସର୍ଭେ କରିବୁ: ଗେହଲଟ୍

**ଜୟପୁର,୭।୧୦:** ବିହାର ଭଳି ରାଜସ୍ଥାନରେ ଜାତିଗତ ସର୍ଭେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କହିଛନ୍ତି। ରାଜସ୍ଥାନ ପ୍ରଦେଶ କଂଗ୍ରେସ କମିଟିର କୋର୍ ଗ୍ରୁପ୍ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଗେହଲଟ୍‌ଙ୍କ ସମେତ ରାଜସ୍ଥାନ କଂଗ୍ରେସ ଦାୟିତ୍ୱରେ ଥିବା ସୁଖଜିନ୍ଦର୍‌ୱା, ପ୍ରଦେଶ କଂଗ୍ରେସ ସଭାପତି ଗୋବିନ୍ଦ ସିଂ ଦୋତାସ୍ରା ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରା ଅନୁଯାୟୀ ଜାତି ଜନଗଣନା କରାଯାଇ ପଛୁଆ ବର୍ଗଙ୍କୁ ଉପଯୁକ୍ତ ଯୋଗଦାନର ସୁଯୋଗ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଗେହଲଟ୍ କହିଛନ୍ତି। କେଉଁ ଜାତିରେ କେତେ ଲୋକ ଅଛନ୍ତି, ସେମାନଙ୍କ ଆର୍ଥିକ ସ୍ଥିତି କ'ଣ ଜଣାପଡ଼ିଲେ ସେମାନଙ୍କ ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ସହଜ ହେବ ବୋଲି ଗେହଲଟ କହିଛନ୍ତି।

# ଆଫଗାନିସ୍ତାନରେ ଭୂକମ୍ପ: ୧୨୦ ମୃତ

**ହେରାତ,୭।୧୦**

ଆଫଗାନିସ୍ତାନର ପଶ୍ଚିମ ଭାଗରେ ଶନିବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୨୦ ଜଣଙ୍କ ଜୀବନ ଯାଇଥିବାବେଳେ ୧,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭଗ୍ନାବଶେଷ ତଳେ ବହୁ ଲୋକ ରହିଯାଇଥିବାର ଖବର ଆସୁଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଭୂକମ୍ପର ତୀବ୍ରତା ୬.୩ ଥିଲା। ଫଳରେ ବହୁ ଘର ଭୁଶୁଡ଼ି ପଡ଼ିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ହେରାତ ସହରଠାରୁ ଉତ୍ତର-ପଶ୍ଚିମରେ ୪୦ କିଲୋମିଟର ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି।


ଭୂକମ୍ପରେ ଆହତ ଲୋକଙ୍କୁ ଏକ ହସ୍ପିଟାଲ ବାହାରେ ଚିକିତ୍ସା କରାଯାଉଛି।

ଭୂକମ୍ପ ପରେ ଅନେକ ଥର ପଶ୍ଚାତ କମ୍ପନ ହୋଇଥିଲା, ଯାହାର ତୀବ୍ରତା ଯଥାକ୍ରମେ ୫.୫, ୪.୭, ୬.୩, ୫.୯ ଏବଂ ୪.୬ ଥିଲା। ଦିନ ୧୧ଟା ବେଳେ ଭୂକମ୍ପ ହେବାରୁ ହେରାତ ସହରର ବିଲ୍ଡିଂଗୁଡ଼ିକରୁ ଲୋକେ ବାହାରକୁ ଧାଇଁଥିଲେ। ପ୍ରଥମ ଭୂକମ୍ପ ପରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ପଶ୍ଚାତ୍ କମ୍ପନ ହୋଇଥିଲା। ସ୍ଥାନୀୟ ସଂଗଠନଗୁଡ଼ିକ ଭୂକମ୍ପ କ୍ଷତିଗ୍ରସ୍ତ ଅଞ୍ଚଳରେ ପହଞ୍ଚି ଆହତମାନଙ୍କୁ ଯଥାଶୀଘ୍ର ହସ୍ପିଟାଲରେ ପହଞ୍ଚାଇବା ସହ ଘରଦ୍ୱାର ହରାଇଥିବା ଲୋକଙ୍କୁ ଆଶ୍ରୟ ଓ କ୍ଷତିଗ୍ରସ୍ତଙ୍କୁ ଖାଦ୍ୟ ଯୋଗାଇଦେବାକୁ ତାଲିବାନ୍ ନିର୍ଦ୍ଦେଶ ଦେଇଛି। ଭଗ୍ନାବଶେଷ ତଳେ ରହିଯାଇଥିବା ଲୋକଙ୍କୁ ଉଦ୍ଧାର କରିବାରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସମସ୍ତ ସମ୍ବଳ ଓ ସୁବିଧାର ବ୍ୟବହାର କରିବାକୁ ତାଲିବାନ୍ କହିଛି। ଗତବର୍ଷ ଜୁନ୍‌ରେ ପୂର୍ବ ଆଫଗାନିସ୍ତାନର ପାର୍ବତ୍ୟାଞ୍ଚଳରେ ଭୂକମ୍ପ ହୋଇ ଅନ୍ୟୁନ ୧,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

### ଇସ୍ରାଏଲ୍‌କୁ ବିମାନ ବାତିଲକଲା ଭାରତ

**ନୂଆଦିଲ୍ଲୀ,୭।୧୦**

ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣ ପରେ ଶନିବାର ଭାରତ ତେଲ୍ ଆଭିଭ୍‌କୁ ବିମାନ ଚଳାଚଳ ବାତିଲ କରିଛି। ଇସ୍ରାଏଲ୍ ଯୁଦ୍ଧ ଘୋଷଣା କରିବା ସହ ଆକ୍ରମଣ ଆରମ୍ଭ କରିଦେଇଥିବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଛି। ଫଳରେ ଶନିବାର ଦିଲ୍ଲୀରୁ ତେଲ ଆଭିଭ୍ ଯିବାକୁ ଥିବା ଏୟାର ଇଣ୍ଡିଆର ଏଆଇ୧୩୯ ବିମାନ ଏବଂ ସେଠାରୁ ଦିଲ୍ଲୀ ଫେରିବାକୁ ଥିବା ଏଆଇ ୧୪୦ ବିମାନକୁ ବାତିଲ କରାଯାଇଛି। ଯାତ୍ରୀ ଏବଂ ବିମାନ କର୍ମଚାରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆବଶ୍ୟକତା ଅନୁଯାୟୀ ଯାତ୍ରୀମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଏୟାରଲାଇନ୍ସ ମୁଖପାତ୍ର କହିଛନ୍ତି।

### ବାଣ ଗୋଦାମରେ ନିଆଁ :୧୦ ମୃତ

**ବେଙ୍ଗାଲୁରୁ,୭।୧୦**

ବେଙ୍ଗାଲୁରୁଠାରୁ ୩୦ କିଲୋମିଟର ଦୂର ଆଟ୍ଟିବେଲେରେ ଥିବା ଏକ ବାଣ ଗୋଦାମରେ ଶନିବାର ସନ୍ଧ୍ୟାରେ ନିଆଁଲାଗି ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଗାଡ଼ିରୁ ବାଣ ଅନ୍‌ଲୋଡ୍ ବେଳେ ନିଆଁ ଲାଗିଯାଇଥିଲା। ସେହି ସମୟରେ ଗୋଦାମରେ ୨୦ ଜଣ କର୍ମଚାରୀ ଥିଲେ। ଗୋଦାମ ମାଲିକଙ୍କ ସମେତ ଅନ୍ୟମାନେ ଗୁରୁତର ହୋଇଛନ୍ତି। ଗୋଦାମ ପରିସରରେ ଥିବା ୪ଟି ଗାଡ଼ି ଜଳିଯାଇଛି। ଦୀପାବଳି ପାଇଁ ଗୋଦାମରେ ଲକ୍ଷ ଲକ୍ଷ ଟଙ୍କାର ବାଣ ଗଚ୍ଛିତ ଥିଲା।

### ଗଗନୟାନର ନିରାପତ୍ତା ପରୀକ୍ଷା ଖୁବ୍‌ଶୀଘ୍ର



**ଚେନ୍ନାଇ,୭।୧୦**

ଇସ୍ରୋର ଗଗନୟାନ ମିଶନ ପାଇଁ ପ୍ରସ୍ତୁତି ପୂରା ଦମ୍‌ରେ ଜାରି ରହିଛି। ଏହି ପ୍ରୋଜେକ୍ଟରେ ୩ ଜଣ କର୍ମଚାରୀଙ୍କୁ ୪୦୦ କିଲୋମିଟର ଦୂରରେ ଅବସ୍ଥିତ କକ୍ଷପଥକୁ ନିଆଯାଇ ସେମାନଙ୍କୁ ନିରାପଦର ସହ ପୃଥିବୀକୁ ଫେରାଇ ଅଣାଯିବ। ଉକ୍ତ ଯାନକୁ ସମୁଦ୍ର ମଧ୍ୟରେ ଅବତରଣ କରାଯିବ। ଏହି ୩ ଦିନିଆ ମିଶନର କ୍ରିଉ ମଡ୍ୟୁଲ୍ ଏବେ ବିକାଶର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ରହିଛି। ପ୍ରଥମ ଫ୍ଲାଇଟ୍ ଟେଷ୍ଟ ଭେହିକିଲ୍ (ଟିଭି-ଡି୧) ପ୍ରସ୍ତୁତିର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅର୍ବିଟ ମିଶନ ଲାଗି ପ୍ରସ୍ତୁତ ଟେଷ୍ଟ ଭେହିକିଲ୍ ଏକ ସିଙ୍ଗଲ୍ ଷ୍ଟେଜ୍ ରକେଟ୍। ଏଥିରେ ପେ'ଲୋଡ୍ ଭାବେ କ୍ରିଉ ମଡ୍ୟୁଲ, କ୍ରିଉ ଏସ୍କେପ୍ ସିଷ୍ଟମ ସହ କ୍ରିଉ ମଡ୍ୟୁଲ ଫେୟାରିଂ ଏବଂ ଇଣ୍ଟରଫେସ୍ ଆଡପ୍ଟର ରହିବ।

# ସିକିମ୍ ବନ୍ୟା ମୃତ୍ୟୁସଂଖ୍ୟା ୫୬

### ଏବେ ବି ଶତାଧିକ ନିଖୋଜ

**ନୂଆଦିଲ୍ଲୀ,୭।୧୦**

ସିକିମ୍‌ରେ ଅଚାନକ ବନ୍ୟାଜନିତ ମୃତ୍ୟୁସଂଖ୍ୟା ଶନିବାର ୫୬ରେ ପହଞ୍ଚିଥିବାବେଳେ ଏବେ ବି ଶତାଧିକ ନିଖୋଜ ଅଛନ୍ତି। ସିକିମ୍‌ରୁ ୨୬ ମୃତଦେହ ମିଳିଥିବାବେଳେ ୩୦ ମୃତଦେହ ପଶ୍ଚିମବଙ୍ଗର ତିସ୍ତା ନଦୀ ଅବବାହିକାରୁ ମିଳିଛି। ଯବାନଙ୍କ ସମେତ ୧୪୨ ଜଣଙ୍କ ପତ୍ତା ମିଳୁ ନ ଥିବାରୁ ଖୋଜାଖୋଜି ଜାରି ରହିଛି। ସିକିମ୍‌ର ମଙ୍ଗାନ ଜିଲାରୁ ୪ ମୃତଦେହ ମିଳିଥିବାବେଳେ ଗାଙ୍ଗଟକ୍‌ରୁ ୬, ପକ୍ୟୋଙ୍ଗ୍ ଜିଲାରୁ ୭ ଯବାନଙ୍କ ସମେତ ୧୬ ମୃତଦେହ ମିଳିଛି। ସେହିପରି ପଶ୍ଚିମବଙ୍ଗର ତିସ୍ତା ଅବବାହିକାରେ ଥିବା ସିଲିଗୁଡ଼ି, ଜଳପାଇଗୁଡ଼ି, କୁଚ୍‌ବିହାର ଜିଲାରୁ ଅନ୍ୟ ୩୦ ମୃତଦେହ ଠାବ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାଦଲଫଟା ବର୍ଷାଜନିତ ବନ୍ୟା ଆସି ୨୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ୧,୨୦୦ରୁ ଅଧିକ ଘର ଭାଙ୍ଗିଛି ଓ ୧୩ ବ୍ରିଜ୍ ଭାସିଯାଇଛି। ବନ୍ୟାରେ ୨୩ ଯବାନଙ୍କ ସମେତ ସାମରିକ ସରଞ୍ଜାମ, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଭାସିଯାଇଥିଲା। ବନ୍ୟା ଅଞ୍ଚଳରୁ ୨,୪୧୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୬,୮୭୫ ଜଣ ୨୨ଟି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତାମଙ୍ଗ ପ୍ରତି ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ତୁରନ୍ତ ୨,୦୦୦ ଟଙ୍କା ଲେଖାଏ ରିଲିଫ୍ ସହାୟତା ଯୋଗାଇଦିଆଯାଇଛି। ରିଲିଫ ସହାୟତା ପାଇଁ କେନ୍ଦ୍ର ସରକାର ଅଗ୍ରିମ ୪୪.୮ କୋଟି ଟଙ୍କା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ମଞ୍ଜୁର କରିଛନ୍ତି। ଏକ ଆନ୍ତଃ ମନ୍ତ୍ରଣାଳୟ ସ୍ତରୀୟ କେନ୍ଦ୍ରୀୟ କମିଟି ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତକରି କ୍ଷୟକ୍ଷତି ଅନୁଧ୍ୟାନ କରିବ। ଉତ୍ତର ସିକିମ୍‌ରେ ୩,୦୦୦ ପର୍ଯ୍ୟଟକ ଅଟକି ରହିଥିବାବେଳେ ବାୟୁସେନାର ଏକାଧିକ ଉଦ୍ୟମ ସତ୍ତ୍ୱେ ସେମାନଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ଖରାପ ପାଗ ଯୋଗୁ ବାୟୁସେନା ସେଠାକୁ ହେଲିକପ୍ଟର ପଠାଇପାରୁ ନାହିଁ।




### ହ୍ରଦ କୂଳରେ ଭୂସ୍ଖଳନରୁ ଭୟାବହ ବନ୍ୟା

**ନୂଆଦିଲ୍ଲୀ,୭।୧୦**

#### ସାଟେଲାଇଟ୍ ଚିତ୍ରରୁ ସୂଚନା

ଦକ୍ଷିଣ ଲୋନାକ୍ ହ୍ରଦ କୂଳରେ ଭୂସ୍ଖଳନ ଯୋଗୁ ସିକିମ୍‌ରେ ପ୍ରଳୟଙ୍କରୀ ବନ୍ୟା ଆସି ୫୬ ଜଣଙ୍କ ଜୀବନ ନେଇଥିବା ସାଟେଲାଇଟ୍ ଫଟୋରୁ ଜଣାପଡ଼ିଛି। ହ୍ରଦ କୂଳର ଯେଉଁ ସ୍ଥାନ ଭୁଶୁଡ଼ିବା ଯୋଗୁ ଜଳସ୍ତର ହ୍ରାସ ପାଇଥିଲା ଉକ୍ତ ଅଂଶ ଫଟୋରୁ ସ୍ପଷ୍ଟ ହୋଇଛି। ହ୍ରଦର ଜଳସ୍ତର କ୍ରମାଗତ ହ୍ରାସ ପାଇବା ସହ ତିସ୍ତା ନଦୀରେ ଭୟାବହ ବନ୍ୟା ଆସିଥିଲା। ଭୂସ୍ଖଳନର ମଧ୍ୟ ପ୍ରମାଣ ମିଳୁଛି, ଯେଉଁଥିପାଇଁ ହ୍ରଦ କୂଳ ଭୁଶୁଡ଼ିଲା ବୋଲି କୁହାଯାଉଛି। ହ୍ରଦରେ ଗ୍ଲେସିୟର ବରଫ ପ୍ରଚୁର ପରିମାଣରେ ଥିବାରୁ ତାହା ପ୍ରବଳ ସ୍ରୋତରେ ମାଡ଼ିଆସିଥିଲା ବୋଲି ବରିଷ୍ଠ ଇସ୍ରୋ ଫଟୋ ବିଶେଷଜ୍ଞ ତଥା ଜିଓସ୍ପାଟିକାଲ ୱାର୍ଲ୍ଡର ପରିଚାଳନା ସମ୍ପାଦକ ଅରୂପ ଆର୍. ଦାସଗୁପ୍ତା କହିଛନ୍ତି। ଭାରତ-ଚାଇନା ସୀମାଠାରୁ ଅଳ୍ପ ଦୂରରେ ସମୁଦ୍ର ପତ୍ତନଠାରୁ ୧୭,୧୦୦ ଫୁଟ୍ ଉଚ୍ଚରେ ସାଉଥ ଲୋନାକ ଲେକ୍ ଅବସ୍ଥିତ। କୂଳ ଭୁଶୁଡ଼ିବାରୁ ଏହା ଭୀଷଣ ବେଗରେ ମାଡ଼ିଆସି ଅଚାନକ ବନ୍ୟା ହେଲା ବୋଲି କୁହାଯାଉଛି।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ

# ଯିଏ ସାମାଜିକ ଭାବମୂର୍ତ୍ତି ଦେଇଛି ସିଏ ଧରିତ୍ରୀ






ଅନୁଗୋଳସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ (ବାମରୁ ) ଉପସ୍ଥିତ ବିଚାରକ ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଶ୍ରୀକାନ୍ତ ବାରିକ, ଇତିହାସ ବିଭାଗ ଅଧ୍ୟାପକ ଡ. ଶରତ ପରିଡ଼ା, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ ଅତିଥି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର, ସମ୍ମାନିତ ଅତିଥି ତଥା ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଚିତ୍ତରଞ୍ଜନ ସାହୁ । ବିଚାରକ ରସାୟନ ବିଜ୍ଞାନ ଅଧ୍ୟାପିକା ଡ. ଅନସୂୟା ମିଶ୍ର ଫଳାଫଳ ଘୋଷଣା କରୁଛନ୍ତି (ମଝି)। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଅନୁଗୋଳ,୭।୧୦ (ଅମିତ କୁମାର ସାମଲ)**

ବିଶ୍ୱରେ ଅନେକ ଖବରକାଗଜ ପ୍ରକାଶ ପାଉଛି। ଖୁବ୍ କମ୍ ଖବରକାଗଜ ଅଛି, ଯିଏ ସାମାଜିକ ଦାୟିତ୍ୱବୋଧ ହାତକୁ ନେଇଛି। ଏଠାରେ ଯିଏ ସାମାଜିକ ଭାବମୂର୍ତ୍ତି ଦେଇଛି ସିଏ ହେଉଛି ଧରିତ୍ରୀ। 'ଧରିତ୍ରୀ'ର ୫୦ ବର୍ଷ ପାଳନ ଅବସରରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳଠାରେ ଶନିବାର ଅନୁଷ୍ଠିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଏହା କହିଛନ୍ତି। ଗଣମାଧ୍ୟମର ବ୍ୟାପକତା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ପୃଥିବୀବ୍ୟାପୀ ଖବର ହାତପାହାନ୍ତାରେ ମିଳିପାରିଛି। ହେଲେ ବୁଝିବାକୁ ହେବ ଯେ ଗ୍ଲୋବାଲାଇଜେଶନ (ବୈଶ୍ୱୀକରଣ) ଦେଲା ବେପାର, କିନ୍ତୁ ଗ୍ଲୋବାଲ ୱାର୍ମିଂ (ବିଶ୍ୱତାପନ) ମଣିଷ ଜୀବନ ସହ ରହିଗଲା। ଉଦାହରଣ ଦେବାକୁ ଯାଇ ସେ କହିଛନ୍ତି, ଆଣ୍ଟାର୍କଟିକାରେ ବରଫ ତରଳିଲେ ତାହାର ପ୍ରଭାବ ପୁରୀ ଓ ଏପରି କି ଅନୁଗୋଳରେ ପଡୁଛି। ସେ ଆହୁରି କହିଛନ୍ତି, ପୃଥିବୀରେ ବହୁତ କଥା ଶିଖିବାର ଅଛି। ଏ ଦେଶରେ ଖୁବ୍ କ୍ୱଚିତ ପିଲା ଥିବେ, ଯେଉଁମାନେ ସୁଯୋଗ ପାଉଛନ୍ତି। ଗୋଟିଏ ମନ, ଗୋଟିଏ ଶିକ୍ଷା ଜୀବନରେ ଥରଟିଏ ମିଳେ। ସମୟର ସଦୁପଯୋଗ କରିବା ଲାଗି ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଗଣତନ୍ତ୍ର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ଭୋଟର ଯେବେ ବଟନ୍ ଦାବିବେ ସେବେଠାରୁ ଗଣତାନ୍ତ୍ରିକ ପଦ୍ଧତି ଲାଗି ତାଙ୍କ ଦାୟିତ୍ୱ ଆରମ୍ଭ ହେଲା ବୋଲି ବୁଝିବା ଦରକାର।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର କହିଛନ୍ତି, ସତ୍ୟକୁ ସାଧାରଣରେ ପ୍ରକାଶ କରିବା ହେଉଛି ନିର୍ଭୀକତା। ତଥ୍ୟଭିତ୍ତିକ ସୂଚନା ଦେଇ ଲୋକଙ୍କ ମନରେ ବିଶ୍ୱାସ ଜାଗ୍ରତ କରିବା ହିଁ ଉତ୍ତମ ଗଣମାଧ୍ୟମର ପରିଭାଷା। 'ଧରିତ୍ରୀ' ଏହି ସମସ୍ତ ଗୁଣର ଅଧିକାରୀ ହୋଇ ଗଣମାଧ୍ୟମ ପରିଭାଷାର ପରିଚୟ ସୃଷ୍ଟି କରିଛି। ଆଜି ଜନ ଆନ୍ଦୋଳନର ରୂପ ନେଇଛି ଧରିତ୍ରୀ। ଏହାର ନୀତି, ଆଦର୍ଶ ଯୋଗୁ ଧରିତ୍ରୀ ସୃଷ୍ଟି କରିଛି ଅଗଣିତ ପାଠକ ଓ ଶୁଭେଚ୍ଛୁ। ଏହି ଅବସରରେ ଅଧ୍ୟକ୍ଷ କହିଛନ୍ତି, ସଂସଦୀୟ ଶାସନ ଓ ଆଇନକୁ ଠିକ୍ ଭାବରେ ଲୋକଙ୍କ ପାଖରେ ପହଞ୍ଚାଇଥାଏ ଗଣମାଧ୍ୟମ। ଉନ୍ନତ ଦେଶ ଗଠନ ଓ ଦେଶର ପ୍ରଗତି କ୍ଷେତ୍ରରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଚିତ୍ତରଞ୍ଜନ ସାହୁ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ବିଷୟବସ୍ତୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ଗଣତନ୍ତ୍ର ବିଶ୍ୱର ଶ୍ରେଷ୍ଠ ଗଣତନ୍ତ୍ର। ଆମ ଦେଶ ଧର୍ମନିରପେକ୍ଷତାର ଦେଶ। ତେଣୁ ଯୁବପିଢ଼ି ଦେଶର ପ୍ରଗତି ପାଇଁ ଆଗେଇ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଏହି ପ୍ରତିଯୋଗିତାରେ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଶ୍ରୀକାନ୍ତ ବାରିକ, ଇତିହାସ ବିଭାଗ ଅଧ୍ୟାପକ ଡ. ଶରତ ପରିଡ଼ା ଏବଂ ରସାୟନ ବିଜ୍ଞାନ ଅଧ୍ୟାପିକା ଡ. ଅନସୂୟା ମିଶ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ପ୍ରତିଯୋଗିତାରେ ୨୧ଜଣ ଭାଗ ନେଇଥିଲେ। ଯୁକ୍ତ୨ରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ବିଷୟବସ୍ତୁକୁ ନେଇ ପ୍ରବଳ ଉତ୍ସାହ ଦେଖାଦେଇଥିଲା। ଏଥିରେ ୩ଜଣ ବିଦ୍ୟାର୍ଥୀ ବିଜେତା ହେବାର ଗୌରବ ଅର୍ଜନ କରିଥିଲେ। ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ବିଭାଗ ଛାତ୍ର ରାଜୁ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯୁକ୍ତ ୩ ତୃତୀୟବର୍ଷ କଳା ବିଭାଗ ଛାତ୍ର ହିମାଂଶୁ ସାହୁ ଦ୍ୱିତୀୟ ଓ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ବିଭାଗର ଛାତ୍ରୀ ପ୍ରିୟଙ୍କା ପାତ୍ର ତୃତୀୟ ହୋଇଥିଲେ। ବିଜେତାମାନଙ୍କୁ ଧରିତ୍ରୀର ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଧରିତ୍ରୀର ଅନୁଗୋଳ ଜିଲା ପ୍ରତିନିଧି ଅମିତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଧରିତ୍ରୀର ବଇଣ୍ଡା ପ୍ରତିନିଧି ପରିକ୍ଷିତ ସାହୁ, ଛେଣ୍ଡିପଦା ପ୍ରତିନିଧି ଅଜିତ ଧଳ, ଅନୁଗୋଳ ଫଟୋ ଖବରଦାତା ଜ୍ୟୋତିରଞ୍ଜନ ସାହୁ (ବୁବୁ), ଢେଙ୍କାନାଳ ଜିଲା ପ୍ରତିନିଧି ରତନ ନାୟାର, ଢେଙ୍କାନାଳ ଧରିତ୍ରୀ କାର୍ଯ୍ୟାଳୟର କର୍ମଚାରୀ ପ୍ରଳୟ ଦାସ, ଢେଙ୍କାନାଳ ଫଟୋ ଖବରଦାତା ମାନସ ତ୍ରିପାଠୀ ଏବଂ ଭୁବନ ପ୍ରତିନିଧି ବିପିନ ବିହାରୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ବିଜେତାଙ୍କ ମୁହଁରୁ



ଗଣତନ୍ତ୍ର, ଗଣମାଧ୍ୟମ, ଯୁବପିଢି ଏହି ୩ଟି ମଧ୍ୟରେ ସମ୍ପର୍କ ନିବିଡ଼। ସରକାରଙ୍କ ସମସ୍ତ ଦୁର୍ନୀତି, ଭ୍ରଷ୍ଟାଚାରକୁ ଗଣମାଧ୍ୟମ ଲୋକଙ୍କ ନିକଟରେ ପହଞ୍ଚାଏ। ଗଣତନ୍ତ୍ର ଦ୍ୱାରା ଲୋକମାନଙ୍କୁ ଆଜିକାଲି କିଣାଯାଉଛି। ତେଣୁ ଗଣମାଧ୍ୟମ ସ୍ୱାଧୀନ ହେବା ଦରକାର। ଗଣମାଧ୍ୟମ ଠିକ୍ ଭୂମିକା ଗ୍ରହଣ କଲେ, ଯୁବପିଢି ପ୍ରେରଣା ପାଇବା ସହିତ ଏକ ସମୃଦ୍ଧ ଗଣତନ୍ତ୍ର ସୃଷ୍ଟି କରିପାରିବେ। ଯୁବ ସମାଜ ସଜାଗ ରହିଲେ, ଗଣମାଧ୍ୟମ ସଜାଗ ରହିବ।

**-ରାଜୁ ଦାସ-ପ୍ରଥମ ସ୍ଥାନ**



ମଣିଷ ଜୀବନରେ ଗଣମାଧ୍ୟମର ଆବଶ୍ୟକତା ଜରୁରୀ। ଗଣମାଧ୍ୟମ ଲୋକଙ୍କ ସମସ୍ୟା ବାହାରେ ପ୍ରକାଶ କରିଥାଏ। ଦେଶ ସ୍ୱାଧୀନ ହୋଇ ମଧ୍ୟ ଆମେ ସ୍ୱାଧୀନତା ପାଇଲା ଭଳି ଲାଗୁନାହିଁ। ମହିଳାମାନେ ସୁରକ୍ଷିତ ନାହାନ୍ତି। ରାଜନେତାମାନଙ୍କ ଶୋଷଣ ବଢୁଛି। ବର୍ତ୍ତମାନ ଜାଗ୍ରତ ହେବାର ସମୟ ଆସିଛି। ଯବପିଢ଼ି ଚାହିଁଲେ ଦେଶ ସମୃଦ୍ଧ ହେବ। ଆମେ ହାରିନାହୁଁ। ରାଜନେତା ମାନେ ହାରୁଛନ୍ତି।

**ହିମାଂଶୁ ସାହୁ-ଦ୍ୱିତୀୟ ସ୍ଥାନ**



ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଏହି ୩ଟି ଶବ୍ଦ ବିନା କୌଣସି କାର୍ଯ୍ୟ ସମ୍ଭବ ନୁହେଁ। ଗଣତନ୍ତ୍ର ଏକ ଛବି। ଗଣମାଧ୍ୟମ ସରକାରଙ୍କ ସମସ୍ତ ଆଲୋଚନା ଲୋକମାନଙ୍କ ଠାରେ ପହଞ୍ଚାଇଥାଏ। ଲୋକମାନଙ୍କ ମଧ୍ୟରେ ଚେତନା ଜାଗ୍ରତ କରାଇଥାଏ। ଦୁର୍ନୀତି ବଢୁଛି। ଏହାକୁ ରୋକିବା ଜରୁରୀ। ଯୁବ ସମାଜ ଏକ ସମୃଦ୍ଧ ଦେଶ ନିର୍ମାଣରେ ଏକ ଶକ୍ତି।

**ପ୍ରିୟଙ୍କା ପାତ୍ର-ତୃତୀୟ ସ୍ଥାନ**

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଅଭିଷେକ ଅଗ୍ରୱାଲ

ଅନୁସୂୟା ଶତପଥୀ

ଅର୍ପିତା ସାହୁ

ଦୀପକ ପୃଷ୍ଟି

ଗାୟତ୍ରୀ ନାୟକ

କୀର୍ତ୍ତିସ୍ମିତା ବାରିକ

ଲକି ସାହୁ

ଲିପ୍ସାରାଣୀ ପାଢ଼ୀ

ପାୟଲ ନାୟକ

ରୋଜାଲିନ ପ୍ରଧାନ

ସାଙ୍କେତସର ପ୍ରଧାନ

ସତ୍ୟପ୍ରକାଶ ସାହୁ

ସୀମା ମୁଦୁଲି

ସୀମା ସାହୁ

ସ୍ମୃତିସ୍ମିତା ରାଉତ

ଶୁଭସ୍ମିତା ସାହୁ

ଶୁଭ୍ରାଂଶୁ ଶେଖର ବେହେରା

ସୁଶ୍ରୀ ପ୍ରଜ୍ଞାଶ୍ରୀ ବିଶ୍ୱାଳ

# ୧୪ରେ ଖୋଲିବ ଶିମିଳିପାଳ

**ବାରିପଦା, ୭।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଶିମିଳିପାଳ ଅଭୟାରଣ୍ୟ ନଭେମ୍ବର ୧ ପରିବର୍ତ୍ତେ ଚଳିତ ମାସ ୧୪ ତାରିଖରୁ ବିଧିବଦ୍ଧ ଭାବେ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଏନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଶିମିଳିପାଳ ଭିତରକୁ ପ୍ରବେଶ ନିମନ୍ତେ ଅନ୍‌ଲାଇନ ଯୋଗେ ଯାନବାହନ ଓ ରହିବା ପାଇଁ କଟେଜ୍ ବ୍ୟବସ୍ଥା କରାଯାଇଛି। ସାନ୍ତାଳୀ ଆଦିବାସୀ କଟେଜ, ଟ୍ରି ହାଉସ ଓ ବାଉଁଶ ଘର ସହ ସୁସ୍ୱାଦୁ ବ୍ୟଞ୍ଜନ ପରଷିବା ପାଇଁ ଅଗ୍ରିମ ବ୍ୟବସ୍ଥା କରାଯାଇଛି। ଏହାସହ ଅଭୟାରଣ୍ୟ ଭିତରକୁ ପଶିବା ପାଇଁ ସାଥୀରେ ଗାଇଡ୍ ନେବା ବାଧ୍ୟତାମୂଳକ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ହେଉଛି ଅନନ୍ୟ ପ୍ରକୃତି ସୌନ୍ଦର୍ଯ୍ୟର ଗନ୍ତାଘର। ସବୁଜ ବୃକ୍ଷଲତା, ଝରଣା, ଜଳପ୍ରପାତ, ହ୍ରଦ ଓ ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ପାଇଁ ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରିଥାଏ। ସବୁଜ ପରିବେଷ୍ଟିତ ବଣପାହାଡ଼ ଘେରା ଜଙ୍ଗଲ ଓ ପକ୍ଷୀଙ୍କ କଳରବକୁ ଶୁଣି ଆନନ୍ଦିତ ହେବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବାରିପଦା ପିଠାବଟା ପଟୁ ୨୫ଟି ଓ ଯଶିପୁର କାଳିଆମୀ ପ୍ରବେଶ ପଥ ଦେଇ ୩୫ଟି ଯାନ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିବାର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବା ନିମନ୍ତେ ରାସ୍ତାଘାଟ ମରାମତି କାର୍ଯ୍ୟ ଚାଲୁ ରହିଛି। ଶିମିଳିପାଳରେ ପର୍ଯ୍ୟଟକଙ୍କ ରାତ୍ରିଯାପନ, ସେମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ସହ ବନ ସୁରକ୍ଷା ସମିତି ମାଧ୍ୟମରେ ଖାଦ୍ୟ ପରଷିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜେନାବିଲ, ଜାମୁଆଣି, କୁମାରୀ, ଗୁଡୁଗୁଡିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ ୫ଟି ନେଚର କ୍ୟାମ୍ପ ରହିଛି। ୫ଟି ବୋଫର ଜୋନ୍‌ରେ ରାତ୍ରିଯାପନ ଲାଗି ମୋଟ ୫୯ଟି କୁଟିର ବା କଟେଜ ଥିବାବେଳେ ପର୍ଯ୍ୟଟକଙ୍କ ମନମୋହିବା ପାଇଁ ସାନ୍ତାଳୀ ସମ୍ପ୍ରଦାୟର କୁଟିର, ଆଦିବାସୀ କୁଟିର, ବାଉଁଶ କୁଟିର ଓ ଟ୍ରି ହାଉସ ଭଳି ଆକର୍ଷଣୀୟ ବ୍ୟବସ୍ଥା କରାଯାଇଛି। ଏହାକୁ ବୁକିଂ କରିବା ଲାଗି ଇକୋଟୁର ଓଡ଼ିଶା ଡଟ୍ କମ୍ ଅନ୍‌ଲାଇନ ବ୍ୟବସ୍ଥା ହୋଇଛି। ସେହିପରି ଶିମିଳିପାଳ ଡଟ୍ ଓଆର୍‌ଜି ୱେବ୍‌ସାଇଟ୍ ଜରିଆରେ ପର୍ଯ୍ୟଟକମାନେ ରହିବା ଓ ଖାଇବାର ମଜା ନେଇପାରିବେ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି। ପ୍ଲାଷ୍ଟିକ ଓ ସୋଲର ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଥିବାରୁ ପୂର୍ବବର୍ଷ ପରି ପ୍ରବେଶପଥ ଓ ଶିମିଳିପାଳ ମଧ୍ୟରେ ମାଟିପାତ୍ରରେ ଚା' ସହ କଞ୍ଚା ଶାଳପତ୍ରର ପ୍ଲେଟ, ଦନାରେ ଖାଇବା ବ୍ୟବସ୍ଥା କରାଯାଇଛି। ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକ ଦ୍ରବ୍ୟ ବ୍ୟବହାର ଉପରେ କଟକଣା କରାଯାଇଛି। ଅପରାହ୍ନ ୩ଟା ପୂର୍ବରୁ ପର୍ଯ୍ୟଟକମାନେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ପୂର୍ବରୁ ସମସ୍ତେ ଚହଲା ସ୍ଥାନକୁ ଛାଡ଼ିବା ପାଇଁ ବାଧ୍ୟତାମୂଳକ କରାଯାଇଛି। କୌଣସି କାରଣବଶତଃ ଗାଡ଼ି ଖରାପ ହେଲେ ପର୍ଯ୍ୟଟକମାନଙ୍କୁ ବାରିପଦା ଓ ଯଶିପୁର ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରିବା ପାଇଁ ଅଗ୍ରିମ ଟଙ୍କା ଜମା କରିବାକୁ ନିୟମ ରହିଛି।




**ଆଜିର ମନ୍ତବ୍ୟ**

“ ବିହାର ଢାଞ୍ଚାରେ ରାଜସ୍ଥାନରେ ମଧ୍ୟ ଜାତିଗତ ଜନଗଣନା କରାଯିବ। ପ୍ରତ୍ୟେକ ରାଜ୍ୟରେ ଏପରି କରାଗଲେ ଲୋକଙ୍କ ପାଇଁ ଯୋଜନା ପ୍ରଣୟନରେ ସୁବିଧା ହେବ। - **ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାଆରୁ ନ ଉଠେ ବର
ତାକୁ ଧରାଧରି ବିଭାକର।**

ସାଧାରଣତଃ ଅସମର୍ଥ ଲୋକ ଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥାଏ। ଏପରି ଅସମର୍ଥ ବା ଅପାରଗ ଲୋକ ଦ୍ୱାରା ଜବରଦସ୍ତି କରି କୌଣସି କାର୍ଯ୍ୟ କରାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠାକୁର ଖାଇ ଖଟୁଲି ଖାଇବା ଲୋକ
ସଜ ଜିନିଷରେ ପକାନ୍ତି ପୋକ।**

ସର୍ବସ୍ୱ ଅର୍ଥ ଆତ୍ମସାତ କରୁଥିବା ବ୍ୟକ୍ତି ନିଜର ସ୍ୱାର୍ଥ ପୂରଣ କରିବା ଆଶାରେ ଅନ୍ୟକୁ ବଦନାମ କରିବା ପାଇଁ କେବେହେଲେ ପଶ୍ଚାତପଦ୍ ହୁଅନ୍ତି ନାହିଁ। ସାଧାରଣତଃ ଏଭଳି ବ୍ୟକ୍ତିଙ୍କୁ ଆମ ସମାଜରେ କେବଳ ତିରସ୍କାର ହିଁ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## ବିବାହ ପାଇଁ ଅଡୁଆରେ ବିଧାୟକ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆର୍ଥିକ ଉନ୍ନତି, ଜମିଜମା କାରବାର, ପାରିବାରିକ ସାହାଯ୍ୟ ସମର୍ଥନ ପ୍ରାପ୍ତି ପ୍ରଦାନ କରିବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ଆଜି ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। କ୍ରୀଡ଼ା, କଳା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପ୍ରଦାନ କରିବ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ହୋଇପାରନ୍ତି। ପୂର୍ବରୁ ଲାଗି ରହିଥିବା ଶାରୀରିକ ଅସୁସ୍ଥତା ଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି।

**ମିଥୁନ** ବନ୍ଧୁମିଳନ, ଜନ ସମର୍ଥନ ଦିଗରୁ ସୁଫଳ ପାଇବା ସହ ପାରିବାରିକ ଜୀବନ ସୁଖପ୍ରଦ ରହିବ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଘରେ ବନ୍ଧୁମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଲାଗି ରହିଲେ ମଧ୍ୟ ଆପଣ କଦାପି ଫେରିବେ ନାହିଁ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ ଓ ବାଣିଜ୍ୟରେ ଲାଭ ପାଇପାରିବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅବଶ୍ୟ ସବୁ କଥାରେ ନରମି ରହି ପାରିଲେ ହିଁ ସୁଫଳ ପାଇବେ।

**ସିଂହ** ଶାରୀରିକ ଦୁର୍ବଳତା ଅନୁଭବ କଲେ ମଧ୍ୟ ଦୃଢ଼ ମନୋବଳ ଯୋଗୁ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ସମାଲୋଚିତ ହୋଇପାରନ୍ତି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି ବ୍ୟସ୍ତତା ବୃଦ୍ଧି ପାଇବ।

**କନ୍ୟା** ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ପଡ଼ୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ। ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ତୁଳା** ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ। ଖଳ ଲୋକଙ୍କ ପ୍ରାୟୋଜିତ କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇବେ।

**ବିଛା** ଆପଣ ଯେଉଁ କାମରେ ହାତ ଦେଇଛନ୍ତି, ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖାପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ହାତକୁ ଚାହିଁ ବସିବେ।

**ଧନୁ** କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ ନୂତନ କାମର ପରିକଳ୍ପନା କରିବେ, କିନ୍ତୁ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର** ଆଜି କୌଣସି କାମ ଅଟକିବ ନାହିଁ, କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଟେନ୍ସନ ଲାଗି ରହିବ। ଉଚ୍ଚ ବର୍ଗର ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ଦୀର୍ଘଦିନର ବନ୍ଧୁତାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ସୂଚନା ରହିଛି।

**କୁମ୍ଭ** ପିଲାମାନଙ୍କର କିଛି ସମସ୍ୟା ଓ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯଦ୍ଦ୍ୱାରା ଲାଭ ବଦଳରେ କ୍ଷତିହିଁ ହେବ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡ଼ିଯିବା କାରଣରୁ ମନ ଭଲ ରହିବ ନାହିଁ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ରହିଲେ ମଧ୍ୟ ବିଶେଷ କ୍ଷତି ହେବନାହିଁ। ବନ୍ଧୁମାନଙ୍କ ଗହଣରେ ସାଧାରଣ କଥାରେ ଆପଣ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ସଭାସମିତିରେ, ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ।

ଆଜି ଆଶ୍ୱିନ କୃଷ୍ଣ ନବମୀଯୁକ୍ତ ଦଶମୀ ରବିବାର, ଅକ୍ଟୋବର ୮ ତାରଖ, ଭାରତୀୟ ବାୟୁସେନା ଦିବସ, ରାଶିନକ୍ଷତ୍ର- ପୁଷ୍ୟା/କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୯ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୨ମି. ଗତେ ଘ.୦୩।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୭ମି. ଗତେ ଘ.୦୫।୨୫ମି. ମଧ୍ୟେ ରାହୁକାଳ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ୧୭୫.୫ କୋଟିର ଅତିରିକ୍ତ ଅନୁଦାନ

ଭୁବନେଶ୍ୱର,୭।୧୦ (ଅନିଲ ଦାସ)

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ୧୭୫.୫ କୋଟିର ଅତିରିକ୍ତ ବ୍ୟୟବରାଦ କରାଯାଇଛି। ଏହି ଅନୁଦାନକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଛନ୍ତି। ଆଦିବାସୀଙ୍କ ଭାଷା, କଳା, ସଂସ୍କୃତି, ଐତିହ୍ୟର ସଂରକ୍ଷଣ ପାଇଁ ଏହା ଖର୍ଚ୍ଚ ହେବ। ଚଳିତ ବର୍ଷର ସ୍ୱାଭାବିକ ଅନୁଦାନ ୧୭୫.୫ କୋଟି ଟଙ୍କା ସହିତ ଏହି ଅତିରିକ୍ତ ଅନୁଦାନ ମିଳିବ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷମାନଙ୍କ ସହ ଆଲୋଚନା ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି ସୂଚନା ଦେଇଛନ୍ତି । ଏହା ଦ୍ୱାରା ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ଚଳିତ ବର୍ଷ ସମୁଦାୟ ୩୫୧ କୋଟି ଟଙ୍କାର ଅନୁଦାନ ମିଳବ। ଏହି ଘୋଷଣା ଦ୍ୱାରା ୯ ଜିଲା ପରିଷଦର ଅଧ୍ୟକ୍ଷ ଓ ସମସ୍ତ ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୯ଟି ଜିଲା ଯଥା- କୋରାପୁଟ, ମାଲକାନଗିରି, ଗଜପତି, ମୟୂରଭଞ୍ଜ, ରାୟଗଡ଼ା, କେନ୍ଦୁଝର, କନ୍ଧମାଳ,ସୁନ୍ଦରଗଡ଼ ଓ ନବରଙ୍ଗପୁର ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି।

# ଥାନାରେ ଏତଲା ଦେଲା ବୋର୍ଡ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

## ଦଶମ ଷାଣ୍ମାସିକ ପ୍ରଶ୍ନପତ୍ର ଭାଇରାଲ ଘଟଣା

କଟକ,୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ ହେବା ଘଟଣାରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏପରି କି ଏହା ଅତି ଦୁର୍ଭାଗ୍ୟର ବିଷୟ ଓ ୟୁଟ୍ୟୁବ ଚ୍ୟାନେଲରେ ଅପଲୋଡ୍ କରୁଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୋର୍ଡ ପକ୍ଷରୁ ଶନିବର ଏକ ପ୍ରେସ୍ ବିବୃତି ଜାରି କରି କୁହାଯାଇଛି। ଆହୁରି କୁହାଯାଇଛି ଯେ, ବୋର୍ଡ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୪ରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ଷାଣ୍ମାସିକ ପରୀକ୍ଷା ନିଜ ନିଜ ହାଇସ୍କୁଲ ଓ ସଂସ୍କୃତ ଟୋଲ୍‌ରେ ଅନୁଷ୍ଠିତ ହୋଇଛି। ଏଥିନିମନ୍ତେ ବୋର୍ଡ ପକ୍ଷରୁ ସମସ୍ତ ବିଷୟର ପ୍ରଶ୍ନପତ୍ର ପ୍ରସ୍ତୁତ କରି ଜିଲା ଶିକ୍ଷା ଅଧିକାରୀଙ୍କୁ ଯୋଗାଇ ଦିଆଯାଇଥିଲା। ଉକ୍ତ ପ୍ରଶ୍ନପତ୍ରକୁ ସମସ୍ତ ସ୍କୁଲ୍‌କୁ ପଠାଇବାକୁ ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଇଯାଇଥିଲା। ଏପରି କି ସମସ୍ତ ସାବଧାନତା ଅବଲମ୍ବନ କରି ପରୀକ୍ଷା ପରିଚାଳନା କରିବା ପାଇଁ ସବୁ ଅନୁଷ୍ଠାନର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେବାନିମନ୍ତେ ଜିଲା ଶିକ୍ଷା ଅଧିକାରୀଙ୍କୁ ବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକ ପରୀକ୍ଷା ପରିଚାଳନା କରିବା ସହ ଉତ୍ତର ଖାତାର ମଧ୍ୟ ମୂଲ୍ୟାୟନ କରିବେ ଓ ପିଲାମାନଙ୍କ ନମ୍ବର ନିଜ ପାଖରେ ରଖିବେ ବୋଲି ନିର୍ଦ୍ଦେଶ ଥିଲା। ଯେହେତୁ ଏହି ପରୀକ୍ଷାର ମାଟ୍ରିକ ପରୀକ୍ଷାରେ କୌଣସି ସମ୍ପର୍କ ନାହିଁ ତେଣୁ ଏହି ନମ୍ବରକୁ ବୋର୍ଡ ୱେବ୍‌ସାଇଟରେ ଅପ୍‌ଲୋଡ କରିବାର ବ୍ୟବସ୍ଥା କରାଯାଇ ନାହିଁ। ହେଲେ କେତେକ ୟୁଟ୍ୟୁବ୍ ଚ୍ୟାନେଲରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଏହାର ଉତ୍ତର ଅପ୍‌ଲୋଡ ହୋଇଥିବା ଦୃଷ୍ଟିଗୋଚର ହେବା ପରେ ବୋର୍ଡ ସାଇବର ଥାନା, କ୍ରାଇମ ବ୍ରାଞ୍ଚ, କଟକଙ୍କ ନିକଟରେ ଅଭିଯୋଗ ଦାଖଲ କରିଛି।

ସୂଚନାଥାଉକି ଗତ ୪ ତାରିଖଠାରୁ ରାଜ୍ୟରେ ଆରମ୍ଭ ହୋଥିବା ଦଶମ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ଶନିବାର ଶେଷ ହୋଇଛି। ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ବୁଧବାର ପ୍ରଥମ ପରୀକ୍ଷା ଥିବାବେଳେ ପରୀକ୍ଷା ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପଦାକୁ ଆସିବା ପରେ ଅଧିକାଂଶ ମେଧାବୀ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାପରେ ବୋର୍ଡ ସଭାପତି ଜ୍ୟୋତିପ୍ରକାଶ ଦାସ ଟେକ୍ନିକାଲ ଯାଞ୍ଚପାଇଁ କୋଲ୍‌କାତାର ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା କହିଥିଲେ। ଏପରି କି ସମ୍ପୃକ୍ତ ୟୁଟ୍ୟୁବ ବିରୋଧରେ ବୋର୍ଡ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ହକି ଖେଳାଳି ଅମିତଙ୍କୁ ୧.୫ କୋଟି ପୁରସ୍କାର

ଭୁବନେଶ୍ୱର,୭।୧୦(ଅନିଲ ଦାସ)

ଓଡ଼ିଆ ହକି ଖେଳାଳି ଅମିତ ରୋହିଦାସଙ୍କୁ ୧.୫ କୋଟି ଟଙ୍କା ପୁରସ୍କାର ଦିଆଯିବ। ଚାଇନାର ହାଙ୍ଗଝୋଠାରେ ଅନୁଷ୍ଠିତ ୧୯ତମ ଏସିଆନ ଗେମ୍ସରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବାରେ ଅମିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାରୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପାଇଁ ଏହି ପୁରସ୍କାର ରାଶି ଘୋଷଣା କରିଛନ୍ତି। ଚମତ୍କାର ପ୍ରଦର୍ଶନ ପାଇଁ ଅମିତଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ସେ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରୁ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କର ଏହି ସଫଳତା ପ୍ରତ୍ୟେକଙ୍କ ପାଇଁ ବଡ଼ କିଛି ହାସଲ କରିବାକୁ ପ୍ରେରଣା ଯୋଗାଇବ। ଓଡ଼ିଶାର ହକି ପ୍ରସିଦ୍ଧ ସୁନ୍ଦରଗଡ଼ ଜିଲାର ସେ ହେଉଛନ୍ତି ଯୋଗ୍ୟ ସନ୍ତାନ । ସେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ବ୍ରୋଞ୍ଜ ମେଡାଲ ଆଣି ରାଜ୍ୟର ଗୌରବ ବୃଦ୍ଧି କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ଏସିଆନ ଗେମ୍ସରେ ଜାପାନକୁ ୫-୧ ଗୋଲରେ ହରାଇ ଭାରତର ପୁରୁଷ ହକି ଟିମ୍ ସ୍ୱର୍ଣ୍ଣ ପଦକ ଜିତିପାରିଛି। ଜାପାନକୁ ହରାଇ ଭାରତୀୟ ଦଳ ଇତିହାସ ରଚିବା ସହ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ମଧ୍ୟ ହାସଲ କରିଛି । ଏଥିସହ ଭାରତୀୟ ଦଳ ଏସୀୟ କ୍ରୀଡ଼ାରେ ଚତୁର୍ଥ ଥର ପାଇଁ ସ୍ୱର୍ଣ୍ଣ ପଦକ ହାତେଇଛି। ଏହା ପୂର୍ବରୁ ଭାରତ ୧୯୬୬, ୧୯୯୮ ଏବଂ ୨୦୧୪ ସଂସ୍କରଣରେ ସ୍ୱର୍ଣ୍ଣ ଜିତିଥିଲା ।

# ଲୁହରେ ଭିଜିଲା କେନ୍ଦୁଢ଼ିପ

- **ଗାଁ ମାଟିରେ ମୃତ ଯବାନଙ୍କ ଶେଷକୃତ୍ୟ**
- **ଶେଷ ସମ୍ମାନ ଜଣାଇଲେ ରାଜନେତା, ପ୍ରଶାସନିକ ଅଧିକାରୀ**

କାମାକ୍ଷାନଗର,୭।୧୦ (ସୁଧୀର କୁମାର ପରିଡ଼ା)

ସିକିମ୍‌ରେ ମଙ୍ଗଳବାର ବାଦଲ ଫଟା ବର୍ଷା ପରେ ବନ୍ୟାରେ ଭାସିଯାଇ ପ୍ରାଣ ହରାଇଥିବା ଓଡ଼ିଆ ଯବାନ ସରୋଜ କୁମାର ଦାସଙ୍କ ଶେଷକୃତ୍ୟ ଶନିବାର ତାଙ୍କ ପୈତୃକ ଗ୍ରାମ ଢେଙ୍କାନାଳ ଜିଲା ଭୁବନ ବ୍ଲକ ତଥା କାମାକ୍ଷାନଗର ଥାନା ଦୀଘି ପଞ୍ଚାୟତ କେନ୍ଦୁଢ଼ିପ ଶ୍ମଶାନରେ ଶୋକାକୁଳ ପରିବେଶରେ ସମ୍ପନ୍ନ ହୋଇଛି। ଯବାନଙ୍କ ପାର୍ଥିବ ଶରୀର ସନ୍ଧ୍ୟାରେ ଗାଁ ମାଟିରେ ପହଞ୍ଚିବା ପରେ ସମସ୍ତଙ୍କ ଆଖି ଲୁହରେ ଭିଜିଯାଇଥିଲା।

ସିକିମ୍‌ରୁ ଅଣାଯାଇଥିବା ଯବାନଙ୍କ ପାର୍ଥିବ ଶରୀର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କାମାକ୍ଷାନଗର ବିଧାୟକ ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ପରେ ଭାଇ ମନୋଜ ଦାସ ଓ ଦାଦାଙ୍କୁ ମୃତଦେହ ହସ୍ତାନ୍ତର କରାଯିବା ସହ ସେନାର ସୁସଜ୍ଜିତ ଗାଡ଼ିରେ ଜନ୍ମମାଟିକୁ ଅଣାଯାଇଥିଲା। ସନ୍ଧ୍ୟା ୫ଟାରେ ପାର୍ଥିବ ଶରୀର ଢେଙ୍କାନାଳ ଜିଲା କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ସେଠାରେ ଜିଲାପାଳ ସରୋଜ କୁମାର ସେଠୀ ଓ ଏସ୍‌ପି ଜ୍ଞାନରଞ୍ଜନ ଦାସ ଉପସ୍ଥିତ ରହି ସମ୍ମାନ ଜଣାଇଥିଲେ। ସନ୍ଧ୍ୟା ୬ଟା ୩୦ରେ ମୃତଦେହ ଗାଁ କେନ୍ଦୁଢ଼ିପରେ ପହଞ୍ଚିଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ରାତି ୮ଟା ବେଳେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ କରାଯାଇଥିଲା। ଦାଦା ପୁଅ ଭାଇ ରାକେଶ ଦାସ ଓ ଭଣଜା ସମ୍ମିତ ପରିଡା ମୁଖାଗ୍ନି ଦେଇଥିଲେ। ଶ୍ମଶାନ ଘାଟରେ ମନ୍ତ୍ରୀ, ଏମ୍‌ପି, ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲାପାଳ, ଏସପି, ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଯବାନ ସରୋଜଙ୍କ ପାର୍ଥିବ ଶରୀର ଗାଁରେ ପହଞ୍ଚିଛି।

## ପ୍ରଥମ ପୃଷ୍ଠାରୁ...

### ଆଉ ଏକ ...

ଇସ୍ରାଏଲ ପକ୍ଷରୁ ଗାଜାରେ ଏହାର ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିରେ ୨୩୨ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ୧୬୦୦ ଆହତ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଇସ୍ରାଏଲବାସୀଙ୍କୁ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି, ଆମେ ଏବେ ଯୁଦ୍ଧ ସ୍ଥିତିରେ। ଏହା କେବଳ ଅଭିଯାନ ନୁହେଁ, ଯୁଦ୍ଧ। ଇସ୍ରାଏଲ୍ ରାଷ୍ଟ୍ର ଏବଂ ଏହାର ନାଗରିକମାନଙ୍କ ବିରୋଧରେ ହମାସ୍ ଶନିବାର ଭୋର୍ ସମୟରୁ ମରଣାନ୍ତକ ଆକ୍ରମଣ ଆରମ୍ଭ କରିଦେଇଛି। ଆତଙ୍କବାଦୀଙ୍କ ଦ୍ୱାରା ଇସ୍ରାଏଲ୍ ମଧ୍ୟରେ ଅନୁପ୍ରବେଶ କରିଥିବା ସମ୍ପ୍ରଦାୟଙ୍କୁ ତୁରନ୍ତ ବାହାର କରିବାକୁ ନେତାନ୍ୟାହୁ ତାଙ୍କ ସାମରିକ ବିଭାଗ ମୁଖ୍ୟମାନଙ୍କୁ କହିଛନ୍ତି। ଏଥିସହ ବିପୁଳ ସଂଖ୍ୟାରେ ସୈନ୍ୟଙ୍କୁ ସୀମାନ୍ତକୁ ପଠାଇ ବଡ଼ ଧରଣର ଆକ୍ରମଣ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଶତ୍ରୁ ଉପରେ ଏଭଳି ଆକ୍ରମଣ କର, ଯାହା ସେ କେବେ କଳ୍ପନା କରି ନ ଥିବେ ବୋଲି ହମାସ୍ ଆକ୍ରମଣ ପରେ ନେତାନ୍ୟାହୁ ଦେଶବାସୀଙ୍କୁ ତାଙ୍କର ପ୍ରଥମ ଭାଷଣରେ କହିଛନ୍ତି। ହମାସ୍‌ର ଅଚାନକ ଆକ୍ରମଣର ଜବାବରେ ଇସ୍ରାଏଲ୍ ପ୍ରତିରକ୍ଷା ବଳ (ଆଇଡିଏଫ୍) ଅପରେଶନ 'ଆଇରନ୍ ସୋର୍ଡସ୍' ଆରମ୍ଭ କରିଛି। ଇସ୍ରାଏଲ୍ ଅଞ୍ଚଳରେ ହମାସ୍ ଆକ୍ରମଣ କରି ବଡ଼ ଭୁଲ୍ କରିଛି। ଆଇଡିଏଫ୍ ସୈନ୍ୟମାନେ ପ୍ରତ୍ୟେକ ସ୍ଥାନରୁ ଶତ୍ରୁ ଉପରେ ଆକ୍ରମଣ କରୁଛନ୍ତି ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରୀ ୟୁଆଭ୍ ଗାଲାଣ୍ଟ କହିଛନ୍ତି।

ଉତ୍ତେଜନା ଲାଗିରହିଥିବାରୁ ଇସ୍ରାଏଲ୍‌ରେ ଥିବା ଭାରତୀୟମାନଙ୍କୁ ସତର୍କ ରହିବା ଲାଗି ସେଠାର ଭାରତୀୟ ଦୂତାବାସ ପକ୍ଷରୁ ଆଡଭାଇଜରି ଜାରି କରାଯାଇଛି। ଅତି ଜରୁରୀ ନ ଥିଲେ ବାହାରକୁ ନ ବାହାରିବାକୁ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳରେ ରହିବା ପାଇଁ ଆଡଭାଇଜରିରେ କୁହାଯାଇଛି। ଇସ୍ରାଏଲ୍ ଉପରେ ହମାସ୍‌ର ଆକ୍ରମଣକୁ ଭାରତ ସମେତ ବିଭିନ୍ନ ଦେଶ ନିନ୍ଦା କରିଛନ୍ତି। ହମାସ ଓ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଏହାକୁ ତୁରନ୍ତ ବନ୍ଦ କରିବା ଏବଂ ସାଧାରଣ ଲୋକଙ୍କୁ ନିରାପଦ ଯାତାୟାତ ପାଇଁ ଛାଡ଼ିଦେବାକୁ ବିଶ୍ୱ ନେତାମାନେ ଆହ୍ୱାନ ଦେଇଛନ୍ତି। ଇସ୍ରାଏଲ୍‌ରେ ଆତଙ୍କବାଦୀ ଆକ୍ରମଣରେ ଗଭୀର ମର୍ମାହତ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସରେ ପୋଷ୍ଟ କରିଛନ୍ତି। ମୃତାହତ ହୋଇଥିବା ନିରୀହ ନାଗରିକ ଓ ସେମାନଙ୍କ ପରିବାର ପ୍ରତି ଆମର ସମବେଦନା ରହିଛି। କଠିନ ସମୟରେ ଆମେ ଇସ୍ରାଏଲ୍ ସହିତ ରହିଛୁ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ହମାସ୍ ଇସ୍‌ଲାମିକ୍ ଗୋଷ୍ଠୀର ବରିଷ୍ଠ କମାଣ୍ଡର କହିଛନ୍ତି,ଅଲ୍-ଅକ୍‌ସା ମସ୍‌ଜିଦ ବିରୋଧରେ ଆକ୍ରମଣାତ୍ମକ ଆଭିମୁଖ୍ୟକୁ ବିରୋଧ କରି ହମାସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହମାସ୍ ନିୟନ୍ତ୍ରଣରେ ଥିବା ଗାଜା ଷ୍ଟ୍ରିପ୍‌ରୁ ଇସ୍ରାଏଲ୍‌କୁ ହଜାର ହଜାର ରକେଟ ଛଡ଼ାଯାଇଥିଲା। ହମାସ ସଶସ୍ତ୍ର ୱିଙ୍ଗ୍ ମୁଖ୍ୟ ମହମ୍ମଦ ଡେଇଫ୍ କହିଛନ୍ତି ଅଲ୍-ଅକ୍‌ସା ମସ୍‌ଜିଦ ବିରୋଧରେ ଆକ୍ରମଣ ନ କରିବାକୁ ଆମେ ଶତ୍ରୁପକ୍ଷକୁ ସତର୍କ କରାଇଥିଲୁ। ଇସ୍ରାଏଲ୍ ବିରୋଧରେ ଏହା ହମ୍‌ସାର ପ୍ରଥମ ପର୍ଯ୍ୟାୟ ଆକ୍ରମଣ ବୋଲି ସେ କହିଛନ୍ତି। ଏହି ବିଦ୍ରୋହରେ ଜେରୁଜେଲମ, ଇସ୍ରାଏଲ୍ ଓ ଅନ୍ୟତ୍ର ଥିବା ଆରବମାନେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ପାଲେଷ୍ଟାଇନ୍ ଆତଙ୍କବାଦୀ ଗୋଷ୍ଠୀ ହମାସ୍ ଶନିବାର ଏକ ଭିଡିଓ ଜାରି କରିଛି, ଯେଉଁଥିରେ ଏହାର ଯୋଦ୍ଧାମାନେ ଇସ୍ରାଏଲ୍‌ର ୩ ଜଣଙ୍କୁ ପଣବନ୍ଦୀ ରଖିଥିବା ଦେଖାଯାଇଛି। ଅଲ୍-କସାମ୍ ବ୍ରିଗେଡ୍ ଏହାର ଅଲ୍-ଅକ୍‌ସା ଫ୍ଲଡ୍ ଅପରେଶନରେ ବହୁସଂଖ୍ୟାରେ ଶତ୍ରୁ ସୈନ୍ୟଙ୍କୁ ଗିରଫ କରିଥିବା ଭିଡିଓରେ ଏକ ବାର୍ତ୍ତା ଲେଖାଯାଇଛି।

### ୧୦୭...

ବ୍ୟକ୍ତିଗତ ଇଭେଣ୍ଟରେ ଜ୍ୟୋତି ସୁରେଖା ଭେନମ ଏବଂ ଓଜସ୍ ଦେଓତାଲେ ସ୍ୱର୍ଣ୍ଣ ଜିତିଥିବା ବେଳେ ବ୍ୟାଡ୍‌ମିଣ୍ଟନ ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ସ୍ୱର୍ଣ୍ଣ ହାତେଇବାରେ ସଫଳ ହୋଇଛନ୍ତି। ଭାରତୀୟ ପୁରୁଷ କ୍ରିକେଟ ଦଳ, ପୁରୁଷ କବାଡି ଦଳ ଓ ମହିଳା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଚାଇନିଜ୍ ତାଇପେକୁ ସଂଘର୍ଷପୂର୍ଣ୍ଣ ଫାଇନାଲରେ ପରାସ୍ତ କରି ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ଜିତିଥିବା ବେଳେ ଏହା ଥିଲା ଭାରତର ୧୦୦ ତମ ପଦକ। ଏହା ପୂର୍ବରୁ ୨୦୧୮ ଜାକର୍ତ୍ତା ସଂସ୍କରଣରେ ଭାରତ ୭୦ ପଦକ ହାସଲ କରିଥିଲା।

ଶନିବାର ମହିଳା କମ୍ପାଉଣ୍ଡ ଆର୍ଚେରୀରେ ଜ୍ୟୋତି ସୁରେଖା ଭେନମ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ସେ ଦକ୍ଷିଣ କୋରିଆର ଚାଓ୍ୱେନ୍ ସୋଙ୍କୁ ସଂଘର୍ଷପୂର୍ଣ୍ଣ ୧୪୯-୧୪୫ ପଏଣ୍ଟରେ ପରାସ୍ତ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହା ଜ୍ୟୋତିଙ୍କ ତୃତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ଦଳଗତ ମହିଳା ଓ ମିକ୍ସଡ ଟିମ୍ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିସାରିଛନ୍ତି। ସମାନ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନ ଅଦିତି ସ୍ୱାମୀ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୧୪୬-୧୪୦ ପଏଣ୍ଟରେ ଇଣ୍ଡୋନେସିଆର ରେଥ୍ ଜିଲଜାଥିଙ୍କୁ ପରାସ୍ତ କରିଛନ୍ତି। ପୁରୁଷ କମ୍ପାଉଣ୍ଡ ଆର୍ଚେରୀରେ ଭାରତ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲା। ଅଭିଷେକ ବର୍ମାଙ୍କ ବିପକ୍ଷ ଫାଇନାଲ ମ୍ୟାଚକୁ ୧୪୯-୧୪୭ରେ ଜିତି ନେଇଥିଲେ ଓଜସ୍ ଦେଓତାଲେ।

ଭାରତୀୟ ମହିଳା କବାଡି ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହ ଟୁର୍ନାମେଣ୍ଟରେ ଭାରତ ପାଇଁ ୧୦୦ ତମ ପଦକ ବିଜୟୀ ହୋଇଥିଲେ। କଡା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌କୁ ଭାରତୀୟ ଦଳ ୨୬-୨୫ରେ ଜିତି ନେଇଥିଲା। ଅନ୍ୟପକ୍ଷରେ ପୁରୁଷ ଦଳର ଫାଇନାଲ ଅତ୍ୟନ୍ତ ନାଟକୀୟ ରହିଥିଲା। ରେଫରିଙ୍କ ଭୁଲ ନିଷ୍ପତ୍ତି କାରଣରୁ ମ୍ୟାଚ୍ ପ୍ରାୟ ୧ ଘଣ୍ଟା ବନ୍ଦ ରହିବା ପରେ ଭାରତ ୩୩-୨୯ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏସିଆନ୍ ଗେମ୍ସରେ ଭାରତୀୟ କବାଡି ଦଳର ଏହା ଅଷ୍ଟମ ସ୍ୱର୍ଣ୍ଣ ପଦକ। ଭାରତୀୟ ପୁରୁଷ କ୍ରିକେଟ ଦଳ ପ୍ରଥମ ଥର ଏସିଆନ୍ ଗେମ୍ସରେ ଭାଗ ନେଇଥିବାବେଳେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହେବାରୁ ହାଇଏଷ୍ଟ ର୍‍ୟାଙ୍କିଙ୍ଗ ଅନୁସାରେ ଭାରତକୁ ବିଜେତା ଘୋଷଣା କରାଯାଇଥିଲା। ସେହିପରି ଶନିବାରର ଶେଷ ସ୍ୱର୍ଣ୍ଣ ଜିତିଥିଲେ ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ ଯୋଡି ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ। କୋରିଆର କୋଇ ସୋଲଗିଉ ଓ କିମ୍ ଓନ୍‌ହୋଙ୍କୁ ୨୧-୧୮ ଓ ୨୧-୧୬ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ବ୍ୟାଡ୍‌ମିଣ୍ଟନ ଡବଲ୍ସରେ ଦୀର୍ଘ ୪ ଦଶନ୍ଧି ପରେ ଭାରତ ପୋଡିୟମ ଫିନିଶ କରିବାରେ ସଫଳ ହୋଇଛି। ୧୯୮୨ରେ ଲିଓରୀ ଡିଶା ଓ ପ୍ରଦୀପ ଗାନ୍ଧେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ନୂଆବର୍ଷରେ ମେଟ୍ରୋ ...

ଏଥିସହିତ ଏହି ପ୍ରକଳ୍ପ କାର୍ଯ୍ୟକୁ ତଦାରଖ ଓ ତ୍ୱରାନ୍ୱିତ କରିବାକୁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ମେଟ୍ରୋ ରେଳ ପ୍ରଥମ ପର୍ଯ୍ୟାୟରେ ତ୍ରିଶୂଳିଆ ଛକରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ଆରମ୍ଭ ହେବ। ରାସ୍ତାର ମେଡିଆନରେ ନିର୍ମାଣ ହେବ। ୨୦ଟି ଷ୍ଟେଶନ ଦେଇ ମେଟ୍ରୋ ରେଳ ଚଳାଚଳ କରିବ। ଯାତ୍ରା ସମୟରେ ନନ୍ଦନକାନନ, କିଟ୍ ଛକ, ଡମଣା ଛକ, ଜୟଦେବ ବିହାର, ବାଣିବିହାର, ରାମ ମନ୍ଦିର, ଭୁବନେଶ୍ୱର ରେଳ ଷ୍ଟେଶନ, ବାପୁଜି ନଗର, ଶିଶୁ ଭବନ ଛକ ଏବଂ କ୍ୟାପିଟାଲ ହସ୍ପିଟାଲ ଭଳି ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ଦେଇ ମେଟ୍ରୋ ରେଳ ଅତିକ୍ରମ କରିବ ।

ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ଏବଂ ୪୮ ମାସ ମଧ୍ୟରେ ଶେଷ ହେବ। ନିର୍ଦ୍ଧାରିତ ସମୟରେ ଯେପରି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେନେଇ ସମସ୍ତ ଏଜେନ୍ସି ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ହେଉଛି ଏକ ବୃହତ୍ ଯୁଗାନ୍ତକାରୀ ପ୍ରକଳ୍ପ । ଏହି ପ୍ରକଳ୍ପ ଦ୍ୱାରା ଭୁବନେଶ୍ୱର ଦେଶର ମେଟ୍ରୋ ରେଳ ଥିବା ସହରଗୁଡ଼ିକ ସହିତ ସାମିଲ ହେବ। ଏହି ପ୍ରକଳ୍ପ ଦ୍ୱାରା ସାଧାରଣ ପରିବହନ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ସହିତ ସହରର ଆର୍ଥିକ ଅଭିବୃଦ୍ଧି ହୋଇପାରିବ। ଭୁବନେଶ୍ୱର ବିଭିନ୍ନ ସହରାଞ୍ଚଳ ପ୍ରକଳ୍ପ ପାଇଁ ପରିଚିତ ଥିବାବେଳେ ଜୀବନଧାରଣ ଶୈଳୀରେ ଉନ୍ନତି ପରିଲକ୍ଷିତ ହୋଇଛି। ଏହି ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଭୁବନେଶ୍ୱର ଦେଶର ସର୍ବୋତ୍କୃଷ୍ଟ ବାସୋପଯୋଗୀ ସହରରେ ପରିଣତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ.ପାଣ୍ଡିଆନ କ୍ଷେତ୍ର ପରିଦର୍ଶନ ପରେ ଚୂଡ଼ାନ୍ତ ହୋଇଥିବା ରୁଟ୍ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭୁବନେଶ୍ୱର ଆଖପାଖ ଅଞ୍ଚଳର ମଧ୍ୟ ଅଭିବୃଦ୍ଧି ହେବ।

ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ଉନ୍ନୟନ କମିଶନର ଅନୁ ଗର୍ଗ, ବିଭାଗୀୟ ସଚିବ ମାଥିଭାଥନନ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଟ ଦେଖାଇଲା ଓଡ଼ିଶା

DSPL-271

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା - ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାରେ ସଫଳ ମଡ଼େଲ୍

ଓଡ଼ିଶାର ସେଦିନ ଆଜି ଅତୀତ ହୋଇଛି ଯେତେବେଳେ ଆର୍ଥିକ ଦୁର୍ବଳ ବର୍ଗର ଜଣେ ରୋଗାକ୍ରାନ୍ତ ବ୍ୟକ୍ତି ସରକାରୀ ଡ଼ାକ୍ତରଖାନା ଉପରେ ପୂର୍ଣ୍ଣ ନିର୍ଭରଶୀଳ ହେବା ସହ ନିଜର ଭାଗ୍ୟକୁ ଆଦରି ରୋଗକଷ୍ଟ ଭୋଗ କରୁଥିଲା । ସୁପର ସ୍ପେସାଲିଟି ଘରୋଇ ହସ୍ପିଟାଲର ବ୍ୟୟ ବହୁଳ ଚିକିତ୍ସା ତା'ପାଇଁ ଆକାଶ କଇଁଆ ଥିଲା । ବହୁ ସଂଖ୍ୟକ ଲୋକଙ୍କ ନିର୍ଭରଶୀଳତା ଯୋଗୁଁ ସରକାରୀ ଡ଼ାକ୍ତରଖାନାମାନଙ୍କର ସମ୍ବଳ ଓ ସୁବିଧା ସୁଯୋଗ ଆଦି ସିମିତ ଓ ସ୍ୱଳ୍ପ ଜଣା ପଡୁଥିଲା । ଆଜି କିନ୍ତୁ ସ୍ଥିତିରେ ଯୁଗାନ୍ତକାରୀ ରୂପାନ୍ତରଣ ଘଟିଛି । ସରକାରୀ ହସ୍ପିଟାଲ ମାନଙ୍କରେ ପରିବେଶ, ପରିଚ୍ଛନ୍ନତା, ସେବା ଯୋଗାଣ, ଆଧୁନିକ ପରୀକ୍ଷା ନିରୀକ୍ଷାର ଉପଲବ୍ଧତା ଆଦି କ୍ଷେତ୍ରରେ ବିରାଟ ପରିବର୍ତ୍ତନ ସଂଗଠିତ ହୋଇଛି । ଖର୍ଚ୍ଚ ବହୁଳ ଘରୋଇ ହସ୍ପିଟାଲ ସାଧାରଣ ଗରିବ ବର୍ଗର ଲୋକଙ୍କ ପାଇଁ ଅପହଞ୍ଚ ହୋଇ ରହିନାହିଁ । ମା' ଓ ଭଉଣୀମାନେ ପରିବାରର ଆର୍ଥିକ ସ୍ଥିତି କଥା ଭାବି ନୀରବରେ ରୋଗଯନ୍ତ୍ରଣା ସହ୍ୟ କରୁନାହାନ୍ତି । ରାଜ୍ୟ ବାହାରେ ଥିବା ପ୍ରବାସୀ ଓଡ଼ିଆ କାହା ଦୟା କୁ ଚାହିଁ ଆଉ ରହୁନାହିଁ । ମୋଟାମୋଟି କହିବାକୁ ଗଲେ ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନବୀନ ସୂର୍ଯ୍ୟୋଦୟ ହୋଇଛି । ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କର ଅଧିକ ଆସ୍ଥା ଭାଜନ ହୋଇଛି । ସ୍ୱାସ୍ଥ୍ୟସେବା ଯୋଗାଣକାରୀ ଅନୁଷ୍ଠାନ ଓ ଜନସାଧାରଣଙ୍କ ମଧ୍ୟରେ ଏକ ସକ୍ରିୟ ଏବଂ ସକାରାତ୍ମକ ସହଭାଗିତା ସୃଷ୍ଟି ହୋଇଛି ।




ଓଡ଼ିଶାର ଉତ୍ତୁଙ୍ଗ ଜନନେତା ଓ ଅଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ମାନସ ପ୍ରସୂତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଆଶା, ଭରଷା ଓ ପ୍ରତିଶୃତି ଆଣିଛି । ଏହି ଯୋଜନା ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଅଭିନବ ସୃଜନ ଏବଂ ସଫଳ ପ୍ରୟୋଗ ଭାବେ ଉଭୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଛି ।

## ମୌଳିକ ଭିତ୍ତି

'ସାରା ଓଡ଼ିଶା ମୋ ପରିବାର', 'ପ୍ରତିଟି ଜୀବନ ମୂଲ୍ୟବାନ' ଏବଂ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଆଦି ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ବିଏସ୍‌କେୱାଇ **ପର୍ଯ୍ୟବସିତ** । ସହଭାଗିତା, ସହଯୋଗ, ସ୍ୱଚ୍ଛତା ଏବଂ ସମର୍ପିତ ସେବାଭାବ ଆଦି ମହାମନ୍ତ୍ରରେ ଏହା ଅଭିମନ୍ତ୍ରୀତ ।

## ବିଶେଷତ୍ୱ

ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ବାସ୍ତବବାଦୀ ନୀତି ନିର୍ଦ୍ଧାରଣ, ସଂଘବଦ୍ଧ ପ୍ରଚେଷ୍ଟା, ଅଂଶୀଦାର ମାନଙ୍କର ସକ୍ରିୟ ଅଂଶଗ୍ରହଣ, ଆଗୁଆ ପ୍ରସ୍ତୁତି, ସଠିକ୍ କାର୍ଯ୍ୟାନ୍ୱୟନ, ଲୋକାଭିମୁଖୀ ନମନୀୟ ବ୍ୟବସ୍ଥା, ଉତ୍ତରଦାୟୀ ଆନୁଷ୍ଠାନିକ ସଂରଚନା, ସଜାଗପୂର୍ଣ୍ଣ ପରିଚାଳନା ଓ ନିରନ୍ତର ନିରକ୍ଷଣ ଆଦି ବିଏସ୍‌କେୱାଇର ବିଶେଷତ୍ୱ । ନାଗରିକ ଏବଂ ଜନସମୁଦାୟଙ୍କ ସଶକ୍ତିକରଣ ସହ ଆବଶ୍ୟକୀୟ ଆର୍ଥିକ ଆବଣ୍ଟନ ଏହି ଯୋଜନାକୁ ସଙ୍ପୂର୍ଣ୍ଣ କରିଛି । ଏହି ସବୁ ଅନ୍ତଃ-ବୈଭବରେ ପରିପୁଷ୍ଟ ହୋଇ ବିଏସ୍‌କେୱାଇ ଏକ ସର୍ବୋତ୍ତମ ପ୍ରାମାଣିତ କାର୍ଯ୍ୟଧାରା (ବେଷ୍ଟ ପ୍ରାକ୍ଟିସ) ର ମାନ୍ୟତା ହାସଲ କରିଛି । ଜାତୀୟ ସାସ୍ଥ୍ୟ ସର୍ବେକ୍ଷଣରେ ଓଡ଼ିଶାର ସାସ୍ଥ୍ୟସେବା ସୂଚକାଙ୍କ ଗୁଡ଼ିକର ଉଲ୍ଲେଖନୀୟ ଅଗ୍ରଗତି ବିଷୟ ପ୍ରତିଫଳିତ ହୋଇଛି । ଓଡ଼ିଶାର ଅଭିନବ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ବିଭିନ୍ନ ସ୍ତରରେ ଉଚ୍ଚ ପ୍ରଶଂସା ଓ ସ୍ୱୀକୃତି ମିଳିଛି । ୨୦୧୯ ରୁ ୨୦୨୩ ବର୍ଷ ମଧ୍ୟରେ ଓଡ଼ିଶା ୧୦ ରୁ ଅଧିକ ସର୍ବଭାରତୀୟ ସ୍ତରୀୟ ପୁରସ୍କାର ଲାଭ କରିଛି ।

ଟେବୁଲ୍-୨; ଓଡ଼ିଶା ବାହାରେ ଅନୁବନ୍ଧିତ ହସ୍ପିଟାଲ

| ରାଜ୍ୟ | ହସ୍ପିଟାଲ୍ ସଂଖ୍ୟା |
|---|---|
| ଆନ୍ଧ୍ରପ୍ରଦେଶ | ୪୦ |
| ଆସାମ | ୧ |
| ଛତିଶଗଡ | ୪୧ |
| ଦିଲ୍ଲୀ | ୫ |
| ଗୁଜୁରାଟ | ୬ |
| ହରିଆଣା | ୩ |
| ଝାଡ଼ଖଣ୍ଡ | ୨ |
| କର୍ଣ୍ଣାଟକ | ୯ |
| ମହାରାଷ୍ଟ୍ର | ୬ |
| ପଞ୍ଜାବ | ୪ |
| ରାଜସ୍ଥାନ | ୨ |
| ତାମିଲନାଡୁ | ୪ |
| ତେଲେଙ୍ଗାନା | ୩ |
| ଉତ୍ତରାଖଣ୍ଡ | ୧ |
| ଉତ୍ତରପ୍ରଦେଶ | ୨ |
| ପଶ୍ଚିମ ବଙ୍ଗ | ୮ |




ଟେବୁଲ୍-୧; ଅନୁବନ୍ଧିତ ହସ୍ପିଟାଲ (୧୫.୦୮.୨୦୨୩ ସୁଦ୍ଧା)

| | |
|---|---|
| ସରକାରୀ | ୮୫୩୦ |
| ଘରୋଇ | ୭୦୦ |
| ଓଡ଼ିଶା ବାହାର ରାଜ୍ୟ ମାନଙ୍କରେ ଅନୁବନ୍ଧିତ ହସ୍ପିଟାଲ | ୧୩୭ |

## ଉପାଦାନ

ଉତ୍କଳମାନର ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ନିମନ୍ତେ ବିଏସ୍‌କେୱାଇକୁ ଗୋଟିଏ ପୂର୍ଣ୍ଣାଙ୍ଗ ସମନ୍ୱିତ ଯୋଜନା ଭାବେ ପ୍ରଣୟନ କରାଯାଇଛି । ଏହାର ଦୁଇଟି ମୁଖ୍ୟ ଉପାଦାନ ରହିଛି ।

(କ) ୧ମ ଉପାଦାନଟି ହେଉଛି ସବୁ ସରକାରୀ ହସ୍ପିଟାଲ ମାନଙ୍କରେ ଆୟ ବା ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସଂପୂର୍ଣ୍ଣ ମାଗଣା ଡ଼ାକ୍ତରୀ ପରାମର୍ଶ, ରୋଗ ନିର୍ଣ୍ଣୟ ପରୀକ୍ଷା ନିରୀକ୍ଷା, ଚିକିତ୍ସା ଏବଂ ଔଷଧ ଯୋଗାଣ । ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମୁଦାୟ ୧୧୯.୮ ଲକ୍ଷ ପରିବାରର ପ୍ରାୟ ୪.୭୯ କୋଟି ଲୋକଙ୍କୁ ଏଥିରେ ସାମିଲ୍ କରାଯାଇଛି । ନିଦାନ, ନିରାମୟ, ସହାୟ, କର୍କଟ ପୀଡ଼ିତଙ୍କୁ ମାଗଣା କେମୋ-ଥେରାପି, ମାଗଣା ଆମ୍ବୁଲାନ୍ସ ସେବା, ଦୂରଦୂରାନ୍ତ ଗ୍ରାମ ପାଇଁ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍, ମା' ମାନଙ୍କ ପାଇଁ ମମତା ଓ ୧୦୨ ଆମ୍ବୁଲାନ୍ସ ସେବା ଆଦି ୧୫ ରୁ ଅଧିକ ପରିଯୋଜନା ମାଧ୍ୟମରେ ବିଏସ୍‌କେୱାଇ ୧ମ ଉପାଦାନର ବାସ୍ତବ ରୂପାୟନ କରାଯାଇଛି । ଏହାଛଡା, ତୃଣମୂଳ ସ୍ତରର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆରମ୍ଭ କରି ମେଡ଼ିକାଲ କଲେଜ ଓ ହସ୍ପିଟାଲ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକର ସାମଗ୍ରିକ ରୂପାନ୍ତରଣ କରାଯାଉଛି । ବଡ଼ ଡାକ୍ତରଖାନା ନାମରେ ବିଦିତ କଟକର ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଏକ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ଭାବେ ରୂପାନ୍ତରିତ କରାଯାଉଛି । ଗତ ୭ ବର୍ଷ ମଧ୍ୟରେ ରାଜ୍ୟରେ ନୂତନ ୮ ଟି ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ପୂର୍ବକ କାର୍ଯ୍ୟକ୍ଷମ କରାଯାଇଛି । ଫଳରେ ସମୁଦାୟ କାର୍ଯ୍ୟକ୍ଷମ ହୋଇଥିବା ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ ସଂଖ୍ୟା ୧୧ କୁ ବୃଦ୍ଧି ପାଇଛି । ଏହା ଛଡା ସରକାରଙ୍କ ପ୍ରୋତ୍ସାହନରେ ୪ଟି ଘରୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ମଧ ପ୍ରତିଷ୍ଠା ଓ କାର୍ଯ୍ୟକ୍ଷମ ହୋଇଛି । ସ୍ୱାସ୍ଥ୍ୟ ଶିକ୍ଷାର ମାନ ବୃଦ୍ଧି କରି ଏହାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ରାଜ୍ୟ ସରକାର ଚଳିତ ବର୍ଷ ସ୍ୱାସ୍ଥ୍ୟ ବିଦ୍ୟାଳୟ କାର୍ଯ୍ୟକ୍ଷମ କରାଇଛନ୍ତି ।

ସ୍ୱାସ୍ଥ୍ୟ ସେବା ରୂପାନ୍ତରଣ ଯୋଜନା ଓ ପରିଯୋଜନା ଗୁଡ଼ିକର ସମୟାନୁବନ୍ଧିତ କାର୍ଯ୍ୟାୟନ ନିମନ୍ତେ ସରକାର ବିଗତ ଆର୍ଥିକ ବର୍ଷମାନଙ୍କରେ ଲଗାତର ଭାବେ ଅଧିକରୁ ଅଧିକ ପାଣ୍ଠି ଆବଣ୍ଟନ କରିଛନ୍ତି । ୨୦୦୦-୦୧ ବର୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବଜେଟ ୫୪୯.୬୨ କୋଟି ଟଙ୍କା ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ପ୍ରାୟ ୩୦ ଗୁଣ ବୃଦ୍ଧି ପାଇ ୧୫୭୫୬ କୋଟି ଟଙ୍କାରେ ପହଞ୍ଚିଛି । ଏହି ସମୟ ଭିତରେ ମୋଟ ରାଜ୍ୟ ବଜେଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପାଇଁ ବ୍ୟୟ ବରାଦ ୨.୯୦ ପ୍ରତିଶତରୁ ଲଗାତର ଭାବେ ବୃଦ୍ଧି ପାଇ ପ୍ରାୟ ୭ ପ୍ରତିଶତରେ ପହଞ୍ଚିଛି ।



"ପ୍ରତିଟି ଜୀବନ ମୂଲ୍ୟବାନ"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

(ଖ) ବିଏସ୍‌କେୱାଇର ୨ୟ ଉପାଦାନଟି ହେଲା, ଘରୋଇ ହସ୍ପିଟାଲ ମାନଙ୍କରେ ଦେୟମୁକ୍ତ ଚିକିତ୍ସା । ଏଥିପାଇଁ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୭୦୦ଟି ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲ ରାଜ୍ୟ ସରକାରଙ୍କ ସହ ସହଭାଗିତା ସୂତ୍ରରେ ଅନୁବନ୍ଧିତ ହୋଇଛନ୍ତି ।

ଏମାନଙ୍କ ମଧ୍ୟରୁ ୫୭୩ଟି ହସ୍ପିଟାଲ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ, ଏବଂ ୧୩୭ଟି ହସ୍ପିଟାଲ ଦେଶର ଅନ୍ୟ ୧୬ଟି ରାଜ୍ୟମାନଙ୍କରେ(ଟେବୁଲ-୨) ଅବସ୍ଥିତ । ବିଶେଷତଃ ବେଶି ସଂଖ୍ୟାରେ ଓଡ଼ିଆ ଲୋକ କାରବାର କରୁଥିବା ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମ ବଙ୍ଗ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଦିଲ୍ଲୀ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ, ଉତ୍ତରାଖଣ୍ଡ, ରାଜସ୍ଥାନ, ହରିୟାଣା, ଉତ୍ତର ପ୍ରଦେଶ, ଗୁଜୁରାଟ, ତେଲେଙ୍ଗାନା ଆଦି ରାଜ୍ୟସ୍ଥିତ ସୁପର ସ୍ପେସାଲିଟି ହସ୍ପିଟାଲମାନଙ୍କୁ ବିଏସ୍‌କେୱାଇ ଅନୁବନ୍ଧିତ କରାଯାଇଛି ।

ବର୍ତ୍ତମାନ ସୁଦ୍ଧା ୯୬.୫ ଲକ୍ଷ ଆର୍ଥିକ ଦୁର୍ବଳ ବର୍ଗ ପରିବାରର ପ୍ରାୟ ୩.୫୬ କୋଟି ଲୋକଙ୍କୁ ଉପାଦାନ-୨ ରେ ସାମିଲ କରାଯାଇଛି । ଏମାନଙ୍କୁ ବାରକୋଡ୍ ଯୁକ୍ତ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ଼ ବଣ୍ଟନ କରାଯାଇଛି । କୌଣସି କାରଣରୁ କାର୍ଡ଼ ପାଇନଥିବା ବା କାର୍ଡ଼ ହରାଇଥିବା ବ୍ୟକ୍ତି ନିଜର ରାସନ୍ କାର୍ଡ଼ ଦେଖାଇ ଘରୋଇ ହସ୍ପିଟାଲମାନଙ୍କରେ ଦେୟମୁକ୍ତ ଚିକିତ୍ସା ପାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଘରୋଇ ହସ୍ପିଟାଲମାନଙ୍କରେ ରୋଗୀମାନଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ବିଏସ୍‌କେୱାଇ କାଉଣ୍ଟର ଖୋଲାଯାଇଛି । ରୋଗୀମାନଙ୍କୁ ସହଯୋଗ କରିବା ପାଇଁ ୭୩୬ ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟମିତ୍ରମାନଙ୍କୁ ନିୟୋଜନ କରାଯାଇଛି । ଅନୁବନ୍ଧିତ ହସ୍ପିଟାଲ ମାନଙ୍କରେ ରୋଗୀସେବା ନିମନ୍ତେ ଉପଲବ୍ଧ ସୁବିଧା ସୁଯୋଗ ଉପରେ ନଜର ରଖିବା ପାଇଁ ୭୬ ଜଣ ଜିଲ୍ଲା ସଂଯୋଜକ ଓ ସହ ସଂଯୋଜକ କାର୍ଯ୍ୟରତ ଅଛନ୍ତି ।




## ଡ଼ିଜିଟାଇଜ୍‌ଡ଼୍ ସ୍ୱୟଂକ୍ରିୟ ପ୍ରକ୍ରିୟା

ସମୁଦାୟ ବ୍ୟବସ୍ଥାକୁ ଡ଼ିଜିଟାଇଜ୍‌ଡ଼୍ କରି ସଫ୍ଟୱେୟାର ଦ୍ୱାରା ଅନଲାଇନ୍ ନେଟୱାର୍କ ସହ ସଂଯୋଜିତ କରାଯାଇଛି ଯେପରିକି ଜଣେ ଯୋଗ୍ୟ ବ୍ୟକ୍ତି ଯେକୌଣସି ସମୟରେ ଅନୁବନ୍ଧିତ ହସ୍ପିଟାଲରେ ପହଞ୍ଚି ଦେୟମୁକ୍ତ ଚିକିତ୍ସା ପାଇ ପାରିବେ । ରୋଗୀଙ୍କର ଡ଼ାକ୍ତରଖାନାରେ ଭର୍ତ୍ତି (ଆଡମିସନ୍), ଅର୍ଥ ଅନୁମୋଦନ, ଅସ୍ତ୍ରୋପଚାର, ଚିକିତ୍ସା, ଔଷଧ ଯୋଗାଣ ଓ ବିଲ୍ ପୈଠ ଆଦି ସମସ୍ତ ଆବଶ୍ୟକତାକୁ ବିଏସ୍‌କେୱାଇ ସଫ୍ଟୱେୟାରରେ ଉଭୟ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ରୋଗୀମାନଙ୍କ ନିମନ୍ତେ ସୁଗମ ଓ ସ୍ୱୟଂକ୍ରିୟ କରାଯାଇଛି ।

ଜନସାଧାରଣଙ୍କ ଅବଗତି ନିମନ୍ତେ ବିଏସ୍‌କେୱାଇ ସମ୍ବନ୍ଧିତ ସମସ୍ତ ସୂଚନାକୁ ଇଣ୍ଟରନେଟ୍ ପୋର୍ଟାଲ୍ ମାଧ୍ୟମରେ ସାର୍ବଜନୀନ କରାଯାଇଛି । ଜଣେ ବ୍ୟକ୍ତି ଯେକୌଣସି ସ୍ଥାନରୁ




www.bsky.odisha.gov.in ପୋର୍ଟାଲ୍ କୁ ଯାଇ ଆବଶ୍ୟକୀୟ ସୂଚନା ଯଥା-ଅନୁବନ୍ଧିତ ହସ୍ପିଟାଲ ମାନଙ୍କର ନାମ ଓ ଠିକଣା, କାର୍ଡ଼ ସମ୍ବନ୍ଧିତ ସାଧାରଣ ପ୍ରଶ୍ନ ଓ ତାହାର ସମାଧାନ ଆଦି ପାଇପାରିବେ ।

## ଅଭୂତପୂର୍ବ ଲୋକପ୍ରିୟତା

ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗୃହୀତ କ୍ଷେତ୍ରଭିତ୍ତିକ ତଥ୍ୟାନୁସାରେ ବିଏସ୍‌କେୱାଇ ଉପରେ ଲୋକଙ୍କର ଭରଷା ଓ ନିର୍ଭରଶୀଳତା ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି । ଯୋଜନାର କାର୍ଯ୍ୟାନ୍ୱୟନ ବିଷୟରେ ଲୋକ ମାନଙ୍କର ସନ୍ତୋଷ ହାର ୯୮ ପ୍ରତିଶତରେ ପହଞ୍ଚିଛି । ଗତ ୫ ବର୍ଷ ମଧ୍ୟରେ ଅନୁବନ୍ଧିତ ଘରୋଇ ହସ୍ପିଟାଲ ମାନଙ୍କରେ ଦେୟମୁକ୍ତ ଚିକିତ୍ସା ପାଇଥିବା

ଟେବୁଲ୍-୩; ୫ ବର୍ଷ ମଧ୍ୟରେ ସ୍ମାର୍ଟ କାର୍ଡ ମାଧ୍ୟମରେ ଚିକିତ୍ସା

| ଆର୍ଥିକ ବର୍ଷ | ଚିକିତ୍ସିତଙ୍କ ସଂଖ୍ୟା | ଚିକିତ୍ସା ମୂଲ୍ୟ (କୋଟି ଟଙ୍କାରେ) |
|---|---|---|
| ୨୦୧୯-୨୦ | ୫୧୮୫୮ | ୩୯.୦୪ |
| ୨୦୨୦-୨୧ | ୪୯୩୫୦ | ୭୪.୯ |
| ୨୦୨୧-୨୨ | ୧୯୬୦୭୪ | ୩୮୩.୧୪ |
| ୨୦୨୨-୨୩ | ୮୨୭୧୬୨ | ୧୯୦୫.୦୫ |
| ୨୦୨୩-୨୪ ଅଗଷ୍ଟ ୧୫ ପର୍ଯ୍ୟନ୍ତ | ୪୨୯୩୨୭ | ୯୫୦.୨୫ |
| ୨୦୨୨-୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ | ୨୧୪୫୩୦ | ୪୭୨.୯୬ |

ବିଏସ୍‌କେୱାଇ କାର୍ଡ଼ଧାରୀ ବ୍ୟକ୍ତି ମାନଙ୍କ ସଂଖ୍ୟା (ଟେବୁଲ-୩)ରୁ ସ୍ପଷ୍ଟ ହୁଏ ଯେ ଏହି ଯୋଜନାର ଗ୍ରହଣୀୟତା ଏବଂ ଲୋକପ୍ରିୟତା ବହୁ ପରିମାଣରେ ବୃଦ୍ଧି ପାଇଛି । ଅନୁରୂପ ଭାବେ ଲୋକ ମାନଙ୍କର ଚିକିତ୍ସା ବାବଦ ଦେୟ ମଧ ସରକାର ବଢାଇଛନ୍ତି । ୨୦୨୦-୨୧ ଆର୍ଥିକ ବର୍ଷ ତୁଳନାରେ ୨୦୨୧-୨୨ ବର୍ଷରେ ୨୯୮ ପ୍ରତିଶତ ଅଧିକ ଲୋକ ଦେୟମୁକ୍ତ ଚିକିତ୍ସା ଲାଭ କରିଥିବା ବେଳେ ୨୦୨୨-୨୩ ବେଳକୁ ଏହି ବାର୍ଷିକ ବୃଦ୍ଧି ୩୨୧ ପ୍ରତିଶତରେ ପହଞ୍ଚିଗଲା ।

ଚିତ୍ର-୧ରୁ ସ୍ପଷ୍ଟ ହୁଏ ଯେ ୨୦୨୩-୨୪ ଆର୍ଥିକ ବର୍ଷ ଅଗଷ୍ଟ ୧୫ ସୁଦ୍ଧା ପ୍ରାୟ ୪୨.୯୩ ଲକ୍ଷ ଲୋକ ବିଏସ୍‌କେୱାଇ ସୁବିଧା ନେଇଛନ୍ତି ଯାହାକି ଗତବର୍ଷର ସେହି ସମୟ ତୁଳନାରେ ୧୦୦.୧୨ ପ୍ରତିଶତ ଅଧିକ । ୨୦୧୯-୨୦ ବର୍ଷରୁ




ଚଳିତ (୨୦୨୩-୨୪) ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସମୁଦାୟ ୧୫,୫୩,୭୬୧ ଲକ୍ଷ ଲୋକ ସୁପର ସ୍ପେସାଲିଷ୍ଟ ଘରୋଇ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇଛନ୍ତି ଏବଂ ଏହି ବାବଦରେ ରାଜ୍ୟ ସରକାର ପ୍ରାୟ ୩୩୫୩.୪୦ କୋଟି ଟଙ୍କା ବିନିଯୋଗ କରିଛନ୍ତି ।

## ଲୋକମତରେ ବିଏସ୍‌କେୱାଇ

ବିଏସ୍‌କେୱାଇର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ବିଷୟରେ ଲୋକଙ୍କ ମତାମତ ସଂଗ୍ରହ କରି ତଦନୁଯାୟୀ ଏଥିରେ କ୍ରମାଗତ ଉନ୍ନତି ଆଣିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଆନୁଷ୍ଠାନିକ ବ୍ୟବସ୍ଥା କରାଯାଇଛି । ବିଏସ୍‌କେୱାଇକୁ ୫-ଟି ଢାଞ୍ଚାରେ କାର୍ଯ୍ୟକାରୀ କରାଯିବା ସହ ମୋ ସରକାର ଅନ୍ତର୍ଭୁକ୍ତ କରାଯାଇଛି । ଗତ ଜାନୁୟାରୀ ୧୭ ତାରିଖରେ ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମୋ ସରକାରରେ ସଂଗୃହିତ ଲୋକମତର ପ୍ରତ୍ୟକ୍ଷ ସମୀକ୍ଷାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ବିଏସ୍‌କେୱାଇ ବିଷୟରେ ସର୍ବାଧିକ ଜନସନ୍ତୁଷ୍ଟି ପ୍ରକଟିତ ହୋଇଥିଲା । "ମୋ ସରକାର" ଓ ୧୦୪ କଲ୍ ସେଣ୍ଟର୍ ମାଧ୍ୟମରେ ସଂଗୃହିତ ୩.୭୭ କୋଟି ଲୋକମତ ମଧ୍ୟରୁ ୯୮ ପ୍ରତିଶତରୁ ଅଧିକ ଲୋକ ଉତ୍ତମ ସେବା ପ୍ରାପ୍ତିର ସ୍ୱୀକୃତି ପ୍ରକାଶ କରିଥିଲେ ।



### ବିଏସ୍‌କେୱାଇର କାର୍ଯ୍ୟାୟନ ବିଷୟରେ କ୍ଷେତ୍ରସ୍ତରରୁ ନମୁନାତ୍ମକ ପ୍ରକ୍ରିୟାରେ ଚୟନ ହୋଇଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ମତ ଦେଇଛନ୍ତି



ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ କମିରା ଗ୍ରାମର ସୁନୀଲ କୁମାର ସାହୁ କହନ୍ତି - ମୁଁ ପ୍ରାଇଭେଟ୍ ଟ୍ୟୁସନ୍ କରି ଘର ଚଳାଏ । ବିଏସ୍‌କେୱାଇ କାର୍ଡ଼ ଥିବାଯୋଗୁ ମୋ ମା'ଙ୍କର ବେଙ୍ଗାଲୁରୁ ଫୋର୍ଟିସ୍ ହସ୍ପିଟାଲରେ ମାଗଣା ଚିକିତ୍ସା ହେଲା । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆମେ କୃତଜ୍ଞ ।



କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗଉଡଗାଁ ଗ୍ରାମର ସଞ୍ଜୟ ସ୍ୱାଇଁ କହନ୍ତି- ବିଏସ୍‌କେୱାଇ କାର୍ଡ଼ ଯୋଗୁ କୋଲକତାର ରବୀନ୍ଦ୍ର ନାଥ ଠାକୁର ନାରାୟଣ ହୃଦୟାଳୟରେ ମୋର ମାଗଣା ଚିକିତ୍ସା ହେଲା । ମୁଖ୍ୟମନ୍ତ୍ରୀଙ୍କୁ କୋଟି କୋଟି ପ୍ରଣାମ ।



ପୁରୀ ଜିଲ୍ଲା ଅନ୍ତର୍ଗତ ବଡ଼ମାଛପୁର ଗ୍ରାମର ସମିନା ବିବି କହନ୍ତି - ବିଜୁ ସାସ୍ଥ୍ୟ କଲ୍ୟାଣ ଯୋଜନା ଯୋଗୁ ମୋ ପୁଅ ମହମ୍ମଦ୍‌ର ଭୁବନେଶ୍ୱର ସ୍ଥିତ ଲେଜର ଇଏନଟି ହସ୍ପିଟାଲରେ ମାଗଣା ଚିକିତ୍ସା ହେଲା । ଏଥିପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି ।



କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ କେସିଙ୍ଗା ଗ୍ରାମର ନିରୁପମା ସାହୁ କହନ୍ତି – ଓଡ଼ିଶା ସରକାରଙ୍କ ବିଏସ୍‌କେୱାଇ କାର୍ଡ଼ ଯୋଗୁ ଭୁବନେଶ୍ୱର ସ୍ଥିତ କଳିଙ୍ଗ ହସ୍ପିଟାଲରେ ମୋ ସାମୀଙ୍କର ହାର୍ଟ ଅପରେସନ୍ ବିନା ମୂଲ୍ୟରେ ହେଲା । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆମ ପରିବାର ଚିରଋଣୀ ।



ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କ୍ରିଷ୍ଣନଗର ଗ୍ରାମର ବିଜୟ ଡାଲ କହନ୍ତି - ବିଏସ୍‌କେୱାଇ କାର୍ଡ଼ ଯୋଗୁ ବିଶାଖାପାଟଣାର ମେଡିକଭର୍ ହସ୍ପିଟାଲରେ ମୋ ବଡ ଭାଇଙ୍କର କିଡନୀ ଚିକିତ୍ସା ମାଗଣାରେ ହେଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୋଟି ଜୁହାର ।



କେନ୍ଦୁଝର ଜିଲ୍ଲା ରିମୁଳି ଗ୍ରାମର ଦୁଷ୍ମନ୍ତ ସାହୁ କହନ୍ତି – ମୁଁ ଜଣେ ସାଧାରଣ ଚାଷୀ । ମୋର ହାର୍ଟ ଖରାପ ଜାଣିବା ପରେ ଉପାୟ ଶୂନ୍ୟ ହୋଇପଡ଼ିଲି । ବିଏସ୍‌କେୱାଇ କାର୍ଡ଼ ଯୋଗୁ ଭୁବନେଶ୍ୱର ସ୍ଥିତ ବ୍ଲୁ ହୁଇଲ ହସ୍ପିଟାଲରେ ମୋର ମାଗଣା ଅପରେସନ୍ ହେଲା । ନବୀନ ପଟ୍ଟନାୟକଙ୍କୁ କୋଟି ପ୍ରଣାମ ।

ଉପରୋକ୍ତ ତଥ୍ୟ ଓ ଅନୁଶୀଳନରୁ ସ୍ପଷ୍ଟ ହୁଏ ଯେ ବିଏସ୍‌କେୱାଇ ଏକ ଅନନ୍ୟ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଜନା । ପାରମ୍ପରିକ ସ୍ୱାସ୍ଥ୍ୟ-ବୀମା ରୀତି(ମଡ଼େଲ)ରୁ ଭିନ୍ନ ଏହି ଯୋଜନା ସ୍ୱାସ୍ଥ୍ୟ-ପ୍ରତିଶୃତି ପଦ୍ଧତି ଉପରେ ପର୍ଯ୍ୟବସିତ । ଓଡ଼ିଶା ସରକାରଙ୍କର ଏହି ଅଭିନବ ଯୋଜନା ଉତ୍କଳମାନର ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣରେ ଏକ ସଫଳ ପଥ-ପ୍ରଦର୍ଶକ ।

ଡ଼ଃ ଉମାକାନ୍ତ ମହାପାତ୍ର
ଷଣ୍ଢପୁର, କଟକ, ମୋ: ୮୮୯୫୮୧୯୭୧୦

OIPR-10001/13/0087/2324

> ଭାରତରେ ସଂଘବଦ୍ଧ ଜୀବନର ଥିଲା ତିନୋଟି ଦୁର୍ଗ। ଗ୍ରାମ୍ୟ ଗୋଷ୍ଠୀ ବୃହତ୍ତର ଯୌଥ ପରିବାର– ଏବଂ ସନ୍ନ୍ୟାସୀ–ଆଶ୍ରମ। ଏବେ ସାମାଜିକ ଜୀବନର ଅହଂପ୍ରତିଷ୍ଠ ବ୍ୟବସ୍ଥାର ପ୍ରଚଳନ ଫଳରେ ସେ ତିନୋଟିଯାକ ଦୁର୍ଗ ଭାଙ୍ଗିଯାଇଛି କିମ୍ୱା ଭାଙ୍ଗିବାର ଉପକ୍ରମ କରୁଛି। କିନ୍ତୁ ଏହା ମଧ୍ୟ କ୍ୟଣ ଏକ ପ୍ରୟାସ ନୁହେଁ, ଯାହାଫଳରେ ଏସବୁ ଅସମ୍ପୂର୍ଣ୍ଣ ଆଦର୍ଶ ଭାଙ୍ଗିଦେଇ ଏକ ବୃହତ୍ତର ଦିବ୍ୟତର ସମଷ୍ଟି–ତନ୍ତ୍ର ଆଡ଼କୁ ଅଗ୍ରଗତି କରିବା ? –ଶ୍ରୀଅରବିନ୍ଦ



# ସ୍ଲୋଗାନରୁ କ'ଣ ମିଳିବ



ଆକାର ପଟେଲ

ବିଶ୍ୱର ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ଆମେରିକାର ମୋଟ ଘରୋଇ ଉତ୍ପାଦ (ଜିଡିପି)୨୬ ବିଲିୟନ ଡଲାର। ଆମେରିକା ପଛକୁ ଦ୍ୱିତୀୟରେ ଅଛି ଚାଇନା(୧୯ ବିଲିୟନ ଡଲାର)। ତୃତୀୟରେ ଜାପାନ(୪.୪ ବିଲିୟନ ଡଲାର), ଚତୁର୍ଥରେ ଜର୍ମାନୀ(୪.୩ ବିଲିୟନ ଡଲାର) ଏବଂ ପଞ୍ଚମରେ ଭାରତ(୩.୭ ବିଲିୟନ ଡଲାର)। ଗତ ମାସରେ ଗୁଜରାଟରେ ଅନୁଷ୍ଠିତ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କହିଥିଲେ, ତାଙ୍କ ତୃତୀୟ ପାଳି ଅର୍ଥାତ୍ ୨୦୨୪ରୁ ୨୦୨୯ ମଧ୍ୟରେ ଭାରତ ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବ। ଏହା ଘଟିବ ବୋଲି ସେ ଏକ 'ମୋଦି ଗ୍ୟାରେଣ୍ଟି' ଦେଲେ। ମେରେ ହିନ୍ଦୁ ବିଜ୍‌ନେସ୍‌ଲାଇନ ଏକ ଶୀର୍ଷକ ପ୍ରକାଶ କରିଥିଲା, ଯାହା ଥିଲା '୨୦୨୨ ପର୍ଯ୍ୟନ୍ତ ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ କ୍ଷେତ୍ରରେ ଭାରତଠାରୁ ବାଂଲାଦେଶ ଆଗରେ ରହିଛି'। ଏଥିରେ ଦର୍ଶାଯାଇଥିଲା ଯେ, ୨୦୧୯ରେ ବାଂଲାଦେଶର ମୁଣ୍ଡପିଛା ଜିଡିପି ଭାରତକୁ ଟପିଯାଇଥିଲା। ଖୁବ୍ ଶୀଘ୍ର ଭାରତ ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବ ଏବଂ ମୁଣ୍ଡପିଛା ଜିଡିପିରେ ବାଂଲାଦେଶ ପଛରେ ଭାରତ ରହିଛି ବୋଲି ଯାହା କୁହାଯାଉଛି ତାହା ସବୁ ସତ। ଯଦି ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବାର ଲକ୍ଷ୍ୟ ହାସଲ ହୁଏ ତେବେ ତାହାର ମାନେ କ'ଣ ? ଜର୍ମାନୀର ଜନସଂଖ୍ୟା ୮ କୋଟି ହୋଇଥିବାବେଳେ ଭାରତର ଏହା ୧୪୦ କୋଟି। ଗୋଟିଏ ସମୟରେ ଆମେ ଯେତେବେଳେ ଜର୍ମାନୀ ସହ ସମାନ ହେବା କିମ୍ୱା ତାକୁ ଟପିଯିବା ସେତେବେଳେ ଜର୍ମାନୀର ଜଣେ ବ୍ୟକ୍ତିଙ୍କ ଅବଦାନ ଜିଡିପିରେ ଯାହା ରହିବ ତାହାକୁ ୧୭ ଜଣ ଭାରତୀୟ ସୃଷ୍ଟି କରିବେ। ତଥାପି ସେତେବେଳେ ଭାରତୀୟ ବାଂଲାଦେଶୀଙ୍କଠାରୁ ଗରିବ ରହିବେ। ତେବେ ଆଉ ଏକ କାହାଣୀ ଦେଖିବା ଯାହା 'ଭାରତ ଜିତୁଛି' କିନ୍ତୁ 'ଭାରତ ହାରୁଛି'ର ବିଚାରଧାରା ଉପରେ ଅନୁଧ୍ୟାନକରେ। କାନାଡାର ଜଣେ ନାଗରିକଙ୍କୁ ଭାରତ ହତ୍ୟା କରିଛି ବୋଲି ଯେଉଁ ଅଭିଯୋଗ ହେଉଛି ତାହାକୁ ନେଇ ଭାରତ କ୍ରୋଧିତ ହୋଇଛି। ଭାରତ ସରକାର ଦେଶରୁ କାନାଡାର ୪୧ ଜଣ କୂଟନୀତିଜ୍ଞଙ୍କୁ ହଟାଇନେବା ଲାଗି କହିଛି। କାନାଡାରେ ଆମର ୨୧ ଜଣ କୂଟନୀତିଜ୍ଞ ଥିବାବେଳେ ଏଠାରେ କାନାଡାର ରହିଛନ୍ତି ୬୨। ଏଣୁ ଅଧିକ ୪୧ ଜଣଙ୍କୁ ଫେରାଇ ନେବାକୁ ହେବ। ଏହି କୂଟନୀତିଜ୍ଞମାନେ ମଧ୍ୟ ଭାରତ ଛାଡ଼ିବା ଆରମ୍ଭ କରିଦେଲେଣି। କାନାଡାର କୂଟନୀତିଜ୍ଞମାନେ ଦେଶ ଛାଡ଼ି ଚାଲିଗଲେ କେବଳ ଭାରତୀୟମାନେ ପ୍ରଭାବିତ ହେବେ। କାନାଡାକୁ ଭାରତରୁ ଅଧିକ ସଂଖ୍ୟକ ଛାତ୍ର ପଢ଼ିବାକୁ ଯାଉଛନ୍ତି। ଏବେ କାନାଡାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୨,୩୦,୦୦୦ ଭାରତୀୟ ଛାତ୍ର ପଢୁଛନ୍ତି। ଭାରତରେ କମ୍ ସଂଖ୍ୟକ କୂଟନୀତିଜ୍ଞ ରହିଲେ ଛାତ୍ରମାନେ ଭିଜା ପାଇବା ଓ ତାହାର ଅବଧିକୁ ବଢ଼ାଇବା କଷ୍ଟକର ହୋଇଯିବ। ଉଲ୍ଲେଖନୀୟ ଯେ, ୨୦୨୨ରେ ଭାରତର ୧.୮୫ ଲକ୍ଷ ଛାତ୍ରଙ୍କୁ କାନାଡା ଭିଜା ପ୍ରଦାନ କରିଥିଲା।

୨୦୨୨ରେ ଛାତ୍ରମାନଙ୍କ ବ୍ୟତୀତ ୫.୮୪ ଲକ୍ଷ ଅନ୍ୟ ଭାରତୀୟ ମଧ୍ୟ କାନାଡା ଯାଇଥିଲେ। ସେହି ତୁଳନାରେ କାନାଡାର ପାଖାପାଖି ୩.୫ ଲକ୍ଷ ଲୋକ ପ୍ରତିବର୍ଷ ଭାରତକୁ ଆସନ୍ତି। ପ୍ରାୟତଃ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ। କାନାଡା ଏଠାରେ ଅଧିକ କୂଟନୀତିଜ୍ଞ ରଖିବା ପଛରେ ଏକ କାରଣ ଥିଲା। କିନ୍ତୁ ଆମେ ସେ ବିଷୟରେ ଚିନ୍ତା କରୁନାହୁଁ, କାରଣ ଆମେ ଭାରତୀୟଙ୍କ ତୁଳନାରେ ଦେଶ ଆଗ ବୋଲି ବିଚାର କରୁଛୁ। ଜନଗଣଙ୍କଠାରୁ ଦେଶ ଆଗରେ ରହିବା ଉଚିତ –ଏହି ବିଚାର ଉପରେ ଆର୍‌ଏସ୍‌ଏସ୍ ଏବଂ ଜନସଂଘ ନେତା ଦୀନ୍‌ଦୟାଲ ଉପାଧ୍ୟାୟ ତାଙ୍କର ୪ଟି ଅଭିଭାଷଣରେ ଜୋର ଦେଇଛନ୍ତି। ଏଗୁଡ଼ିକ 'ଇଣ୍ଟିଗ୍ରାଲ୍ ହ୍ୟୁମାନିଜମ' ପୁସ୍ତକରେ ପ୍ରକାଶପାଇଛି। ସେ ଭାରତ ମହାନ୍ ହେବା ଲାଗି ଚାହିଁଛନ୍ତି, କିନ୍ତୁ ଏହା କିପରି ହେବ ସେ ସମ୍ପର୍କରେ କିଛି ପ୍ରକାଶ କରିନାହାନ୍ତି। 'ଭାରତ ମାତାକୀ ଜୟ' ସ୍ଲୋଗାନ ଦେବା ଗୋଟିଏ କାମ ଭଳି ଜଣାପଡୁଛି ଯେଉଁଠିକୁ ସେ ଆମକୁ ନେବାକୁ ଚାହୁଁଛନ୍ତି। ସ୍ଲୋଗାନ ଦେଇ କ'ଣ ହାସଲ କରିବା ? ସ୍ଲୋଗାନ ଦେବା କିଭଳିଆ ବିଜୟ ଓ ଭାରତ ଜିତିଛି ବୋଲି କେମିତି ଜାଣିବା ? ଏହି ସବୁ ପ୍ରଶ୍ନର ଉତ୍ତର 'ଇଣ୍ଟିଗ୍ରାଲ୍ ହ୍ୟୁମାନିଜମ'ରେ ଦିଆଯାଇ ନାହିଁ। ବାସ୍ତବରେ ଏହିସବୁ ପ୍ରଶ୍ନଗୁଡ଼ିକ ପଚରାଯାଉ ନାହିଁ। ଉପାଧ୍ୟାୟ ଏବଂ ଏବକାର ହିନ୍ଦୁତ୍ୱ ସପକ୍ଷବାଦୀ ଅନୁଭବ କରିଥିବା ତୀବ୍ର ଭାବାବେଗକୁ କେହି ବି ଅନୁଭବ କରିପାରିବ। ଏହା ସତ ଯେ, ଅନେକଙ୍କୁ ବହୁ ସମୟରେ ପ୍ରେରିତ କରାଯାଇଛି। କେଉଁ ଲକ୍ଷ୍ୟ ହାସଲ ପାଇଁ ଏଭଳି କରାଯାଉଛି ? ଇଣ୍ଟିଗ୍ରାଲ୍ ହ୍ୟୁମାନିଜମକୁ ଭାଜପା ତାହାର ମୌଳିକ ବିଚାରଧାରା ଭାବେ ବର୍ଣ୍ଣନାକରି ଶେଷରେ ଯାହା ହାସଲ କରିବାକୁ ଚାହୁଁଛି ତାହା ବାସ୍ତବରେ କ'ଣ ?

ଭାରତରେ ସମସ୍ୟାଗୁଡ଼ିକ ହେଉଛି ଭୌତିକ। ଭାରତରେ ଧର୍ମ ଓ ଅଧ୍ୟାତ୍ମବାଦ ଅବିକଶିତ ସ୍ତରରେ ନାହିଁ। ଏହିସବୁ ବିଷୟରେ ଆମେ ବିଶ୍ୱଗୁରୁ ହୋଇପାରୁ। କିନ୍ତୁ ଯାହା ଅବିକଶିତ ରହିଛି ତାହା ହେଉଛି ଅର୍ଥ ବ୍ୟବସ୍ଥା ଓ ଆଇନର ଶାସନ। ଦେଶର କଲ୍ୟାଣ ଗୁରୁତ୍ୱପୂର୍ଣ୍ଣ ଓ ଏହା ଲୋକଙ୍କ କଲ୍ୟାଣକୁ ବୁଝାଏ। ଏହା ଲୋକଙ୍କ ମଙ୍ଗଳ ଦ୍ୱାରା ମୂଲ୍ୟାୟନ କରାଯାଏ, ଯାହା ରହିଛି ଶିଶୁ ମୃତ୍ୟୁହାର ଓ ଲିଙ୍ଗଗତ ଅନୁପାତରେ, ମାନବ ବିକାଶ ସୂଚକାଙ୍କ ଏବଂ ମୁଣ୍ଡପିଛା ଜିଡିପି ଓ ମଧ୍ୟମ ଆୟ, ନୋବେଲ ପୁରସ୍କାର, ବୈଜ୍ଞାନିକ ଆବିଷ୍କାର ଏବଂ ପରୋପକାରୀ ଯୋଗଦାନରେ। ଭାରତକୁ ସେଠାରେ ପହଞ୍ଚାଇବା ଲାଗି ଇଣ୍ଟିଗ୍ରାଲ୍ ହ୍ୟୁମାନିଜମରେ କୌଣସି ରୂପରେଖ ନାହିଁ କିମ୍ୱା ତାହା ହାସଲ କରିବା ଲାଗି କୌଣସି ଇଚ୍ଛାଶକ୍ତିର ଅଭିବ୍ୟକ୍ତି ନାହିଁ। ତାଙ୍କ ଲେଖାରେ ଏସବୁ ଅପ୍ରାସଙ୍ଗିକ ହୋଇଛି। ଉପାଧ୍ୟାୟଙ୍କ ଆଗ୍ରହ କାଳ୍ପନିକ ଅସ୍ତିତ୍ୱରେ ରହିଛି। ବିବିଧ ବିଶ୍ୱାସ, ସମ୍ପ୍ରଦାୟ, ଭାଷା ଭରା ଦେଶ ବାସ୍ତବରେ ଉପାଧ୍ୟାୟଙ୍କ କଳ୍ପିତ ଭାରତ ନୁହେଁ। ଏହା ଏକ ରଚନା ଓ ମନଗଢ଼ା ମାତ୍ର। ଭାରତମାତା ଭୂରାଜନୈତିକ ସ୍ତରର ଏକ ମାନବରୂପୀ ଛବି, କାଳ୍ପନିକ ମ୍ୟାପ ଓ ଏକ ବିଚାର।

ମହାନ୍ ଭାରତ ବୋଲି ଯାହା ଆଶା କରାଯାଇଛି ତାହା ଏକ ଅବାସ୍ତବତା। ଆଜି ଭାରତରେ ଥିବା ପ୍ରକୃତ ଲୋକ ଏବଂ ସଂସ୍କୃତି କେବଳ ମହାନ୍ ଦେଶ ଲାଗି ଉପଯୋଗୀ ହେବେ। ମହାନତା ହାସଲ କରିବାରେ ସେମାନେ ସାହାଯ୍ୟ କଲେ ହିଁ ତାହା ସମ୍ଭବ ହୋଇପାରିବ। ଜର୍ମାନୀଠାରୁ ଆଗକୁ ଯିବାକୁ ଥିବା ଭାରତ ପାଇଁ ଗର୍ବ କରାଯାଉଥିବାବେଳେ ବାଂଲାଦେଶୀଙ୍କ ପଛରେ ଭାରତୀୟମାନେ ରହିଥିବା ବିଷୟକୁ ଏଡ଼ାଇ ଦିଆଯାଇପାରୁଛି।

Email:aakar.patel@gmail.com

# ଅସୁସ୍ଥ ରାଜନୀତି



ମାୟାଧର ନାୟକ

ଗୌତମ ବୁଦ୍ଧଙ୍କଠାରୁ ମହାତ୍ମା ଗାନ୍ଧୀଙ୍କ ପର୍ଯ୍ୟନ୍ତ ସମସ୍ତେ ହିଂସାହୀନ ବିଶ୍ୱ ଚାହୁଁଥିଲେ।

ବୌଦ୍ଧଧର୍ମ ଏକ ଜୀବନ୍ତ ଧର୍ମ ଭାବେ ପୃଥିବୀରେ ପରିବ୍ୟାପ୍ତ ହୋଇ ରହିଛି। ଏହି ମହାନ୍ ବିଚାର ଭାରତରୁ ଉଦ୍ଭବ ହୋଇ ସମଗ୍ର ବିଶ୍ୱରେ ପ୍ରଚାରିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ବିଚାରଠାରୁ ଦୂରେଇଯିବାରୁ ଆଜି ଦେଶରେ ଘୃଣା, ଦ୍ୱେଷ, ହିଂସା, ପରଶ୍ରୀକାତରତା, ହୀନମନ୍ୟତା ଆଦି ବିସ୍ତାରିତ ହେଉଛି। ଫଳତଃ ଦେଶ ଧୀରେ ଧୀରେ ନିମ୍ନାଭିମୁଖୀ ହୋଇ ମଣିଷପଣିଆ ହରାଇ ଚାଲିଛି। ପୃଥିବୀରେ ଯେତେ ଧର୍ମ ଅଛି, ସବୁ ଧର୍ମରେ ମାନବସମାଜର ସୁଖ ଶାନ୍ତି ମୈତ୍ରୀ ମୂଳମନ୍ତ୍ର। ଏ ମନ୍ତ୍ର ଭୁଲି ବର୍ତ୍ତମାନ ସମଗ୍ର ବିଶ୍ୱରେ ଧର୍ମ ନାଁରେ ଅଧର୍ମ ବଢ଼ିଚାଲିଛି। କିଛି ଶାସକ କ୍ଷମତାଲୋଭରେ ସାଧାରଣ ଲୋକଙ୍କୁ ଧର୍ମ ଭିତରେ ବୁଡେଇ ରଖୁଛନ୍ତି। ଧର୍ମକୁ ରାଜନୀତି ସହ ଯୋଡ଼ି କ୍ଷମତା ହାସଲ କରୁଛନ୍ତି। ବିଶ୍ୱର ବିଶିଷ୍ଟ ସମାଜବିଜ୍ଞାନୀ କାର୍ଲମାର୍କ୍ସ କହିଥିଲେ– 'ଧର୍ମ ହେଉଛି ମାନବସମାଜ ପାଇଁ ଅଫିମ ସଦୃଶ।' ମଣିଷ ଥରେ ଅଫିମ ଖାଇଲେ ଅଭ୍ୟାସରେ ପଡ଼ିଯାଏ। ସେଇଭଳି ବିଭିନ୍ନ ଧର୍ମ ସେ ଦେଶର ଲୋକମାନଙ୍କ ପାଖରେ ଅଫିମ ସଦୃଶ। ଏବେ ୱାର୍ଲ୍ଡ ହାପିନେସ୍ ଇଣ୍ଡେକ୍ସରେ ଜଣାପଡ଼ିଛି ଯେ, ଭାରତର ସ୍ଥାନ ୧୪୬ ମଧ୍ୟରୁ ୧୩୬। ଅର୍ଥାତ୍ ଆମେ ଦୁଃଖୀ ଭାରତୀୟ। ଧର୍ମକୁ ଯେଉଁମାନେ ବେଶି ଜାବୁଡ଼ି ଧରିଛନ୍ତି ସେଇ ଦେଶଗୁଡ଼ିକ ଦୁଃଖୀ। ଆଜି ଏଭଳି ଏକ ଘୋର ସଂକଟକାଳରେ ବୌଦ୍ଧଧର୍ମ ଓ ଗାନ୍ଧୀ ବିଚାରଧାରା ଆବଶ୍ୟକ। ସମତା, ସ୍ୱତନ୍ତ୍ରତା, ବନ୍ଧୁତା, ନ୍ୟାୟ, ଦୟା, କ୍ଷମା, ପ୍ରଜ୍ଞା, ଶୀଳ, କରୁଣା ଭଳି ଗୁଣକୁ ଅଭ୍ୟାସକରି ଏକ ଭୋକ–ରୋଗମୁକ୍ତ ସୁସ୍ଥ ସମାଜ ସମଗ୍ର ବିଶ୍ୱରେ ଗଢ଼ି ତୋଳିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି।

ଆମେସବୁ ହତଭାଗ୍ୟ ଭାରତୀୟ! ଆମ ଜାତିର ପିତାଙ୍କୁ ମଧ୍ୟ ହତ୍ୟା କରିପାରୁ। ଦେଶ ସ୍ୱାଧୀନ ହେବା ପୂର୍ବରୁ ସାମ୍ପ୍ରଦାୟିକ ଦଙ୍ଗା, ହିଂସା ଲାଗିଯାଇଥିଲା। ଗାନ୍ଧିଜୀ ଦଙ୍ଗା, ହିଂସା ବନ୍ଦ କରିବାକୁ ଆପ୍ରାଣ ଉଦ୍ୟମ କରିଛନ୍ତି। ସଂଖ୍ୟାଲଘୁମାନଙ୍କ ସୁରକ୍ଷା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି। ଦେଶ ବିଭାଜନ ଚାହିଁ ନ ଥିଲେ ଗାନ୍ଧିଜୀ। ଧର୍ମ ଧର୍ମ ମଧ୍ୟରେ ହିଂସା, ରକ୍ତପାତକୁ ଏଡ଼େଇବାକୁ ଗାନ୍ଧୀ ଶେଷଜୀବନ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। କୌଣସି ଧର୍ମ ହଣାହଣି କରି ଆଗକୁ ବଢ଼ିପାରେନା। ମନେରଖିବାକୁ ହେବ ଯେ ହିନ୍ଦୁ, ମୁସଲିମ୍, ଶିଖ୍, ଖ୍ରୀଷ୍ଟିଆନ୍, ବୌଦ୍ଧଧର୍ମ ପ୍ରମୁଖ ମଣିଷର ମୁକ୍ତିପାଇଁ। ଏ ବିଶ୍ୱରେ ବିଭିନ୍ନ ଧର୍ମରେ ଲୋକେ ବିଶ୍ୱାସୀ। ସେଥିପାଇଁ ଗାନ୍ଧିଜୀ ସର୍ବଧର୍ମ ସମନ୍ୱୟରେ ସମସ୍ତେ ନିଜନିଜ ମତାନୁଯାୟୀ ଧର୍ମପାଳନ କରନ୍ତୁ। କେହି କାହାକୁ ହିଂସା, ପ୍ରଲୋଭନ, ଜବରଦସ୍ତ ଧର୍ମାନ୍ତରୀକରଣ ନ କରନ୍ତୁ। ଏବେ ଧର୍ମର ସାରମର୍ମ ବୁଝି ନ ପାରି ଧର୍ମ–ଧର୍ମ ମଧ୍ୟରେ ହିଂସା ବଢ଼ିଚାଲିଛି। ଏ ହିଂସାକୁ ପୌରାଣିକ ଗଳ୍ପ ରାସ୍ତା ଦେଖାଇନାହିଁ। ଆକ୍ସନ୍ ମୁଭିରେ ହିଂସା ଦୃଶ୍ୟ ଦେଖାଇ ହିଂସା ବଢ଼ିବାରେ ସାହାଯ୍ୟ କରେ। ମାନବସଭ୍ୟତାର ଅସଭ୍ୟ ଇତିହାସ ହିଂସା ରୋକିବାରେ ବ୍ୟର୍ଥ। ସ୍ୱାର୍ଥ ହିଁ ହିଂସାର ମୂଳ କାରଣ। ହିଂସାର କାରଣରୁ ପ୍ରତିହିଂସା। ପ୍ରତିଯୋଗିତା ମାନେ ହିଁ ହିଂସା। ଜଣେ ଅନ୍ୟକୁ ହରେଇବାକୁ ଚାହିଁବ– ସେଠାରେ ହିଂସା, ହିଂସ୍ର ହେବାକୁ ବାଧ୍ୟ।

ଗୌତମ ବୁଦ୍ଧ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ମଣିଷର କାମନା ପରିପୂର୍ଣ୍ଣ ନ ହେଲେ ହିଂସା, ଦୁଃଖ ଜାତହୁଏ। ସେଥିପାଇଁ ବୁଦ୍ଧଦେବ ପ୍ରଚାର କରିଥିଲେ– 'କାମନାର ବିନାଶରେ ଦୁଃଖର ବିନାଶ'। ହେଲେ ଭାରତବର୍ଷ ଆଜି ଜ୍ୱଳନ୍ତ ଜତୁଗୃହ। ସବୁଠି ନିଆଁ ଲାଗିଛି– ସବୁଠି ନିଆଁ ଜଳୁଛି। ମଣିଷ ମନରେ ନିଆଁ ଲାଗିଛି– ନିଆଁ ଲାଗିଛି ପ୍ରବଞ୍ଚିତ ଜନତାର ସଞ୍ଚିତ ସ୍ୱପ୍ନରେ! ଏ ନିଆଁ ଲିଭାଇବ କିଏ ? ଯେଉଁମାନେ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ଯୋଜନାର ଜାଲ ବୁଣନ୍ତି, ଯେଉଁମାନେ ସୌଖୀନ ଡ୍ରଇଂରୁମ୍‌ର ରେଶମୀ ପର୍ଦ୍ଦା ଅନ୍ତରାଳରେ ଥାଇ ବୌଦ୍ଧିକ ସଂଳାପ ଶୁଣାନ୍ତି, ଯେଉଁମାନେ ମାର୍ବଲ ମହଲର କାଠ–କୋଠରିରେ ଶୋଇ ହିସାବଫର୍ଦ୍ଦ ପଢ଼ନ୍ତି, ଯେଉଁମାନେ ନିଭୃତ ମନ୍ତ୍ରଣାକକ୍ଷରେ ରାଜନୀତିର ରୂପରେଖ ବଦଳାଇବାର ମସୁଧା କରନ୍ତି– ସେମାନେ ଲିଭାଇବେ ନାହିଁ ଏ ନିଆଁ।

ଏ ନିଆଁ ଲିଭାଇବେ ଆପଣମାନେ।



ଜନଜାଗରଣରେ ଏକ ନୂତନ ଅଧ୍ୟାୟ ଉନ୍ମୋଚିତ ହେଲେ ହିଁ ଭାରତବର୍ଷର ଭାଗ୍ୟ ବଦଳିବ, ଭବିଷ୍ୟତ ବଦଳିବ, ବ୍ୟବସ୍ଥା ବଦଳିବ– ବଦଳିବ ଏ ଉତ୍ତପ୍ତ ଅବସ୍ଥା। ଆଜି ଭାରତବର୍ଷର ଯେଉଁଠି ଚାହିଁଲେ କେବଳ ନୈରାଶ୍ୟ, ଆତଙ୍କର ଅପଛାୟା। ଅସୁସ୍ଥ ରାଜନୀତି, ଦୁଃସ୍ଥ ଅର୍ଥନୀତି ପଙ୍ଗୁ କରିଦେଇଛି ଭାରତୀୟ ସମାଜ ବ୍ୟବସ୍ଥାକୁ। ଆମେ ସୀମାନ୍ତର ଶତ୍ରୁମାନଙ୍କୁ ସାମ୍ନା କରିପାରିଛୁ, ମାତ୍ର ଅନ୍ତରାଳର ଅରାତିମାନଙ୍କୁ ଚିହ୍ନି ବି ପାରିଲୁ ନାହିଁ ଏଯାବତ୍। ଅସତ୍ ରାଜନେତା ଏବଂ ଅସାଧୁ ପୁଞ୍ଜିପତିମାନଙ୍କର ଅଶୁଭ ମୈତ୍ରୀ ଅଣନିଃଶ୍ୱାସୀ କରିସାରିଛି ଭାରତବର୍ଷକୁ। ଜନପ୍ରତିନିଧି ଭାବରେ ଆମେ ଯେଉଁମାନଙ୍କୁ ପଠାଉଛୁ ପାର୍ଲାମେଣ୍ଟକୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଇ ପୁଞ୍ଜିପତିମାନଙ୍କର ପୁତ୍ତଳିକା ପାଲଟୁଛନ୍ତି ସେଠି। ପ୍ରତିବାଦର ପରମ୍ପରାରେ ଘୁଣ ଧରୁଛି, ରାଜନୀତି ପାଲଟୁଛି ବଚସ୍କର ଓ ବଶମ୍ୱଦମାନଙ୍କର ସୁବିଧାବାଦୀ ରଣନୀତି!

ନଷ୍ଟ ରାଜନୀତି ସହିତ ଆଜି ଅପମିଶ୍ରିତ ହୋଇଛି ଭ୍ରଷ୍ଟ ଧର୍ମୀୟତା। ଧର୍ମର ଛଦ୍ମବେଶରେ ଅଧର୍ମ ସୃଷ୍ଟି କରୁଛି ଅରାଜକ ଅବସ୍ଥା। ରାଜନୀତିର ସ୍ୱଧର୍ମକୁ କବଳିତ କରିସାରିଛି ଏ ଅଧର୍ମ। ଧର୍ମ ଓ ସାମ୍ପ୍ରଦାୟିକତାର ଯୂପକାଠରେ ବଳିପଡୁଛି ନିରୀହ ମଣିଷ। ଅନ୍ଧଧର୍ମର ଅଗ୍ନିକାଣ୍ଡରେ ଜଳିଯାଉଛି କେତେ କାହାର ପରିବାର। ସମଗ୍ର ଦେଶ ଯେମିତି ମୁହାଁଇ ଯାଉଛି ଗୋଟାଏ ଅନ୍ଧମୁହାଣି ଆଡ଼କୁ; ସାମ୍ପ୍ରଦାୟିକ ଫାସିବାଦର ଅତଳ ଆବର୍ତ୍ତ ଗର୍ଭକୁ! ଭାରତବର୍ଷର ସାଧାରଣ ମଣିଷ ଆଜି ଏଇ ଘନୀଭୂତ ଅନ୍ଧକାର ରାତ୍ରିରେ ବିକଳରେ ବାଟ ଅଣ୍ଡାଳୁଛି– ତା' ପାଇଁ ସାନ୍ତ୍ୱନା ନାହିଁ, ପଥ ନିର୍ଦ୍ଦେଶ ନାହିଁ– ନାହିଁ କେଉଁଠି ବିଶ୍ରାମର ଛୋଟ ଚଟିଘରଟିଏ। ଆଜି ଥିଲାବାଲା, ନ ଥିଲାବାଲା ମଧ୍ୟରେ ଲଢ଼େଇ ଥମିଯାଇଛି। ନ ଥିଲାବାଲା ଲୋକେ ଦାରିଦ୍ର୍ୟ, ନିରକ୍ଷରତା, ଅଜ୍ଞତାର ଅନ୍ଧକାରରେ ଭୁଆଁ ବୁଲି ବିପଦବେଳେ ଭାଗ୍ୟ ଭଗବାନ୍‌ଙ୍କୁ ଗୁହାରି କରୁଛନ୍ତି। ଏହାର ସୁଯୋଗରେ ଦଳେ ଈଶ୍ୱର–ଆଲ୍ଲା, ରାମ–ରହିମ୍ ନାଁରେ ଭୋଟ ବ୍ୟବସାୟ ଆରମ୍ଭ କରିଦେଇଛନ୍ତି।

ହିଟ୍‌ଲରୀ ଫାସିବାଦ ଅପେକ୍ଷା ବର୍ତ୍ତମାନର ଏ ସାମ୍ପ୍ରଦାୟିକ ଫାସିବାଦ ଦେଶକୁ ଭୟଙ୍କର ବିପଦ ଆଡ଼କୁ ଟାଣି ନେଉଛି। ସାମ୍ପ୍ରଦାୟିକ ଶକ୍ତିମାନେ ମେଣ୍ଟ କରି ଫୁତ୍କାର ଛାଡୁଛନ୍ତି... ସେମାନଙ୍କ ହିଂସାର ହେଣ୍ଟାଳରେ ଦେଶର ମାଟି, ପାଣି, ପବନ ଆଜି ଥରହର। ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଶକ୍ତିମାନଙ୍କ ମଧ୍ୟରେ ବାସ୍ତବ ମେଣ୍ଟ ଗଢ଼ିଉଠିନି। ଏହି ସାମୁଖ୍ୟ ଯେତେଶୀଘ୍ର ଗଢ଼ି ନ ଉଠିବ, ଏହି ଅଦୃଶ୍ୟ ମହାବିପଦ ଦେଶକୁ ଧ୍ୱଂସ ଆଡ଼କୁ ଟାଣିନେବ।

ଯାଜପୁର ରୋଡ଼, ଯାଜପୁର
ମୋ : ୯୮୬୧୦୩୪୧୬୩

# ବିଲୁପ୍ତମୁଖୀ ବଜ୍ରକାପ୍ତା



ବିମଳ ପ୍ରସନ୍ନ ଦାସ

ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ସାରା ଦେଶରେ ପ୍ରତିବର୍ଷ ପାଳିତ ହୋଇଆସୁଅଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା, ସଂରକ୍ଷଣ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଆମର ପ୍ରତିବଦ୍ଧତା ଏକାନ୍ତ ଅପରିହାର୍ଯ୍ୟ। ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସ ସ୍ଥଳର ସୁରକ୍ଷା ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ ଏକ ବିରଳ ବନ୍ୟପ୍ରାଣୀ ବଜ୍ରକାପ୍ତାର ସ୍ଥିତି ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିବା ଏ କ୍ଷୁଦ୍ର ପ୍ରବନ୍ଧର ଆଭିମୁଖ୍ୟ। ବଜ୍ରକାପ୍ତା ପରି ବାଘ, ସିଂହ, ହାତୀ, ବିଶେଷତଃ ଚିତାବାଘର ସୁରକ୍ଷା ଆଜି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୮ ବର୍ଷ ପ୍ରଧାନମନ୍ତ୍ରିତ୍ୱ ସମୟରେ ଆଫ୍ରିକାରୁ ୮ଟି ବାଘ ଉଡ଼ାଜାହାଜରେ ଭାରତକୁ ଅଣାଯିବା ବନ୍ୟପ୍ରାଣୀ ସଂରକ୍ଷଣ ଓ ସମୃଦ୍ଧି ଦିଗରେ ଏକ ଅବିସ୍ମରଣୀୟ ତଥା ଐତିହାସିକ ଘଟଣା। ମାତ୍ର ଦୁଃଖଦ ବିଡ଼ମ୍ବନା ଯେ ବିଲୁପ୍ତପ୍ରାୟ ବିରଳ ବନ୍ୟପ୍ରାଣୀ ବଜ୍ରକାପ୍ତା ନିମନ୍ତେ ଏପରି କୌଣସି ପଦକ୍ଷେପ ଏ ଯାବତ୍ ଗ୍ରହଣ କରାଯାଇ ନାହିଁ। ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁସେଓ)ର ତଥ୍ୟ ଅନୁସାରେ ୨୦୧୮ ଅଗଷ୍ଟରୁ ୨୦୨୨ ଜୁନ ମଧ୍ୟରେ ୧୮ ଜିଲାରେ ୪୫ଟି ଚଢ଼ାଉ ଘଟଣାରେ ୪୬ଟି ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ସେଥିମଧ୍ୟରୁ ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାରୁ ସର୍ବାଧିକ ୫ ଲେଖାଁଏ ବଜ୍ରକାପ୍ତା ଉଦ୍ଧାର ହୋଇଛି। ସେହିପରି କୋରାପୁଟ ଓ କନ୍ଧମାଳରୁ ୪ଟି ଲେଖାଁଏ, ବରଗଡ଼, କଟକ ଓ ବୌଦ୍ଧରୁ ୩ଟି ଲେଖାଁଏ ଏବଂ ମାଲ୍‌କାନଗିରି, ରାୟଗଡ଼ା, ଖୋର୍ଦ୍ଧା ଓ ସୋନପୁରରୁ ୨ଟି ଲେଖାଁଏ, ସୁନ୍ଦରଗଡ଼, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଅନୁଗୋଳ, ଗଜପତି, ଦେବଗଡ଼, ନୂଆପଡ଼ା ଜିଲାରୁ ଗୋଟିଏ କରି ବଜ୍ରକାପ୍ତା ଉଦ୍ଧାର ହୋଇଛି। ଅର୍ଥାତ୍ ୨୦୧୮ ଅଗଷ୍ଟରୁ ୨୦୨୨ ଅଗଷ୍ଟ ମଧ୍ୟରେ ମୋଟ ୩୬ଟି ଚଢ଼ାଉ ଘଟଣାରେ ମୋଟ ୨୭ଟି ବଜ୍ରକାପ୍ତାଙ୍କୁ ଉଦ୍ଧାର କରାଯାଇଛି।

କିନ୍ତୁ ୨୦୨୧ ନଭେମ୍ବରରୁ ୨୦୨୨ ଜୁନ ପର୍ଯ୍ୟନ୍ତ ମାତ୍ର ୮ ମାସ ମଧ୍ୟରେ ୧୮ଟି ଚଢ଼ାଉ ଘଟଣାରେ ୧୯ଟି ବଜ୍ରକାପ୍ତା ଉଦ୍ଧାର ହୋଇଛନ୍ତି। ସେହିପରି ୨୦୧୬ ସେପ୍ଟେମ୍ବରରୁ ୨୦୨୧ ଅକ୍ଟୋବର ମଧ୍ୟରେ ୨୦ଟି ଘଟଣାରେ ମୋଟ ୫୪ କେଜି ବଜ୍ରକାପ୍ତା କାତି ଜବତ ହୋଇଥିବାବେଳେ, କେବଳ ଗତ ୮ ମାସ ଭିତରେ ପ୍ରାୟ ୨୮ କେଜିରୁ ଅଧିକ ବଜ୍ରକାପ୍ତା କାତି ଜବତ ହୋଇଛି। ଏହି ତଥ୍ୟ ସ୍ପଷ୍ଟ କରେ ଯେ, ଆମ ରାଜ୍ୟରେ ବଜ୍ରକାପ୍ତା ଶିକାର ଜୋରଦାର ଚାଲିଛି। ଗତବର୍ଷ ବ୍ରହ୍ମପୁର ଡିଭିଜନ ଦିଗପହଣ୍ଡି ଅନ୍ତର୍ଗତ 'ନକାମୁଡିଆ'ଠାରେ ସର୍ବାଧିକ ୬.୯ କେଜି ବଜ୍ରକାପ୍ତା କାତି ଜବତ ହୋଇଥିଲା। ତେବେ ବିଗତ ୭ ବର୍ଷ ମଧ୍ୟରେ ଗୋଟିଏ ଘଟଣାରେ ସବୁଠାରୁ ଅଧିକ କାତି ଜବତ କରି ରେକର୍ଡ ବଜାୟ ରଖିଛି। ଢେଙ୍କାନାଳ ବନଖଣ୍ଡର କପିଳାସରେ ୨୪ ଜୁଲାଇ, ୨୦୨୧ରେ ଏଠାରୁ ଏକାଥରକେ ସବୁଠାରୁ ଅଧିକ ୧୪.୨କେଜି ବଜ୍ରକାପ୍ତା କାତି ଜବତ କରାଯାଇଥିଲା। ସେହିପରି ୨୦୨୧ ନଭେମ୍ବର କରଞ୍ଜିଆ ବାଇପାସ୍‌ରେ ସ୍ଥାନୀୟ ପୋଲିସ ଓ କରଞ୍ଜିଆ ରେଞ୍ଜ କର୍ମଚାରୀ ଚଢ଼ାଉ କରି ୧୫ କେଜି କାତି ଜବତ କରିଥିଲେ। ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫଦାରି କ୍ଷେତ୍ରରେ ଏହା ହେଉଛି ନୂଆ ରେକର୍ଡ।



ବଜ୍ରକାପ୍ତାର ଶିକାର ଏତେ ବ୍ୟାପକ ଭାବରେ ହେବାର କାରଣ କ'ଣ ? ବିଶେଷଜ୍ଞମାନଙ୍କ ମତରେ ବଜ୍ରକାପ୍ତା ଚୋରାଚାଲାଣ ପାଇଁ ଓଡ଼ିଶା ପ୍ରାଥମିକ କେନ୍ଦ୍ର ପାଲଟିଛି। ରାଜ୍ୟରେ ଏହାର ମାର୍କେଟ ନଥିଲେ ମଧ୍ୟ ବଜ୍ରକାପ୍ତା ଓ ତା'ର କାତିକୁ ସଂଗ୍ରହ କରାଯାଇ ବେଆଇନ ଭାବରେ ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ସୀମାଦେଇ ବିଦେଶ ଯାଇଥାଏ। ବିଶେଷତଃ ଅଧିକାଂଶ ଚୋରାଚାଲାଣ ବାଂଲାଦେଶ ଓ ମ୍ୟାନ୍‌ମାର ଦେଇ ଚାଇନା, ଭିଏତ୍‌ନାମ, ତାଇୱାନ ପରି ଦେଶକୁ ଯାଇଥାଏ। ସେହିପରି ବଜ୍ରକାପ୍ତା କାତିର ସିଂହଭାଗ ଏସବୁ ଦେଶକୁ ଯାଏ। ବଜ୍ରକାପ୍ତାର ମାଂସ ଓ କାତିରୁ ମଧ୍ୟ ଔଷଧ ତିଆରି ହୁଏ। ବଜ୍ରକାପ୍ତା କାତିରୁ ଜୋତା, ବେଲ୍ଟ ଓ ଭ୍ୟାନିଟି ବ୍ୟାଗ୍ ପ୍ରସ୍ତୁତ କରାଯାଇ ବହୁ ଚଢ଼ାଦରରେ ବିକ୍ରି ହୁଏ। ହାତଘଣ୍ଟା, ବ୍ୟାଣ୍ଡ ସେହିପରି ବହୁ ଉଚ୍ଚଦରରେ ବିକ୍ରିହୁଏ। ଏ ସକଳ ସାମଗ୍ରୀର ବଜାର ଯୁକ୍ତରାଷ୍ଟ୍ର ଆମେରିକା ବୋଲି ୱାର୍ଲ୍ଡ ୱାଇଲ୍ଡଲାଇଫ୍ ଫଣ୍ଡ ତଥ୍ୟରୁ ସ୍ପଷ୍ଟ। ବଜ୍ରକାପ୍ତା କାତିରୁ ଜ୍ୟାକେଟ ତିଆରି ହୋଇ ବହୁ ଉଚ୍ଚ ଦରରେ ବିକ୍ରି ହେବାର ନଜିର ରହିଛି। ଅନୁରୂପ ଭାବରେ ବଜ୍ରକାପ୍ତା କାତିରେ ନିର୍ମିତ ମୁଦି ହାତରେ ପିନ୍ଧିଲେ ରୋଗ ଉପଶମ ହୁଏ ବୋଲି ଭାରତ ସମେତ ଅନ୍ୟ ଦେଶରେ ବିଶ୍ୱାସ ରହିଛି। ଏବେ ଭାରତରେ ଏହିସବୁ ସାମଗ୍ରୀର ଆମଦାନୀ ଓ କାରବାର ଉପରେ ନିଷିଦ୍ଧ ଘୋଷଣା କରାଯାଇଛି।

ଦୁଃଖର ବିଷୟ ଯେ, ଏ ସମ୍ପର୍କରେ ତଦନ୍ତ ଓ ମାମଲା ପରିଚାଳନା ଅତ୍ୟନ୍ତ ଦୁର୍ବଳ, ଯଦିଓ ୧୯୭୨ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ବଜ୍ରକାପ୍ତା ସଂରକ୍ଷଣ ଏକ ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ। ଏ ପର୍ଯ୍ୟନ୍ତ ଜଣେ ହେଲେ ଶିକାରୀ, ଚାଲାଣକାରୀ ଓ ବେପାରୀଙ୍କୁ ଦଣ୍ଡବିଧାନ ହୋଇପାରିଲା ନାହିଁ। ଆଗରୁ କେବଳ ବନବିଭାଗ ବନ୍ୟପ୍ରାଣୀ ମାମଲା ରୁଜୁ କରି କୋର୍ଟକୁ ପଠାଉଥିବାବେଳେ ଏବେ ଏସ୍‌ଟିଏଫ୍‌ଓ କ୍ରାଇମବ୍ରାଞ୍ଚ ଗଠନ ହେବାପରେ କେବଳ ବଜ୍ରକାପ୍ତା ବା କାତି ଧରି ବନବିଭାଗକୁ ଦେଇ ଦାୟିତ୍ୱ ସାରି ଦେଉଛନ୍ତି। ଏମାନେ ନିଜେ ମାମଲା ରୁଜୁ କରୁନାହାନ୍ତି। ବନବିଭାଗ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରି ପାରୁନାହିଁ।

ସାରା ପୃଥିବୀରେ ଶିକାର ଓ ଚୋରାଚାଲାଣ ହେଉଥିବା ସବୁଠାରୁ ନିରୀହ ବନ୍ୟପ୍ରାଣୀ ହେଉଛି ବଜ୍ରକାପ୍ତା। ଏହି ପ୍ରାଣୀ ଆଜି ବିଲୁପ୍ତପ୍ରାୟ ହେବାକୁ ବସିଲାଣି। ବଜ୍ରକାପ୍ତା ଆମ 'ଇକୋସିଷ୍ଟମ'ରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ସଂପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ନହେଲେ ଏହି ବିରଳ ବନ୍ୟପ୍ରାଣୀ ଅଚିରେ ହୁଏତ ଲୋପ ପାଇବ ଓ ଆମ ପରପିଢ଼ି ପିଲାମାନେ କେବଳ ତାର ଛବି ଦେଖି ଜାଣିବେ ଯେ, ଏପରି ଏକ ବିରଳ ବନ୍ୟପ୍ରାଣୀ ଥିଲା। ସରକାର ଓ ଜନସାଧାରଣ ଏ ଦିଗରେ ସଚେତନ ହେବା ଆଜିର ଜରୁରୀ ଆହ୍ୱାନ। ବଜ୍ରକାପ୍ତା ବଞ୍ଚିରହୁ– ଏତିକି ଆମ ହୃଦୟକୁ ସ୍ପନ୍ଦିତ କରୁ।

ମୋ: ୯୪୩୮୧୮୬୨୨୬

## ଏଇ ଭାରତରେ

ଏବେ ପିତୃପକ୍ଷ ଚାଲିଛି। ଏହି ଅବସରରେ ୟୁକ୍ରେନର ଜଣେ ଯୁବତୀ ଗୟାରେ ପିଣ୍ଡଦାନ କରିଛନ୍ତି। ଏହାର କାରଣ ଅନେକଙ୍କୁ ବିସ୍ମିତ କରିଛି। ପିଣ୍ଡଦାନର କାରଣ ପଛରେ ରହିଛି ଏକ ମହାନ୍ ଉଦ୍ଦେଶ୍ୟ। ୟୁକ୍ରେନର ଯୁବତୀ ଉଲିୟା ଜିତୋମାରସ୍କି ଗୟାରେ ତାଙ୍କ ମାତାପିତାଙ୍କ ପିଣ୍ଡଦାନ କରିବା ସହ ୟୁକ୍ରେନ ଓ ରୁଷିଆ ଯୁଦ୍ଧରେ ଶହୀଦ ସୈନ୍ୟଙ୍କୁ ଶ୍ରାଦ୍ଧ ଦେଇଛନ୍ତି। ଉଲିୟା କହନ୍ତି ଯେ ରୁଷିଆ–ୟୁକ୍ରେନ ଯୁଦ୍ଧରେ ତାଙ୍କ ମାତାପିତାଙ୍କର ମୃତ୍ୟୁ ଘଟିଛି। ସେ ଏହି ଯୁଦ୍ଧରେ ମୃତ୍ୟୁ ଘଟିଥିବା ୟୁକ୍ରେନ ଏବଂ ରୁଷିଆର ସୈନିକ ତଥା ସାଧାରଣ ଲୋକଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରିବା ପାଇଁ ଶ୍ରାଦ୍ଧ ଦେଇଛନ୍ତି। ବିଶ୍ୱ ଶାନ୍ତିରେ ହିନ୍ଦୁ ଧର୍ମବିଶ୍ୱାସର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲିୟା କହିଛନ୍ତି। ସେ ଫଲଗୁ ନଦୀ କୂଳରେ ପିଣ୍ଡଦାନ କରିବା ସହିତ ତର୍ପଣ କରିଛନ୍ତି। ଏହା ପରେ ସେ କହିଛନ୍ତି, ଯୁଦ୍ଧ ଶୀଘ୍ର ଶେଷ ହେଉ ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ହେଉ ବୋଲି ସେ ପ୍ରାର୍ଥନା କରିଛନ୍ତି। ତାଙ୍କ ମତରେ ଗୟାରେ ତର୍ପଣ କଲେ ମୃତକଙ୍କ ଆତ୍ମା ଶାନ୍ତିଲାଭ କରିଥାଏ। ସେ ଦ୍ୱିତୀୟ ଥର ପାଇଁ ଗୟାରେ ଏଭଳି ପିଣ୍ଡଦାନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅକ୍ଟୋବର ୧୯୯୮

- କ୍ଷମତାଠାରୁ ଅଧିକ ଯାତ୍ରୀ ନେଉଥିବା ଏକ ନୌକା ଲାଗୋସସ୍ଥିତ କାଜୁନା ନଦୀରେ ବୁଡିଯିବା ଫଳରେ ୫୭ ଯାତ୍ରୀଙ୍କ ମୃତ୍ୟୁ।
- କରାଚୀରେ ମୁଜାହିଦା କ୍ୱାମୀ ମୁଭମେଣ୍ଟ ପକ୍ଷରୁ ସାଧାରଣ ଧର୍ମଘଟ ଡାକରା ଦିଆଯାଇଥିବା ବେଳେ ହିଂସାକାଣ୍ଡ ଘଟି ୧୨ ନିହତ।

## ଚିରନ୍ତନୀ

''ଆଶାର ଆଲୋକେ ତେଣୁ
ଜୀବନର ମହାଦୀପ ଜାଳି
''ସହଜ ସମ୍ମୁଖ ପଥେ
ପଦ ଦୁଇ ନିଅ ବେଗେ ଚାଳି।
(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | 4 | 1 | 8 |
| | | 8 | 5 | 4 | | | | |
| | | 3 | | | | | | |
| | | 7 | | 3 | 2 | 5 | | |
| | 9 | | 1 | | | | | |
| | 8 | | | | | | | |
| | | | | | 7 | | | 5 |
| | | | 4 | | 1 | 9 | | |
| 4 | | | 9 | | 5 | 6 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 3 | 9 | 1 | 8 | 4 | 6 | 5 |
| 6 | 5 | 9 | 3 | 2 | 4 | 8 | 7 | 1 |
| 1 | 4 | 8 | 6 | 5 | 7 | 2 | 3 | 9 |
| 8 | 3 | 1 | 5 | 9 | 6 | 7 | 4 | 2 |
| 4 | 9 | 2 | 8 | 7 | 1 | 6 | 5 | 3 |
| 7 | 6 | 5 | 2 | 4 | 3 | 9 | 1 | 8 |
| 5 | 2 | 4 | 7 | 3 | 9 | 1 | 8 | 6 |
| 9 | 8 | 7 | 1 | 6 | 5 | 3 | 2 | 4 |
| 3 | 1 | 6 | 4 | 8 | 2 | 5 | 9 | 7 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପଲିଥିନ, ପ୍ଲାଷ୍ଟିକ ଓ ଆମେ

ମହାଶୟ,

ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ସବୁଠି ପଲିଥିନର ବ୍ୟବହାର ବହୁଳ ମାତ୍ରାରେ ଚାଲିଛି। ଏଥିପାଇଁ ସରକାର ଆଇନ ପ୍ରଣୟନ କରିଥିଲେ ମଧ୍ୟ ତାହା ସୁଚାରୁରୂପେ କାର୍ଯ୍ୟକାରୀ ହେଉନାହିଁ। ଫଳସ୍ୱରୂପ ପଲିଥିନ ନିର୍ମାତାମାନେ ବଜାର ଚାହିଦା ଅନୁସାରେ ତିଆରି କରି ଅନାୟାସରେ ବିକ୍ରି କରିଚାଲିଛନ୍ତି। ଅବଶ୍ୟ କିଛି ସାମାଜିକ ସଂଗଠନର ସଭ୍ୟମାନେ ପ୍ରତିବାଦ କରୁଥିଲେ ବି ତାହା ପର୍ଯ୍ୟାପ୍ତ ହେଉନାହିଁ। ଫଳସ୍ୱରୂପ ଜଳଖିଆ ଦୋକାନଠାରୁ ଆରମ୍ଭ କରି ଔଷଧ ଦୋକାନ ପର୍ଯ୍ୟନ୍ତ ସବୁଠି ପଲିଥିନର ରାଜ ଚାଲିଛି। ଏଥିପାଇଁ କ'ଣ ଆମେ ଦାୟୀ ନୁହେଁ ? ବଜାରକୁ ପରିବା ଆଣିବାକୁ ଯିବାବେଳେ ବ୍ୟାଗ ନେଇ ଯିବାକୁ ଆମେ ସଂକୋଚ କରୁଛୁ। ପଡ଼ିଶା ଘରକୁ କ୍ଷୀର ଆଣିବାକୁ ଯିବାବେଳେ ପିଲାଙ୍କ ହାତରେ ପ୍ଲାଷ୍ଟିକ୍ ବୋତଲ ଧରାଇ ଦେଉଛୁ। ଫୁଲ ଗଛରୁ ଫୁଲ ତୋଳି ଟାଙ୍ଗୁଡ଼ିରେ ରଖିବା ପରିବର୍ତ୍ତେ ପଲିଥିନରେ ରଖିବାକୁ ପସନ୍ଦ କରୁଛୁ। ଜଣେ ନାଗରିକ ହିସାବରେ ଆମେ କ'ଣ ଆମ କର୍ତ୍ତବ୍ୟରେ ଅବହେଳା କରୁନାହୁଁ? ଏଣୁ ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର ରୋକିବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

– ଅଶୋକ ରାଉଳ,
ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରକୃତିର ସନ୍ତୁଳନ ପାଇଁ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ

## ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ସମ୍ବୋଧନ



ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟ ଅତିଥିମାନେ ଅଶ୍ୱିନୀ କୁମାର ଦାସଙ୍କୁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୭।୧୦
(ଅସମାପିକା ସାହୁ)

ପୃଥିବୀର ପ୍ରତ୍ୟେକ ପ୍ରଜାତି ମଣିଷ ପରି ମୂଲ୍ୟବାନ। ତେଣୁ ମାନବ ସମାଜର ବିକାଶ ଏବଂ ପ୍ରକୃତିର ସନ୍ତୁଳନ ପାଇଁ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଲେ, ସମସ୍ତଙ୍କ ସହଯୋଗ ବିନା ଜଙ୍ଗଲ ସୁରକ୍ଷା ସମୃଦ୍ଧି ଅସମ୍ଭବ। ନନ୍ଦନକାନନକୁ ବିଶ୍ୱର ଏକ ପ୍ରମୁଖ ପ୍ରାଣୀ ଉଦ୍ୟାନରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଏହାକୁ ସାକାର କରିବା ପାଇଁ ମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଲେ, ଜଙ୍ଗଲ ଓ ଜୀବଜନ୍ତୁ ପ୍ରକୃତିର ଏକ ଅଭିନ୍ନ ଅଙ୍ଗ। ଉଭୟେ ଉଭୟଙ୍କର ପରିପୂରକ। ଜନସାଧାରଣଙ୍କ ଆନ୍ତରିକ ସହଯୋଗ ବିନା ସେମାନଙ୍କ ସୁରକ୍ଷା ସମ୍ଭବ ନୁହେଁ। ଜନସାଧାରଣଙ୍କୁ ସଚେତନ କରିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ତେଣୁ ଗଣମାଧ୍ୟମକୁ ମଣିଷ ଓ ବନ୍ୟଜନ୍ତୁ ସଂଘର୍ଷକୁ ଅଧିକ ସମ୍ବେଦନଶୀଳ ହୋଇ ଉପସ୍ଥାପନା କରିବାର ଆବଶ୍ୟକତା ରହିଛି। ପିସିସିଏଫ୍(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି ବନ୍ୟପ୍ରାଣୀ ସଂରକ୍ଷଣ ଓ ସେମାନଙ୍କ ଆବାସସ୍ଥଳୀର ଅଭିବୃଦ୍ଧି ପାଇଁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଖୋର୍ଦ୍ଧା ଜିଲା ନାନପଡ଼ାର ବିପିନ ବିହାରି ପ୍ରଧାନ ଓ ବାଲେଶ୍ୱର ଜିଲା ଗୋପାଳପୁରର ଅଶ୍ୱିନୀ କୁମାର ଦାସଙ୍କୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଦୁଇଜଣଙ୍କୁ 'ବିଜୁ ପଟ୍ଟନାୟକ ପୁରସ୍କାର'

# ଶୀତ ପୂର୍ବରୁ ଚିଲିକାରେ ବିଦେଶୀ ପକ୍ଷୀ

ବାଲୁଗାଁ, ୭।୧୦
(ସଂଗ୍ରାମ ପାଇକରାୟ)



ଶୀତ ଆସିବା ପୂର୍ବରୁ ନୀଳାମ୍ବୁ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି। ଶନିବାର ସୁଦ୍ଧା ପକ୍ଷୀ ଅଭୟାରଣ୍ୟ ନଳବଣକୁ ୫୦ (ଇୟୁରିୟନ୍ ପ୍ରଜାତିର ୩୦ ଏବଂ ଗଡୱାଲ ୨୦) ବିଦେଶୀ ପକ୍ଷୀ ଆସିଥିବା ଡିଏଫ୍ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ସୋଭଲର, ନର୍ଦ୍ଧର୍ନ ପିଣ୍ଟେଲ୍, ଗଡୱିଟ୍, କମନ କୁଟ୍ ଆଦି ଚିଲିକାରେ ବୁଲୁଛନ୍ତି। ଚିଲିକାରେ ଅବତରଣ ପୂର୍ବରୁ ପକ୍ଷୀ ସମୂହ, ନିରାପଦ ବାସସ୍ଥାନ ଏବଂ ଉପଯୁକ୍ତ ଖାଦ୍ୟ ଅନୁସନ୍ଧାନ କରି ଚିଲିକା ଜଳରାଶିରେ ପାଦ ଥାପିଥାନ୍ତି। ସପ୍ତାହେ ମଧ୍ୟରେ ଶତାଧିକ ପକ୍ଷୀଙ୍କ ଦୃଷ୍ଟିଗୋଚର ହେବା ସମ୍ଭାବନା ରହିଛି। ଚଳିତ ବର୍ଷ ଅକ୍ଟୋବର ପହିଲାରେ ପକ୍ଷୀଙ୍କ ଆଗମନ ହୋଇଥିବାରୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଡିଏଫଓ ଆଶା ପ୍ରକଟ କରିଛନ୍ତି। ଅସହ୍ୟ ଶୀତରୁ ରକ୍ଷା ପାଇବା ପାଇଁ ବରଫାବୃତ୍ତ ଅଞ୍ଚଳ ସାଇବେରିଆ, ଋଷିଆ, କାଜକସ୍ଥାନ, ଲଦାକ୍, ମାଙ୍ଗୋଲିଆ, ଆମେରିକା, କାନାଡାରୁ ଆଦି ରଙ୍ଗବେରଙ୍ଗର ପକ୍ଷୀମାନେ ଚିଲିକାକୁ ଆସିଥାନ୍ତି। ବର୍ଷାଦିନେ ଜନ୍ମ ନେଇଥିବା କୀଟପତଙ୍ଗ, ମାଛ ଓ ତୃଣଜାତୀୟ ଉଦ୍ଭିଦ ଆଦି ଏହି ପକ୍ଷୀଙ୍କ ମୁଖ୍ୟ ଆହର ପାଲଟିଥାଏ। ବିଶେଷକରି ବର୍ତ୍ତମାନ ପକ୍ଷୀ ଅଭୟାରଣ୍ୟ ନଳବଣରେ ଜଳସ୍ତର ଅଧିକ ଥିବାରୁ ଚିଲିକା ତଟ ଅଞ୍ଚଳରେ ବହୁ ସଂଖ୍ୟାରେ ପକ୍ଷୀ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ୨୦ଟି କ୍ୟାମ୍ପ କରାଯାଇଛି। ଢାବା ଏବଂ ହୋଟେଲଗୁଡ଼ିକୁ ତଲାସିବା ପାଇଁ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ଏହାବ୍ୟତୀତ ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଅଧୀନ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୧ଟି କ୍ୟାମ୍ପ, ବାଲୁଗାଁ ରେଞ୍ଜ ଅଧୀନ ନଳବଣରେ ୪ଟି, ସାତପଡ଼ାରେ ୨ଟି, ରମ୍ଭା ୨ ଓ ଚିଲିକାରେ ଗୋଟିଏ କ୍ୟାମ୍ପ ନିୟୋଜିତ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଜଳପଥରେ ପ୍ରତ୍ୟେକ କ୍ୟାମ୍ପରେ ଗୋଟିଏ ଲେଖାଏ ଯନ୍ତ୍ରଚାଳିତ ବୋଟ୍ ସମେତ ଜଣେ ବନପାଳ କିମ୍ବା ବନରକ୍ଷୀ ଏବଂ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ୩ଜଣ ଲେଖାଏ ସଦସ୍ୟ ସାମିଲ ହୋଇଛନ୍ତି। ଚିଲିକା ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ସଚେତନମୂଳକ କାର୍ଯ୍ୟକ୍ରମ କରାଯିବ।

# ସ୍କୁଲରେ ହେବ ସୋସିଆଲ ଅଡିଟ୍

## ଓସାଟ୍-ଓସେପା ବୁଝାମଣାପତ୍ର

ଭୁବନେଶ୍ୱର, ୭।୧୦
(ଅସମାପିକା ସାହୁ)

ସମଗ୍ର ଶିକ୍ଷା ଯୋଜନା ଅଧୀନରେ ବିଦ୍ୟାଳୟସ୍ତରୀୟ ସୋସିଆଲ ଅଡିଟ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସୋସିଆଲ ଅଡିଟ୍ ୟୁନିଟ୍ (ଓସାଟ୍) ସହ ଓସେପାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସମନ୍ୱିତ ବିଦ୍ୟାଳୟ ଶିକ୍ଷା ଯୋଜନା ଅଧୀନରେ ପ୍ରାକ୍-ବିଦ୍ୟାଳୟ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସମଗ୍ର ଦେଶରେ ଶିକ୍ଷାର ଗୁଣାତ୍ମକ ମାନରେ ବ୍ୟାପକ ବିକାଶ ଏବଂ ଉନ୍ନତି ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ପାଇଁ ସାମାଜିକ ଅଡିଟ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ଅଡିଟ୍ ସମଗ୍ର ଶିକ୍ଷାର ମନିଟରିଂ ଏବଂ ଟ୍ରାକିଂ ବ୍ୟବସ୍ଥା ପାଇଁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବ। ଏହି ଯୋଜନା ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ସଂଗ୍ରହ କରାଯିବ। ଏଥିସହିତ ତୃଣମୂଳ ସ୍ତରରେ ବିଶେଷକରି ବିଦ୍ୟାଳୟଗୁଡ଼ିକରୁ ଅଂଶୀଦାରଙ୍କଠାରୁ ମତାମତ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯିବ। ସମଗ୍ର ଶିକ୍ଷା କାର୍ଯ୍ୟକାରିତା ପ୍ରକ୍ରିୟାରେ ଜନସାଧାରଣଙ୍କ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ଏହି ପଦକ୍ଷେପର ଅନ୍ୟତମ ଲକ୍ଷ୍ୟ। ନିର୍ଦ୍ଦେଶାବଳୀ ଅନୁଯାୟୀ, ସୋସିଆଲ ଅଡିଟ୍ ୟୁନିଟ୍ ୫ବର୍ଷ ମଧ୍ୟରେ ସମସ୍ତ ସରକାରୀ ବିଦ୍ୟାଳୟ ପାଇଁ ସୋସିଆଲ ଅଡିଟ୍ କରିବ।

# ନିର୍ଯାତନାର ଶିକାର ହୋଇଥିଲେ ୨ ବିବସ୍ତ୍ର ମହିଳା

ସୁନ୍ଦରଗଡ଼,୭।୧୦
(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସହର ଉପକଣ୍ଠ ଇବ୍ ନଦୀ ପୋଲ ଉପରେ ଶୁକ୍ରବାର ଉଲଗ୍ନ ହୋଇ ଚାଲି ଚାଲି ଯାଉଥିବା ୨ ଆଦିବାସୀ ମହିଳା ଉଦ୍ଧାର ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ଥାନୀୟ ବିଧାୟିକା କୁସୁମ ଟେଟେ ୨ ମହିଳାଙ୍କୁ ଏଭଳି ଅବସ୍ଥାରେ ଦେଖି ସଦର ଥାନା ପୋଲିସ ସହାୟତାରେ ଉଦ୍ଧାର କରି ଜିଲା ଆସ୍ଥା ଗୃହକୁ ପଠାଇଥିଲେ। ସେମାନଙ୍କ ମାନସିକ ସ୍ଥିତି ଠିକ ନ ଥିବା ବେଳେ ଆସ୍ଥା ଗୃହ ଅଧିକାରୀ ସ୍ନେହଲତା ପଟେଲଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ ପଚରା ଉଚରା କରାଯାଇଥିଲା। ସେମାନେ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ଜଣାପଡ଼ିଛି। ଓଡିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ ଖଇରମୁଣ୍ଡାରେ ଉଭୟଙ୍କ ଘର। ସେମାନେ ହେଉଛନ୍ତି ମା' ଓ ଝିଅ। ସୂଚନାଯୋଗ୍ୟ, ମହିଳା ଜଣଙ୍କ ଖଇରମୁଣ୍ଡାରେ ବିବାହ କରିଥିଲେ। ହେଲେ ସେ ନିଜ ଦିଅରଙ୍କ ଦ୍ୱାରା ଯୌନନିର୍ଯାତନାର ଶିକାର ହୋଇଆସୁଥିଲେ। ଏପରିକି ଏହାକୁ ପ୍ରତିବାଦ କରିବାରୁ ତାଙ୍କୁ ଶାରୀରିକ ନିର୍ଯାତନା ମଧ୍ୟ ମିଳୁଥିଲା। ସେହିପରି ତାଙ୍କ ୨୪ବର୍ଷୀୟା ଝିଅ ୪-୫ବର୍ଷ ହେବ ମୁମ୍ବାଇରେ କାମ କରୁଥିଲେ। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ, ପ୍ରଥମେ ସେମାନେ ସାୟା ପିନ୍ଧି ଚାଲୁଥିଲେ। ହେଲେ ସରକାରୀ କଲେଜ ପାଖାପାଖି ଶରୀରରୁ ସାୟା ଖୋଲି ଚାଲି ଚାଲି ଯାଉଥିଲେ। ଏହା ଦେଖି ବିଧାୟିକା କୁସୁମ ସେମାନଙ୍କୁ ଉଦ୍ଧାର କରି କପଡା ପରିଧାନ ପାଇଁ ଦେଇଥିଲେ। ଝିଅଟି ବର୍ତ୍ତମାନ ପର୍ଯ୍ୟନ୍ତ ପାଟି ଖୋଲି ନାହାନ୍ତି। ସେମାନେ ରାସ୍ତାରେ ଦୁଷ୍କର୍ମର ଶିକାର ହୋଇଥାଇପାରନ୍ତି ବୋଲି ଆସ୍ଥା ଗୃହ ଅଧିକାରୀ ସ୍ନେହଲତା ପଟେଲ ଆଶଙ୍କା ପ୍ରକାଶ କରିଛନ୍ତି। ସ୍ୱାଭାବିକ ସ୍ଥିତିକୁ ସେମାନେ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସ୍ନେହଲତା କହିଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ

ସାତମାଇଲ, ୭।୧୦
(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ହାତୁରା ପଞ୍ଚାୟତ ଜୟପଙ୍ଗା ଗ୍ରାମରେ ହାତୀ ଆକ୍ରମଣରେ ଶନିବାର ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଜୟପଙ୍ଗା ଗ୍ରାମର କରଣ ନାଏକଙ୍କ ପୁଅ ସିଦ୍ଧାନ୍ତ ନାଏକ (୨୪)। ସିଦ୍ଧାନ୍ତ ଭୋର ସମୟରେ ଘର ନିକଟ ଜମିକୁ ଯାଉଥିବା ବେଳେ ଏକ ଦନ୍ତା ହାତୀ ହାବୁଡ଼ରେ ପଡିଥିଲେ। ହାତୀଟି ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ତାଙ୍କୁ ଦୂରକୁ ଫୋପାଡିଦେଇଥିଲା। ଗ୍ରାମବାସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ସିଦ୍ଧାନ୍ତଙ୍କୁ ହିନ୍ଦୋଳ ଡାକ୍ତରଖାନା ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତକଙ୍କ ପରିବାରକୁ ଖୁବ୍‌ଶୀଘ୍ର ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ ପ୍ରକାଶ କରିଛନ୍ତି ।




## ସଂକ୍ଷେପରେ

### ଚାକିରି ନାଁରେ ଯୁବତୀଙ୍କଠାରୁ ୮ ଲକ୍ଷ ଠକେଇ, ପଡ଼ୋଶୀ ଗିରଫ

ଭୁବନେଶ୍ୱର,୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ଚାକିରି ଦେବାକୁ କହି ଯୁବତୀଙ୍କଠାରୁ ୮ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି। ସେ ହେଲେ ପଟିଆ ଅଞ୍ଚଳର ଆଲବର୍ଟ ଦାଶ(୫୧)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀଙ୍କ ବାପା ଏୟାରପୋର୍ଟରେ ଚାକିରି କରିଥିଲେ। ୨୦୦୨ରେ ତାଙ୍କର ମୃତ୍ୟୁପରେ ତାଙ୍କ ମା'ଙ୍କୁ କିଛି ଟଙ୍କା ମିଳିଥିଲା। ଅଭିଯୁକ୍ତ ଜଣକ ଯୁବତୀଙ୍କ ପଡୋଶୀ ହୋଇଥିବାରୁ ଉକ୍ତ ଟଙ୍କା ଉପରେ ତାଙ୍କର ନଜର ପଡିଥିଲା। ୨୦୧୧ରେ ଯୁବତୀ ଜଣକ ଯୁକ୍ତ ୩ ପଢ଼ା ସାରିବା ପରେ ଆଲବର୍ଟ ତାଙ୍କୁ ଚାକିରି କରାଇଦେବା ଲାଗି ପ୍ରତିଶ୍ରୁତି ଦେଇ ଦୁଇଟି କିସ୍ତିରେ ମୋଟ ୮ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଚାକିରି ଦେଇ ନ ପାରିବାରୁ ଯୁବତୀ ଜଣକ ଠକାମିର ଶିକାର ହେବା ଜାଣିବା ପରେ ଗତ ୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୩୫୭/୨୩) ରୁଜୁ କରି ଘଟଣାର ତଦନ୍ତ କରି ଏହି ପଦକ୍ଷେପ ନେଇଛି।

### ଚିତା ବିରାଡ଼ି ଶାବକ ଜନ୍ମ

ବାରଙ୍ଗ,୭।୧୦(ଲିଙ୍ଗରାଜ ରାଉତ)- ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଚିତା ବିରାଡ଼ି ଶନିବାର ରାତିରେ ଏକ ଶାବକକୁ ଜନ୍ମ ଦେଇଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ମିଜୋରାମର ଆଇଜଲ ଚିଡିଆଖାନାରୁ ଅଣାଯାଇଥିବା ମାଈ ଚିତା ବିରାଡ଼ିଟି ପ୍ରଥମ କରି ଶାବକ ଜନ୍ମ ଦେଇଛି। ଫଳରେ ନନ୍ଦନକାନନରେ ଚିତା ବିରାଡ଼ି ସଂଖ୍ୟା ବୃଦ୍ଧି ପାଇ ୪ରେ ପହଞ୍ଚିଛି।

### ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଯାପିତ

ବାଲିଅନ୍ତା,୭।୧୦(ନୀଳମାଧବ ସାହୁ)- ସ୍ଥାନୀୟ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ପ୍ରାଥମିକ ଚିକିତ୍ସା ଉପରେ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ୟୁଥ୍ ରେଡ୍‌କ୍ରସ ପକ୍ଷରୁ ଆୟୋଜିତ ଏହି ଶିବିରରେ ବିଦ୍ୟାଳୟର ୪୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶିବିରକୁ ଅଧ୍ୟକ୍ଷା ଜୟନ୍ତୀବାଳା ମହାନ୍ତି ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ରୂପେ ଡା. ଲୋକନାଥ ସାହୁ ଯୋଗଦେଇ ଯୁବ ସ୍ୱେଚ୍ଛାସେବୀଙ୍କୁ କିଭଳି ଭାବରେ ଛୋଟ ଛୋଟ ଅଘଟଣ ବା ଦୁର୍ଘଟଣାରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ଦ୍ୱାରା ସେବା ଯୋଗାଇହେବ ସେନେଇ ତାଲିମ ପ୍ରଦାନ କରିଥିଲେ। ଶିବିରକୁ ବିଦ୍ୟାଳୟ ୟୁଥ୍ ରେଡ୍‌କ୍ରସର କାଉନସିଲର ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

# ଡବ୍ଲ୍ୟୁଏସ୍‌ସିରେ ଆରମ୍ଭ ହେବ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ' ପାଠ୍ୟକ୍ରମ

## ଛାତ୍ରୀଛାତ୍ରଙ୍କୁ ମିଳିବ ବିଶ୍ୱସ୍ତରୀୟ କ୍ୟାରିୟର ସୁଯୋଗ

ଭୁବନେଶ୍ୱର, ୭।୧୦(ଅସମାପିକା ସାହୁ)

ସାରା ବିଶ୍ୱରେ ଏଲିଭେଟର, ଏସ୍କାଲେଟର ଓ ଟ୍ରାଭେଲେଟର ପରି ଆଧୁନିକ ଯନ୍ତ୍ରର ଚାହିଦା ବଢ଼ିବାରେ ଲାଗିଛି। ତା' ସାଙ୍ଗକୁ ଏ ସବୁର ପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ମଧ୍ୟ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି) ପକ୍ଷରୁ 'ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍' ଉପରେ ଏକ ନୂତନ ତାଲିମ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଫଳରେ ରାଜ୍ୟ ସରକାରଙ୍କ 'ସ୍କିଲ୍‌ଡ ଇନ୍ ଓଡ଼ିଶା' ପରିକଳ୍ପନା ଅଧୀନରେ ରାଜ୍ୟର ଯୁବବର୍ଗଙ୍କୁ ଏହି ଅତ୍ୟାଧୁନିକ ବିଷୟରେ ତାଲିମ ଦେଇ ସେମାନଙ୍କୁ ବିଶ୍ୱସ୍ତରୀୟ କ୍ୟାରିୟର ଗଢ଼ିବା ଲାଗି ପ୍ରସ୍ତୁତ କରାଯିବ। ୨୦୨୩-୨୪ ଶିକ୍ଷାବର୍ଷରୁ ଆରମ୍ଭ ହେବାକୁ ଯାଉଥିବା ଏହି ନୂତନ ପାଠ୍ୟକ୍ରମର ନାମ ରହିଛି 'ଆଡ୍‌ଭାନ୍ସଡ୍ ସାର୍ଟିଫିକେଟ୍ ଇନ୍ ଫ୍ୟାସିଲିଟି ଟେକ୍ନୋଲୋଜି (ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍)। ସିଙ୍ଗାପୁର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନର (ଆଇଟିଇଏସ୍) ତତ୍ତ୍ୱାବଧାନରେ ଏହି ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହି ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ ବିଷୟରେ ଆବଶ୍ୟକ ବୈଷୟିକ ଶିକ୍ଷା ଓ ତାଲିମ ଦିଆଯିବ। ଫଳରେ ସେମାନେ ଆଧୁନିକ ଲିଫ୍ଟ ଓ ଏସ୍କାଲେଟରର ସ୍ଥାପନା, ତାହାକୁ କାର୍ଯ୍ୟକ୍ଷମ କରିବା, ରକ୍ଷଣାବେକ୍ଷଣ,




ମରାମତି ଓ ଯାଞ୍ଚ ଆଦି କାର୍ଯ୍ୟ କରିବାରେ ସକ୍ଷମ ହେବେ। ଏହା ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣୀୟ ନିଯୁକ୍ତିର ସୁଯୋଗ ଆଣିଦେଇପାରିବ। ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ଥିବା ଏହି ୧ ବର୍ଷିଆ ପାଠ୍ୟକ୍ରମ ପାଇଁ ଆଇଟିଆଇ(୨ବର୍ଷିଆ) କିମ୍ବା ପଲିଟେକ୍ନିକ୍‌ରେ ଡିପ୍ଲୋମା କରିଥିବା ଓଡ଼ିଶାର ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଏଠାରେ ଜୀବନ୍ତ ମଡେଲ ଜରିଆରେ ସିମୁଲେସନ ସହିତ ଭର୍ଟିକାଲ ଟେକ୍ନୋଲୋଜିର ବିଭିନ୍ନ ଦିଗ ଉପରେ ଶିକ୍ଷା ଓ ତାଲିମ ଦିଆଯିବ। ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ଫଳରେ ଏହା ଏସ୍କାଲେଟର, ଏଲିଭେଟର ଏବଂ ଅନୁରୂପ ଯନ୍ତ୍ରର ସ୍ଥାପନା ଓ କାର୍ଯ୍ୟକାରିତା, ପରିଚାଳନା ଓ ରକ୍ଷଣାବେକ୍ଷଣ ଆଦି ବିଷୟରେ ତାଲିମ ଦେବାରେ ବିଶେଷ ସହାୟକ ହେବ।



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ଅନ୍‌ଲାଇନ ଅଟୋ ଡ୍ରାଇଭର ସଂଘ ପକ୍ଷରୁ ଇନ୍‌ଫୋସିଟି ଥାନା ଘେରାଉ କରାଯାଇଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଇନ୍‌ଫୋସିଟି ଥାନା ଘେରାଉ

## ଅଟୋ ଡ୍ରାଇଭରଙ୍କୁ ଆଣ୍ଠେଇ ଆକ୍ରମଣ ଘଟଣା

ଭୁବନେଶ୍ୱର,୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ପହଞ୍ଚିବାରେ ସାମାନ୍ୟ ବିଳମ୍ବ ହେବାରୁ କେତେଜଣ ଯୁବକ ଓ ଯୁବତୀ ଅନ୍‌ଲାଇନ୍ ଅଟୋ ଚାଳକ ନୀଳମଣି ବେହେରାଙ୍କୁ ରାସ୍ତାରେ ସର୍ବସମ୍ମୁଖରେ ଆଣ୍ଠେଇବା ସହ ଉଠବସ୍ କରି ଆକ୍ରମଣ କରିଥିଲେ। ତେବେ ଏହି ଘଟଣାକୁ ୨ ଦିନ ବିତିଯାଇଥିଲେ ମଧ୍ୟ ଏଯାବତ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ତେଣୁ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ଅନ୍‌ଲାଇନ ଅଟୋ ଡ୍ରାଇଭର ସଂଘ ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଇନ୍‌ଫୋସିଟି ଥାନା ଘେରାଉ କରାଯାଇଥିଲା। ଅଟୋ ଚାଳକମାନେ ନିଜ ନିଜ ଅଟୋକୁ ଶିଖରଚଣ୍ଡୀ ପାହାଡଠାରୁ ଥାନା ପର୍ଯ୍ୟନ୍ତ ଧାଡି କରି ଛିଡା କରିବାରୁ କିଛି ସମୟ ଟ୍ରାଫିକ ଜାମ ହୋଇଥିଲା। ତେବେ ଆକ୍ରମଣ କରିଥିବା ଯୁବତୀଯୁବକ ଧନୀ ଓ ପ୍ରଭାବଶାଳୀ ପରିବାରର ହୋଇଥିବାରୁ ପୋଲିସ ସେମାନଙ୍କୁ ଗିରଫ କରୁ ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଖବର ପାଇ ଡିସିପି ପ୍ରତୀକ ସିଂ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ହଟିଥିଲେ। ସୂଚନାଯାଇଥି, ଆକ୍ରମଣର ଶିକାର ହୋଇଥିବା ନୀଳମଣିଙ୍କ ଅଟୋକୁ ପଟିଆ ଅଞ୍ଚଳର ଜଣେ ଯୁବତୀ ଅନ୍‌ଲାଇନ୍‌ରେ ବୁକ୍ କରିଥିଲେ। ହେଲେ ଟ୍ରାଫିକ ଜାମ୍ ହେବାରୁ ନୀଳମଣି ପହଞ୍ଚିବାରେ ବିଳମ୍ବ ହୋଇଥିଲା। ସେ ପହଞ୍ଚିବା ପରେ ଯୁବତୀ ଜଣକ ତାଙ୍କ ଅଟୋକୁ କ୍ୟାନସେଲ କରି ଅନ୍ୟଏକ ଅଟୋ ବୁକ୍ କରିଥିଲେ। ଏନେଇ ନୀଳମଣି କିଛି ଟଙ୍କା ମାଗିବାରୁ ଯୁବତୀ ଜଣକ ତାଙ୍କ ସହ ବଚସା କରିଥିଲେ। ଏହାପରେ ଯୁବତୀ କେତେଜଣ ଯୁବକଙ୍କୁ ଘଟଣାସ୍ଥଳକୁ ଡକାଇ ନୀଳମଣିଙ୍କୁ କ୍ଷମା ମାଗିବାକୁ କହିଥିଲେ। ତାଙ୍କୁ ଘଟଣାସ୍ଥଳରେ ଉଠବସ୍ କରିବା ସହିତ ଆଣ୍ଠେଇ ରାସ୍ତା ଉପରେ ଚଲାଇ ମାଡ ମାରିଥିବା ଅଭିଯୋଗ ହୋଇଥିଲା।

## ବାଘୁଣୀ ରୁପାର ଛୁଆ ଝାଡ଼ାରେ ଆକ୍ରାନ୍ତ

ବାରଙ୍ଗ,୭।୧୦(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନର ୨୮ନଂ. ଏନ୍‌କ୍ଲୋଜରରେ ରହୁଥିବା ବାଘୁଣୀ ରୁପାର ୨ଟି ଛୁଆ ମଧ୍ୟରୁ ଗୋଟିଏ ୯ ମାସର ମାଈ ଧଳାବାଘ ଛୁଆ ଅସୁସ୍ଥ ହୋଇପଡିଛି। ପ୍ରଥମ ଥର ପାଇଁ ଏହି ଛୁଆଟି ଅସୁସ୍ଥ ହୋଇଛି। ଛୁଆଟି ଗତ କିଛିଦିନ ହେବ ତରଳ ଝାଡ଼ାରେ ଆକ୍ରାନ୍ତଥିବାରୁ ନନ୍ଦନକାନନ ଜନ୍ତୁ ବିଭାଗର ଚିନ୍ତା ବଢିଯାଇଛି। ତେବେ ଜନ୍ତୁ ବିଭାଗର ନିର୍ଦ୍ଦେଶକ୍ରମେ ଛୁଆକୁ ତା'ର ଫିଡିଂ ଚାମ୍ବର ପୃଥକୀକରଣ ଏନ୍‌କ୍ଲୋଜରରେ ରଖାଯାଇ ଏଠାକାର ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଆରମ୍ଭ ହୋଇଥିଲେ ମଧ୍ୟ ଛୁଆଟି ଠିକ୍ ଭାବେ ଖିଆପିଆ କରିପାରୁ ନ ଥିବା ଜଣାପଡିଛି। ସେ ଖାଦ୍ୟ ଖାଇବା ପରିମାଣ କମାଇ ଦେବାରୁ ଦିନକୁ ଦିନ ଦୁର୍ବଳ ହେବା ସହ ଗୋଟିଏ ସ୍ଥାନରେ ଛିଡ଼ା ହୋଇରହୁଛି। ଚିକିତ୍ସା ସତ୍ତ୍ୱେ ତା' ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉ ନ ଥିବା ଜଣାପଡିଛି। ଅନ୍ୟପଟେ ନନ୍ଦନକାନନ ଜନ୍ତୁ ପରିଚାଳନାଗତ ତ୍ରୁଟି ପାଇଁ ଖାଦ୍ୟ ଠିକ୍ ଭାବେ ଯାଞ୍ଚ ହେଉ ନାହିଁ। ଫଳରେ ନିମ୍ନମାନର ଖାଦ୍ୟ ଯୋଗୁ ଛୁଆ ବାଘଟି ଝାଡ଼ାରେ ଆକ୍ରାନ୍ତ ହୋଇଥିବା ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ ଯେ, ଧଳାବାଘୁଣୀ ରୁପା ଚଳିତବର୍ଷ ଜାନୁୟାରୀ ୬ରେ ୩ଟି ଛୁଆକୁ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ଗୋଟିକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଟି ଜୀବିତ ଅଛନ୍ତି।

ଖାଦ୍ୟରୁଚି

# 'ଚିକେନ୍-ଏଗ୍ ଭେଗିସ କରି'

ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ)- ଏଥର 'ଖାଦ୍ୟରୁଚି'ରେ ସ୍ଥାନ ପାଇଛି ଏକ ନୂଆ ଡିସ୍ 'ଚିକେନ୍-ଏଗ୍ ଭେଗିସ୍ କରି'। ଏଥିରେ ଚିକେନ୍, ଅଣ୍ଡା ସହିତ ଟିକେ ଭେଜିଟେବଲ୍‌ର ମଧ୍ୟ ଟଚ୍ ରହିଛି। ବିଶେଷକରି ସ୍ୱାସ୍ଥ୍ୟକୁ ନେଇ ସଚେତନ ଥିବା ଲୋକେ ଏଭଳି ଡିସ୍‌କୁ ବେଶି ପସନ୍ଦ କରିଥାନ୍ତି। କାରଣ ଚିକେନ୍-ଏଗ୍ ଭେଗିସ୍ କରିରେ ଆମିଷର ପ୍ରୋଟିନ୍ ସହିତ ପରିବାରେ ଥିବା ବିଭିନ୍ନ ପ୍ରକାରର ଭିଟାମିନ୍ ମଧ୍ୟ ସାମିଲ ରହିଛି। ତେବେ ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ କହିଛନ୍ତି ଫୁଡ୍ ବ୍ଲଗର ସଙ୍ଗୀତା ଦାସ।





### ଆବଶ୍ୟକ ସାମଗ୍ରୀ

ଚିକେନ- ୧୦୦ଗ୍ରାମ
ଅଣ୍ଡା-୨ଟି
ସିଝା ମସଲା ପେଷ୍ଟ(ଗୋଟିଏ ରସୁଣ, ଗୋଟିଏ ପିଆଜ, ୧ ଇଞ୍ଚ ଅଦା, କିଛି ଗୋଟା ଗରମ ମସଲା)
ଲମ୍ବା କଟା ଗାଜର - ଏକ ଖଣ୍ଡ
ଗୋଟା ପିଆଜ- ୧ଟା
ଗୋଟା ରସୁଣ - ୧ଟା
ଟମାଟୋ-୧ଟି କିମ୍ବା ଦହି- ୧ଚାମଚ
ତେଲ-୨/୩ଚାମଚ
ଲଙ୍କା ଗୁଣ୍ଡ- ଅଧା ଚାମଚ
ହଳଦୀ ଗୁଣ୍ଡ- ଅଧା ଚାମଚ
ଅଳ୍ପ ଗରମ ମସଲା
ଚିକେନ ମସଲା
ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଅଦା, ରସୁଣ, ପିଆଜ ଓ ଗୋଟା ଗରମ ମସଲାକୁ ପାଣିରେ ୫ମିନିଟ ପର୍ଯ୍ୟନ୍ତ ସିଝେଇ ଦେବା। ମସଲା ଟିକେ ଥଣ୍ଡା ହେଲା ପରେ ତାକୁ ଭଲଭାବେ ବାଟି ଦେବା। ଏବେ ଗ୍ୟାସ୍‌ରେ ଅନ୍ୟଏକ ପାତ୍ର ବସାଇ ସେଥିରେ ତେଲ ପକେଇବା। ତେଲ ଗରମ ହେଲେ ସେଥିରେ ଗାଜର ଖଣ୍ଡ ଓ ଅଣ୍ଡାକୁ ପକାଇ ହାଲ୍‌କା ଭାଜିଦେବା। ଗାଜର, ଅଣ୍ଡାକୁ ବାହାର କରି ସେହି ତେଲରେ କିଛି ଜିରା ଛୁଙ୍କ ଦେଇ ସେଥିରେ ସିଝା ବଟା ମସଲା, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ପକାଇ ଭଲଭାବେ କଷିବା। କିଛି ସମୟ ପରେ ସେଥିରେ ୨ଟି ଗୋଟା ପିଆଜ, ଗୋଟିଏ ଗୋଟା ରସୁଣ, ଭଜା ହୋଇ ରହିଥିବା ଗାଜର, ଅଣ୍ଡା ଏବଂ ଚିକେନ୍‌କୁ ପକାଇବା। ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଭଲଭାବେ କଷିବା। ସେଥିରେ ଛୋଟ ଟମାଟୋ କିମ୍ବା ଦହି ପକାଇ ଭଲଭାବେ ଗୋଳାଇବା। ଏବେ ଆବଶ୍ୟକ ଅନୁଯାୟୀ ପାଣି ଦେଇ ସିଝିବାକୁ ଛାଡିଦେବା। ୧୫ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ଆମର 'ଚିକେନ୍-ଏଗ୍ ଭେଗିସ୍ କରି'।

# ବାରଣ କରିବାରୁ ପୋଲିସକୁ ଆକ୍ରମଣ

## ବାର୍ ସମ୍ମୁଖରେ ୨ ଗୋଷ୍ଠୀ ଗଣ୍ଡଗୋଳ

ଭୁବନେଶ୍ୱର,୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ବାର୍ ବାହାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳକୁ ବାରଣ କରିବାକୁ ଯାଇ ଚନ୍ଦ୍ରଶେଖରପୁର ପୋଲିସ ଆକ୍ରମଣର ଶିକାର ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ତେବେ ଏଥିରେ ଜଣେ ଏସ୍‌ଆଇ ଆହତ ହୋଇଥିବା କୁହାଯାଉଥିଲେ ମଧ୍ୟ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝି ଏହାକୁ ଖଣ୍ଡନ କରିଛନ୍ତି। ତେବେ ଗଣ୍ଡଗୋଳ ଘଟଣାରେ କୁନାଲ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି ବୋଲି ସେ କହିଛନ୍ତି। ସୂଚନାନୁସାରେ, ଉକ୍ତ ଅଞ୍ଚଳରେ ଥିବା ଏକ ବାର୍ ବାହାରେ ଜଣେ ଯୁବତୀଙ୍କୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ପିସିଆର ଟିମ୍ ସେଠାରେ ପହଞ୍ଚି ବୁଝାଶୁଝା କରିବା ସହ ଗଣ୍ଡଗୋଳ ନ କରିବାକୁ କହିଥିଲେ। ଏହି ସମୟରେ କୁନାଲଙ୍କ ସହ କେତେଜଣ ଯୁବକ ପୋଲିସ ଓ ଅନ୍ୟଜଣେ ଯୁବକଙ୍କୁ ଆକ୍ରମଣ କରିଥିଲେ। ପରେ ଥାନା ଅଧିକାରୀ ମାଝି ସଦଳବଳ ପହଞ୍ଚି ଜଣେ ଯୁବତୀଙ୍କ ସହ ୪ଜଣଙ୍କୁ ବହୁ କଷ୍ଟରେ ପିସିଆର ଗାଡିରେ ବସାଇ ଥାନାକୁ ନେଇଥିଲେ।

# ଡକାୟତି ଯୋଜନାବେଳେ ୫ ଗିରଫ

## ଖଣ୍ଡା, କଟୁରି, ଛୁରି, ଲଙ୍କାଗୁଣ୍ଡ, ମଦ, ବାଇକ ଜବତ

ଭୁବନେଶ୍ୱର,୭।୧୦ (ସୂର୍ଯ୍ୟକାନ୍ତ ବେହେରା)

ଦୁର୍ଗାପୂଜା ଯେତିକି ପାଖେଇ ଆସୁଛି ଅପରାଧୀମାନେ ସେତିକି ସକ୍ରିୟ ହୋଇ ଅପରାଧ ପାଇଁ ସଜବାଜ ହେଉଛି। ଶୁକ୍ରବାର ରାତିରେ ଏକ ଅପରାଧୀ ଗ୍ୟାଙ୍ଗ୍ ରାଜଧାନୀ କଲେଜ ନିକଟରେ ସଶସ୍ତ୍ର ଡକାୟତି ଯୋଜନା କରୁଥିବାବେଳେ ଖଣ୍ଡଗିରି ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରରେ ରହୁଥିବା ପୁରୀର ମୁରଲୀ ବେହେରା ଓ ମାନସ ପ୍ରଧାନ, ଗଞ୍ଜାମର ଶଙ୍କର ଡାକୁଆ, ଖୋର୍ଦ୍ଧାର ମଣ୍ଟୁ ପାଇକରାୟ ଏବଂ ନୟାଗଡର ଆକାଶ ନାୟକ। ସେମାନଙ୍କଠାରୁ ଖଣ୍ଡା, କଟୁରି, ଛୁରି, ୩ଟି ମୋବାଇଲ ଫୋନ, ଲଙ୍କାଗୁଣ୍ଡ ପ୍ୟାକେଟ, ମଦ ବୋତଲ ଓ ଦୁଇଟି ବାଇକ ଜବତ ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରୁ ମଣ୍ଟୁଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ମୋଟ ୨୩ଟି ମାମଲା ରହିଥିବା ତଦନ୍ତବେଳେ ଜଣାପଡିଛି। ତେଣୁ ସେ ଅଭ୍ୟାସଗତ ଭାବେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ପୋଲିସ ସୂଚନା ଦେଇଛି। ସେହିପରି ମୁରଲୀ ଓ ଶଙ୍କରଙ୍କ ନାମରେ ମଧ୍ୟ ଖଣ୍ଡଗିରି ଥାନାରେ ୩ଟି ଲେଖାଏ ମାମଲା ରହିଛି। ସମସ୍ତ ଅଭିଯୁକ୍ତ ଜାତୀୟ ରାଜପଥରେ ଏକୁଟିଆ ଯାଉଥିବା ପଥଚାରୀ ଓ ବ୍ୟବସାୟୀଙ୍କଠାରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।



ଗିରଫ ୫ ଅଭିଯୁକ୍ତ ସହ ଜବତ ବାଇକ୍।

# ମଣିମହଲରେ ଝଟକିବେ ମା'



## ଧରାବତରଣ କରିବେ ମା'

ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ସବୁବେଳେ କିଛି ନୂଆ ଥିମ୍ ନୟାପଲ୍ଲୀ ଦୁର୍ଗା ମଣ୍ଡପରେ ଦେଖିବାକୁ ମିଳେ। ଏଥର ମଧ୍ୟ ମା'ଙ୍କ ଆଗମନ ପାଇଁ ଦୁର୍ଗାପୂଜା କମିଟି ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗୁଜରାଟର ମଣିମହଲ ଆକୃତିରେ ଝଟକିବ ଏଥରର ତୋରଣ। ୮୫ ଫୁଟ୍ ଉଚ୍ଚତା ଓ ୧୨୦ ଫୁଟ୍ ଚଉଡ଼ାରେ ତୋରଣ ପ୍ରସ୍ତୁତି ଚାଲିଛି। ୪୫ଜଣରୁ ଅଧିକ କାରିଗର ଏହି କାର୍ଯ୍ୟରେ ସାମିଲ ଅଛନ୍ତି। ଜନ୍ମାଷ୍ଟମୀ ପରଠାରୁ ତୋରଣ କାମ ଆରମ୍ଭ ହୋଇଛି। ସେହିପରି ମୂର୍ତ୍ତିର ଉଚ୍ଚତା ୧୫ଫୁଟ୍, ମେଢ଼ ୧୮ଫୁଟ୍ ରହିବ। କୌଣସି କୃତ୍ରିମ ରଙ୍ଗ ବ୍ୟବହାର କରାଯିବ ନାହିଁ। ସମାଜକୁ ବାର୍ତ୍ତା ଦେଲା ଭଳି ଲାଇଟ୍ ଗେଟ୍ କରାଯିବ। ଏଥିସହ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଷଷ୍ଠୀଦିନ ଭଜନ ସମାରୋହ, ସପ୍ତମୀରେ ମେଲୋଡି, ଅଷ୍ଟମୀରେ ଭଜନ ସମାରୋହ ଓ ନବମୀରେ ମେଲୋଡି ପରିବେଷଣ କରାଯିବ। ପ୍ରତ୍ୟେକ ଦିନ ରାମଲୀଳା ପରିବେଷିତ ହେବ। ଅଷ୍ଟମୀ ଦିନ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଦିଆଯିବ। ବିଧି ଅନୁସାରେ ଦଶମୀ ଓ ରାବଣପୋଡ଼ି ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ନୟାପଲ୍ଲୀ ମଣ୍ଡପ ପକ୍ଷରୁ ସ୍ଥାନୀୟ ମଣ୍ଡପକୁ ନିମନ୍ତ୍ରଣ କରାଯିବ। ସମ୍ବର୍ଦ୍ଧନା ଉତ୍ସବ ପାଳନ ହେବ ଓ ଏହା ପରେ ସମସ୍ତେ ମିଶି ଗୋଟିଏ ପରେ ଗୋଟିଏ ଭସାଣି ଶୋଭାଯାତ୍ରାରେ ବାହାରିବେ। ପୂଜା ମଣ୍ଡପ ଓ ପେଣ୍ଡାଲରେ ସିସି କ୍ୟାମେରା ଲଗାଯିବ। ପୋଲିସ ଓ ଟ୍ରାଫିକ୍ ପୋଲିସ ସହ ପୋଲିସ ମିତ୍ର ଓ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଏଥିସହ ଫାୟାର ଗାଡ଼ି, ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। କମିଟି ସଦସ୍ୟ ଶତ୍ରୁଘ୍ନ ବେହେରା, ସନାତନ ବେହେରା, ରାଜକିଶୋର ସାମନ୍ତରାୟ, ନଟବର ସାମନ୍ତରାୟ, ଜୟପ୍ରକାଶ ଦାସ ପ୍ରମୁଖଙ୍କ ସହଯୋଗରେ ପୂଜା ଆୟୋଜନ ଚାଲିଛି।

ନୟାପଲ୍ଲୀ ଦୁର୍ଗାପୂଜା କମିଟି

### ପ୍ରଦୂଷଣମୁକ୍ତ ମୂର୍ତ୍ତି ତିଆରି ଚାଲିଛି



ମୂର୍ତ୍ତି ଗଢ଼ା, ତୋରଣ ତିଆରିରେ ବଙ୍ଗୀୟ ଏବଂ ଓଡ଼ିଶାର କାରିଗର ମିଳିମିଶି କାମରେ ଲାଗିଛନ୍ତି। ପାଖାପାଖି ୨୦ ପ୍ରତିଶତ କାମ ସରିଗଲାଣି। ପ୍ରଦୂଷଣ ମୁକ୍ତ ମୂର୍ତ୍ତି ପ୍ରସ୍ତୁତ ହେବ। ଚଳିତ ବର୍ଷ ମଧ୍ୟ ସମାଜକୁ ବାର୍ତ୍ତା ଦେବା ଭଳି ଥିମ୍ ରଖିଛୁ। ଆଶା କରୁଛି ପୂର୍ବଥର ଭଳି ଅନେକ ଲୋକଙ୍କ ସମାଗମ ରହିବ।

-ପ୍ରେମାନନ୍ଦ ଜେନା, କମିଟି ସଦସ୍ୟ

### ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନକୁ ଗୁରୁତ୍ୱ



ପୂଜା କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସବୁ ଆୟୋଜନ କରାଯାଉଛି। ତା'ଛଡ଼ା ମା'ଙ୍କ ଆଶୀର୍ବାଦ ରହିଛି। ନିହାତି ସବୁ ଭଲ ହେବ। ଏଥର ଲୋକଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବୁ। ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। କେହି ଯେମିତି କିଛି ବି ଅସୁବିଧାର ସାମ୍ନା ନ କରନ୍ତି, ସେଥିପାଇଁ ସମସ୍ତେ ସଜାଗ ଅଛୁ।

-ନବକିଶୋର ବେହେରା, କମିଟି ସଦସ୍ୟ

### ଭାଇଚାରା ମଧ୍ୟରେ ଭସାଣି ଉତ୍ସବ



ବିଶ୍ୱଶାନ୍ତି ପାଇଁ ଷୋଳ ପୂଜା ଆରମ୍ଭ ହୋଇଗଲାଣି। ସବୁ କାମ ସୁରୁଖୁରୁରେ ଆଗେଇ ଚାଲିଛି। ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକଙ୍କ ମନୋରଞ୍ଜନ ହେବ। ଭାଇଚାରା ମଧ୍ୟରେ ଭସାଣି କାର୍ଯ୍ୟକ୍ରମ ମଧ୍ୟ ସମାପନ ହେବ।

-ଚିତ୍ରସେନ ବେହେରା, କମିଟି ସଦସ୍ୟ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ନିରାକାରପୁର, ୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଗାଡ଼ି ଧକ୍କାରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଗ୍ରାମର ସୁକାନ୍ତ କୁମାର ନାୟକ(୨୮)। ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୧୧ଟା ୩୦ରେ ସୁକାନ୍ତ ଏକ ଢାବାରୁ ଖାଦ୍ୟ ନେଇ ଘରକୁ ଫେରୁଥିଲେ। ରାଣିଦେବୀ କ୍ରସରକୁ ଯିବା ରାସ୍ତାରେ କୌଣସି ଏକ ଗାଡ଼ି ଧକ୍କା ଦେବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକେ ପହଞ୍ଚିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏନେଇ ମୃତ ସୁକାନ୍ତଙ୍କ ଭିଣୋଇ ଶିବ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୫୩/୨୩) ରୁଜୁକରି ତଦନ୍ତ ଚଳାଇଛି।

### ସ୍ୱାମୀଙ୍କ ଦ୍ୱିତୀୟ ବିବାହ ଅଭିଯୋଗ

ଟାଙ୍ଗୀ,୭।୧୦(ରଘୁନାଥ ସାହୁ)

ସ୍ତ୍ରୀ ଓ ନାବାଳକ ପୁଅ ଥିବା ସତ୍ତ୍ୱେ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ନେଇ ଶୁକ୍ରବାର ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି। ନାଚୁଣୀ ଥାନା ଅନ୍ତର୍ଗତ କହ୍ନେଇପୁର ଗ୍ରାମର ଝିନା ଟାଙ୍ଗୀ ଥାନା ଅଧୀନ କୁହୁଡି ଗୋପିନାଥପୁର ସାହିର ପ୍ରଭାତ ଛୋଟରାୟଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ୫୦ ହଜାର ଟଙ୍କା, ସୁନାଗହଣା ଓ ଆସବାବପତ୍ର ଦିଆଯାଇଥିଲା। ତେବେ ବିବାହର କିଛିଦିନ ପରେ ପ୍ରଭାତ ଅଧିକ ଯୌତୁକ ଦାବି କରି ଝିନାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏହାରି ମଧ୍ୟରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ନିର୍ଯାତନା ଅସହ୍ୟ ହେବାରୁ ଝିନା ବାପଘରକୁ ପଳାଇ ଆସିଥିଲେ। ଏହା ମଧ୍ୟରେ ପ୍ରଭାତ ଦ୍ୱିତୀୟ ବିବାହ କରିଥିବା ଜଣାପଡ଼ିବା ପରେ ଝିନା ଥାନାର ଦ୍ୱାରସ୍ଥ ହେବା ସହ ଅଭିଯୋଗ କରିଛନ୍ତି। ଟାଙ୍ଗୀ ପୋଲିସ ତଦନ୍ତ ପାଇଁ କୁହୁଡି ଫାଣ୍ଡି ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ଜଣାପଡ଼ିଛି।

### ଇଟିପୁରରେ 'ଘରେ ଘରେ କଂଗ୍ରେସ' କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର, ୭।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶର ଜିଲା କଂଗ୍ରେସ ପକ୍ଷରୁ ଶନିବାର 'ଘରେ ଘରେ କଂଗ୍ରେସ' କାର୍ଯ୍ୟକ୍ରମ ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଇଟିପୁର ପଞ୍ଚାୟତରେ ବ୍ଲକ ସଭାପତି ଇନ୍ଦ୍ରଜିତ୍ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ପଦଯାତ୍ରା କୁକୁଡ଼ାଘାଇ ପାଟଣାରୁ ବାହାରି ବିକିପୁର, ଡିହପୁର, ଜୟପୁର ଓ ଜୟପୁର ପାଟଣା ପରିକ୍ରମା କରିଥିଲା। ଜନସାଧାରଣଙ୍କୁ କଂଗ୍ରେସ ସରକାରଙ୍କ ଦ୍ୱାରା ପ୍ରଣୀତ ବହୁ ଜନାଭିମୁଖୀ ଯୋଜନା ବିଷୟରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଏକାମ୍ର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ରଙ୍କ ସମେତ ପ୍ରଶାନ୍ତ ଚମ୍ପତି, ଯୋଗି ନାୟକ, କ୍ଷିରୋଧ ବେହେରା, ରୀନା ସାହୁ, ଶ୍ରୀୟା ପଣ୍ଡା, ସ୍ୱର୍ଣ୍ଣଲତା ସାହୁ, ଶଙ୍କୁନା କଅଁର, ସୋନାଲି ସ୍ୱାଇଁ, ଶିବାନୀ ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଅଂଶ ସାମିଲ ହୋଇଥିଲେ।

# ବନ୍ଧ ପୋଖରୀ କିସମ ପାଇଁ ମିଳୁନି ପଟ୍ଟା

**ହୋଇପାରୁନି ବିଦ୍ୟାଳୟର ବିକାଶ**
- ସ୍କୁଲ ପରିସରରେ ଜମୁଛି ପାଣି
- ହଇରାଣ ହେଉଛନ୍ତି ଛାତ୍ରୀଛାତ୍ର

ନିରାକାରପୁର,୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)


ବିଦ୍ୟାଳୟ ପରିସରରେ ପାଣି ଜମି ରହିଛି।

ବିଦ୍ୟାଳୟ ଓ ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଖାଦ୍ୟ, ପୋଷାକ, ସାଇକେଲ, ବହି ଯୋଗାଇଦେବା ସହ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଏବେବି ବହୁ ବିଦ୍ୟାଳୟରେ ଭିତ୍ତିଭୂମି ଅଭାବରୁ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କାଶୀପୁର ଗ୍ରାମରେ ଥିବା କାଶୀପୁର ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟ ୧୯୦୪ ମସିହାରେ ସ୍ଥାପିତ ହୋଇଥିଲା। ଏଠାରେ ପ୍ରଥମରୁ ପଞ୍ଚମ ପ୍ରର୍ଯ୍ୟନ୍ତ ଶ୍ରେଣୀ ରହିଥିବା ବେଳେ ମୋଟ୍ ୧୧୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଏହି ବିଦ୍ୟାଳୟ ରହିଥିବା ଜମିର କିସମ ବନ୍ଧପୋଖରୀ ହୋଇଥିବାରୁ ପଟ୍ଟା ମିଳିପାରୁନାହିଁ। ଫଳରେ ବିଦ୍ୟାଳୟରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ପାଣି ଜମି ରହୁଛି। ଏଥିସହ ସୁରକ୍ଷା ପାଚେରି ନ ଥିବାରୁ ବିଦ୍ୟାଳୟ ପରିସର ଗୋରୁଙ୍କ ଚରାଭୂଇଁ ପାଲଟିଛି। ସ୍କୁଲ ପରିସରରେ ପାଣି ଜମିରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପିଲାମାନେ ପାଠ ପଢୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବଶ୍ୱର ପାଇକରାୟ କହିଛନ୍ତି, ବନ୍ଧ ପୋଖରୀ କିସମ ହୋଇଥିବାରୁ ବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ବିଭାଗୀୟ ଅଧିକାରୀମାନେ ଜାଣିଛନ୍ତି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେହିପରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପ୍ରଧାନ କହିଛନ୍ତି, ଏହି ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସେମାନେ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବାରମ୍ବାର ସ୍କୁଲର ପଟ୍ଟା ପାଇଁ ଆବେଦନ କରୁଥିଲେ ମଧ ବନ୍ଧପୋଖରୀ କିସମ ଯୋଗୁ ହୋଇପାରୁନାହିଁ। ଏନେଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସାବିତ୍ରୀ ସାହୁ କହିଛନ୍ତି, ଏହି ବ୍ଲକରେ ଥିବା ବହୁ ବିଦ୍ୟାଳୟର ଜମି କାର୍ଯ୍ୟ ସରିଗଲାଣି। ଏହି ବିଦ୍ୟାଳୟର ସମସ୍ୟା ଦୁଇ ମାସ ମଧ୍ୟରେ ସମାଧାନ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟରେ ବାଧା

ବେଗୁନିଆ,୭।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ବୋଲଗଡ ବ୍ଲକ ମାଣିବନ୍ଧ ପଞ୍ଚାୟତ ଅନ୍ତର୍ଗତ ବଡ଼ ନୟାପଲ୍ଲୀ ଗ୍ରାମରେ ଥିବା ବାଙ୍କନିଧି ଦେବ ଉଚ୍ଚ ବିଦ୍ୟାଳୟର ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ୫-ଟି ଅଧୀନରେ ଜାରିରହିଛି। ତେବେ ଉକ୍ତ ମରାମତି କାର୍ଯ୍ୟ ଆରମ୍ଭରୁ କେତେଜଣ ଲୋକେ ଭାଙ୍ଗିରୁଜି ଦେବା ସହ ବିଭିନ୍ନ ଉପକରଣ ଚୋରି କରି ନେଇଯାଇଥିବା ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ଏନେଇ ଗତ ୩ ତାରିଖରେ ରାଜମିସ୍ତ୍ରୀ ପ୍ରଦୀପ୍ତ କୁମାର ନାୟକ ଅଭିଯୋଗ କରିଥିଲେ। ତଦନ୍ତ ଆଳରେ ପୋଲିସ ଦିନ ଗଡାଇ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦୋଷୀଙ୍କ ବିରୋଧରେ ମାମଲା ରୁଜୁକରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୋଲଗଡ ବିଡିଓଙ୍କ ପକ୍ଷରୁ ଗତ ୫ତାରିଖରେ ବେଗୁନିଆ ଥାନା ଅଧିକାରୀଙ୍କୁ ଚିଠି ନଂ. ୩୧୮୩ ଯୋଗେ ଅବଗତ କରାଯାଇଛି। ଘଟଣା ଘଟିବାର ୪ଦିନ ପରେ ପୋଲିସର କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ବିଡିଓଙ୍କ ପକ୍ଷରୁ କୁହାଯାଇଛି। ଅଭିଯୋଗ ମୁତାବକ, ଗତ ୩ ତାରିଖ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଗେଡିଆପଲ୍ଲି ଅଞ୍ଚଳର ରାଜମିସ୍ତ୍ରୀ ପ୍ରଦୀପ୍ତ ଏବଂ ତାଙ୍କର ହେଲ୍ପରମାନେ ଉକ୍ତ ବିଦ୍ୟାଳୟର ମରାମତି କାର୍ଯ୍ୟ କରୁଥିଲେ। ଏହି ସମୟରେ ସ୍ଥାନୀୟ ବାଙ୍କପଲ୍ଲି ଗ୍ରାମର ୧୫ରୁ୨୦ଜଣ ବ୍ୟକ୍ତି ସେଠାରେ ପହଞ୍ଚି ମରାମତି କାର୍ଯ୍ୟ କରିପାରିବ ନାହିଁ ବୋଲି ମିସ୍ତ୍ରୀ ପ୍ରଦୀପ୍ତଙ୍କୁ ବାରଣ କରିଥିଲେ। ଏପରିକି ପ୍ରଦୀପ୍ତଙ୍କୁ ଗାଳିଗୁଲଜ କରିବା ସହ ତାଙ୍କର ବିଭିନ୍ନ ଉପକରଣ ଚୋରି କରିନେଇଛନ୍ତି। ସରକାରୀ ସମ୍ପତ୍ତିକୁ ଭାଙ୍ଗିରୁଜି ନଷ୍ଟ କରି ପକାଇଛନ୍ତି। ଏଠାକୁ କାର୍ଯ୍ୟ କରିବା ପାଇଁ ଆସିଲେ ଜୀବନରେ ମାରିଦେବୁ ବୋଲି ଧମକ ଦେଇଛନ୍ତି ବୋଲି ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ପରେ ପ୍ରଦୀପ୍ତ ଘଟଣା ସମ୍ପର୍କରେ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ କରଙ୍କୁ ଜଣାଇବା ପରେ ବିଡିଓଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚାଲିଛି। ଅନ୍ୟ ପକ୍ଷରୁ ଆଉ ଏକ ଅଭିଯୋଗ ଆସିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ରାସ୍ତାକଡ଼ରେ ଲଗାଇଲେ ତାଳ ମଞ୍ଜି

ବୋଲଗଡ଼,୭।୧୦(ଦେବବ୍ରତ ହୋତା)

ତାଳଗଛ ଫଳରେ ଫାଇବର, ପୋଟାସିୟମ, ମ୍ୟାଗ୍ନେସିଅମ ଓ ଭିଟାମିନ- ୬ ରହିଛି। ଘର ଛାତର ବିଭିନ୍ନ ଆବଶ୍ୟକ ଉପକରଣ, ଟେବୁଲ, ଚୌକି ଆଦି ଆସବାବପତ୍ର ନିର୍ମାଣରେ ତାଳ କାଠ ବ୍ୟବହାର ହୁଏ। ତାଳରେ ଥିବା କ୍ୟାଲସିୟମ ହାଡ଼କୁ ମଜଭୁତ ଓ ସୁସ୍ଥ ରଖେ। ଏଥିରେ ଥିବା ପୋଟାସିୟମ ହୃତପିଣ୍ଡକୁ ସୁସ୍ଥ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରେ। ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଏ, କଳା ଦାଗ ଓ ବ୍ରଣ ସମସ୍ୟାରୁ ରକ୍ଷାକରେ। ତାଳ ଗଛର ଏହିପରି ବହୁବିଧ ଉପାଦେୟତାକୁ ଦୃଷ୍ଟିରେ ରଖି ବୋଲଗଡ଼ ଅଞ୍ଚଳର ରବୀନ୍ଦ୍ର ପରିଡ଼ାଙ୍କ ପରାମର୍ଶରେ ସଂପୁର ସ୍ଥିତ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଏବଂ ଖବରଦତା ଗଙ୍ଗାଧର ଦାଶ ଓ ପୂର୍ବତନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ରଙ୍କ ସହଯୋଗରେ ଉକ୍ତ ବିଦ୍ୟାଳୟର ୩୨ ଜଣ ଛାତ୍ର ସଂପୁର, ଫିରିଫିରା ପାଟଣାକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଶନିବାର ୧୮୬ଟି ତାଳମଞ୍ଜି ପୋତିଥିଲେ। ଯାହାକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି।


ଖୋର୍ଦ୍ଧାରେ ଶନିବାର ଶୌର୍ଯ୍ୟ ରଥକୁ ଭବ୍ୟ ସ୍ୱାଗତ କରାଯାଉଛି।

# ଶୌର୍ଯ୍ୟ ରଥକୁ ଭବ୍ୟ ସ୍ୱାଗତ

ଖୋର୍ଦ୍ଧା,୭।୧୦(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱ ହିନ୍ଦୁ ପରିଷଦର ଯୁବ ସଙ୍ଗଠନ ବଜରଙ୍ଗ ଦଳ ଆନୁକୂଲ୍ୟରେ ପୁରୀ ଜିଲା ପାଇକ ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ଜନ୍ମସ୍ଥାନ ବ୍ରହ୍ମଗିରି ଗଡରୋଡଙ୍ଗ ଠାରୁ ବାହାରିଥିବା ବକ୍ସି ଶୌର୍ଯ୍ୟ ରଥକୁ ଶନିବାର ଖୋର୍ଦ୍ଧାରେ ସ୍ୱାଗତ କରାଯାଇଛି। ଏହି ରଥରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣଙ୍କ ସମେତ ମହାବୀରଙ୍କ ପ୍ରତିମୂର୍ତ୍ତି ବିଜେ କରିଛନ୍ତି। ସକାଳ ୭ଟାରେ ଗୁରୁଜଙ୍ଗ ହନୁମାନ ମନ୍ଦିର ନିକଟରେ ରଥରେ ଆଳତି ସହ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଜଗିପୁଟସ୍ଥିତ ଶ୍ରୀସଙ୍କଟମୋଚନଙ୍କ ଆଜ୍ଞାମାଳ ବିଜେ ପରେ ରଥ ପରିକ୍ରମା ଆରମ୍ଭ କରିଥିଲା। ଗୁରୁଜଙ୍ଗର ବିଭିନ୍ନ ସାହି ପରିକ୍ରମା କରି ମେଲଣ ପଡିଆରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଳିପଡା ଆଶ୍ରମର ବିଶ୍ୱମ୍ବର ଦାସ ମହାରାଜଙ୍କ ସମେତ ବିଭିନ୍ନ ମଠରୁ ଆସିଥିବା ମହନ୍ତ, ବାବାଜୀମାନେ ଯୋଗଦେଇ ଆର୍ଶୀବଚନ ପ୍ରଦାନ କରିଥିଲେ।

**ଭାରତ ପୁଣି ଥରେ ବିଶ୍ୱଗୁରୁ ହେବ**

ଭାରତୀୟ ସନାତନ ସଂସ୍କୃତି ବିଶ୍ୱକୁ ମାର୍ଗଦର୍ଶନ କରୁଛି। ବିଶ୍ୱକୁ ଭାରତର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତା ଦେଇ ଆସିଛି। ଭାରତ ପୁଣି ଥରେ ବିଶ୍ୱଗୁରୁ ଆଖ୍ୟା ହାସଲ କରିବ। ଭାରତୀୟ ସଂସ୍କୃତି, ପରମ୍ପରା ସର୍ବଦା ଅନ୍ୟ ହିତ ସାଧନ ପାଇଁ ଉଦ୍ଦିଷ୍ଟ। ବିଶ୍ୱକୁ ଭାରତର ଅବଦାନ ଅତୁଳନୀୟ। ଜି-୨୦ ଶୀଖର ସମ୍ମିଳନୀରେ ଭାରତ ପ୍ରତିନିଧିତ୍ୱ କରି ଗୋଟିଏ ପୃଥିବୀ, ଗୋଟିଏ ବିଶ୍ୱ ଓ ପରିବାରର ବାର୍ତ୍ତା ଦେବା ସହ ବିଶ୍ୱର ମଙ୍ଗଳ କାମନା କରିଛି ବୋଲି ମତପ୍ରକାଶ ପାଇଥିଲା। ବିଶ୍ୱହିନ୍ଦୁ ପରିଷଦର ଖୋର୍ଦ୍ଧା ପ୍ରଖଣ୍ଡ ସମ୍ପାଦକ ଗୋପବନ୍ଧୁ ସାହୁ କହିଥିଲେ, ଦେଶ ମାତୃକା ପାଇଁ ଅନେକ କ୍ରାନ୍ତିକାରୀ, ବୀରପୁରୁଷ ରାଷ୍ଟ୍ର ଯଜ୍ଞରେ ଯାଶ ଦେଇ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ସେମାନଙ୍କୁ ଯଥୋଚିତ ସମ୍ମାନ ଦେବା ଉଦ୍ଦେଶ୍ୟ ନେଇ ଗତ ୩୦ତାରିଖରୁ ଓଡ଼ିଶାରେ ୫ଟି ରଥ ବିଭିନ୍ନ ସ୍ଥାନରୁ ବାହାରିଛି। ରବିବାର ଭୁବନେଶ୍ୱର ମଞ୍ଚେଶ୍ୱର ଠାରେ ଯୁବସମାବେଶ ସହ ଶୌର୍ଯ୍ୟ ଜାଗରଣ ଯାତ୍ରା ଶେଷ ହେବ। ବଜରଙ୍ଗ ଦଳ ଜିଲା ସଂଯୋଜକ ନୂତନ ଚମ୍ପତିରାୟ କହିଥିଲେ, ଯୁବପିଢି ଦେଶର ଭବିଷ୍ୟତ। ସେମାନଙ୍କ ନିକଟରେ ଅମାପ ଶକ୍ତି ରହିଛି। ରାଷ୍ଟ୍ରଯଜ୍ଞରେ ସାମିଲ ସହ ଜଣେ ସମର୍ପିତ ଯୁବକଭାବେ ରାଷ୍ଟ୍ରର କଲ୍ୟାଣ ଦିଗରେ କିପରି ବ୍ରତୀ ହୋଇପାରିବେ, ସମାଜ ପ୍ରତି ରହିଥିବା ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ, ଗଠନମୂଳକ କାର୍ଯ୍ୟରେ ସେମାନଙ୍କ ଶକ୍ତି ସାମର୍ଥକୁ ଲଗାଇବା ଉଦ୍ଦେଶ୍ୟ ନେଇ ଏହି ଜାଗରଣ ଯାତ୍ରା ଆୟୋଜନର ଲକ୍ଷ୍ୟ ରହିଛି। ପରେ ମେଲଣ ପଡିଆରୁ ସାଧୁସନ୍ଥଙ୍କ ସହ ହନୁମାନବେଶଧାରୀ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀଙ୍କୁ ନେଇ ଏକ ବାଇକ ଶୋଭାଯାତ୍ରା ବାହାରି ଗଡଖୋର୍ଦ୍ଧା ସ୍ଥିତ ଶ୍ରୀରଘୁନାଥଙ୍କ ମନ୍ଦିରରେ ପହଞ୍ଚିଥିଲା। ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ପରେ ରଥ ଜଟଣୀ ଅଭିମୁଖେ ଯାତ୍ରା କରିଥିଲା। ବିଭିନ୍ନ ଛକରେ ଲୋକେ ସ୍ୱାଗତ, ପୂଜାର୍ଚ୍ଚନା ସହ ପ୍ରଭୁକୃପା ଲାଭ କରିଥିଲେ।

## ଟ୍ରେନରେ କଟି ମହିଳା ମୃତ

ବୋଲଗଡ଼,୭।୧୦(ଦେବବ୍ରତ ହୋତା)

ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥର ବୋଲଗଡ଼ ଟାଉନ ଷ୍ଟେଶନ ଠାରେ ଶନିବାର ରାତିରେ ଜଣେ ମହିଳା ଟ୍ରେନରୁ ଓହ୍ଲାଇବା ବେଳେ ଅସାବଧାନତାରୁ ଦୁର୍ଘଟଣା ଘଟି ମୃତ୍ୟୁବରଣ କରିଛନ୍ତି। ମୃତା ହେଲେ ବୋଲଗଡ଼ ପଞ୍ଚାୟତ ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ମୀନା ନାୟକ(୫୫)। ସୂଚନା ମୁତାବକ, ମୀନା କେତେଜଣ ଗ୍ରାମବାସୀ ଓ ସମ୍ପର୍କୀୟଙ୍କ ସହିତ ପୁରୀରୁ ପୁରୀ-ନୂଆଗାଁ ଟ୍ରେନରେ ବୋଲଗଡ଼ ଫେରୁଥିଲେ। ତେବେ ଟ୍ରେନଟି ବୋଲଗଡ଼ ଟାଉନ ଷ୍ଟେଶନରେ ରାତି ୮ଟା ୫୫ରେ ପହଞ୍ଚିବା ପରେ ମୀନା ହଠାତ୍ ଟ୍ରେନରୁ ଓହ୍ଲାଇବା ସମୟରେ ତଳେପଡ଼ି ଘୋଷାରି ହୋଇ ପ୍ଲାଟଫର୍ମ ଓ ଟ୍ରେନ ମଝିରେ ଚାପି ହୋଇ ଯାଇଥିଲେ। ଫଳରେ ତାଙ୍କର ଅଣ୍ଟାର ନିମ୍ନ ଭାଗରୁ ଶରୀର କାଟି ହୋଇଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରେଳଧାରଣାରୁ ମୃତଦେହ ଜବତ

ଜଟଣୀ,୭।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ମଣ୍ଡଳ ଅନ୍ତର୍ଗତ ରେତଙ୍ଗ ରେଳଷ୍ଟେଶନ ନିକଟ ରେଳ ଧାରଣାରୁ ଖୋର୍ଦ୍ଧାରୋଡ ଜିଆରପି ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହକୁ ଜବତ କରିଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ବୟସ ପାଖାପାଖି ୪୫ ରୁ ୫୦ ବର୍ଷ ହେବା ନେଇ ଅନୁମାନ କରାଯାଇଛି। ଖୋର୍ଦ୍ଧାରୋଡ ଜିଆରପି ୪୬/୨୦୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିଚୟ ପାଇଁ ମୃତଦେହ ରଖାଯାଇଥିବା ଖୋର୍ଦ୍ଧାରୋଡ ଜିଆରପି ଅଧିକାରୀ ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି।

## ୧୬ରୁ କୋଶଳାଶୁଣୀ ମହୋତ୍ସବ


ବୈଠକରେ ଉପସ୍ଥିତ ଗ୍ରାମବାସୀ।

ବୋଲଗଡ଼,୭।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ ଅନ୍ତର୍ଗତ ମା'କୋଶଳାଶୁଣୀ ପୀଠ ଠାରେ ଆସନ୍ତା ୧୬ରୁ ୨୧ତାରିଖ ପର୍ଯ୍ୟନ୍ତ ୧୯ତମ କୋଶଳାଶୁଣୀ ମହୋତ୍ସବ-୨୦୨୩ ଅନୁଷ୍ଠିତ ହେବ। ଏନେଇ ମହୋତ୍ସବ କମିଟିର ସଭାପତି ଚନ୍ଦ୍ର ନାରାୟଣ ପ୍ରତାପସିଂହଙ୍କ ଅଧ୍ୟକ୍ଷତାରେ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମନ୍ଦିର ନିକଟରେ ଏହି ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳର ବହୁ କଳାକାର ଓ ସାଂସ୍କୃତିକ ଦଳ ଯୋଗଦେବେ। କିମ୍ବଦନ୍ତୀ ଅନୁଯାୟୀ ମା'ପଶ୍ଚିମ ଓଡ଼ିଶାର କୋଶଳ ରାଜ୍ୟର ମୂଳଦେବତୀ ହୋଇଥିବାରୁ ବିଶେଷଭାବେ ଦଶହରା ପର୍ବ ସମୟରେ ସେହି ଅଞ୍ଚଳ ଭକ୍ତଙ୍କ ବହୁଳ ଆଗମନ ହୋଇଥାଏ। ତେଣୁ ସେମାନଙ୍କ ଅଭ୍ୟର୍ଥନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସମ୍ପାଦକ କିଶୋର ଚନ୍ଦ୍ର ସାହୁ କହିଛନ୍ତି। ଏହି ବୈଠକରେ ମହୋତ୍ସବ କମିଟି, ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସମେତ ଶେଷଦେବ ପ୍ରଧାନ, ମନୋଜ କୁମାର ପରିଡା, ପ୍ରଦୀପ ପଟ୍ଟନାୟକ, କାଳୁ ବିଶ୍ୱାଳ, ସୁନୀଲ କୁମାର ସାହୁ, ଭାବଗ୍ରାହୀ ଜତି ପ୍ରମୁଖ ଉପସ୍ଥିତ ଥିଲେ।



କୃଷ୍ଣପ୍ରସାଦ: ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଇରାୱାଡି ଡଲ୍ଫିନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ

କୃଷ୍ଣପ୍ରସାଦ,୭।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ନିର୍ଦ୍ଦେଶକ୍ରମେ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ୬୯ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନୀଙ୍କ ନେତୃତ୍ୱରେ ସାତପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱବଧାରକ ଆକାଶ ରଞ୍ଜନ ରଥ, ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ଧନେଶ୍ୱର ବିଧାର, ସମ୍ମାନିତ ଅତିଥି ଆଇନଜୀବୀ ରମା ଶଙ୍କର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ବେହେରା, ଫାଲଗୁନି ଜାଲି, ରଘୁନାଥ ଜେନା, ରବୀନ୍ଦ୍ର ବାରିକ, ସାତପଡ଼ା ଡିଗ୍ରୀ କଲେଜ ଅଧ୍ୟାପକ ପବିତ୍ର ମୋହନ ଦାସ, ସାମାଜିକ କର୍ମୀ ଆଶିଷ କୁମାର ସ୍ୱାଇଁ ପ୍ରମୁଖ ବନ୍ୟପ୍ରାଣୀ ସୁରକ୍ଷା ଓ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥସହ ଇରାୱାଡି ଡଲଫିନଙ୍କ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବାସୁଦେବ ହାଇସ୍କୁଲ ବାଘମୁଣ୍ଡା ଏବଂ ଚିଲିକା ହାଇସ୍କୁଲ ଆଲୁପାଟଣାର ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ବନପାଳ କାଳୀ ଚରଣ ମହାନ୍ତି, ବନପାଳ ଜିତେନ୍ଦ୍ରୀୟ ଜେନା, ବନପାଳ ଦୁର୍ଗା ଚରଣ ଟୁଡୁ, ବନପାଳ ରଜନୀ କାନ୍ତ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀଙ୍କୁ ବନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମେଣ୍ଢାଶାଳ, ପାନବରଜ ବିଜୟୀ

ଖୋର୍ଦ୍ଧା,୭।୧୦(ପ୍ରଭାତ ପାଣିଗ୍ରାହୀ)


ଗୁରୁଜଙ୍ଗ କପ୍ ଉଦ୍‌ଘାଟନ ଅବସରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖେଳାଳି ଏବଂ ଅନ୍ୟମାନେ।

**ଗୁରୁଜଙ୍ଗ କପ୍-୨୦୨୩ ଉଦ୍‌ଘାଟିତ**

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ (ଜିସିଏ) ଆନୁକୂଲ୍ୟରେ ରୟାଲ ଲାଇନ ଗୁରୁଜଙ୍ଗ କପ-୨୦୨୩ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ଏବଂ ବହୁ ବରିଷ୍ଠ ପୁରାତନ ଖେଳାଳି ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଭାଗନେଇଥିବା ବେଳେ ଆସନ୍ତା ୧୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସ୍ଥାନୀୟ ଖେଳପଡିଆରେ ପ୍ରଥମ ମ୍ୟାଚ୍ ମେଣ୍ଢାଶାଳ ଏବଂ କଲ୍ୟାଣପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କଲ୍ୟାଣପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜଗତପ୍ରିୟ ରାଉତରାୟ ୪୮ ରନ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଡାଶଳ ଟିମ୍ ୭ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜ୍ଞାନ ରଞ୍ଜନ ସାସମଲ ୫୭ ରନ ସଂଗ୍ରହ କରିଥିଲେ। ସେହିପରି ଦିତୀୟ ମ୍ୟାଚ୍ ମୁକୁନ୍ଦପ୍ରସାଦ ଓ ପାନବରଜ ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପାନବରଜ ଟିମ୍ ୧୭ଓଭରରେ ୧୬୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମରେନ୍ଦ୍ର ମହାନ୍ତି ୪୬ ରନ ସଂଗ୍ରହ କରିଥିଲେ। ଜବାବରେ ମୁକୁନ୍ଦପ୍ରସାଦ ଟିମ୍ ମୋଟ୍ ୧୩୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରଥମ ମ୍ୟାଚରେ ମେଣ୍ଢାଶାଳ ଟିମର ଜ୍ଞାନ ରଞ୍ଜନ ଶ୍ରେଷ୍ଠ ଖେଳାଳି ଓ ଦିତୀୟ ମ୍ୟାଚରେ ସମରେନ୍ଦ୍ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଆୟୋଜକ ରୟାଲ ଲାୟନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ମିଳନ ପରିଜା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅସିତ୍ କୁମାର ଶତପଥୀ, ସାନୁଜ ବିଶ୍ୱାଳ, ସୁଜିତ୍ ପରିଡ଼ା, ଅସିତ୍ ପରିଡ଼ା, ପ୍ରଶାନ୍ତ ପଟଯୋଷି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍କୁଲରେ ପଶି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଶ୍ଳୀଳ ଆଚରଣ ଥାନାରେ ଅଭିଯୋଗ

ଗୋପ,୭।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ବେଦପୁର ପ୍ରାଥମିକ ସ୍କୁଲ ଚାଲୁଥିବାବେଳେ ଶନିବାର ଜଣେ ଯୁବକ ସ୍କୁଲରେ ପଶି ପାଠ ପଢ଼ାଉଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଶ୍ଳୀଳ ଆଚରଣ ଦେଖାଇବା ସହ କ୍ଲାସରୁମ୍‌ରେ ପଶି ପାଟିତୁଣ୍ଡ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏପରି ଘଟଣାରେ ଅଧ୍ୟୟନରତ ଛାତ୍ରୀଛାତ୍ର ଭୟଭୀତ ହୋଇପଡ଼ିଥିଲେ। ବେଦପୁରର ଉକ୍ତ ଯୁବକ ଜଣଙ୍କ ଦୀର୍ଘ ୨ଘଣ୍ଟା ଧରି ସ୍କୁଲ ପରିସରରେ ହୋହଲ୍ଲା କରିବା ସହ ଟେକା ପଥର ମାଡ଼ କରିବା ସହିତ ଛାତ୍ରୀଛାତ୍ରଙ୍କ ଲାଗି ରୋଷେଇ କରୁଥିବା ପାଚିକାଙ୍କୁ ମଧ୍ୟ ଗାଳିମନ୍ଦ କରିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ପଦ୍ମନାଭ ସେନାପତି ଏନେଇ ଥାନାରେ ଅଭିଯୋଗ ଦେବା ସହିତ ପାଚିକା ଜଣଙ୍କ ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରେ, ଅଭିଯୋଗକୁ ନେଇ ତଦନ୍ତ ହେଉଛି। ମକଦ୍ଦମା ରୁଜୁ କରାଯାଇ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

### ବଧୂହତ୍ୟା ଅଭିଯୋଗ, ଥାନାରେ ଏତଲା

ପୁରୀ ୭।୧୦ (ଅଜିତ୍ ମହାନ୍ତି);

ପାରିବାରିକ କହଳକୁ ନେଇ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ବାପଘର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବାପଘର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି କି ଗତ ୮ ମାସ ପୂର୍ବେ ନିବେଦିତା ପରିଡାଙ୍କ ସହ ରଞ୍ଜିତ ସାହୁଙ୍କ ବିବାହ ହୋଇଥିଲା। ବିବାହର କିଛି ମାସ ପରେ ଶାଶୁଘର ଲୋକେ ନିବେଦିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ନିବେଦିତା ତାଙ୍କ ବାପ ଘରକୁ ମଧ୍ୟ ଜଣାଇଥିଲେ। ତେବେ ଶନିବାର ରଞ୍ଜିତ ଶ୍ୱଶୁର ଘର ଲୋକଙ୍କୁ ଫୋନ୍ କରି ଜଣାଇଥିଲେ କି ନିବେଦିତା କବାଟ କିଳି ଘରେ ରହିଛି, ଡାକିଲେ ଶୁଣୁନାହିଁ। ଖବର ପାଇ ନିବେଦିତାଙ୍କ ବାପଘର ଲୋକ ପହଞ୍ଚି ଝିଅକୁ ଚେତାଶୂନ୍ୟ ଅବସ୍ଥାରେ ପାଇଥିଲେ। ତୁରନ୍ତ ତାଙ୍କୁ ମେଡିକାଲ ନିଆଯାଇଥିଲେ ବି ଡାକ୍ତର ସେଠାରେ ନିବେଦିତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ତେବେ ନିବେଦିତାଙ୍କୁ ତାଙ୍କ ଶ୍ୱଶୁର, ଶାଶୁ ଓ ସ୍ୱାମୀ ହତ୍ୟା କରିଥିବା ନେଇ ବାପଘର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି।

### ସାଇକେଲରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

କଣାସ,୭।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଦୋଛିଆଁ ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମର ହରିବନ୍ଧୁ ରାଉତ(୭୦)ଙ୍କ ଶୁକ୍ରବାର ଅପରାହ୍ନରେ ସାଇକେଲ୍‌ରୁ ପଡ଼ି ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ମୁତାବକ, ହରିବନ୍ଧୁ ତାଙ୍କ ଝିଅଘର ସାହାସପୁର ଗ୍ରାମକୁ ଦୁତିଆ ଓଷା ପାଇଁ ପନିପରିବା ନେଇ ଯାଇଥିଲେ। ଫେରିବା ସମୟରେ ସାହାସପୁର ନିକଟ ମକରାନଦୀ ବନ୍ଧ ପମ୍ପହାଉସ୍‌ଠାରେ ସଇକେଲ୍‌ରୁ ପଡ଼ି ମୂର୍ଚ୍ଛା ହୋଇଯାଇଥିଲେ। କେହି ଜଣେ ବ୍ୟକ୍ତି ବୃଦ୍ଧ ଜଣଙ୍କ ପଡିଥିବା ଦେଖି ସାହାସପୁର ଗ୍ରାମରେ ଖବର ଦେଇଥିଲେ। ଗ୍ରାମରୁ ୧୦ ଉର୍ଦ୍ଧ୍ୱ ଲୋକ ଆସି ଦେଖି ତାଙ୍କ ଜ୍ୱାଇଁଙ୍କୁ ଖବର ଦେଇଥିଲେ। ବୃଦ୍ଧଙ୍କ ଜ୍ୱାଇଁଙ୍କ ପରିବାର ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥି

### ଅଜଣା ମୃତ ଦେହ ଜବତ କଲା ରେଲୱେ ପୋଲିସ

ପୁରୀ, ୭।୧୦(ଅଜିତ୍ ମହାନ୍ତି) :

ରେଲୱେ ପୋଲିସ ଏକ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଟ୍ରେନ୍ ମଧ୍ୟରୁ ଉଦ୍ଧାର କରିଛି । ରେଲୱେ ଜିଆରପିର ସୂଚନା ଅନୁଯାୟୀ ପୁରୀ ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର ୭ରେ ଲାଗିଥିବା ଦୁର୍ଗ-ପୁରୀ ଏକପ୍ରେସ ଭିନ୍ନକ୍ଷମ ବଗିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ରେଲୱେ ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ତେବେ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୫୫ରୁ ୬୦ ବର୍ଷ ବୟସ ହେବ ବୋଲି ରେଲୱେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ରେଲୱେ ପୋଲିସ ୩୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଲେ।

# ‘ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱର ସଂସ୍କୃତି’

### ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ପୁରୀ, ୭।୧୦ (ଅଜିତ୍ ମହାନ୍ତି):


ଅତିଥିମାନଙ୍କ ଦ୍ୱାରା ଟ୍ରଷ୍ଟର ମୁଖପତ୍ର ଉନ୍ମୋଚନ କରାଯାଉଛି ।

ଶାନ୍ତି ପାଇଁ ଯୁଦ୍ଧର ଆବଶ୍ୟକତା ଥାଏ ଯାହାର ପ୍ରମାଣ ମହାଭାରତ ବୋଲି କହିଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଶନିବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ ଗୃହରେ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପୁରୀ ପକ୍ଷରୁ ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ହରିଚନ୍ଦନ ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱର ସଂସ୍କୃତି ଓ ମାନବ ସମାଜ ଥିବା ଯାଏଁ ଏହା ସମସ୍ତଙ୍କୁ ଉଦ୍‌ବୁଦ୍ଧ କରି ଚାଲିଥିବ ବୋଲି କହିଥିଲେ। ତେବେ ଠାକୁରଙ୍କ ନୀତିକାନ୍ତି ବିଭ୍ରାଟ ନ ହେବାକୁ ସେବାୟତମାନେ ସଙ୍କଳ୍ପ ନେବା ଉଚିତ ବୋଲି ସେ କହିଥିଲେ। ପାଇକ ଏକ ଜାତି ନୁହେଁ ଏକ ପଦାତିକ ସେନା ଓ ସମଗ୍ର ଓଡ଼ିଆ ଜାତି ଏଥିରେ ସାମିଲ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରାକ୍ତନ କୁଳପତି ଡଃ ହରେକୃଷ୍ଣ ଶତପଥୀ ଜଗନ୍ନାଥ ସଂସ୍କୃତିର ମହାନ ପରମ୍ପରା ସତ୍ୟ, ଶାନ୍ତି, ଅହିଂସାର ଅନନ୍ୟ ଉଦାହରଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଚାରିଟେବୁଲ ଟ୍ରଷ୍ଟ ଓଡିଶାର ଅଧ୍ୟକ୍ଷ ଡ. କିଶନଲାଲ ଅଗ୍ରୱାଲ, ବରିଷ୍ଠ ସେବାୟତ ଭଗବାନ ସୁଆର, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ. ମୁରଲୀ ମନୋହର ଶର୍ମା ପ୍ରମୁଖ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ସାହିତ୍ୟିକା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ, ବିନୟ ନୃସିଂହ ମହାପାତ୍ର ସ୍ୱାଗତ ଅଭିଭାଷଣ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ମୋହନ ମହାପାତ୍ର, ବିନୋଦ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଟ୍ରଷ୍ଟର ମୁଖପତ୍ର ଶ୍ରୀଗୁଣ୍ଡିଚା ଓ ନୃସିଂହାନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ ମଣିରତ୍ନମାଳା,ବେଦାନ୍ତସାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜୟନ୍ତୀ ମହାପାତ୍ର, ଭବାନୀ ପ୍ରସାଦ, କୈଳାସ ଚନ୍ଦ୍ର ସାହୁ, ସସ୍ମିତା ମିଶ୍ର, ତୃପ୍ତି ପଣ୍ଡା,ଭାଗବତ ପ୍ରସାଦ ପଟ୍ଟନାୟକ, ନୃସିଂହ ଚରଣ ମହାନ୍ତି ଓ ଗୁରୁ ଚରଣ ଦାସ । ଶେଷରେ ଗୁରୁ ନାରାୟଣ ପାଣ୍ଡେ ଓ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ପୁରୀ ମଦର୍ସ ସ୍କୁଲ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ।

### ସ୍ୱଚ୍ଛତା ସପ୍ତାହ ପାଳନ

ପୁରୀ, ୭।୧୦(ଅଜିତ୍ ମହାନ୍ତି):

ସ୍ୱଚ୍ଛତା ସପ୍ତାହକୁ ସାକାର କରିବା ଉଦ୍ଦେଶ୍ୟରେ ମଦର୍ସ ପବ୍ଲିକ ସ୍କୁଲ, ପୁରୀ ତରଫରୁ ସମୁଦ୍ରକୂଳ ଦିଗବାରେଣିରେ ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ସିନ୍ଧୁମୋଲ ଅରୁଣ କୁମାର, ଶିକ୍ଷୟିତ୍ରୀଶିକ୍ଷକ ଓ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରମାନେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ନୃତ୍ୟ, ସଂଗୀତ ତଥା ବକ୍ତୃତା ମାଧ୍ୟମରେ ଛାତ୍ରୀଛାତ୍ରମାନେ ସର୍ବସାଧାରଣଙ୍କୁ ସ୍ୱଚ୍ଛତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଅଳିଆ ଆବର୍ଜନା ଏଣେତେଣେ ନ ଫୋପାଡି ଡଷ୍ଟବିନ୍‌ରେ ପକାଇବାକୁ ବୁଝାଇଥିଲେ। ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯିବା ସହିତ ଗଛ ଲଗାଇ ସବୁଜ ପରିବେଶ ସୃଷ୍ଟିସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଏ ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ।

# ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା

କଣାସ,୭।୧୦(ବିଭୂତି ଭୂଷଣ ତ୍ରିପାଠୀ) ଡେଲାଙ୍ଗ, (ରଶ୍ମିରଞ୍ଜନ ପ୍ରଧାନ)

କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସାଇବର ସୁରକ୍ଷା ସଚେତନତା ରଥ ଶନିବାର କଣାସ ବ୍ଲକରେ ବିଭିନ୍ନ ବଜାର, ଗ୍ରାମ ପରିକ୍ରମା କରିଛି। ତ୍ରିପାଠୀ ବିଜିପୁରଠାରୁ ସାଇବର ରଥକୁ ସ୍ୱାଗତ କରି କଣାସ ବାଲିଘାଇ ଛକ, କଣାସ କୁଞ୍ଜେଶ୍ୱରୀ ବଜାର, କଣାସ ବସ୍‌ଷ୍ଟାଣ୍ଡ, କଣାସ ଗୋଲାବଜାର ଦେଇ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରକୁ ନେଇଥିଲେ। ବିଭିନ୍ନ ପ୍ରକାରର ସାଇବର ଲୁଟ୍‌ର ଶିକାର ହେଉଥିବା ଲୋକେ ସାଇବର ଅପରାଧ ସହାୟତା ନଂ-୧୯୩୦କୁ ଡାଏଲ୍ କରି ସହାୟତା ନେଇପାରିବେ। ପିଲାଙ୍କୁ ସାଇବର ସଚେତନ ପାଇଁ ଏକ ନାଟକ ମଞ୍ଚସ୍ଥ କରାଇଥିଲେ। ସାଇବର ସଚେତନ ଟିମ୍ ଦ୍ୱାରା ଡିଜିଟାଲ୍ ଜାଗରୁକତା ପାଇଁ ଆୟୋଜିତ କୁଇଜ୍ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ଆଇଆଇସି ତ୍ରିପାଠୀ ଓ ପ୍ରଧାନ ଶିକ୍ଷୟିତ୍ରୀ ପୁରସ୍କୃତ କରିଥିଲେ। ପରେ ରଥ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ପରିସରକୁ ଯାଇ ନାଟକ ପରିବେଶଣ କରି ସଚେତନତା କରାଇ ଡେଲାଙ୍ଗ ବ୍ଲକକୁ ଫେରିଯାଇଥିଲା।

ୟୁକୋ ବ୍ୟାଙ୍କ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ଆନୁକୂଲ୍ୟରେ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ଅପରାଧଠାରୁ ରକ୍ଷା ପାଇବାକୁ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି ଯୋଗଦେଇ ସଭିଏଁ ସଚେତନ ହେଲେ ସାଇବର ଠକେଇକୁ ରୋକିବା ସମ୍ଭବ ବୋଲି କହିଥିଲେ। ୟୁକୋ ବ୍ୟାଙ୍କ ଡେଲାଙ୍ଗ ଶାଖା ପ୍ରବନ୍ଧକ ଯୋଗେଶ ପ୍ରଧାନ, ଜିଲା ଆଞ୍ଚଳିକ ପୋଲିସ କାର୍ଯ୍ୟାଳୟର ଏଏସ୍‌ଆଇ ବଟକିଶୋର ସାହୁ, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ୍, ଏଏସ୍‌ଆଇ ଗୋପବନ୍ଧୁ ରାଉତ, ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରୀ ଜିଲା ପୋଲିସ ପକ୍ଷରୁ ଏକ ସଚେତନତା ରଥ ବିଦ୍ୟାଳୟରେ ପହଞ୍ଚି ଛାତ୍ରଙ୍କୁ ଅଭିନୟ ମାଧ୍ୟମରେ ସଚେତନ କରାଇଥିଲା।



ସାଇବର ସଚେତନ ଟିମ୍ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

କଣାସ,୭।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଦୟାବିହାରଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମାନସିକ ୟୁନିଟ୍ ପକ୍ଷରୁ ଶନିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ତଥା ଅନୁଷ୍ଠାନର ଅଧ୍ୟକ୍ଷ କସ୍ତୁରୀଚରଣ ଚମ୍ପତି ଏଥିରେ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ଦୈତାରୀ ବରାଳ, ବିଶିଷ୍ଟ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ ଯୋଗଦେଇ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାନସିକ ରୋଗୀଙ୍କୁ ମୁଖ୍ୟସୋତ୍ରକୁ ଫେରାଇ ଆଣିବାକୁ ରାଜ୍ୟର ବିଭିନ୍ନ ଜିଲାରେ ମାନସିକ ରୋଗୀଙ୍କ ପାଇଁ ଖୋଲାଯାଇଥିବା ୟୁନିଟ୍‌ର କର୍ମଚାରୀଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏହି ସ୍ୱାସ୍ଥ୍ୟ ସପ୍ତାହ ୭ ଦିନ ଧରି ଅନୁଷ୍ଠିତ ହେବ। ଏହି ୟୁନିଟ୍‌ରେ ବର୍ତ୍ତମାନ ୪୬୮ଜଣ ମାନସିକ ରୋଗୀ ରହି ଚିକିତ୍ସିତ ହେଉଥିବାବେଳେ ୧୪୮ଜଣ ରୋଗୀ ସୁସ୍ଥ ହୋଇ ନିଜ ଘରକୁ ଫେରିଗଲେଣି। ୟୁନିଟ୍‌ର ଅଧ୍ୟକ୍ଷ ଜୟଶ୍ରୀ ସରାପ ମଞ୍ଚ ପରିଚାଳନା କରିଥିବାବେଳେ କୃଷ୍ଣଚନ୍ଦ୍ର ନିଶଙ୍କଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ସପ୍ତାହ ପାଳିତ ହେବ।

# ବିଏସ୍‌ଏନ୍‌ଏଲ୍ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ

ପୁରୀ ୭।୧୦(ଅଜିତ୍ ମହାନ୍ତି):

ପୁରୀରେ ବିଏସ୍‌ଏନ୍‌ଏଲ୍ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଛିଦିନ ହେବ ନିମ୍ନମାନର ସେବା ଯୋଗୁ ଗ୍ରାହକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାହକମାନେ ବିଲ୍ ଦେଇ ଖର୍ଚ୍ଚାନ୍ତ ହେଉଥିବା ବେଳେ ବିଏସ୍‌ଏନ୍‌ଏଲ୍ ଉପଯୁକ୍ତ ସେବା ଯୋଗାଇ ଦେଉନାହିଁ। ଏନେଇ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଗ୍ରାହକମାନେ ବାଧ୍ୟ ହୋଇ ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ୍‌ରୁ ସଂଯୋଗ କାଟି ଘରୋଇ ଟେଲିକମ୍ ସଂସ୍ଥାରୁ ସଂଯୋଗ ନେଉଛନ୍ତି। ସୂଚନାଯୋଗ୍ୟ ଗତ ୨୯ ତାରିଖରେ ପୁରୀ ଦାମୋଦର ରୋଡ୍‌ରେ ଥିବା ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଏକ୍ସଚେଞ୍ଜ ସାମାନ୍ୟ ଶର୍ଟ୍‌ସର୍କିଟ ପରେ ସହରର ବାସେଲି ସାହି, ଛପନ ଛକ, ଦାମୋଦର ରୋଡ, ଲାଇଟ୍ ହାଉସ୍ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ତିନିଦିନ ଠପ୍ ହୋଇପଡ଼ିଥିଲା। ପରେ ସେବା ଆରମ୍ଭ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟ କରିବା ସମ୍ଭବ ହୋଇପାରିନଥିଲା। କିଛିଦିନ ହେବ ଠିକ୍ ନେଟୱର୍କ ନ ଥିବାରୁ ଯୋଗାଯୋଗ ହୋଇପାରୁନାହିଁ। ଇଣ୍ଟରନେଟ୍ ସ୍ପିଡ୍ ସବୁବେଳେ କମ୍ ରହୁଥିବା ସ୍ଥାନୀୟ ବାସିନ୍ଦା ଶକ୍ତିପ୍ରସାଦ ମିଶ୍ର କ୍ଷୋଭର ସହ କହିଛନ୍ତି। ସେହିପରି ସମସ୍ୟା ସମ୍ପର୍କରେ ବିଏସ୍‌ଏନ୍‌ଏଲ୍ ଅଫିସ୍‌କୁ ଯୋଗାଯୋଗ କଲେ କେହି ସହଯୋଗ କରୁନାହାନ୍ତି। ପୁରୀରେ ବିଏସ୍‌ଏନ୍‌ଏଲ୍ ସେବା ବୁଡ଼ିଯିବାକୁ ବସିଥିବା ବେଳେ ପୁରୀ ଜିଲାପାଳ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ବଳିଆପଣ୍ଡା ଅଞ୍ଚଳର ସନ୍ତୋଷ କୁମାର ଦାଶ ଦାବି କରିଛନ୍ତି ।

# ଦାଦାଙ୍କୁ ପୁତୁରାଙ୍କ ହତ୍ୟା ଅଭିଯୋଗ


ହତ୍ୟାକାଣ୍ଡ ପରେ ଗୋପାଳପୁର ଗ୍ରାମରେ ପୋଲିସ ଛାଉଣି ।

### ଜମିବାଡ଼ି ବିବାଦ

ପୁରୀ ୭।୧୦ (ଅଜିତ୍ ମହାନ୍ତି) :

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦାଦାକୁ ପୁତୁରା ହତ୍ୟା କରିଥିବା ଅଭିଯୋଗ ହୋଇଛି। ସଦର ଥାନା ଅନ୍ତର୍ଗତ କଣ୍ଟପୁର ଗୋପାଳପୁର ଗ୍ରାମରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଉଛନ୍ତି ବୀର ବରାଳ। ଖବରପାଇ ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ବୀର ଶୁକ୍ରବାର ରାତିରେ ଖାଇ ତାଙ୍କ ଦୋକାନ ଘରେ ଶୋଇଥିଲେ। ଶନିବାର ସକାଳୁ ବୀରଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦୋକାନରେ ପଡ଼ିରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପୁତୁରା ପପୁ ବରାଳ ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରିଥିବା ବୀରଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଜମିବାଡ଼ିକୁ କେନ୍ଦ୍ରକରି ପୂର୍ବରୁ ଭାଇ ଭାଇ ମଧ୍ୟରେ ଝଗଡ଼ା ହେଉଥିଲା। ଏପରିକି ଏହାକୁ ନେଇ ମାମଲା ଥାନା ପର୍ଯ୍ୟନ୍ତ ପହଞ୍ଚିଥିଲା। ପୋଲିସ ଉଭୟପକ୍ଷଙ୍କୁ ବୁଝାଶୁଝା କରି ଘଟଣାର ସମାଧାନ କରିଥଲେ ମଧ୍ଯ ବୀରଙ୍କ ପରିବାରକୁ ଜୀବନରୁ ମାରିଦେବା ପାଇଁ ବିଭିନ୍ନ ସମୟରେ ଅଭିଯୁକ୍ତ ପପୁ ବରାଳ ଧମକ ଚମକ ଦେଉଥିବା ବୀରଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଅଭିଯୁକ୍ତ ପପୁ ବରାଳକୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଏହି ହତ୍ୟାକାଣ୍ଡରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

# ସିକିମ୍‌ରେ ଫସିଛନ୍ତି ଗୋପର ୨ ବ୍ୟକ୍ତି

ଗୋପ,୭।୧୦ (ଭାରତୀ ଭୂଷଣ ଉପାଧ୍ୟାୟ)


ଆଶିଷ ସାହୁ


ସଞ୍ଜୟ ବେହେରା

ସିକିମ୍‌ରେ ବାଦଲଫଟା ବର୍ଷା ଓ ଭୂସ୍ଖଳନ ସହିତ ଡ୍ୟାମ ଭାଙ୍ଗିଯିବାରୁ ବହୁ ଜୀବନହାନି ହେବା ସହ ସେଠାରେ ଅନେକ ଲୋକେ ଫସି ରହିଛନ୍ତି। ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ କୁଶୁପୁରୁ ପାଟେଣା ଗ୍ରାମର ଆଶିଷ ସାହୁ(୨୭), ବିଶରପୁର ଗ୍ରାମର ସଞ୍ଜୟ ବେହେରା (୩୫)ଙ୍କ ଜୀବନ ବଞ୍ଚିଯାଇଥିବା ଜଣାପଡିଛି। ଏହି ବନ୍ୟା, ଭୂସ୍ଖଳନ ସହିତ ଡ୍ୟାମ ପାଣି ମାଡ଼ିଆସିବା ଖବର ରାତି ୩ଟାରେ ଜାଣିବା ପରେ ଆଶିଷ ମାତ୍ର ୫ ମିନିଟ୍ ଭିତରେ ୮ ମହଲା ବିଶିଷ୍ଟ କୋଠା ଉପରୁ ପଳାଇ ଯାଇଥିଲେ। କିନ୍ତୁ ସେ ଦୀର୍ଘ ୭୨ ଘଣ୍ଟା ଧରି ଭୋକ ଉପାସରେ ଥିବାବେଳେ ଜୀବନ କଷ୍ଟ ହୋଇପଡ଼ିଥିବା ଆଶିଷ କହିଛନ୍ତି। ସେପଟେ ସଞ୍ଜୟ ଗୋଟିଏ ଉଚ୍ଚ କୋଠାରେ ରହିଥିବାବେଳେ କେମିତି ଜୀବନ ବଞ୍ଚାଇ ଭଲରେ ଭଲରେ ଘରେ ପହଞ୍ଚି ପରିବାର ଓ ନିଜ ପିଲାଙ୍କୁ ଭେଟିବେ ବୋଲି କଷ୍ଟରେ ଅନ୍ଧାର ଭିତରେ ଭୋକ ଉପାସରେ ରହିଥିବା ଜଣାପଡ଼ିଛି। ତାଙ୍କ ଆଖିଆଗରେ ଅନେକ ମୃତଦେହ ଦେଖି ସେମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେହିଦିନର ବାଦଲଫଟା ବର୍ଷା ଓ ଭୂସ୍ଖଳନ ଜୀବନରେ କେବେ ଭୁଲିପାରିବୁନି ବୋଲି ଦୁହେଁ କହିଛନ୍ତି। ସିକିମ୍‌ରେ ଏବେ ସ୍ୱାଭାବିକ ଅବସ୍ଥା ଫେରିପାରି ନ ଥିବାବେଳେ ଲୁଟ୍‌ପାଟ୍ ସମସ୍ୟା ଲୋକଙ୍କୁ ଅଧିକ ମାତ୍ରାରେ ଭୟଭୀତ କରିପକାଇଛି। ଖୁବ୍‌ଶୀଘ୍ର ସେମାନେ ଓଡ଼ିଶା ଫେରିବାକୁ ଚେଷ୍ଟା କରୁଥିବା ଧରିତ୍ରୀ ପ୍ରତିନିଧିଙ୍କୁ କହିଛନ୍ତି।

# ଘାଣ୍ଟ ଖାଇ ଗୋଷ୍ଠୀ ମହିଳାଙ୍କୁ ସାବାସି

### କାଫେରେ ୨୩ ଜଣିଆ ପ୍ରତିନିଧି ଦଳ

ଗୋପ,୭।୧୦ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଚାଳିଥିବା ମିଶନ ଶକ୍ତି କାଫେରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ କମଳାକାନ୍ତ ଘଡ଼େଇଙ୍କ ନେତୃତ୍ୱରେ ଶନିବାର ଏକ ୨୩ ଜଣିଆ ପ୍ରତିନିଧି ଦଳ ପହଞ୍ଚିଛନ୍ତି। ସେମାନେ ଖାଦ୍ୟର ମାନ, ପ୍ରସ୍ତୁତି ପ୍ରଣାଳୀ ଦେଖିବା ସହ ଓଡ଼ିଆ ଘର ପରମ୍ପରାରେ ପ୍ରସ୍ତୁତ ଘାଣ୍ଟ ତରକାରି ଓ ଅନ୍ୟାନ୍ୟ ଖାଦ୍ୟ ଖାଇଥିଲେ। ଖାଦ୍ୟ ଉପରେ ଦଳ ଖୁସି ହୋଇ କାଫେ ପ୍ରସ୍ତୁତ କରିଥିବା କୋଟିଲେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଧନ୍ୟବାଦ ଦେଇଥିଲେ।


ମିଶନ ଶକ୍ତି କାଫେରେ ଯାଜପୁର ଜିଲା ପ୍ରଶାସନର ପ୍ରତିନିଧିଦଳ ।

# ବିଦ୍ୟାଳୟକୁ ରାସ୍ତା ନାହିଁ, ସାହାରା ପାଲଟିଛି ବିଲ ହିଡ଼

### ଚାଷଜମି ମଝିରେ ବିଦ୍ୟାଳୟ

ଅସ୍ତରଙ୍ଗ,୭।୧୦(ପ୍ରଦୀପ୍ତ ଦୀକ୍ଷିତ୍)

ବିଦ୍ୟାଳୟ ଅଛି ହେଲେ ସେଠାକୁ ରାସ୍ତା ନାହିଁ। ପିଲାମାନେ ଚାଷ ଜମି ହିଡ଼ ଉପର ଦେଇ ଯାତାୟାତ କରୁଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଅଧୀନ ଶିଶୁଅ ପଞ୍ଚାୟତରେ ଏପରି ଘଟଣା ଦେଖିବାକୁ ମିଳିଛି। ଛେନୁଆଁ ପ୍ରାଥମିକ ବିଦ୍ୟାଳୟ ୧୯୬୦ମସିହାରେ ସ୍ଥାପିତ ହୋଇଥିଲେ ମଧ ଏପର୍ଯ୍ୟନ୍ତ ବିଦ୍ୟାଳୟକୁ ଯିବାକୁ ଭଲ ରାସ୍ତା ଖଣ୍ଡିଏ ନାହିଁ। ବିଦ୍ୟାଳୟ ଚତୁଃପାର୍ଶ୍ୱ ଧାନବିଲ ଥିବାବେଳେ ପିଲାମାନେ ବିଲ ହିଡ଼ରେ ଯାତାୟାତ କରୁଛନ୍ତି। ମୁଖ୍ୟରାସ୍ତାରୁ ବିଦ୍ୟାଳୟର ଦୂରତା ୨୦୦ ମିଟରରୁ ଉର୍ଦ୍ଧ୍ୱ ହେବ। ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମୋଟ ୩୫ ଜଣ ପିଲା ପଢୁଛନ୍ତି।


ଛେନୁଆଁ ପ୍ରାଥମିକ ବିଦ୍ୟାଳୟ ।

ସେମାନଙ୍କୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ଜେନା ଓ ସହକାରୀ ଶିକ୍ଷକ ଅଶୋକ ପ୍ରଧାନ ଶିକ୍ଷାଦାନ କରୁଛନ୍ତି। ଖରାଦିନେ ବିଦ୍ୟାଳୟକୁ ଯା’ ଆସ କରିହେଉଥିଲାବେଳେ ବର୍ଷା ହେଲେ ବିଲ ଦେଇ ଯିବା ପିଲାଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏମିତି ହେଲେ ପିଲା ସେତିକି ଦିନ ସ୍କୁଲ ଆସନ୍ତିନି। ବିଦ୍ୟାଳୟଟି ସମ୍ପୂର୍ଣ୍ଣ ଭାବରେ ସମୁଦ୍ର ନିକଟବର୍ତ୍ତୀ ଥିବାରୁ ବିଦ୍ୟାଳୟ ପରିସରରେ ଥିବା ନଳକୂପରୁ ଭଲ ପାନୀୟ ଜଳ ମିଳୁନି। ବିଦ୍ୟାଳୟରେ ଏପରି ସମସ୍ୟା ବାବଦରେ ଗ୍ରାମବାସୀ ଓ ଅଭିଭାବକ ବାରମ୍ବାର ସରପଞ୍ଚଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଏ ବିଷୟରେ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଈଙ୍କୁ ପଚାରିବାରେ, ମୁଖ୍ୟ ରାସ୍ତାରୁ ବିଦ୍ୟାଳୟ ପର୍ଯ୍ୟନ୍ତ କିଛି ବ୍ୟକ୍ତିବିଶେଷଙ୍କ ନିଜସ୍ୱ ଜାଗା ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ବିଦ୍ୟାଳୟକୁ ରାସ୍ତା କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିବା ସେ କହିଛନ୍ତି।

## ୮୦ ଲିଟର ଦେଶୀ ମଦ, ସ୍କୁଟି ଜବତ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଅଞ୍ଚଳରୁ ଶୁକ୍ରବାର ରାତିରେ ପୋଲିସ ଏକ ସ୍କୁଟି ସହ ୮୦ ଲିଟର ଦେଶୀମଦ ଜବତ କରିଛି। ଚଢ଼ାଉବେଳେ ସ୍କୁଟି ଚାଳକ ଫେରାର ହୋଇଯାଇଛନ୍ତି। ସେ ଉକ୍ତ ସ୍କୁଟିରେ ମଦ ନେଇ ଯାଉଥିବାବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାବୁଡ଼ରେ ପଡ଼ିଯାଇଥିଲେ। ଏଏସ୍ଆଇ ଅମ୍ବିକା ଦାସ ପୋଲିସ କର୍ମଚାରୀଙ୍କ ସହ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିବାବେଳେ ସେ ଖସି ପଳାଇଯାଇଥିଲେ। ପରେ ପୋଲିସ ମଦ ଓ ସ୍କୁଟି ଜବତ କରି ଥାନାକୁ ଆଣିଥିଲା।

### ସଂକ୍ଷେପରେ

## ସଚେତନତା ଦ୍ୱାରା ସାଇବର ଠକେଇ ରୋକିହେବ

ଖୁଣ୍ଟୁଣୀ, ୭।୧୦(ସଚ୍ଚିଦାନନ୍ଦ ପଣ୍ଡା)

ସାଇବର ଠକେଇର ଶିକାର ନ ହେବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସାଇବର ସଚେତନତା ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି। ଶନିବାର ଏହି ରଥ ଖୁଣ୍ଟୁଣୀସ୍ଥିତ ଧବଳେଶ୍ୱର ବୈଷୟିକ ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଯୋଗଦେଇ ସଚେତନତା ଦ୍ୱାରା ସାଇବର ଠକେଇ ରୋକିହେବ ବୋଲି କହିଥିଲେ। ଏଥିରେ ଡିଆଇଟିସି ମ୍ୟାନେଜିଂ ଟ୍ରଷ୍ଟି ଦେବକୀ ନନ୍ଦନ ମହାନ୍ତି, ପ୍ରଶାସନିକ ଅଧିକାରୀ ରମଣୀ ରଞ୍ଜନ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ବସନ୍ତ କୁମାର ନାୟକଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ବିଶେଷକରି ସୋସିଆଲ ମିଡିଆରେ ବ୍ୟାଙ୍କ ଓଟିପି ଶେୟାର ନ କରିବା, ଅଜଣା ନମ୍ବରରୁ ଆସୁଥିବା ଆକର୍ଷଣୀୟ ଉପହାର ଯୋଜନା ପ୍ରତ୍ୟାଖ୍ୟାନ କରିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ସେହିପରି ମାଧବପୁରଠାରେ ଥିବା ଗୋପବନ୍ଧୁ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ(ଜିମ୍ସାର୍) ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନର୍ସିଂ ଛାତ୍ରୀମାନଙ୍କୁ ସାଇବର କ୍ରାଇମ ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ଖୁଣ୍ଟୁଣୀ ଥାନାଧିକାରୀ ଖୁଣ୍ଟିଆ, ଏସ୍ଆଇ ବିକାଶ ସେଠୀ, ଏଏସ୍ଆଇ ଅମ୍ବିକା ଦାସ, ଜିମ୍ସାର୍ ଅଧକ୍ଷ ୟେଡ୍ଡୁଇନ ଆନନ୍ଦ, ପ୍ରକଳ୍ପ ମ୍ୟାନେଜର ଭବାନୀ ଶଙ୍କର ମିଶ୍ର, ରାଜଶ୍ରୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ସ୍ଥାନରେ ପୋଲିସ ପକ୍ଷରୁ ଯୁବତୀଯୁବକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସାଇବର କ୍ରାଇମ୍ ସମ୍ପର୍କରେ ସଚେତନ କରାଯାଇଥିଲା।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଲାନି, ହାଇକୋର୍ଟରେ ମାମଲା

### ସଙ୍ଗୀତ ନାଟକ ଏକାଡେମୀ ଦେଉନି ଡିଗ୍ରୀ ସାର୍ଟିଫିକେଟ



କଟକ,୭।୧୦ (କାର୍ତ୍ତିକ ସାହୁ)

ସଙ୍ଗୀତ ନାଟକ ଏକାଡେମୀ ଭଳି ସରକାରୀ ସଂସ୍ଥାରେ ଡିଗ୍ରୀ ପାଠ୍ୟକ୍ରମରେ ଶାସ୍ତ୍ରୀୟ ନୃତ୍ୟ ପିଲାମାନଙ୍କୁ ପଢ଼ାଯାଉଛି। ହେଲେ ପାଠ୍ୟକ୍ରମ ସମାପ୍ତ ପରେ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରାଯାଉନାହିଁ। ଯଦ୍ୱାରା ବଲାଙ୍ଗୀରର ଜଣେ ଛାତ୍ରୀ ଠକାମିର ଶିକାର ହୋଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ପୋଲିସର ନିଷ୍କ୍ରିୟତା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ହାଇକୋର୍ଟ ପୋଲିସକୁ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି। ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

ବିବରଣୀରୁ ପ୍ରକାଶ, ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ସିରଭାତପଡ଼ାର ଛାତ୍ରୀ ଜୁସି କେଶ ହାଇକୋର୍ଟରେ ଏହି ମାମଲା ଦାଏର କରିଛନ୍ତି। ଏଥିରେ ଗୃହ ବିଭାଗ ସଚିବ, ବଲାଙ୍ଗୀର ଏସ୍ପି ଓ ଟିଟିଲାଗଡ଼ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀ ଜଣେ ନିଯୁକ୍ତି ପାଇ ନ ଥିବା ଯୁବତୀ। ସେ ସଙ୍ଗୀତ ନାଟକ ଏକାଡେମୀରୁ ଡିଗ୍ରୀ ପାଠ୍ୟକ୍ରମରେ ଶାସ୍ତ୍ରୀୟ ନୃତ୍ୟ ବିଷୟ ଶିକ୍ଷାଲାଭ କରିଥିଲେ। ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପାଠ୍ୟକ୍ରମ କୃତକାର୍ଯ୍ୟ ବି. ମସ୍. ସାର୍ଟିଫିକେଟ ମିଳିଥିଲା। ନିକଟରେ ବଲାଙ୍ଗୀର ଜିଲାରେ ଠିକା କଳା ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ସେ ଆବେଦନ କରିଥିଲେ। ହେଲେ ବଲାଙ୍ଗୀର ଜିଲାପାଳ ଓ ଡିପିସି ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀରୁ ଡିଗ୍ରୀ ସମତୁଲ୍ୟ ସାର୍ଟିଫିକେଟ ଆଣିଲେ ଉକ୍ତ ପଦବୀ ନିମନ୍ତେ ଯୋଗ୍ୟ ହେବେ ବୋଲି କହିଥିଲେ। ଆବେଦନକାରୀ ଏ ବାବଦରେ ସଙ୍ଗୀତ ନାଟକ ଏକାଡେମୀର ସଚିବଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସଚିବ ତାଙ୍କୁ ଏକାଡେମୀ ପକ୍ଷରୁ ସରକାରଙ୍କୁ ସାର୍ଟିଫିକେଟ ପ୍ରଦାନ ପାଇଁ ଅନୁମୋଦନ ଦେବା ନିମନ୍ତେ ଆବେଦନ କରାଯାଇଛି ବୋଲି କହିଥିଲେ। ସଚିବଙ୍କ ଏଭଳି ଉକ୍ତି ସମ୍ପୂର୍ଣ୍ଣ ମିଥ୍ୟା ଓ ସାର୍ଟିଫିକେଟ ପାଇବା ନିମନ୍ତେ କରୁଥିବା ଦାବିରୁ ନଜର ହଟାଇବା ପାଇଁ ଏଭଳି କହିଥିବା ଆବେଦନକାରୀ ଦର୍ଶାଇଛନ୍ତି। ଏକାଡେମୀ ନାମଲେଖା ବ୍ରୋଶରରେ ବି. ମସ୍. ସାର୍ଟିଫିକେଟ ଡିଗ୍ରୀ ସମତୁଲ ବୋଲି ଉଲ୍ଲେଖ କରୁଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ନୁହେଁ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଏକାଡେମୀ ଖେଳୁଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ତେବେ ଏ ନେଇ ଜୁସି ଏତଲା ଦେବାକୁ ଟିଟିଲାଗଡ଼ ଥାନାକୁ ଯାଇଥିଲେ ବି ପୋଲିସ ମାମଲା ରୁଜୁ କରି ନ ଥିଲା। ଏହା ବିରୋଧରେ ନିମ୍ନ ଅଦାଲତରେ ଆବେଦନ କରିଥିଲେ। ହେଲେ ନିମ୍ନ ଅଦାଲତ ମାମଲାକୁ ବିଚାର ପାଇଁ ଗ୍ରହଣ ନ କରି ଆଇନ ଅନୁଯାୟୀ ଉପଯୁକ୍ତ ଫୋରମ୍ରେ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଟିଟିଲାଗଡ ଆଇଆଇସି ମନୋଜ ପ୍ରଧାନଙ୍କୁ ପଚାରିବାରୁ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା କହିଛନ୍ତି।



ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ପକ୍ଷରୁ ଅନୁଷ୍ଠିତ ସଡ଼କ ସୁରକ୍ଷା ସଚେତନତା ନେଇ ବାହାରିଥିବା ଶୋଭାଯାତ୍ରା।

## ସରକାରୀ ଯୋଜନା ଲୋକଙ୍କୁ ଜଣାଯିବ


ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉଦ୍ବୋଧନ ଦେଉଛନ୍ତି।

କଟକ,୭।୧୦ (କାର୍ତ୍ତିକ ସାହୁ)

ବିଜେଡି ପକ୍ଷରୁ କଟକ ସହରର ପ୍ରତ୍ୟେକ ୱାର୍ଡରେ ଆସନ୍ତା ୧୧ରେ ଜୟପ୍ରକାଶ ନାରାୟଣ ଜୟନ୍ତୀ ଉପଲକ୍ଷେ ବିଶାଳ ପଦଯାତ୍ରା ଅନୁଷ୍ଠିତ ହେବ। ଏହି ପଦଯାତ୍ରାକୁ ସଫଳ କରିବା ପାଇଁ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏକ ହୋଟେଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ପଦଯାତ୍ରା ସିଡିଏ ଆଇ ହସ୍ପିଟାଲଠାରୁ ଆରମ୍ଭ ହୋଇ ୬ ନମ୍ବର ଜେପି ପାର୍କଠାରେ ଶେଷ ହେବ। ଏଥିସହ ସେହିଦିନଠାରୁ ଏକ ମାସ ବ୍ୟାପୀ ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ସକ୍ରିୟ ସଦସ୍ୟଙ୍କୁ ନେଇ ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯିବ। ବୈଠକ ଓ ଜନ ସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ୱାର୍ଡରେ ପଦଯାତ୍ରା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କୁ ଅବଗତ କରାଯିବ। ଏହାସହ ରକ୍ତଦାନ ଶିବିର ଓ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ। ଆସନ୍ତା ଡିସେମ୍ବର ୨୬ରେ ବିଜେଡିର ପ୍ରତିଷ୍ଠା ଦିବସ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ପାଳନ କରାଯିବ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଓଡ଼ିଶାର ବିକାଶକୁ ଶୀର୍ଷ ସ୍ଥାନକୁ ନେବା ପାଇଁ ସଂକଳ୍ପ ନିଆଯିବ। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ବିଜେଡି କଟକ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, କଟକ ନଗର ସଭାପତି ମଧୁସୂଦନ ସାହୁ, ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି, ମହିଳା ନେତ୍ରୀ ଅନିତା ବେହେରା, ବିଜେଡି ନଗର ସଭାନେତ୍ରୀ ପୂର୍ଣ୍ଣିମା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ ଚାଳକଙ୍କୁ ମାଡ଼ ମାରି ୨ ଗିରଫ

କଟକ ସଦର,୭।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ମୁଖ୍ୟରାସ୍ତାକୁ ଅବରୋଧ କରିବା ସହ ଶ୍ରୀରାମ ଗ୍ରାମର ଯୁବରାଜ ପଣ୍ଡାଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ୪୨ ମୌଜା ଥାନା ଅନ୍ତର୍ଗତ ଦିବାଟି ଗ୍ରାମର କାହ୍ନା ମଲ୍ଲିକ ଓ ମୁନା ମଲ୍ଲିକ। ଶୁକ୍ରବାର ସନ୍ଧ୍ୟାରେ ଯୁବରାଜ ବାଇକ୍ରେ ଘରକୁ ଫେରୁଥିବାବେଳେ ବାଉଁଶ ବୋଝେଇ ଗାଡ଼ି ଦିବାଟି ନିକଟ ୪୨ ମୌଜା ମୁଖ୍ୟରାସ୍ତାରେ ଛିଡ଼ା ହୋଇଥିଲା। ଆଗକୁ ଯିବା ନିମନ୍ତେ ଗାଡ଼ି ହଟାଇବା ପାଇଁ ଯୁବରାଜ କହିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। ଚିକିତ୍ସା ଲାଗି ତାଙ୍କୁ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୩୮/୨୩) ରୁଜୁ କରିଥିଲା।

## ଶାରଦୀୟ କବିତା ପାଠୋତ୍ସବ

କଟକ ସଦର,୭।୧୦(ସୁଶାନ୍ତ କୁମାର ଜେନା)

ସାହିତ୍ୟ ସପର୍ଯ୍ୟା ଅନୁଷ୍ଠାନ ଆନୁକୂଲ୍ୟରେ କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟିଠାରେ ଶନିବାର ଶାରଦୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟିଙ୍କ ସଂଯୋଜନାରେ ମା' ଦୁର୍ଗାଙ୍କର ଶରତ ଋତୁରେ ଆଗମନ ଉପରେ ୪୦ ଜଣ କବୟତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ଗୀତିକବି ବାବାଜୀ ଚରଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଡା. କମଳାକାନ୍ତ ନାୟକ ସ୍ୱାଗତ ଭାଷଣ ଓ ପ୍ରାଧାପକ ସୁବାସ ଚନ୍ଦ୍ର ବିଶ୍ୱାଳ ମାତୃପୂଜାର ବିଶେଷ ପ୍ରଭାବ ଉପରେ ଆଲୋଚନା କରିଥିଲେ। କବି ସୁରେନ୍ଦ୍ର ମହାପାତ୍ର, ଚୈତନ୍ୟ ରାଉତ, କୈଳାସ ଚନ୍ଦ୍ର ପଣ୍ଡା, ଆଶିଷ ପତି, ଅଶ୍ୱିନୀ କୁମାର ସେଠୀ, ପ୍ରମୋଦ ଦଳାଇ, ନମିତା ମହାନ୍ତି ଓ କରୁଣାକର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ବିଦ୍ୟୁଭୂଷଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ତ୍ରିନେତ୍ର କଳାକୁଞ୍ଜର ସମ୍ବର୍ଦ୍ଧନା ଉତ୍ସବ

ଚୌଦ୍ୱାର,୭।୧୦(ଆଶୁତୋଷ ଦାସ)

ଓଡ଼ିଶୀ ନୃତ୍ୟ ଶିକ୍ଷାନୁଷ୍ଠାନ ତ୍ରିନେତ୍ର କଳାକୁଞ୍ଜ ପକ୍ଷରୁ ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଢ଼ିଆରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟଗୁରୁ ତଥା ଭାରତ ନୃତ୍ୟ ଉନ୍ନୟନ ରତ୍ନ ସମ୍ମାନପ୍ରାପ୍ତ ସ୍ୱର୍ଗତ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ଗୁରୁ ମୁକ୍ତିଲତା ପାଲ, ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ମହାପାତ୍ର, ହିମାଂଶୁ ମହାନ୍ତି, କାଉନ୍ସିଲର ବିନୋଦିନୀ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଉକ୍ତ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ରମାକାନ୍ତ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁ ଗୌରାଙ୍ଗ ଚରଣ ମହଲା, ସସ୍ମିତା ଖିଲାର, ନୃତ୍ୟଶିଳ୍ପୀ ହରପ୍ରିୟା ସାହୁ, ବିଦ୍ୟା ଦାସ, ମାହେଶ୍ୱରୀ ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ତନୁଶ୍ରୀ କର, ମୋନାଲିସା ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଅର୍ଜୁନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ମହାନଦୀରୁ ୨ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

ଖୁଣ୍ଟୁଣୀ, (ସଚ୍ଚିଦାନନ୍ଦ ପଣ୍ଡା)/ମଙ୍ଗୁଳି-ଜଗତପୁର,୭।୧୦(ମାନସ ସାମଲ)

ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ମଞ୍ଚେଶ୍ୱର ପଞ୍ଚାୟତର ପ୍ରସନ୍ନାପୁର ମହାନଦୀ ଘାଟରୁ ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ତାଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେ ଏକ ସବୁଜ ରଙ୍ଗର ଶାଢୀ ଓ ବ୍ଲାଉଜ୍ ପିନ୍ଧିଥିଲେ। ସକାଳେ ସ୍ଥାନୀୟ ଲୋକେ ମହାନଦୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୩) ରୁଜୁ ହୋଇଛି। ମୃତଦେହକୁ ଆଠଗଡ଼ସ୍ଥିତ ମର୍ଗରେ ରଖାଯାଇଥିବା ଏସ୍ଆଇ ସଂଯୁକ୍ତା ଶବାଗାର କହିଛନ୍ତି।

ସେହିପରି ଜଗତପୁର ଥାନା ଅଧୀନ ମହାନଦୀର ଯୋବ୍ରା ଆନିକଟ ୫୬ନଂ. ଗେଟ୍ରୁ ଜଣେ ଅଚିହ୍ନା ମହିଳାଙ୍କ ଉଲଗ୍ନ ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ତାଙ୍କ ବୟସ ୩୦ରୁ ୩୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଜଣେ ମାଛ ଧରାଳି ମାଛ ଧରିବା ପାଇଁ ମହାନଦୀରେ ଜାଲ ବସାଇଥିଲେ। ଶୁକ୍ରବାର ରାତି ପ୍ରାୟ ସାଢେ ୧୦ଟାରେ ସେ ମହାନଦୀରୁ ଜାଲ କାଢିବା ପାଇଁ ଯାଇଥିବାବେଳେ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଅନ୍ଧାର ଯୋଗୁ ମୃତଦେହ ପାଣିରୁ ଉଦ୍ଧାର କରାଯାଇ ପାରି ନ ଥିଲା। ତେଣୁ ସେଠାରେ ୪ ଜଣ କନଷ୍ଟେବଲ୍ଙ୍କୁ ମୁତୟନ କରାଯାଇଥିଲା। ଶନିବାର ସକାଳେ ପୋଲିସ କଟକ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ ପାଣିରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ମାମଲା (ନଂ.୬୧/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି।

# 'ନାରୀ ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ଥିଲେ ସରଳା ଦେବୀ'

କଟକ,୭।୧୦ (କାର୍ତ୍ତିକ ସାହୁ)



ରେଭେନ୍ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିଙ୍କ ସହ ଅନ୍ୟମାନେ।

### ରେଭେନ୍ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଆଲୋଚନାଚକ୍ର

ରେଭେନ୍ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟର ସହଯୋଗିତାରେ ସରଳା ଦେବୀ: ସାହିତ୍ୟ ଓ ଜୀବନ ଦୃଷ୍ଟି ଶୀର୍ଷକ ଆଲୋଚନାଚକ୍ର ଶ୍ରେଣୀକକ୍ଷ ୧୫ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ସାହିତ୍ୟିକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଏହାକୁ ଉଦ୍ଘାଟନ କରି କହିଥିଲେ, ସରଳା ଦେବୀଙ୍କ ସାହିତ୍ୟ ସାଧନାର ଜୀବନ ଅତ୍ୟନ୍ତ ସଂଘର୍ଷମୟ ଥିଲା। ଓଡ଼ିଶାରେ ନାରୀ ଆନ୍ଦୋଳନର ସରଳା ଦେବୀ ଥିଲେ ମୁଖ୍ୟ କର୍ଣ୍ଣଧାର। ସରଳା ଦେବୀଙ୍କ ଆଦର୍ଶ ଓ ପ୍ରେରଣାର ଉତ୍ସ ପଣ୍ଡିତ ଗୋପବନ୍ଧୁ ଓ ଗାନ୍ଧିଜୀ ଥିଲେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ସରଳା ଦେବୀଙ୍କ ସଂଘର୍ଷମୟ ଜୀବନ ସମ୍ପର୍କରେ ଆଲୋଚନା କରି ତାଙ୍କୁ ବିଂଶ ଶତକର ବିସ୍ମୟ ରୂପେ ବର୍ଣ୍ଣନା କରିଥିଲେ। ସରଳାଙ୍କ ଜୀବନବ୍ୟାପୀ ସାଧନା ଓ ସିଦ୍ଧି ପାଇଁ ୧୯୮୨ରେ ଜଗତସିଂହପୁରଠାରେ ଲୌହମାନବୀ ଆଖ୍ୟାରେ ଭୂଷିତ ହୋଇଥିଲେ ବୋଲି ଡ. ସ୍ୱାଇଁ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସଞ୍ଜିତା ମିଶ୍ର ସରଳା ଦେବୀଙ୍କ ସାହିତ୍ୟରେ ନାରୀମାନଙ୍କ ଜୀବନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜଣେ ମହିଳା ସଂଗ୍ରାମୀ ଭାବରେ ନିଜର ଅଙ୍ଗେନିଭା କଥାକୁ ସେ ଅତ୍ୟନ୍ତ ମାର୍ମିକ ଭାବେ ଫୁଟାଇ ପାରିଛନ୍ତି। ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଲକ୍ଷ୍ମୀପ୍ରକାଶ ମହାପାତ୍ର ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ କହିଥିବାବେଳେ ଟ୍ରଷ୍ଟର ସଭାପତି ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କ ରଚିତ ନାରୀ ଶିକ୍ଷା ଓ ନାରୀ ମୁକ୍ତିଭିତ୍ତିକ ଏକକ ନାଟକ ରେବତୀ-ଏବତୀ-ସେବତୀ ପରିବେଷଣ କରାଯାଇଥିଲା। ସୁଜାତା ପ୍ରିୟମ୍ବଦା ନାଟ୍ୟ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଥିଲେ। ପାଠଚକ୍ର ଉପଦେଷ୍ଟା ଡ. ରାଜା କୁମାର ନାଏକ ନାଟକ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଡ. ସଂଘମିତ୍ରା ବେହେରା, ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟର ଟ୍ରଷ୍ଟି କବିତା ମହାପାତ୍ର, ବିଶ୍ୱଜିତ୍ ପାଣି, ଦେବୀପ୍ରସନ୍ନ ମହାପାତ୍ର, ପତିତପାବନ ମହାପାତ୍ର, ଅସିତ୍ ଜେନା, ମନୋଜ ପଣ୍ଡା, ଗୀତାଞ୍ଜଳି ବେହେରାଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଗବେଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।


ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ବକ୍ସିବଜାର ଦେଇ ଚୌଧୁରୀ ବଜାର ମାରୁତି ମଣ୍ଡପକୁ ଯାଉଥିବା ସୌର୍ଯ୍ୟ ଜାଗରଣ ଯାତ୍ରା।



ବିଭିନ୍ନ ଦାବି ନେଇ ବାଦାମବାଡ଼ି ଟ୍ରାଫିକ୍ ଛକ ସମ୍ମୁଖରେ ଶନିବାର ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ପକ୍ଷରୁ ବିକ୍ଷୋଭ।





▲ ଏସିଆନ୍ ଗେମ୍ସ ହକିରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳ

# ଏସିଆଡ୍‌ରେ ଭାରତର ଟେକ

ଏସିଆନ୍ ଗେମ୍ସ (ଏସିଆଡ୍) ଉଦ୍‌ଯାପିତ ହେବାର ଦିନକ ଆଗରୁ ଶେଷ ହୋଇଛି ଭାରତର ଅଭିଯାନ। ଟୁର୍ନାମେଣ୍ଟ ଇତିହାସରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହିତ ଭାରତ ୧୦୭ ପଦକ ହାସଲ କରିଛି। ଏହା ମଧ୍ୟରେ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ରହିଛି। ଚଳିତ ସଂସ୍କରଣରେ ଶୁଟିଂରେ ୨୨ଟି ଓ ଆଥଲେଟିକ୍ସରୁ ୨୯ ପଦକ ଆସିଛି। ଏହାବ୍ୟତୀତ ପାରୁଲ ଚୌଧାରୀ ଓ ଅବିନାଶ ସାବଲେଙ୍କ ପରି ଖେଳାଳି ଦମଦାର ପ୍ରଦର୍ଶନ କରି ଡବଲ ମେଡାଲ ଜିତିଛନ୍ତି। ଏପରି କି ବ୍ୟାଡ୍‌ମିଣ୍ଟନ, କାୟାକିଂ କାନୋଇଂ, ଇକ୍ୱିଷ୍ଟ୍ରିଆନ୍ ଓ ଟେବୁଲ ଟେନିସ୍ ଭଳି ଖେଳରେ ଭାରତ ଚମତ୍କାର ପ୍ରଦର୍ଶନ ସହିତ ଐତିହାସିକ ପଦକ ପାଇଛି...



▲ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ପୁରୁଷ କ୍ରିକେଟ ଦଳ



▲ କମ୍ପାଉଣ୍ଡ ଆର୍ଚେରି ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବା ପରେ ଓଜସ ଦେଓତାଲେ, ଅଭିଷେକ ବର୍ମା ଓ ପ୍ରଥମେଶ ଜକର



▲ ଆନ୍ସି ସୋଜନ୍ ଏଡାପିଲ୍ଲୀ



▲ ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ



▲ ରୌପ୍ୟ ବିଜୟୀ ତେଜସ୍ୱିନ ଶଙ୍କର



▲ ଜ୍ୟୋତି ସୁରେଖା ଭେନମ ଓ ଓଜସ ଦେଓତାଲେ



▲ ଦୀପିକା ପାଲିକଲ୍ ଓ ହରିନ୍ଦର ପାଲ



▲ କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ମହିଳା ଦଳ



▲ ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ବିଜେତା ଟି. ପୃଥ୍ୱୀରାଜ,ଜୋରାବର ସିଂ ଓ କିନାନ ଚେନାଇ



▲ ବିଦ୍ୟା ରାମରାଜ, ଐଶ୍ୱର୍ଯ୍ୟା ମିଶ୍ର, ପ୍ରାଚୀ ଓ ଶୁଭା ଭେଙ୍କଟେଶ ୪x୪୦୦ ମିଟର ରିଲେରେ ରୌପ୍ୟ ପଦକ ଜିତିବା ପରେ



▲ ଐତିହାସିକ ରୌପ୍ୟ ବିଜେତା ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ ଦଳ



▲ ସୁତୀର୍ଥା ମୁଖାର୍ଜୀ ଓ ଆହିକା ମୁଖାର୍ଜୀ



▲ ଅବିନାଶ ସାବଲେ



▲ ନୀରଜ ଚୋପ୍ରା ଓ କିଶୋର ଜେନା



▲ ସ୍ୱର୍ଣ୍ଣ ପଦକ ସହ ଆମୋଜ ଜାକବ, ମହମ୍ମଦ ଅନସ ୟାହିଆ, ରାଜେଶ ରମେଶ ଓ ମହମ୍ମଦ ଆଜମଲଙ୍କ ୪x୪୦୦ ମିଟର ପୁରୁଷ ରିଲେ ଦଳ

## ଇଭେଣ୍ଟ ଅନୁସାରେ ଭାରତର ପଦକ

| ଇଭେଣ୍ଟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଆର୍ଚେରୀ | ୬ | ୨ | ୨ | ୧୦ |
| ଆଥଲେଟିକ୍ସ | ୬ | ୧୪ | ୯ | ୨୯ |
| ବ୍ୟାଡ୍‌ମିଣ୍ଟନ | ୧ | ୧ | ୧ | ୩ |
| ବକ୍ସିଂ | ୦ | ୧ | ୪ | ୫ |
| ବ୍ରିଜ୍ | ୦ | ୧ | ୦ | ୧ |
| କ୍ରିକେଟ | ୨ | ୦ | ୦ | ୨ |
| ଇକ୍ୱେଷ୍ଟ୍ରେନ | ୧ | ୦ | ୧ | ୨ |
| ଗଲ୍ଫ | ୦ | ୧ | ୦ | ୧ |
| ହକି | ୧ | ୦ | ୧ | ୨ |
| ରୋଇଂ | ୦ | ୨ | ୩ | ୫ |
| ସ୍କ୍ୱାଶ୍ | ୨ | ୧ | ୨ | ୫ |
| ଶୁଟିଂ | ୭ | ୯ | ୬ | ୨୨ |
| ସେଲିଂ | ୦ | ୧ | ୨ | ୩ |
| ଟେନିସ | ୧ | ୧ | ୦ | ୨ |
| ଉଷୁ | ୦ | ୧ | ୦ | ୧ |
| ରୋଲର ସ୍କେଟିଂ | ୦ | ୦ | ୨ | ୨ |
| ଟେବୁଲ ଟେନିସ | ୦ | ୦ | ୧ | ୧ |
| କାନୋଇ ସ୍ପ୍ରିଣ୍ଟ | ୦ | ୦ | ୧ | ୧ |
| ରେସ୍‌ଲିଂ | ୦ | ୧ | ୫ | ୬ |
| ସିପକ୍‌ଟାକ୍ର | ୦ | ୦ | ୧ | ୧ |
| କବାଡି | ୨ | ୦ | ୦ | ୨ |
| ଚେସ୍ | ୦ | ୨ | ୦ | ୨ |
| ମୋଟ | ୨୮ | ୩୮ | ୪୧ | ୧୦୭ |



▲ ଅନୁ ରାଣୀ



▲ ଅଦିତି ଅଶୋକ



▲ ତାଜିନ୍ଦର ପାଲ୍ ସିଂ ତୁର୍



▲ ଓଜସ ଦେଓତାଲେ



▲ ପାରୁଲ ଚୌଧାରୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୧୦।୨୦୨୩

| | |
|---|---|
| ୫,୨୯,୫୦୩ ଟଙ୍କା | |
| ସୁନା | ୧୫.୬୦୦ ଗ୍ରାମ୍ |
| ରୁପା | ୨୭୧.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୪ତମ ଶ୍ରାଦ୍ଧୋତ୍ସବ, ରେଲୱେ ଷ୍ଟେଶନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳି, ସକାଳ ୮ଟା।
- ମହିଳା ଦକ୍ଷତା ସମିତିର ଏକତ୍ରିଶଂତମ ବାର୍ଷିକୋତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ସକାଳ ୯ଟା।
- ରୋଟାରି କ୍ଲବ ଭୁବନେଶ୍ୱର ୟୁନିକ୍ ପକ୍ଷରୁ ଆଲୋଚନାଚକ୍ର, ଆଇଙ୍ଗନ କନଭେନଶନ ସେଣ୍ଟର, ଇନଫୋସିଟି ଛକ, ପଟିଆ, ସକାଳ ୯ଟା ୩୦।
- ସଂଘର୍ଷର ଅନ୍ୟ ନାମ ପୁସ୍ତକ ଲୋକାର୍ପଣ, ଜାତୀୟ ଅଭିଲେଖାଗାର, ମଧୁସୂଦନ ନଗର, ଅପରାହ୍ନ ୨ଟା ୩୦।
- ଭୁବନେଶ୍ୱର ରନୱେ ୱିକ୍, ଆଇଟିସି ହୋଟେଲ, ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ବିଡ଼ମ୍ବନା, ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୪୫।

**କଟକ**

- କମିସନରେଟ ପୋଲିସର ସାଇବର ସଚେତନତା ଅଭିଯାନରେ ବେଲିଭ୍ୟୁ ଛକ ଅଭିମୁଖେ ସାଇକ୍ଲୋଥନ ଓ ମାନବ ଶୃଙ୍ଖଳ ଶୁଭାରମ୍ଭ, ଗୌରୀଶଙ୍କର ପାର୍କ, ସକାଳ ୭ଟା।
- ଜୀବନ ଆକାର, ରେଭେନ୍ସା ୟୁନିଭର୍ସିଟି, ସକାଳ ୯ଟା ୩୦।
- ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜ ପକ୍ଷରୁ ସାରସ୍ୱତ ଆସର, ନଳିନୀ ମଣ୍ଡପ, ଶତାବ୍ଦୀ ବିହାର, ପୂର୍ବାହ୍ନ ୧୦ଟା।
- ଦି ଅମୂଲ୍ୟ ଜୀବନ ଫାଉଣ୍ଡେଶନ ପକ୍ଷରୁ ବାଳିକାଙ୍କୁ ବୃତ୍ତି ପ୍ରଦାନ ସମାରୋହ, ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ୬୪ତମ ରାଜ୍ୟ ସିନିୟର ବାସ୍କେଟବଲ୍ ଚାମ୍ପିୟନଶିପ୍-୨୦୨୩, ଜେ.ଏନ୍. ଇନ୍‌ଡୋର ଷ୍ଟାଡିୟମ୍, ସନ୍ଧ୍ୟା ୬ଟା।

# ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକଙ୍କ ମଧ୍ୟରେ କିଟ୍‌ର ୨୦ ଗବେଷକ

**ଭୁବନେଶ୍ୱର, ୭।୧୦(ଅସମାପିକା ସାହୁ)**

ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟର ୨୦ଜଣ ଗବେଷକ ସ୍ଥାନ ପାଇଛନ୍ତି। ଏଥିରେ ବିଭିନ୍ନ ବିଷୟରେ ଗବେଷଣା କରୁଥିବା ଏହି ଗବେଷକଙ୍କ ସଫଳତା ବିଷୟରେ ଉଲ୍ଲେଖ କରାଯାଇଛି। ଏହି ସମ୍ମାନଜନକ ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ତାଲିକାରେ ପୂର୍ବବର୍ଷ ସ୍ଥାନ ପାଇଥିବା କିଟ୍ ସ୍କୁଲ୍ ଅଫ୍ ମେଡିସିନ ଡିନ୍ ପଦ୍ମଶ୍ରୀ ଡା. ସୁବ୍ରତ ଆଚାର୍ଯ୍ୟ, ଡା. ଯୋଗେଶ ଚାୱାଲା, ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜିଷ୍ଟ ଡା.




ଅନୀଲ. ସି. ଆନନ୍ଦ ମଧ୍ୟ ଚଳିତବର୍ଷ ଏହି ତାଲିକାରେ ନିଜର ସ୍ଥାନ ବଜାୟ ରଖିଛନ୍ତି। ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଅନ୍ୟ ଗବେଷକମାନେ ହେଲେ ସୁରେଶ ଚନ୍ଦ୍ର ଶତପଥୀ, ସିଦ୍ଧାର୍ଥ ସ୍ୱରୂପ ରାଉତରାୟ, ଶୁଶ୍ରୁତ ମିଶ୍ର, ତାରାଶଙ୍କର ପାଲ୍, ସ୍ୱରୂପ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିକାଶ ହାସିଜା, କ୍ଷୀରୋଦ କୁମାର ଜେନା, ହୃଦୟ କୁମାର ତ୍ରିପାଠୀ, ଅଶୋକ କୁମାର ସାହୁ, ଦିନଦୟାଲ ମଣ୍ଡଳ, ତୃପ୍ତିମୟୀ ବେହେରା, ଭାର୍ଗବ ଆପାସନୀ, ରବୀନ୍ଦ୍ର କୁମାର ବାରିକ, ମୋନା ପାଠକ, ଆଶିଷ ସିଂହ ଏବଂ ଚନ୍ଦନା ମହାନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଗବେଷକଙ୍କ ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ପ୍ରତିଷ୍ଠା ହେବା ଦିନଠାରୁ ଗୁଣାତ୍ମକ ଶିକ୍ଷାଦାନ ସହ ଗବେଷଣାକୁ ଗୁରୁତ୍ୱ ପ୍ରଦାନ କରିଆସୁଥିବା ବେଳେ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ଗବେଷଣା ପାଇଁ ପ୍ରୋତ୍ସାହିତ କରିଆସୁଛି। ଫଳରେ ଆଜି କିଟ୍‌ର ଏତେ ସଂଖ୍ୟକ ଗବେଷକ ଏହି ତାଲିକାରେ ସ୍ଥାନ ପାଇପାରିଛନ୍ତି। ସୂଚନାଯୋଗ୍ୟ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଗବେଷଣାରତ ବିଶ୍ୱର ୮୦ଲକ୍ଷରୁ ଊର୍ଦ୍ଧ୍ୱ ବୈଜ୍ଞାନିକଙ୍କ ମଧ୍ୟରୁ ମାତ୍ର ୧ଲକ୍ଷ ୮୫ହଜାରରୁ ଊର୍ଦ୍ଧ୍ୱ ଗବେଷକ ଏହି ତାଲିକାରେ ସ୍ଥାନ ପାଇଛନ୍ତି।



ଆର୍ଟ ଭିଜନ୍ ପକ୍ଷରୁ ଶନିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ୧୯ତମ ସଙ୍ଗମ ଉତ୍ସବରେ ଶିଳ୍ପୀଙ୍କ ନୃତ୍ୟ ପରିବେଷଣ।

# ଆର୍ଟ ଭିଜନ୍‌ର ସଙ୍ଗମ ଉତ୍ସବ

**ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଆର୍ଟ ଭିଜନ୍‌ର ୧୯ତମ ସଙ୍ଗମ ଉତ୍ସବ ଶନିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଇଲିଆନା ଚିଟାରିସ୍ତିଙ୍କ ଦ୍ୱାରା ଓଡ଼ିଶୀରେ ୨ଟି ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଥମଟି ରୁସ୍କିନ୍ ବଣ୍ଡ୍‌ଙ୍କ 'ରୁମ୍ ଫର୍ ଏଲିଫାଣ୍ଟ'। ପଶୁଙ୍କ ପ୍ରତି ସମବେଦନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ପରିବେଷିତ ହୋଇଥିଲା। ପରେ 'ଶରୀର୍' ୨ଟି ଭାଗରେ ଉପସ୍ଥାପିତ ହୋଇଥିଲା। ପ୍ରଥମ ଭାଗରେ କବି ଜନାର୍ଦ୍ଦନ ଦାସଙ୍କ ନିର୍ଦ୍ଦେଶିତ ସଙ୍ଗୀତରେ କିପରି ଅଳଙ୍କାର ବେଶଭୂଷାରେ ନାରୀର ସୁନ୍ଦରତା ପ୍ରତିଫଳିତ ହୁଏ ତାହା ଦେଖିବାକୁ ମିଳିଥିଲା। ଏହା ପାରମ୍ପରିକ ରାଗ ଓ ସ୍ୱର ଯୁକ୍ତ ଥିଲା। ଦ୍ୱିତୀୟରେ ମଣିପୁରରେ ଦୁଇ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ବୁଲେଇବା ଭଳି ଲଜ୍ଜା ଜନକ ଘଟଣାକୁ ଦର୍ଶକଙ୍କ ସମ୍ମୁଖରେ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଶେଷରେ ମଞ୍ଚକୁ ଆସି ଦର୍ଶକଙ୍କୁ ଏକ ନିଆରା ଅନୁଭବ ଭେଟି ଦେଇଥିଲେ ଗୋପୀକା ବର୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଦାସ୍ୟମର ନୃତ୍ୟଶିଳ୍ପୀମାନେ। ସ୍ୱପ୍ନର ୪ଟି ଦିଗ ସମ୍ପର୍କରେ ବର୍ମା ଦର୍ଶକମାନଙ୍କୁ ଜଣାଇଥିଲେ। ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ସଂଗୀତା ଗୋସାଇଁ ପରିଚାଳନା କରିଥିଲେ।

# ସିନିୟରଙ୍କ ମାଡ଼ରେ ଜୁନିୟର ଛାତ୍ର ଆହତ

**ଭୁବନେଶ୍ୱର,୭।୧୦ (ସୂର୍ଯ୍ୟକାନ୍ତ ବେହେରା)**

**ରାଜଧାନୀରେ ପୁଣି ରାଗିଂ ଅଭିଯୋଗ**

**ରୁମ୍ ଭିତରେ ପୂରାଇ ଲୁହାରଡରେ ପିଟିଲେ**

ରାଜଧାନୀରେ ପୁଣି ଏକ ଶିକ୍ଷାନୁଷ୍ଠାନରେ ରାଗିଂ ଘଟଣା ସାମ୍ନାକୁ ଆସିଛି। ଭିଏସ୍‌ଏସ୍ ନଗରସ୍ଥିତ ଏକ ହୋଟେଲ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ହଷ୍ଟେଲରେ ଜୁନିୟର ଛାତ୍ରଙ୍କୁ କିଛି ସିନିୟର ରାଗିଂ କରିଥିବା ସହ ମାଡ଼ ମାରିଥିବା ଶହୀଦନଗର ଥାନାରେ ଅଭିଯୋଗ ହୋଇଛି। ଘର ଭିତରେ ପୁରାଇ କେତେଜଣ ସିନିୟର ଛାତ୍ର ଲୁହାରଡ଼ରେ ମାଡ଼ ମାରିବାରୁ ୪ଜଣ ଛାତ୍ର ଗୁରୁତର ଆହତ ହୋଇଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ଏହି ଘଟଣା ରାଗିଂ ନୁହେଁ ବରଂ ମଦ୍ୟପାନ ପରେ ପରସ୍ପର ମାର୍‌ପିଟ୍‌କୁ ନେଇ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଥାନା ଅଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି। ଏଥିସହିତ ଘଟଣାର ସମାଧାନ ପାଇଁ ଆଲୋଚନା ଚାଲିଥିବାରୁ କୌଣସି ମାମଲା ରୁଜୁ ହୋଇନାହିଁ। ଏହି ଘଟଣାରେ ଆହତଙ୍କ ସମେତ ୮ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଶତପଥୀ କହିଛନ୍ତି।

ହୋଟେଲ ମ୍ୟାନେଜମେଣ୍ଟ ଛାତ୍ର ପ୍ରଥମ ବିକେଙ୍କ ଅଭିଯୋଗ ଅନୁସାରେ ଶୁକ୍ରବାର ରାତିରେ ଉକ୍ତ ଶିକ୍ଷାନୁଷ୍ଠାନର ତୃତୀୟ ବର୍ଷର କିଛି ଛାତ୍ର ରାତି ସାଢେ ୧୧ଟାରେ ତାଙ୍କର ତିନି ଜଣ ଜୁନିୟର ଛାତ୍ରଙ୍କୁ ସେମାନଙ୍କ ରୁମ୍‌କୁ ଡାକିଥିଲେ। ୨ ଘଣ୍ଟା ଧରି ରୁମ ମଧ୍ୟରେ ରାଗିଂ କରିବା ପରେ ସେମାନଙ୍କୁ ଛାଡ଼ି ଦେଇଥିଲେ। ଏତିକିରେ ଶାନ୍ତ ପଡି ନ ଥିଲେ ସେମାନେ। ପରେ ପୁଣି ଥରେ ରୁମକୁ ଆଣି ସେହି ଛାତ୍ରମାନଙ୍କୁ ନିଘୁଙ୍କ ମାଡ଼ ମାରିଥିଲେ। ଏହାକୁ ପ୍ରତିବାଦ କରିଥିବାରୁ ପ୍ରଥମଙ୍କୁ ମଧ୍ୟ ରଡ୍‌ରେ ପିଟିଥିଲେ। ଏଥିରେ ପ୍ରଥମଙ୍କ ସମେତ ୨ଜଣଙ୍କ ମୁଣ୍ଡ ଫାଟିଥିବାବେଳେ ଜଣେ ଛାତ୍ରଙ୍କ କାନ ଏବଂ ଜଣଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ସୂଚନା ମିଳିଛି।

**ଛତୁ କନ୍‌କ୍ଲେଭ୍-୨୦୨୩**

# ଛତୁ ମିଶନରେ ୫ ବର୍ଷରେ ଖର୍ଚ୍ଚ ହେବ ୩୨୮ କୋଟି

**ଭୁବନେଶ୍ୱର, ୭।୧୦(ଅସମାପିକା ସାହୁ)**

ରାଜ୍ୟ ସରକାର ଛତୁଚାଷକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଛତୁ ମିଶନ ଆରମ୍ଭ କରିଛନ୍ତି। ଏଥିପାଇଁ ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ୫ବର୍ଷ ପାଇଁ ୩୨୮କୋଟି ୮୮ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନା ସାଧାରଣ ଛତୁଚାଷୀଙ୍କ ସମେତ ମହିଳା ହିତାଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ନିରନ୍ତର ଆୟକୁ ସୁନିଶ୍ଚିତ କରିବ। ଏଥିସହିତ ଛତୁ ମିଶନ ଅବଧି ମଧ୍ୟରେ ଓଡ଼ିଶାକୁ ଛତୁ ରପ୍ତାନିକାରୀ ରାଜ୍ୟରେ ପରିଣତ କରିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ଆୟୋଜିତ ଛତୁ କନ୍‌କ୍ଲେଭ୍-୨୦୨୩କୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଲେ, ରାଜ୍ୟରେ ପ୍ରାକୃତିକ ଭାବେ ରହିଥିବା ଛତୁକୁ ଉପଯୋଗ କରି




ଛତୁ କନ୍‌କ୍ଲେଭ୍‌ରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଅନ୍ୟ ଅତିଥିମାନେ।

ଓୟୁଏଟିର ବୈଜ୍ଞାନିକମାନେ ନୂତନ କିସମ ବିକାଶ କରିବା ସହିତ ଛତୁଚାଷରେ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ କରନ୍ତୁ। ଛତୁଚାଷ ଗବେଷଣା ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ରାଜ୍ୟ ସରକାର ଯତ୍ନବାନ ଅଛନ୍ତି। ଛତୁ ସମେତ ରାଜ୍ୟରେ ପଣସ, ଫୁଲ ଓ ମସଲା ପାଇଁ ଉତ୍କର୍ଷ କେନ୍ଦ୍ର ବିକାଶ ନିମନ୍ତେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରି କହିଲେ, ଓଡ଼ିଶା ଛତୁ ଚାଷର ଅନ୍ତୁଡ଼ିଶାଳ। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ଏ ଦିଗରେ ସ୍ୱତନ୍ତ୍ର ପ୍ରୟାସ କରୁଛନ୍ତି। ଗତ ୩ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୫୨ ଜଣ ଚାଷୀଙ୍କୁ ଛତୁ ମଞ୍ଜି ପ୍ରସ୍ତୁତ ଓ ଛତୁଚାଷ ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି ବୋଲି କୁଳପତି କହିଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଯୋଗଦେଇ ଛତୁଚାଷକୁ ବ୍ୟାପକ କରିବା ସହିତ ଅମଳ ପରବର୍ତ୍ତୀ ପରିଚାଳନା, ପରିବହନ ଓ ମୂଲ୍ୟଯୁକ୍ତ କରିବା ଦିଗରେ ସରକାରୀ ସୁବିଧା ଉପରେ ଆଲୋଚନା କରିଥିଲେ। ଛତୁଚାଷ ବୈଜ୍ଞାନିକ ଓ ଓଡ଼ିଶା ଛତୁ ଉତ୍ପାଦକ ମହାସଂଘର ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ଛତୁଚାଷରେ ଅଧିକ ସଂଖ୍ୟାରେ ଯୁବପିଢ଼ି ଓ ନାମମାତ୍ର ଚାଷୀଙ୍କୁ ସାମିଲ କରିବାକୁ କହିଥିଲେ। ଛତୁ ପ୍ୟାକିଂ ପାଇଁ ଉନ୍ନତ ଜ୍ଞାନକୌଶଳର ବିକାଶ, ସୁବ୍ୟବସ୍ଥିତ ବଜାର ବ୍ୟବସ୍ଥା ଓ ଶୀତଳୀକୃତ ପରିବହନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ ଗବେଷଣା ବିଭାଗର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସ୍ୱାଇଁ ସ୍ୱାଗତ ଭାଷଣ ଓ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଛତୁଚାଷ ପଦ୍ଧତି, ବିହନ ପ୍ରସ୍ତୁତି ଓ ଛତୁର ବିଭିନ୍ନ ସାମଗ୍ରୀକୁ ନେଇ ଆୟୋଜିତ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ପୂର୍ଣ୍ଣ



@ ଜ୍ୟୋତିପ୍ରଭା



@ ସୌଭାଗ୍ୟ



@ ଗୌତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଷୋଳପୂଜାର ଦ୍ୱିତୀୟ ଦିବସରେ ମା' କଟକ ଚଣ୍ଡୀଙ୍କ ସୁନାବେଶ।



ମା' ଗଡ଼ଚଣ୍ଡୀ ସୁନାବେଶ



ମା' ଝାଞ୍ଜିରୀମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ



ମା' ବାସନ୍ତୀ ଦୁର୍ଗାଙ୍କ ଦକ୍ଷିଣକାଳୀ ବେଶ।



ପିଠାପୁରର ମା'ଧାକୁଲେଇଙ୍କ ଷୋଡ଼ଶୀ ବେଶ



ବାଙ୍କୀ ମା' ଚର୍ଚ୍ଚିକାଙ୍କ ରାତ୍ରବେଶ

## ସଂକ୍ଷେପରେ

### ଶ୍ୱେତ କୁମାର ଦାଶ ବିଏମ୍‌ସିର ନୂଆ ଯୁଗ୍ମ କମିଶନର

**ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଯୁଗ୍ମ କମିଶନର (ଇଷ୍ଟେଟ୍) ଡ. ଶ୍ୱେତ କୁମାର ଦାଶ (ଓଏଏସ୍)ଙ୍କୁ ବିଏମ୍‌ସିକୁ ବଦଳି କରାଯାଇଛି। ସେ ବିଏମ୍‌ସିର ନୂଆ ଯୁଗ୍ମ କମିଶନର ଭାବେ ଯୋଗଦେଇଛନ୍ତି। ଡ. ଦାଶଙ୍କ ବଦଳି ନେଇ ସେପ୍ଟେମ୍ବର ୨୬ରେ ଜିଏ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଶନିବାର ତାଙ୍କୁ ବିଡିଏରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେ ବିଏମ୍‌ସିରେ ନୂଆ ଦାୟିତ୍ୱ ଗ୍ରହଣ କରିଥିଲେ।

### ପରିବାର ଚାପକୁ କର୍ମକ୍ଷେତ୍ରରୁ ଦୂରେଇ ରଖିବାକୁ ପରାମର୍ଶ

**ଭୁବନେଶ୍ୱର, ୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ):** ସମୟ ସହ ତାଳଦେଇ ପରିବର୍ତ୍ତିତ ଜୀବନଶୈଳୀର ପ୍ରଭାବ କାର୍ଯ୍ୟଦକ୍ଷତା ଉପରେ ବେଶ୍ ପ୍ରଭାବ ପକାଇଥାଏ। ବୈଷୟିକ ଜ୍ଞାନକୌଶଳ ସହ ପ୍ରଭାବୀ କାର୍ଯ୍ୟଦକ୍ଷତା ଆଜିର ସମୟର ଆହ୍ୱାନ ହୋଇଥିବାରୁ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ବ୍ୟକ୍ତି ତଥା କର୍ମଚାରୀ ଭିନ୍ନ ଭିନ୍ନ କାରଣବଶତଃ ମାନସିକ ଚାପରେ ରହୁଥିବା ପରିଲକ୍ଷିତ ହୋଇଥାଏ । କର୍ମ ତଥା କାର୍ଯ୍ୟାଳୟଜନିତ ଚିନ୍ତାରୁ ମୁକ୍ତ ରହିବା ନିମନ୍ତେ 'କର୍ମସ୍ଥଳୀରେ କିପରି ଚାପମୁକ୍ତ ରହିବା' ଶୀର୍ଷକ ବିଷୟ ଉପରେ ଏକ ବକ୍ତୃତା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏହା ଉପରେ ବକ୍ତବ୍ୟ ରଖିଥିଲେ। ଏକ ସର୍ବେକ୍ଷଣ ଅନୁଯାୟୀ ପ୍ରାୟ ୮୦ ପ୍ରତିଶତ ରୋଗ ଅବସାଦଜନିତ ହୋଇଥିବାବେଳେ ଅତ୍ୟଧିକ ମାନସିକ ଚାପ କାରଣରୁ ବିଶ୍ୱରେ ବାର୍ଷିକ ପ୍ରାୟ ୪ କୋଟି କର୍ମଦିବସ ନଷ୍ଟ ହୋଇଥାଏ ବୋଲି ରାଉତରାଏ କହିଥିଲେ। ସମୟାନୁଯାୟୀ ପରିବର୍ତ୍ତନ ଜୀବନର ଧ୍ରୁବ ସତ୍ୟ ହୋଇଥିବାରୁ ଏହାକୁ ଗ୍ରହଣ କରବା ନିତାନ୍ତ ଆବଶ୍ୟକ। ପରିବାରର ଚାପକୁ କର୍ମକ୍ଷେତ୍ରରୁ ଏବଂ କାର୍ଯ୍ୟାଳୟର ଚାପକୁ ଘରଠାରୁ ଦୂରେଇ ରଖିପାରିଲେ ଏକ ସନ୍ତୁଳିତ ଜୀବନଶୈଳୀ ଜୀଇଁବା ସମ୍ଭବ ହୋଇଥାଏ। ଏହି ଅବସରରେ ବିଭାଗୀୟ ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

### ଟ୍ରେନ୍ ଭିତରୁ ଅଚିହ୍ନା ମୃତଦେହ ଜବତ

**ପୁରୀ, ୭।୧୦ (ଅଜିତ୍ ମହାନ୍ତି)**

ପୁରୀ ରେଲୱେ ପୋଲିସ (ଜିଆର୍‌ପି) ଟ୍ରେନ୍ ଭିତରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଜବତ କରିଛି। ସୂଚନା ଅନୁଯାୟୀ, ପୁରୀ ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର ୭ରେ ଲାଗିଥିବା ଦୁର୍ଗ-ପୁରୀ ଏକପ୍ରେସ ଭିନ୍ନକ୍ଷମ ବଗିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ରେଲୱେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ପ୍ରାୟ ୫୫ରୁ ୬୦ ବର୍ଷ ବୟସ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ପୋଲିସ ୩୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁର୍ଗାପୂଜା ପୂର୍ବରୁ ଖାଲଖମା ମରାମତି ସାରିବାକୁ ନିର୍ଦ୍ଦେଶ

- ମଣ୍ଡପ ନିକଟରେ ଅସ୍ଥାୟୀ ଟଏଲେଟ୍ ଓ ପାଣି ଟ୍ୟାଙ୍କର ରହିବ
- କୁଆଖାଇ, ଦୟା ଏବଂ ରଘୁନାଥପୁରରେ ବିସର୍ଜନ ପାଇଁ ବ୍ୟବସ୍ଥା ହେବ

**ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ)**



ରାସ୍ତା ଖାଲଖମାକୁ ନେଇ ଅନୁଷ୍ଠିତ ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସହ ସଂଯୁକ୍ତ ବିଭାଗର ଅଧିକାରୀମାନେ।

ଦୁର୍ଗାପୂଜା ଓ ଭସାଣି କିପରି ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହେବ ସେନେଇ ଶନିବାର ବିଏମ୍‌ସି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସ ଅଧକ୍ଷତା କରି ପୂଜା ପୂର୍ବରୁ ରାସ୍ତାରେ ଥିବା ଖାଲଖମାଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ପରାମର୍ଶ ଦେଇଥିଲେ। ମୁକୁଳା ଡ୍ରେନ ଉପରେ ସ୍ଲାବ୍ ପକାଇବା, ବିଦ୍ୟୁତ୍ ଆଲୋକ ଏବଂ ଆବଶ୍ୟକସ୍ଥଳେ ଗଛ କାଟିବା କାମ ତୁରନ୍ତ ସାରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ପୂଜା କମିଟିଗୁଡିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ମଣ୍ଡପ ନିକଟରେ ବାଲି ବସ୍ତା ମହଜୁଦ୍ ରଖିବେ। କୌଣସି ଘଟଣା ଘଟିଲେ, ତାକୁ କିପରି ମୁକାବିଲା କରାଯିବ ସେ ନେଇ ସବୁ ପୂଜା କମିଟିର ସ୍ୱେଚ୍ଛାସେବୀଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଟ୍ରାଫିକ ସମସ୍ୟା ସୃଷ୍ଟି ନ ହେବା ପାଇଁ ପୂଜା କମିଟି ଗାଡି ପାର୍କିଂ ପାଇଁ ବଡବଡ ସ୍ଥାନ ନିରୂପଣ କରିବା ସହ ଅଧିକ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗାଇ ଦେବେ। ଏଡିୟୁପିଏଚ୍‌ଓ ପୂଜା ମଣ୍ଡପଗୁଡିକ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ନିୟୋଜିତ କରିବେ। ବଡବଡ ପୂଜା ମଣ୍ଡପରେ ଗୋଟିଏ ଲେଖାଏ ସହଯୋଗ କେନ୍ଦ୍ର କରି ସ୍ୱଚ୍ଛତା ବାର୍ତ୍ତା ଦେବା ସହିତ ଦର୍ଶନାର୍ଥୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ମେୟର କହିଥିଲେ।

ଭସାଣି ସମୟରେ ମେଢଗୁଡିକ ଯିବା ପାଇଁ ରାସ୍ତା ସଫା କରିବା, ବଡ ପୂଜା ମଣ୍ଡପ ନିକଟରେ ଅସ୍ଥାୟୀ ଟଏଲେଟ୍ ଏବଂ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା, ଭସାଣି ଦିନ ବାଣୀବିହାରଠାରୁ ରାଜ ମହଲ ଛକ ମଧ୍ୟରେ ୪ଟି ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ। ଏହାସହ ମଣ୍ଡପଗୁଡିକରେ ମହିଳା ସ୍ୱେଚ୍ଛାସେବୀ ନିୟୋଜନ ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। କମିଶନର ବିଜୟ ଅମୃତା କୁଲାଙ୍ଗେ ଚଳିତ ବର୍ଷ ପୂଜା ଥିମ୍ 'ସ୍ୱଚ୍ଛ, ସବୁଜ ଏବଂ ପ୍ଲାଷ୍ଟିକ ମୁକ୍ତ ଭୁବନେଶ୍ୱର' କରିବାକୁ ଅନୁରୋଧ କରିଥିଲେ। ମୂର୍ତ୍ତି ବିସର୍ଜନ ପାଇଁ କୁଆଖାଇ, ଦୟା ଏବଂ ରଘୁନାଥପୁର ନିକଟରେ ଅଧିକ ବଡ ବଡ ପୋଖରୀ ଖୋଳାଯିବ। ମୂର୍ତ୍ତିଗୁଡିକ ବଡ ହୋଇଥିବାରୁ ସେଗୁଡିକୁ ହାତରେ ଟେକି ନେଇ ବିସର୍ଜନ କରିବାରେ ଅସୁବିଧା ହେଉଛି। ତେଣୁ ବିଏମ୍‌ସି ପକ୍ଷରୁ ୨ଟି ଜେସିବି ଯୋଗାଇ ଦେବାକୁ କମିଶନର ସୁପାରିସ କରିଥିଲେ। ବୈଠକରେ ବିଏମ୍‌ସିର ସମସ୍ତ ଅଧିକାରୀ, ଟ୍ରାଫିକ୍ ପୋଲିସ, ଅଗ୍ନିଶମ ବିଭାଗ, ୱାଟ୍‌କୋ, ଟିପିସିଓଡିଏଲ୍, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପୂର୍ତ୍ତ ବିଭାଗ, ପୋଲିସ, ଓଡ୍ରାଫ, ୱାଟ୍‌କୋ, ଆଦି ସଂଯୁକ୍ତ ବିଭାଗର ଅଧିକାରୀ ଯୋଗଦେଇଥିଲେ।

### ବିଏମ୍‌ସି ଅଞ୍ଚଳରେ ୪ହଜାର ପାଖାପାଖି ଖାଲଖମା

ବିଏମ୍‌ସି ଅଞ୍ଚଳରେ ପୂର୍ବରୁ ୩ ହଜାର ୮ଶହ ଖାଲଖମା ଚିହ୍ନଟ ହୋଇଥିଲା। ତେବେ ସଂଯୁକ୍ତ ବିଭାଗୀୟ ରାସ୍ତାରେ ଆହୁରି ଅନେକ ଖାଲଖମା ହୋଇଥିବା ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ତେଣୁ ପୂଜା ପୂର୍ବରୁ ଅର୍ଥାତ୍ ୧୦ରୁ ୧୭ ତାରିଖ ମଧ୍ୟରେ ପ୍ରାଥମିକତା ଭିତ୍ତିରେ ଏଗୁଡିକର ମରାମତି କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ପାର୍ବଣ ଋତୁରେ ନାଗରିକଙ୍କ ଗମନାଗମନକୁ ସୁଗମ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଧା ନ ଉପୁଜିବା ପାଇଁ ସମସ୍ତ ସଂଯୁକ୍ତ ବିଭାଗ ତତ୍ପରତା ପ୍ରକାଶ କରିବା ଦରକାର। ସମସ୍ତ ସଂଯୁକ୍ତ ବିଭାଗ ସହ ସମନ୍ୱୟ ରଖି ମରାମତି କାମ ସାରିବାକୁ ସିଟି ଇଂଜିନିୟରଙ୍କୁ ଦାୟିତ୍ୱ ଦିଆଯାଇଛି। ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଏମ୍‌ସି ଅଧିକାରୀଙ୍କ ସମେତ ୱାଟ୍‌କୋ, ଇଡ୍‌କୋ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ୧୯ରୁ ପ୍ରୟାସ ନବରାତ୍ରି ଡାଣ୍ଡିଆ ଉତ୍ସବ

**ଭୁବନେଶ୍ୱର, ୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ):** ଜଗଜ୍ଜନନୀ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ଅବସରରେ ଦଶମ ପ୍ରୟାସ ନବରାତ୍ର ଡାଣ୍ଡିଆ ମହୋତ୍ସବ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସନ୍ଧ୍ୟା ୬ରୁ ରାତି ୧୦ ପର୍ଯ୍ୟନ୍ତ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡିଆ ପରିସରରେ ନବରାତ୍ର ଡାଣ୍ଡିଆ ସାଂସ୍କୃତିକ ବିଧିବିଧାନ ଓ ସମ୍ପୂର୍ଣ୍ଣ ପାରିବାରିକ ବାତାବରଣରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ୭ ଦିନ ଧରି ଏହି ମହୋତ୍ସବରେ ଡାଣ୍ଡିଆ ନୃତ୍ୟ, ଅତ୍ୟାଧୁନିକ ଏଲ୍‌ଇଡି ଆଲୋକ ସଜ୍ଜା, ଉନ୍ନତମାନର ଲାଇଭ ବ୍ୟାଣ୍ଡ ସହ ନୃତ୍ୟାଙ୍ଗନାଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟେଜ୍, ବିଭିନ୍ନ ଖାଦ୍ୟ ସଂସ୍ଥାମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟକର ଖାଦ୍ୟପାନୀୟ ଷ୍ଟଲ୍, ମୁଖ୍ୟ ନୃତ୍ୟସ୍ଥଳ ପାଇଁ ପ୍ରଶସ୍ତ, ମଜବୁତ ଓ ସୁରକ୍ଷିତ ଫ୍ଲୋରବୋର୍ଡ ଷ୍ଟେଜ୍ ବ୍ୟବସ୍ଥା କରାଯାଇଛି। ମହୋତ୍ସବର ପ୍ରତ୍ୟେକ ଦିନର ବେଷ୍ଟ କପଲ୍, ବେଷ୍ଟ ଡ୍ୟାନ୍ସର୍, ବେଷ୍ଟ କିଡ୍‌ସ୍ ଡ୍ୟାନ୍ସର୍, ବେଷ୍ଟ କଷ୍ଟ୍ୟୁମ୍‌କୁ ପୁରସ୍କାର ପ୍ରଦାନ କରାଯିବ। ଅନୁଷ୍ଠାନର ଅଧକ୍ଷ ବନ ମହାନ୍ତି ଶନିବାର ଏ ନେଇ ସୂଚନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜୟନ୍ତ କୁମାର ମହାନ୍ତି, କୌସ୍ତୁଭ ଦାସ, ସୁରେଶ କୁମାର ପତ୍ରୀ, କମଳ ମହାନ୍ତି, ଜସ୍ମିନ ମହାନ୍ତି, ସୋନାଲୀ ପ୍ରିୟଦର୍ଶିନୀ, ବୃନ୍ଦାବନ ପଢ଼ିହାରୀ, ସୂର୍ଯ୍ୟ ନାରାୟଣ ମହାନ୍ତି, ପପୁ, ରିଶି ଏବଂ ଉମାକାନ୍ତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତର ଭୁବନେଶ୍ୱର, ପଟିଆର ବିକାଶ ପାଇଁ ସିପିଆଇର ପଦଯାତ୍ରା




**ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ)**

ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଓ ପଟିଆ କିଲାର ୫ଟି ପଞ୍ଚାୟତର ସର୍ବାଙ୍ଗୀନ ବିକାଶ, ସମସ୍ତ ପରିବାରକୁ ୨ଶହ ୟୁନିଟ୍ ମାଗଣା ବିଜୁଳି ଓ ଧାନ କୁଇଣ୍ଟାଲ ୩ହଜାର ଟଙ୍କା ଧାର୍ଯ୍ୟ ଦାବିରେ ଶନିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଭୁବନେଶ୍ୱର ଓ ପଟିଆ ଜୋନ୍ କମିଟି ପକ୍ଷରୁ ୫ଟି ପଞ୍ଚାୟତରେ ପଦଯାତ୍ରା ଓ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଶହଶହ ପଦଯାତ୍ରୀ ଓ ବାଇକ୍ ଆରୋହୀ ଗାଡ଼କଣ ଖଣ୍ଡୁଆଳ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ଡମଣା ଛକ, ପଟିଆ, ରଘୁନାଥପୁର, ଦାଢା, ଗଣ୍ଡରପୁର, ଜରିପାଟଣା ଓ ରଙ୍ଗମାଟିଆ ପରିକ୍ରମା କରି ଖଣ୍ଡୁଆଳଠାରେ ପହଞ୍ଚିଥିଲେ। ଏହି ସମୟରେ ପଦଯାତ୍ରୀଙ୍କୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆରମ୍ଭରେ ସିପିଆଇ ଭୁବନେଶ୍ୱର ଜୋନ୍ କମିଟି ସମ୍ପାଦକ ସୁର ଜେନା, ପଟିଆ ଜୋନ ସମ୍ପାଦକ ଅରକ୍ଷିତ ବେହେରା, ବିକେଏମୟୁ ରାଜ୍ୟ ସହସମ୍ପାଦକ ଶଙ୍କର ବାରିକ ଓ ଭୁବନେଶ୍ୱର ଜୋନ ସହସମ୍ପାଦକ କୈଳାସ ପୁହାଣ ଉଦ୍‌ବୋଧନ ଦେଇ ଗତ ୨୩ବର୍ଷ ମଧ୍ୟରେ କୌଣସି ବିକାଶ ହୋଇ ନ ଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ପଦଯାତ୍ରାରେ ବଳରାମ ଜେନା, ବେଣୁଧର ସାହୁ, ଅଭିଜିତ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## 'ମୋ ସ୍କୁଲ' ଓ 'ଖାନ୍ ଏକାଡେମୀ ଇଣ୍ଡିଆ' ମଧ୍ୟରେ ଚୁକ୍ତି

**ଗଣିତ, ବିଜ୍ଞାନ ଶିକ୍ଷାକୁ ତ୍ୱରାନ୍ୱିତ କରାଯିବ**

**ଭୁବନେଶ୍ୱର, ୭।୧୦ (ଅସମାପିକା ସାହୁ):** ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଆଉଏକ ନୂଆ ପଦକ୍ଷେପ ଗ୍ରହଣ କରିଛି 'ମୋ ସ୍କୁଲ ଅଭିଯାନ'। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଗଣିତ ଓ ବିଜ୍ଞାନ ଶିକ୍ଷାକୁ ଅଧିକ ସୁଦୃଢ଼ କରାଯିବ। ଛାତ୍ରୀଛାତ୍ର ସହଜରେ ବିଜ୍ଞାନ ଓ ଗଣିତର ପାଠ୍ୟକ୍ରମକୁ ଶିଖିପାରିବେ। ଏହାଦ୍ୱାରା ଉକ୍ତ ବିଷୟ ପ୍ରତି ଥିବା ଭୟ ଦୂର ହେବ। ଏଥିପାଇଁ 'ମୋ ସ୍କୁଲ ଅଭିଯାନ' ଏବଂ 'ଖାନ୍ ଏକାଡେମୀ ଇଣ୍ଡିଆ' ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଓ ଖାନ୍ ଏକାଡେମୀର ଭାରତ ଶାଖା-ନିର୍ଦ୍ଦେଶକ ସ୍ୱାତୀ ଭାଉଦେବାନଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି। ଚୁକ୍ତି ଅନୁସାରେ, ଆଗାମୀ ଶିକ୍ଷା ବର୍ଷରୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଜ୍ଞାନକୌଶଳ ମାଧ୍ୟମରେ ଗଣିତ ଓ ବିଜ୍ଞାନ ଶିକ୍ଷା ଦିଆଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୨୩-୨୪ ଶିକ୍ଷାବର୍ଷରୁ ୨୦୨୭-୨୮ ଶିକ୍ଷାବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଛାତ୍ରୀଛାତ୍ର, ଶିକ୍ଷକ ଏସମ୍ବନ୍ଧୀୟ ସହାୟକ ଉପକରଣ ଖାନ୍ ଏକାଡେମୀର ୱେବସାଇଟ୍‌ରେ ପାଇପାରିବେ। ସେହିପରି ଶିକ୍ଷକମାନେ ଯେପରି ସହଜ ଉପାୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେଇପାରିବେ ସେ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମୟ ବ୍ୟବଧାନରେ ବିଭିନ୍ନ କ୍ୟାମ୍ପେନ୍ କରାଯିବ। ଏଥିପାଇଁ ନୂତନ କାର୍ଯ୍ୟପନ୍ଥା ଅବଲମ୍ବନ କରାଯିବ, ଯାହାକି 'ମୋ ସ୍କୁଲ', ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ଏସ୍‌ସିଇଆର୍‌ଟି ଓ ମାଧ୍ୟମିକ ଶିକ୍ଷା ବୋର୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବ।

## ଇଟିପୁରରେ 'ଘରେ ଘରେ କଂଗ୍ରେସ' କାର୍ଯ୍ୟକ୍ରମ



ଶୋଭାଯାତ୍ରାରେ କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ରଙ୍କ ସମେତ ଅନ୍ୟ ନେତା ଓ କର୍ମୀମାନେ।

**ପୁରୁଣା ଭୁବନେଶ୍ୱର, ୭।୧୦ (ସୁବାସ ଚନ୍ଦ୍ର ପ୍ରଧାନ):** ଭୁବନେଶର ଜିଲା କଂଗ୍ରେସ ପକ୍ଷରୁ ଶନିବାର 'ଘରେ ଘରେ କଂଗ୍ରେସ' କାର୍ଯ୍ୟକ୍ରମ ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଇଟିପୁର ପଞ୍ଚାୟତରେ ବ୍ଲକ ସଭାପତି ଇନ୍ଦ୍ରଜିତ୍ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ପଦଯାତ୍ରା କୁକୁଡ଼ାଘାଇ ପାଟଣାରୁ ବାହାରି ବିକିପୁର, ଡିହପୁର, ଜୟପୁର ଓ ଜୟପୁର ପାଟଣା ପରିକ୍ରମା କରିଥିଲା। ଜନସାଧାରଣଙ୍କୁ କଂଗ୍ରେସ ସରକାରଙ୍କ ଦ୍ୱାରା ପ୍ରଣୀତ ବହୁ ଜନାଭିମୁଖୀ ଯୋଜନା ବିଷୟରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଏକାମ୍ର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ରଙ୍କ ସମେତ ପ୍ରଶାନ୍ତ ଚମ୍ପତି, ଯୋଗି ନାୟକ, କ୍ଷିରୋଧ ବେହେରା, ରୀନା ସାହୁ, ଶ୍ରୀୟା ପଣ୍ଡା, ସ୍ୱର୍ଣ୍ଣଲତା ସାହୁ, ଶଙ୍କୁନା କଅଁର, ସୋନାଲି ସ୍ୱାଇଁ, ଶିବାନୀ ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଅଂଶ ସାମିଲ ହୋଇଥିଲେ।

## ଅଭିଭାବକ ମଧ୍ୟରେ ଦକ୍ଷତା ପ୍ରଦର୍ଶନ ପ୍ରତିଯୋଗିତା

**ଭୁବନେଶ୍ୱର, ୭।୧୦ (ଅସମାପିକା ସାହୁ)**

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଶ୍ରେଣୀ ପିଲାଙ୍କ ମାଆବାପାଙ୍କ ମଧ୍ୟରେ ପ୍ରତିଭା ପ୍ରଦର୍ଶନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଭିଭାବକମାନେ ଗୀତ, ନୃତ୍ୟ, ଅଭିନୟ ଆଦି ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର ଯୋଗଦେଇ ଅଭିଭାବକଙ୍କ ପ୍ରତିଭାର ପ୍ରଶଂସା କରିଥିଲେ। ଏକବିଂଶ ଶତାବ୍ଦୀରେ ଅଭିଭାବକମାନେ ଦାୟିତ୍ୱବାନ ଓ ତତ୍ପର ହେବା ଗୌରବର କଥା। ପିଲାଙ୍କ ଚରିତ୍ର ଗଠନ ହେଉଛି ମୁଖ୍ୟ। ତେଣୁ ସେ କ୍ଷେତ୍ରରେ ମା'ଙ୍କର ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ପରିଚାଳକ ପ୍ରତାପ କୁମାର ଜେନା ମାତାପିତାମାନେ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ବିଶେଷକରି ଶିଶୁ ଶ୍ରେଣୀରେ ପିତାମାତାଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ। ଏଭଳି କାର୍ଯ୍ୟକ୍ରମ ପିଲାଙ୍କ ବିଭିନ୍ନ ଆନୁସଙ୍ଗିକ ଗୁଣର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣରେ କହିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଅଭିଭାବକଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଅନନ୍ତ ନାରାୟଣ ମିଶ୍ର, ଗୀତାମଞ୍ଜରୀ ବେହେରା ଏବଂ ଶ୍ରୀମତୀ ମମତା ଦାସ ଯୋଗଦେଇଥିଲେ। ବିଦ୍ୟାଳୟର ଉପପରିଚାଳକ ସଂଗ୍ରାମ କେଶରୀ ନାୟକ, ପରିଚାଳନା କମିଟିର ସଦସ୍ୟ ନମିତା ରାଉତ, ରଞ୍ଜିତା ବଳ, ବିଦ୍ୟାଳୟର ଉପାଧକ୍ଷା ପଲ୍ଲବୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସୌନ୍ଦର୍ଯ୍ୟକରଣ ପାଇଁ ହଟିଲା ଜବରଦଖଲ



**ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ)**

ସ୍ମାର୍ଟସିଟି ପ୍ରକଳ୍ପ ଅନ୍ତର୍ଗତ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ଜାରି ରହିଛି। ତେବେ ସହରର ବିଭିନ୍ନ ଅଞ୍ଚଳ ଜବରଦଖଲରେ ଥିବାରୁ ସେଠାରେ ସୌନ୍ଦର୍ଯ୍ୟକରଣ କାମ କରିବା ସମ୍ଭବପର ହେଉନାହିଁ। ଶହୀଦନଗର ଥାନା ଅନ୍ତର୍ଗତ ଆନନ୍ଦ ବଜାରସ୍ଥିତ ରାସ୍ତା ପାର୍ଶ୍ୱରେ ମଧ ସେଭଳି ଜବରଦଖଲ ରହିଥିଲା। ତେବେ ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ରିକ୍ୟୁଜିସନ୍ କ୍ରମେ ଶନିବାର ବିଡିଏ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରୁ ଜବରଦଖଲ ହଟାଯାଇଛି। ଏକ ତନ୍ଦୁରି ଚା' ଦୋକାନ, ଗୋଟିଏ ହୋଟେଲ, ୨ଟି ଫାଷ୍ଟଫୁଡ, ଗୋଟିଏ ଟିଫିନ ଷ୍ଟଲ ଭଙ୍ଗାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ରିଜର୍ଭ ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦବେଳେ ବିଡିଏ ଏନ୍‌ଫୋର୍ସମେଣ୍ଟ (ଓଏସ୍‌ଡି) ଦେବରାଜ ସେଠୀ ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍ବଣରେ ଡିଜେ ବନ୍ଦ ହେଉ




**ଭୁବନେଶ୍ୱର, ୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ପ୍ରାଣଘାତୀ ଡିଜେକୁ ବେଆଇନ ଘୋଷଣା ଦାବିରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଶନିବାର ନାଗରିକ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟବ୍ୟାପୀ ଡିଜେର ଅତି ଉଚ୍ଚ ଓ ବିକଟ ଶବ୍ଦରେ ହୃଦଘାତ, ମସ୍ତିଷ୍କାଘାତ ଓ ସେଥିରେ ବ୍ୟବହୃତ ଲେଜର ଆଲୋକରେ ଦୃଷ୍ଟିଶକ୍ତି ହରାଇବା ଭଳି ବହୁ ଚିନ୍ତାଜନକ ଘଟଣା ଘଟୁଥିବା ବେଳେ ରାଜ୍ୟ ସରକାରଙ୍କ ନୀରବତା ଆଶ୍ଚର୍ଯ୍ୟଜନକ। ଏହା ବିରୁଦ୍ଧରେ ରାଜ୍ୟରେ ଡିଜେକୁ ସଂପୂର୍ଣ୍ଣ ବେଆଇନ ଘୋଷଣା ଦାବିରେ ପ୍ରତୀକାତ୍ମକ ନାଗରିକ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ପ୍ଲାକାର୍ଡ ପ୍ରଦର୍ଶନ ମାଧ୍ୟମରେ ମହିଳା ନେତ୍ରୀ ରଶ୍ମି ମହାପାତ୍ର, ସଂଗଠକ ଦେବ ପ୍ରସାଦ ପରିଜା, ଐତିହାସିକ ଡ. ଅମିୟ କୁମାର ମହାନ୍ତି, ସମାଜସେବୀ ଅନୁରାଧା ଦାଶ, 'ମଧୁଲିତା' ପତ୍ରିକାର ସମ୍ପାଦିକା ମଧୁଲିତା ପରିଡା, ଛାତ୍ରନେତା ରଜତ ପରିଡା, ବରିଷ୍ଠ ନାଗରିକ ସଚ୍ଚିଦାନନ୍ଦ ମହାନ୍ତି, ପ୍ରଫୁଲ୍ଲ ଦେ, ନିଗମାନନ୍ଦ ଧର ପ୍ରମୁଖ ଏହି ନାଗରିକ ପ୍ରତିବାଦ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବା ସହ ଆସନ୍ତା ପାର୍ବଣ ଋତୁରେ ଡିଜେ ବିରୁଦ୍ଧରେ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ଏହି ଅବସରରେ ଦାବି କରାଯାଇଛି।

## ୩ ଗୁରୁଙ୍କୁ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ'

**ଭୁବନେଶ୍ୱର, ୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**



ଅତିଥିଙ୍କ ସହ ସମ୍ମାନିତ ୩ ଗୁରୁ ଓ ଅନ୍ୟମାନେ।

ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ଉତ୍କଳିକାର ଚତୁର୍ଥ 'ନୃତ୍ୟମେବ ଜୟତେ' କାର୍ଯ୍ୟକ୍ରମ ଶନିବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ ଶତପଥୀ, ବିଶିଷ୍ଟ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଓ ବିଶିଷ୍ଟ ପଣ୍ଡିତ ରାମାରାଓ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପାରମ୍ପରିକ କଳାକ୍ଷେତ୍ରରେ କୃଷ୍ଣଲୀଳା ଗୁରୁ ଗୋପୀନାଥ ସ୍ୱାଇଁଙ୍କୁ, ଓଡିଶୀ ସଙ୍ଗୀତ କ୍ଷେତ୍ରରେ ଗୁରୁଶ୍ରୀ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ, ଓଡିଶୀ ନୃତ୍ୟ କ୍ଷେତ୍ରରେ ନୃତ୍ୟାଚାର୍ଯ୍ୟ ଗୁରୁଶ୍ରୀ ଦୁର୍ଗାଚରଣ ରଣବୀରଙ୍କୁ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଗାୟତ୍ରୀ ରଣବୀରଙ୍କୁ ଓଡିଶୀ ନୃତ୍ୟ କ୍ଷେତ୍ରରେ ଏବଂ ହିମାଂଶୁ ଶେଖର ସ୍ୱାଇଁଙ୍କୁ ଓଡିଶୀ ସଙ୍ଗୀତ କ୍ଷେତ୍ରରେ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା।

ସନ୍ଧ୍ୟାର କାର୍ଯ୍ୟକ୍ରମ ପଣ୍ଡିତ ପାତ୍ରଙ୍କ ଓଡିଶୀବୀଣାବାଦନରୁଆରମ୍ଭହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାଇଁଙ୍କ ଦ୍ୱାରା ଓଡିଶୀ ସଙ୍ଗୀତ, ଗାୟତ୍ରୀ ରଣବୀର ଓ ଭିଦିଶା ବସୁମଲ୍ଲିକଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏହାପରେ ଅନୁଷ୍ଠାନର ଛାତ୍ରୀଛାତ୍ର ଦଳଗତ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ପ୍ରକାଶ ଚନ୍ଦ୍ର ଦାଶ, ସମ୍ପାଦକ ଶେଖର ସୁମନ ମାଝି ଉପସ୍ଥିତ ଥିଲେ।

## ମହାନଦୀରୁ ୨ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

**ଖୁଣ୍ଟୁଣୀ, (ସଚ୍ଚିଦାନନ୍ଦ ପଣ୍ଡା)/ମଙ୍ଗୁଳି-ଜଗତପୁର, ୭।୧୦ (ମାନସ ସାମଲ):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ମଞ୍ଚେଶ୍ୱର ପଞ୍ଚାୟତର ପ୍ରସନ୍ନାପୁର ମହାନଦୀ ଘାଟରୁ ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ତାଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ। ସେ ଏକ ସବୁଜ ରଙ୍ଗର ଶାଢୀ ଓ ବ୍ଲାଉଜ୍ ପିନ୍ଧିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୩) ରୁଜୁ ହୋଇଛି। ମୃତଦେହକୁ ଆଠଗଡ଼ସ୍ଥିତ ମର୍ଗରେ ରଖାଯାଇଥିବା ଏସ୍‌ଆଇ ସଂଯୁକ୍ତା ଖିଲାର କହିଛନ୍ତି।

ସେହିପରି ଜଗତପୁର ଥାନା ଅଧୀନ ମହାନଦୀର ଯୋବ୍ରା ଆନିକଟ ୫୬ନଂ. ଗେଟ୍‌ରୁ ଜଣେ ଅଚିହ୍ନା ମହିଳାଙ୍କ ଉଲଗ୍ନ ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ତାଙ୍କ ବୟସ ୩୦ରୁ ୩୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶୁକ୍ରବାର ରାତି ପ୍ରାୟ ସାଢେ ୧୦ଟାରେ ଜଣେ ମାଛ ଧରାଳି ମହାନଦୀରୁ ଜାଲ କାଢିବା ପାଇଁ ଯାଇଥିବାବେଳେ ମୃତଦେହ ଭାସୁଥିବା ଦେଖିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଅନ୍ଧାର ଯୋଗୁ ମୃତଦେହ ପାଣିରୁ ଉଦ୍ଧାର କରାଯାଇ ପାରି ନ ଥିଲା। ସେଠାରେ ୪ ଜଣ କନଷ୍ଟେବଲ୍‌ଙ୍କୁ ମୃତୟନ କରାଯାଇଥିଲା। ଶନିବାର ସକାଳେ ପୋଲିସ କଟକ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ ପାଣିରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏ ନେଇ ଥାନାରେ ମାମଲା (ନଂ.୬୧/୨୩) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି।

## ସଂକ୍ଷେପରେ

### ସତ୍ୟସାଇ ସେବା ସମିତିର ସଫେଇ କାର୍ଯ୍ୟକ୍ରମ

ମାଣିଆବନ୍ଧ, ୭।୧୦ (ଅଖିଳ କୁମାର ସାହୁ):

ମାଣିଆବନ୍ଧ ସତ୍ୟସାଇ ସେବା ସମିତି ତରଫରୁ ଆର୍ଯ୍ୟ ସମାଜ ପରିସର, ଶିବ ମନ୍ଦିର ବେଢା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସଫେଇ କାର୍ଯ୍ୟ କରାଯାଇଥିଲା। ଏଥିରେ ସତ୍ୟସାଇ ସେବା ସମିତି ଆବାହକ ଦିଲୀପ କୁମାର ଦାଶ, ବିଭୂତି ଭୂଷଣ ଚୌଧୁରୀ, ରବୀନ୍ଦ୍ର କୁମାର ଯତି, ସୁଶାନ୍ତ କୁମାର ପାଳ, ବିଜୟ କୁମାର ମହାପାତ୍ର, ପୀତବାସ କରଣଙ୍କ ସମେତ ମାଣିଆବନ୍ଧ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ବାନପ୍ରସ୍ଥି ଆଦିକନ୍ଦ ଆର୍ଯ୍ୟ, ସମ୍ପାଦକ ସମରଜିତ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ସାପ କାମୁଡ଼ାରେ ଗୁରୁତର ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା

ନିଶ୍ଚିନ୍ତକୋଇଲି,୭।୧୦ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ସାପ କାମୁଡ଼ାରେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେ ହେଲେ ସ୍ଥାନୀୟ ପାଟପାରୀ ଗ୍ରାମର ଜଗବନ୍ଧୁ ଓଝାଙ୍କ ଝିଅ ଲକ୍ଷ୍ମୀପ୍ରିୟା। ସେ ଏହି ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ। ଶନିବାର ବିଦ୍ୟାଳୟରେ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଏଥିରେ ସରପଞ୍ଚ ଭାରତୀ ସ୍ୱାଇଁ ,ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ଉମର ସରପଞ୍ଚ ଶାଶ୍ୱତ ରଞ୍ଜନ ଦାସ, ରାମକୃଷ୍ଣପୁର ସମିତି ସଭ୍ୟା ନର୍ମଦା ପ୍ରଧାନ, ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସାହୁ,ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଗୁରୁବାର ରାତିରେ ଲକ୍ଷ୍ମୀପ୍ରିୟା ନିଜ ଘରେ ଶୋଇଥିଲା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଚିତ୍କାର ଶୁଣି ଘରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ବିଜେଡି ଜନସମ୍ପର୍କ ପଦଯାତ୍ରା

ଆଠଗଡ,୭।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ ବ୍ଲକ ବିଜୁ ଜନତା ଦଳ ତରଫରୁ ଶନିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଲାଇଲୋ ପଞ୍ଚାୟତ ତଳଗଡ଼ରୁ ଏହି ଯାତ୍ରା ଆରମ୍ଭ ହୋଇ ପାଟଲିଙ୍ଗ ଶିଳାପାଟ କୁଲାଇଲୋ, କରକମଳ, ନାଉରଥ, ତରଡିଙ୍ଗ ତେନ୍ତୁଳିଆ,ବାଇଲୋ ହୋଇ ଯୋରନ୍ଦାରେ ଶେଷ ହୋଇଥିଲା। ଏହାକୁ ରବୀନ୍ଦ୍ର ନାଥ ରାଉତ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥିଭାବେ ସୁପ୍ରିମ କୋର୍ଟର ଆଇନଜୀବୀ ତଥା ସାମାଜିକ କର୍ମୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଲାଇଲୋ ସରପଞ୍ଚ ସୁଜାତା ବେଉରା, ସମିତିସଭ୍ୟ ଅନୁସୟା ସ୍ୱାଇଁ, ତରଡିଙ୍ଗି ସରପଞ୍ଚ ସିଦ୍ଧାନ୍ତ ଦଳେଇ, ଯୋରନ୍ଦା ସରପଞ୍ଚ କମଳା ନାୟକ, ସମିତି ସଭ୍ୟ ମାନସ ସ୍ୱାଇଁ , ଆଠଗଡ ବିଜୁ ମହିଳା ସଭାନେତ୍ରୀ ଶାନ୍ତିଲତା ବେହେରା, ପୂର୍ବତନ ଉପାଧ୍ୟକ୍ଷ ସୁନୀଲ କୁମାର ପରିଡାଙ୍କ ସମେତ ବ୍ଲକର ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗଦେଇଥିଲେ ।

# କୁଲିଆ ବଜାର ହତ୍ୟାକାଣ୍ଡର ପର୍ଦ୍ଦାଫାଶ, ପୁତୁରା ସମେତ ୫ ଗିରଫ

- ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା
- ଆକ୍ରମଣରେ ବ୍ୟବହୃତ ୨ ଟାଙ୍ଗିଆ ଜବତ

ସାଲେପୁର/ନିଶ୍ଚିନ୍ତକୋଇଲି, ୭।୧୦ (ଅରବିନ୍ଦ ଭୂୟାଁ/ଅଶୋକ ମହାପାତ୍ର)

ସାଲେପୁର ଥାନା ଅନ୍ତର୍ଗତ କୁଲିଆ ବଜାର ପୋଲ ନିକଟରେ ଚା' ଏବଂ ଜଳଖିଆ ଦୋକାନ କରିଥିବା ଦମ୍ପତିଙ୍କୁ ୪ ତାରିଖ ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଫଳରେ ହରେକୃଷ୍ଣ ପୃଷ୍ଟିଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଅନ୍ନପୂର୍ଣ୍ଣା ପୃଷ୍ଟି ଗୁରୁତର ହୋଇଥିଲେ। ଶନିବାର ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହରେକୃଷ୍ଣଙ୍କ ପୁତୁରା ତଥା କୁଲିଆ ଗ୍ରାମର ଭରତ ପୃଷ୍ଟି, ସହଯୋଗୀ ଦୀପକ ବେହେରା, ରବୀନ୍ଦ୍ର ସାହୁ ଏବଂ ଅଡ଼ଙ୍ଗା ଗ୍ରାମର ଲକ୍ଷ୍ମୀଧର ସାହୁ, ବୀରକିଶୋର ସାହୁ । ପୂର୍ବ ବିବାଦକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ କରାଯାଇଥିଲା ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି. କୃଷ୍ଣପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିରେ ବ୍ୟବହୃତ ୨ ଟାଙ୍ଗିଆକୁ ଜବତ କରାଯାଇଛି।



ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଗିରଫ ୫ ଅଭିଯୁକ୍ତ ।

ତାଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଘଟଣା ଦିନ ରାତିରେ କୁଲିଆ ବଜାରରେ ଥିବା ଏକ ପରିବା ଦୋକାନ ପଛପଟେ ଫିଷ୍ଟ କରି ଖାଇବା ପରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଭରତ ଓ ଲକ୍ଷ୍ମୀଧର ନିଜ ଘରୁ ଟାଙ୍ଗିଆ ଆଣି ଅନ୍ୟ ୩ ସହଯୋଗୀଙ୍କ ସହ ମିଶି ଜଳଖିଆ ଦୋକାନର ପାଲ ଟେକି ଭିତରେ ପଶିଥିଲେ। ହରେକୃଷ୍ଣ ଓ ଅନ୍ନପୂର୍ଣ୍ଣା ରାତିରେ ସବୁଦିନ ପରି ଉକ୍ତ ଦୋକାନ ଘରେ ଶୋଇଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଏହି ସମୟରେ ଟାଙ୍ଗିଆରେ ଆକ୍ରମଣ କରି ହରେକୃଷ୍ଣଙ୍କ ହତ୍ୟା କରିଥିଲେ। ଆକ୍ରମଣରେ ଅନ୍ନପୂର୍ଣ୍ଣା ଗୁରୁତର ହୋଇ ଅଚେତ ହୋଇଯିବାରୁ ଅଭିଯୁକ୍ତମାନେ ତାଙ୍କୁ ମୃତ ବୋଲି ଭାବି ସେଠାରୁ ପଳାଇଯାଇଥିଲେ। ପରଦିନ ସକାଳୁ ସ୍ଥାନୀୟ ଲୋକେ ଚା'ପିଇବାକୁ ହରେକୃଷ୍ଣଙ୍କ ଦୋକାନକୁ ଆସିଥିଲେ। ଲୋକେ ଡାକିଲା ବେଳକୁ କୌଣସି ଉତ୍ତର ମିଳି ନ ଥିଲା। ସେମାନେ ଜରିପାଲ ଟେକି ଦେଖିବାବେଳକୁ ହରେକୃଷ୍ଣଙ୍କୁ ମୃତ ଓ ଅନ୍ନପୂର୍ଣ୍ଣାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପାଇଥିଲେ। ତୁରନ୍ତ ଅନ୍ନପୂର୍ଣ୍ଣାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରିବା ସହ ଥାନାରେ ମାମଲା (ନଂ.୩୩୧/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।




କଟକ କମିଶନରେଟ ପୋଲିସ ପକ୍ଷରୁ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସାଇବର ସଚେତନତା କାର୍ଯ୍ୟକ୍ରମ।

## ତନ୍ତୁ ସରଞ୍ଜାମ ବଣ୍ଟନ ଉପରେ ଗୁରୁତ୍ୱାରୋପ

**ବୁଣାକାରମାନଙ୍କ ଆଲୋଚନାଚକ୍ର**

ନେମାଳ,୭।୧୦ (କିରଣ ଶଙ୍କର ନାୟକ) :

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ମହମ୍ମଦପୁର ଓ ମଣିଜଙ୍ଗା ପଞ୍ଚାୟତରେ ବୁଣାକାରମାନଙ୍କ ସମସ୍ୟାକୁ ନେଇ ଏକ ଆଲୋଚନାଚକ୍ର ମଣିଜଙ୍ଗସ୍ଥିତ ଗୌରୀଶଙ୍କର ତନ୍ତୁବାୟ ସହଯୋଗ ସମିତି ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମହମ୍ମଦପୁର ଓ ମଣିଜଙ୍ଗ ଗ୍ରାମର ବୁଣାକାରମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ହସ୍ତତନ୍ତ୍ର ବୟନ ପରାମର୍ଶଦାତା ସୌଭାଗ୍ୟ ନାୟକ, ଅନ୍ୟତମ ଅତିଥିଭାବେ ବୟନ ଶିଳ୍ପ କଟକ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ବୟନ ତତ୍ତ୍ୱାବଧାରକ ମାନସରଞ୍ଜନ ପାଣିଗ୍ରାହୀ, ବୟନ ନିରୀକ୍ଷକ ଦୁଷ୍ମନ୍ତ କୁମାର ପାତ୍ର, ବିଜୟଲକ୍ଷ୍ମୀ ତୋଷ, ଶାନ୍ତିଲତା ମାଝି, ବୈଷୟିକ ସହାୟକ ଶ୍ରୀନିବାସ ସୁର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦପୁର ଗ୍ରାମରେ ଥିବା ସିଦ୍ଧେଶ୍ୱରୀ ତନ୍ତୁବାୟ ସହଯୋଗ ସମିତି ଲିମିଟେଡର ସଭାପତି ଶ୍ରୀନିବାସ ପାତ୍ର, ସମ୍ପାଦକ ଜଗବନ୍ଧୁ ସିଂ, ମଣିଜଙ୍ଗ ଗ୍ରାମସ୍ଥିତ ଗୌରୀଶଙ୍କର ତନ୍ତୁବାୟ ସହଯୋଗ ଲିମିଟେଡ୍ ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ଶଙ୍କର ପ୍ରସାଦ ବେହେରା, ଭଗବତୀ ତନ୍ତୁବାୟ ସହଯୋଗ ସମିତି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ବୟନ ଶିଳ୍ପ ଉପନିର୍ଦ୍ଦେଶକ ମହାନ୍ତି ସଭାପତିତ୍ୱ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା ଏବଂ ପିଇଓଏର୍‌ଜେ ଯୋଜନାରେ ତନ୍ତୁ ସରଞ୍ଜାମ ବଣ୍ଟନ ଓ କର୍ମଶାଳା ପାଇଁ ଅନଲାଇନ ଆବେଦନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ତନ୍ତୁବାୟ ସହଯୋଗ ଲିମିଟେଡ୍ ସଭାପତି କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚକ୍‌ଖଡ଼ିରେ ବିଶ୍ୱକପ୍ ଟ୍ରଫି

କଟକ,୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ବିଶ୍ୱକପ କ୍ରିକେଟ୍ ମହାସମର ଆରମ୍ଭ ହୋଇଛି। ରବିବାର ଭାରତ ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଟିମ୍‌କୁ ଭେଟିବ। ଭାରତ ବିଶ୍ୱକପ୍ ଜିତିବା ପାଇଁ ଶୁଭେଚ୍ଛା ଜଣାଇ କଟକ ବିଦ୍ୟାଧରପୁରସ୍ଥିତ ଗୌତ୍ତମନଗର ଅଞ୍ଚଳର ସୂର୍ଯ୍ୟନାରାୟଣ ନାୟକ ନାମକ ଛାତ୍ର ନିଆରା କଳାକୃତି ଅଙ୍କନ କରିଛନ୍ତି। ସେ ପ୍ରାୟ ଅଧଘଣ୍ଟା ପରିଶ୍ରମ କରି ଚକ୍‌ଖଡିରେ ୨.୩ ସେମି ଉଚ୍ଚତାର ବିଶ୍ୱକପ୍ ଆକୃତିର ଟ୍ରଫି ତିଆରି କରିଛନ୍ତି। କ୍ରିକେଟ ପ୍ରତି ରୁଚି ରଖୁଥିବା ଏହି ଛାତ୍ରଙ୍କର ପ୍ରୀୟ ଖେଳାଳି ହେଉଛନ୍ତି ବିରାଟ କୋହଲି। ତେଣୁ ସେ ଅଶ୍ୱତ୍‌ଥ ପତ୍ର ଓ ମୋବାଇଲ ଟେମ୍ପର ଗ୍ଲାସ କଭରରେ ବିରାଟଙ୍କ ଚିତ୍ର ଆଙ୍କିଛନ୍ତି। ଚଳିତବର୍ଷ ଭାରତ ବିଶ୍ୱକପ ଜିତିବା ଆଶାରେ ଏହି ଟ୍ରଫି କରିଥିବା ସୂର୍ଯ୍ୟନାରାୟଣ କହିଛନ୍ତି। ପୂର୍ବରୁ ସେ ଚକ୍ ଖଡ଼ିରେ ଚନ୍ଦ୍ରାୟାନ-୩, ହକି ବିଶ୍ୱକପ, ନନ୍ଦିଘୋଷ ରଥ, ଆଇ ଲଭ ଓଡ଼ିଶାର ଚିତ୍ରକଳା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।



## କରତକଳରେ ଚଢ଼ାଉ: କାଠ ସହ ଯନ୍ତ୍ରାଂଶ ଜବତ



କରତକଳ ଉପରେ ପୋଲିସ ଚଢ଼ାଉ କରୁଛି।

ନିଶ୍ଚିନ୍ତକୋଇଲି,୭।୧୦ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ନେମାଳ ଥାନା ଅଧୀନ ମାରଡା ଗ୍ରାମରେ ନଦୀବନ୍ଧ ତଳେ ଦୀର୍ଘ ଦିନହେବ ବେଆଇନଭାବେ କରତକଳ ଚାଲି ଆସୁଥିଲା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ମିଳିବା ପରେ ଶନିବାର ଭୁବନେଶ୍ୱର ବନ ବିଭାଗ, ସାଲେପୁର ବନ ବିଭାଗ ଓ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ବିଭାଗୀୟ ଅଧିକାରୀମାନେ ପ୍ରଥମେ କରତକଳ ଚତୁଃପାର୍ଶ୍ୱକୁ ଘେରାବନ୍ଦୀ କରିଥିଲେ। ଭୁବନେଶ୍ୱର ସିଟି ଡିଭିଜନ ରେଞ୍ଜର ରଶ୍ମିରେଖା ପରିଡା ଓ ସହକାରୀ ବନ ବିଭାଗ ଅଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ସେହିପରି ଶିଶୁଆ ବ୍ୟାରେଜ ଛକ ନିକଟରେ ଥିବା ଏକ କାଠ ଟିମ୍ବର ଉପରେ ଚଢାଉ କରାଯାଇ ୮୮.୬ ସିଫ୍ଟ କାଠ ଜବତ କରାଯାଇଛି। ଉଭୟ ସ୍ଥାନରୁ ମୋଟ ୧୫.୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ କରାଯାଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ଚାକିରି ନାଁରେ ଯୁବତୀଙ୍କଠାରୁ ୮ ଲକ୍ଷ ଠକେଇ, ପଡୋଶୀ ଗିରଫ

ଭୁବନେଶ୍ୱର,୭।୧୦ (ସୂର୍ଯ୍ୟକାନ୍ତ ବେହେରା) :

ଚାକିରି ଦେବାକୁ କହି ଯୁବତୀଙ୍କଠାରୁ ୮ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ପଟିଆ ଅଞ୍ଚଳର ଆଲବର୍ଟ ଦାଶ(୫୧)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀଙ୍କ ବାପା ଏୟାରପୋର୍ଟରେ ଚାକିରି କରିଥିଲେ। ୨୦୦୨ରେ ତାଙ୍କର ମୃତ୍ୟୁପରେ ତାଙ୍କ ମା'ଙ୍କୁ କିଛି ଟଙ୍କା ମିଳିଥିଲା। ଅଭିଯୁକ୍ତ ଜଣକ ଯୁବତୀଙ୍କ ପଡୋଶୀ ହୋଇଥିବାରୁ ଉକ୍ତ ଟଙ୍କା ଉପରେ ତାଙ୍କର ନଜର ପଡିଥିଲା। ୨୦୧୧ରେ ଯୁବତୀ ଜଣକ ଯୁକ୍ତ ୩ ପଢ଼ା ସାରିବା ପରେ ଆଲବର୍ଟ ତାଙ୍କୁ ଚାକିରି କରାଇଦେବା ଲାଗି ପ୍ରତିଶ୍ରୁତି ଦେଇ ଦୁଇଟି କିସ୍ତିରେ ମୋଟ ୮ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଚାକିରି ଦେଇ ନ ପାରିବାରୁ ଯୁବତୀ ଜଣକ ଠକାମିର ଶିକାର ହେବା ଜାଣିବା ପରେ ଗତ ୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୩୫୭/୨୩) ରୁଜୁ କରିଛି।

### ସାଇକେଲରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

କଣାସ,୭।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଦୋଛିଆଁ ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମର ହରିବନ୍ଧୁ ରାଉତ(୭୦)ଙ୍କ ଶୁକ୍ରବାର ଅପରାହ୍ନରେ ସାଇକେଲ୍‌ରୁ ପଡ଼ି ମୃତ୍ୟୁ ହୋଇଥିବା ଜଣାପଡିଛି। ହରିବନ୍ଧୁ ଝିଅଘର ସାହାସପୁର ଗ୍ରାମକୁ ଯାଇଥିଲେ। ଫେରିବା ସମୟରେ ସାହାସପୁର ନିକଟ ମକରାନଦୀ ବନ୍ଧ ପମ୍ପହାଉସ୍‌ଠାରେ ସଇକେଲ୍‌ରୁ ପଡ଼ି ମୂର୍ଚ୍ଛା ହୋଇଯାଇଥିଲେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।



ତିଗିରିଆ ନୂଆପାଟଣାସ୍ଥିତ ମା'କଳାପାଟ ଠାକୁରାଣୀଙ୍କ ଷୋଡ଼ଶ ପୂଜାର ଦ୍ୱିତୀୟ ଦିବସରେ ମା'ଙ୍କ ମାତଙ୍ଗୀ ବେଶ।

# ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଉପରେ ଗୁରୁତ୍ୱ

**ନବାଗତଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ**

ବାଙ୍କୀ,୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଦୃଶ୍ୟଶ୍ରାବ ଗୃହରେ ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଯୋଗୀନାଥ ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧ୍ୟବସାୟ ଓ ନିଷ୍ଠାପର ଭାବେ ଉତ୍ତମ ଚରିତ୍ର ଗଢ଼ିତୋଳିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍ ଓ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ନୂତନ ବିଦ୍ୟାର୍ଥୀମାନେ ଜୀବନରେ ଶୃଙ୍ଖଳା ଓ ଉତ୍ତମ ଚରିତ୍ରକୁ ପାଥେୟ କରି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ବିନୋଦିନୀ ପରିଡା, ଅଧ୍ୟାପିକା ସୋନାଲି ଦାସ ମହାପାତ୍ର ଓ ଅଧ୍ୟାପକ ପ୍ରଶାନ୍ତ ବେହେରା ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସମସ୍ତ ଅତିଥି ଓ ନୂତନ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଲୋପାମୁଦ୍ରା ମହାପାତ୍ର, ପ୍ରିୟଙ୍କା ବେହେରା, ସୋନାଲି ସେନାପତି ଓ ମନୋଜ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ବାଙ୍କୀ କଲେଜ କ୍ୟାଣ୍ଟିନ ଉଦ୍‌ଘାଟିତ

ବାଙ୍କୀ,୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କରୋନା ମହାମାରୀ ସମୟରୁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାଣ୍ଟିନ ବନ୍ଦ ଥିଲା। ଉକ୍ତ କ୍ୟାଣ୍ଟିନ୍‌ର ନବୀକରଣ କରାଯାଇ ଉଦ୍‌ଘାଟନ କରାଯାଇଛି। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପରିଚାଳନା କମିଟିର ସଦସ୍ୟ ସୌମେନ୍ଦ୍ର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ପରିଚାଳନା କମିଟି ସଦସ୍ୟ ସନାତନ ବେହେରା, ଭାଗୀରଥି ବିଶ୍ୱାଳ, ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍, ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ଡ. ଶଶିଭୂଷଣ ମହାପାତ୍ର, ବୃନ୍ଦାବନ ପ୍ରଧାନ, ଅଧ୍ୟାପକ ଆଶିଷ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ରଞ୍ଜିତ କୁମାର ରଣା ଏହାକୁ ପରିଚାଳନା କରିଥିଲେ।

# ଡବ୍ଲ୍ୟୁଏସ୍‌ସିରେ ଆରମ୍ଭ ହେବ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ'

**ଛାତ୍ରୀଛାତ୍ରଙ୍କୁ ମିଳିବ ବିଶ୍ୱସ୍ତରୀୟ କ୍ୟାରିୟର ସୁଯୋଗ**

ଭୁବନେଶ୍ୱର, ୭।୧୦(ଅସମାପିକା ସାହୁ):

ସାରା ବିଶ୍ୱରେ ଏଲିଭେଟର, ଏସ୍କାଲେଟର ଓ ଟ୍ରାଭେଲେଟର ପରି ଆଧୁନିକ ଯନ୍ତ୍ରର ଚାହିଦା ବଢ଼ିବାରେ ଲାଗିଛି। ତା' ସାଙ୍ଗକୁ ଏ ସବୁର ପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ମଧ୍ୟ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲୁଏସ୍‌ସି) ପକ୍ଷରୁ 'ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍' ଉପରେ ଏକ ନୂତନ ତାଲିମ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଫଳରେ ରାଜ୍ୟ ସରକାରଙ୍କ 'ସ୍କିଲ୍‌ଡ ଇନ୍ ଓଡ଼ିଶା' ପରିକଳ୍ପନା ଅଧୀନରେ ରାଜ୍ୟର ଯୁବବର୍ଗଙ୍କୁ ଏହି ଅତ୍ୟାଧୁନିକ ବିଷୟରେ ତାଲିମ ଦେଇ ସେମାନଙ୍କୁ ବିଶ୍ୱସ୍ତରୀୟ କ୍ୟାରିୟର ଗଢ଼ିବା ଲାଗି ପ୍ରସ୍ତୁତ କରାଯିବ। ୨୦୨୩-୨୪ ଶିକ୍ଷାବର୍ଷରୁ ଆରମ୍ଭ ହେବାକୁ ଯାଉଥିବା ଏହି ନୂତନ ପାଠ୍ୟକ୍ରମର ନାମ ରହିଛି 'ଆଡ୍‌ଭାନ୍ସଡ୍ ସାର୍ଟିଫିକେଟ୍ ଇନ୍ ଫ୍ୟାସିଲିଟି ଟେକ୍ନୋଲୋଜି (ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍)। ସିଙ୍ଗାପୁର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନର (ଆଇଟିଇଏସ୍) ତତ୍ତ୍ୱାବଧାନରେ ଏହି ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହି ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ ବିଷୟରେ ଆବଶ୍ୟକ ବୈଷୟିକ ଶିକ୍ଷା ଓ ତାଲିମ ଦିଆଯିବ। ଫଳରେ ସେମାନେ ଆଧୁନିକ ଲିଫ୍ଟ ଓ ଏସ୍କାଲେଟରର ସ୍ଥାପନା, ତାହାକୁ କାର୍ଯ୍ୟକ୍ଷମ କରିବା, ରକ୍ଷଣାବେକ୍ଷଣ, ମରାମତି ଓ ଯାଞ୍ଚ ଆଦି କାର୍ଯ୍ୟ କରିବାରେ ସକ୍ଷମ ହେବେ। ଏହା ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣୀୟ ନିଯୁକ୍ତିର ସୁଯୋଗ ଆଣିଦେଇପାରିବ। ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ଥିବା ଏହି ୧ ବର୍ଷିଆ ପାଠ୍ୟକ୍ରମ ପାଇଁ ଆଇଟିଆଇ(୨ବର୍ଷିଆ) କିମ୍ବା ପଲିଟେକ୍‌ନିକ୍‌ରେ ଡିପ୍ଲୋମା କରିଥିବା ଓଡ଼ିଶାର ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଏଠାରେ ଜୀବନ୍ତ ମଡେଲ ଜରିଆରେ ସିମୁଲେସନ ସହିତ ଭର୍ଟିକାଲ ଟେକ୍ନୋଲୋଜିର ବିଭିନ୍ନ ଦିଗ ଉପରେ ଶିକ୍ଷା ଓ ତାଲିମ ଦିଆଯିବ। ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ଫଳରେ ଏହା ଏସ୍କାଲେଟର, ଏଲିଭେଟର ଏବଂ ଅନୁରୂପ ଯନ୍ତ୍ରର ସ୍ଥାପନା ଓ କାର୍ଯ୍ୟକାରିତା, ପରିଚାଳନା ଓ ରକ୍ଷଣାବେକ୍ଷଣ ଆଦି ବିଷୟରେ ତାଲିମ ଦେବାରେ ବିଶେଷ ସହାୟକ ହେବ।

## ସଂକ୍ଷେପରେ

### ସ୍କୁଲରେ ପଶି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଶ୍ଳୀଳ ଆଚରଣ ଥାନାରେ ଅଭିଯୋଗ

ଗୋପ,୭।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ଏକ ପ୍ରାଥମିକ ସ୍କୁଲରେ ଶନିବାର ଜଣେ ଯୁବକ ସ୍କୁଲରେ ପଶି ପାଠ ପଢ଼ାଉଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଶ୍ଳୀଳ ଆଚରଣ ଦେଖାଇବା ସହ କ୍ଲାସରୁମ୍‌ରେ ପଶି ପାଟିତୁଣ୍ଡ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏପରି ଘଟଣାରେ ଅଧ୍ୟୟନରତ ଛାତ୍ରୀଛାତ୍ର ଭୟଭୀତ ହୋଇପଡ଼ିଥିଲେ। ଉକ୍ତ ଯୁବକ ଜଣଙ୍କ ଦୀର୍ଘ ୨ଘଣ୍ଟା ଧରି ସ୍କୁଲ ପରିସରରେ ହୋହଲ୍ଲା କରିବା ସହ ଟେକା ପଥର ମାଡ଼ କରିବା ସହିତ ଛାତ୍ରୀଛାତ୍ରଙ୍କ ଲାଗି ରୋଷେଇ କରୁଥିବା ପାଚିକାଙ୍କୁ ମଧ୍ୟ ଗାଳିମନ୍ଦ କରିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ଏନେଇ ଥାନାରେ ଅଭିଯୋଗ ଦେବା ସହିତ ପାଚିକା ଜଣଙ୍କ ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରେ, ଅଭିଯୋଗକୁ ନେଇ ତଦନ୍ତ ହେଉଛି। ମକଦ୍ଦମା ରୁଜୁ କରାଯାଇ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

### ବଧୂହତ୍ୟା ଅଭିଯୋଗ, ଥାନାରେ ଏତଲା

ପୁରୀ ୭।୧୦ (ଅଜିତ୍ ମହାନ୍ତି)

ପାରିବାରିକ କହଳକୁ ନେଇ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ବାପଘର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବାପଘର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି କି ଗତ ୮ ମାସ ପୂର୍ବେ ନିବେଦିତା ପରିଡାଙ୍କ ସହ ରଞ୍ଜିତ ସାହୁଙ୍କ ବିବାହ ହୋଇଥିଲା। ବିବାହର କିଛି ମାସ ପରେ ଶଶୁରଘର ଲୋକେ ନିବେଦିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ନିବେଦିତା ତାଙ୍କ ବାପ ଘରକୁ ମଧ୍ୟ ଜଣାଇଥିଲେ। ତେବେ ଶନିବାର ରଞ୍ଜିତ ଶ୍ୱଶୁର ଘର ଲୋକଙ୍କୁ ଫୋନ୍ କରି ଜଣାଇଥିଲେ କି ନିବେଦିତା କବାଟ କିଳି ଘରେ ରହିଛି, ଡାକିଲେ ଶୁଣୁନାହିଁ। ଖବର ପାଇ ନିବେଦିତାଙ୍କ ବାପଘର ଲୋକ ପହଞ୍ଚି ଝିଅକୁ ଚେତାଶୂନ୍ୟ ଅବସ୍ଥାରେ ପାଇଥିଲେ। ତୁରନ୍ତ ତାଙ୍କୁ ମେଡିକାଲ ନିଆଯାଇଥିଲେ ବି ଡାକ୍ତର ସେଠାରେ ନିବେଦିତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ତେବେ ନିବେଦିତାଙ୍କୁ ତାଙ୍କ ଶ୍ୱଶୁର, ଶାଶୁ ଓ ସ୍ୱାମୀ ହତ୍ୟା କରିଥିବା ନେଇ ବାପଘର ପକ୍ଷରୁ ଥାନରେ ଏତାଲା ଦିଆଯାଇଛି।

### ସାଇକେଲରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

କଣାସ,୭।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଦୋଛିଆଁ ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମର ହରିବନ୍ଧୁ ରାଉତ(୭୦)ଙ୍କ ଶୁକ୍ରବାର ଅପରାହ୍ନରେ ସାଇକେଲ୍‌ରୁ ପଡ଼ି ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ମୁତାବକ, ହରିବନ୍ଧୁ ତାଙ୍କ ଝିଅଘର ସାହାସପୁର ଗ୍ରାମକୁ ଦୁତିଆ ଓଷା ପାଇଁ ପନିପରିବା ନେଇ ଯାଇଥିଲେ। ଫେରିବା ସମୟରେ ସାହାସପୁର ନିକଟ ମକରାନଦୀ ବନ୍ଧ ପମ୍ପହାଉସ୍‌ଠାରେ ସଇକେଲ୍‌ରୁ ପଡ଼ି ମୂର୍ଚ୍ଛା ହୋଇଯାଇଥିଲେ। କେହି ଜଣେ ବ୍ୟକ୍ତି ବୃଦ୍ଧ ଜଣଙ୍କ ପଡିଥିବା ଦେଖି ସାହାସପୁର ଗ୍ରାମରେ ଖବର ଦେଇଥିଲେ। ଗ୍ରାମରୁ ୧୦ ଉର୍ଦ୍ଧ୍ୱ ଲୋକ ଆସି ଦେଖି ତାଙ୍କ ଜ୍ୱାଇଁଙ୍କୁ ଖବର ଦେଇଥିଲେ। ବୃଦ୍ଧଙ୍କ ଜ୍ୱାଇଁଙ୍କ ପରିବାର ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

### ଅଜଣା ମୃତଦେହ ଜବତ

ପୁରୀ, ୭।୧୦(ଅଜିତ୍ ମହାନ୍ତି)

ରେଳବାଇ ପୋଲିସ ଏକ ଅଜଣା ବ୍ୟକ୍ତିଙ୍କ ଶବ ଟ୍ରେନ୍ ମଧ୍ୟରୁ ଉଦ୍ଧାର କରିଛି । ରେଳବାଇ ଜିଆରପିର ସୂଚନା ଅନୁଯାୟୀ ପୁରୀ ରେଳ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୭ରେ ଲାଗିଥିବା ଦୁର୍ଗ-ପୁରୀ ଏକପ୍ରେସ ଭିନ୍ନକ୍ଷମ ବଗିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ରେଳବାଇ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ତେବେ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୫୫ରୁ ୬୦ ବର୍ଷ ବୟସ ହେବ ବୋଲି ରେଳବାଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ରେଳବାଇ ପୋଲିସ ୩୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ‘ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱର ସଂସ୍କୃତି’

**ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

ପୁରୀ, ୭।୧୦ (ଅଜିତ୍ ମହାନ୍ତି):


ଅତିଥିମାନେ ଶ୍ରୀଗୁଣ୍ଡିଚା ଟ୍ରଷ୍ଟର ପତ୍ରିକା ଉନ୍ମୋଚନ କରୁଛନ୍ତି।

ଶାନ୍ତି ପାଇଁ ଯୁଦ୍ଧର ଆବଶ୍ୟକତା ଥାଏ ଯାହାର ପ୍ରମାଣ ମହାଭାରତ ବୋଲି କହିଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଶନିବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ ଗୃହରେ ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପୁରୀ ପକ୍ଷରୁ ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ହରିଚନ୍ଦନ ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱର ସଂସ୍କୃତି ଓ ମାନବ ସମାଜ ଥିବା ଯାଏଁ ଏହା ସମସ୍ତଙ୍କୁ ଉଦ୍‌ବୁଦ୍ଧ କରି ଚାଲିଥିବ ବୋଲି କହିଥିଲେ। ତେବେ ଠାକୁରଙ୍କ ନୀତିକାନ୍ତି ବିଭ୍ରାଟ ନ ହେବାକୁ ସେବାୟତମାନେ ସଙ୍କଳ୍ପ ନେବା ଉଚିତ ବୋଲି ସେ କହିଥିଲେ। ପାଇକ ଏକ ଜାତି ନୁହେଁ ଏକ ପଦାତିକ ସେନା ଓ ସମଗ୍ର ଓଡ଼ିଆ ଜାତି ଏଥିରେ ସାମିଲ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରାକ୍ତନ କୁଳପତି ଡଃ ହରେକୃଷ୍ଣ ଶତପଥୀ ଜଗନ୍ନାଥ ସଂସ୍କୃତିରେ ମହାନ ପରମ୍ପରା ସତ୍ୟ, ଶାନ୍ତି, ଅହିଂସାର ଅନନ୍ୟ ଉଦାହରଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଚାରିଟେବୁଲ ଟ୍ରଷ୍ଟ ଓଡିଶାର ଅଧ୍ୟକ୍ଷ ଡ. କିଶନଲାଲ ଅଗ୍ରୱାଲ, ବରିଷ୍ଠ ସେବାୟତ ଭଗବାନ ସୁଆର, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ. ମୁରଲୀ ମନୋହର ଶର୍ମା ପ୍ରମୁଖ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ସାହିତ୍ୟିକା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ, ବିନୟ ନୃସିଂହ ମହାପାତ୍ର ସ୍ୱାଗତ ଅଭିଭାଷଣ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ମୋହନ ମହାପାତ୍ର, ବିନୋଦ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଟ୍ରଷ୍ଟର ମୁଖପତ୍ର ଶ୍ରୀଗୁଣ୍ଡିଚା ଓ ନୃସିଂହାନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ ମଣିରତ୍ନମାଳା,ବେଦାନ୍ତସାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜୟନ୍ତୀ ମହାପାତ୍ର, ଭବାନୀ ପ୍ରସାଦ, କୈଳାସ ଚନ୍ଦ୍ର ସାହୁ, ସସ୍ମିତା ମିଶ୍ର, ତୃପ୍ତି ପଣ୍ଡା,ଭାଗବତ ପ୍ରସାଦ ପଟ୍ଟନାୟକ, ନୃସିଂହ ଚରଣ ମହାନ୍ତି ଓ ଗୁରୁ ଚରଣ ଦାସ । ଶେଷରେ ଗୁରୁ ନାରାୟଣ ପାଣ୍ଡେ ଓ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ପୁରୀ ବେଳାଭୂମିରେ ଶନିବାର ମଦର୍ସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱଚ୍ଛତାର ବାର୍ତ୍ତା ଦେଉଛନ୍ତି।

# ଗୋମାଂସ ବୋଝେଇ କଣ୍ଟେନର ଜବତ

ପିପିଲି,୭।୧୦(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ ମହାପାତ୍ର)

ପିପିଲି ପୋଲିସ ଚଢ଼ାଉ କରି ପାଣିଦୋଳ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋମାଂସ ବୋଝେଇ ଗାଡ଼ି ଜବତ କରିବା ସହ ୨ ଚାଲାଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ ପିପିଲି ଜୟପୁର କିଲାର ସାମୁଏଲ ବେହେରା (୪୫ବର୍ଷ) ଏବଂ ସିଙ୍ଘଡାପାଟଣାର ସେକ୍ ଫାୟାଜ ବକ୍ସ (୪୦ ବର୍ଷ)। ଏନେଇ ପୋଲିସ ୪୫୦/୨୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗୋମାଂସ ଚାଲାଣ ହେଉଥିବା ଏକ କଣ୍ଟେନର (ଏପି୨୭-ଟିୟୁ-୬୧୪୫) ବାହାର ରାଜ୍ୟକୁ ଯାଉଥିବା ଖବରପାଇ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କ ନିର୍ଦ୍ଦେଶରେ ଏକ ପୋଲିସ ଟିମ୍ ସହ ଗାଡ଼ିକୁ ପିଛା କରିଥିଲେ। ପିପିଲି-ଜଟଣୀ ମୁଖ୍ୟ ରାସ୍ତା ପାଣିଦୋଳ ଛକଠାରେ ପୋଲିସ ଗାଡ଼ିକୁ କାବୁ କରିବାରେ ସଫଳ ହୋଇଥିଲା। କଣ୍ଟେନରରେ ପ୍ରାୟ ୮ ଟନ୍ ଓଜନର ଗୋମାଂସ ଚୋରା ଚାଲାଣ ହେଉଥିବା ଅନୁମାନ କରାଯାଉଥିବାବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାକୁ ଖୋଲାଯିବ ବୋଲି ଥାନା ଅଧିକାରୀ ଖଣ୍ଡାୟତରାୟ କହିଛନ୍ତି। ଖବରପାଇ ପୁରୀ ଜିଲା ଅତିରିକ୍ତ ଏସ୍‌ପି ପିପିଲି ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଭଳି ଗୋମାଂସ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଗୋ ରକ୍ଷକ ଓ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପ୍ରାନ୍ତ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ପିପିଲି ପ୍ରଖଣ୍ଡ ଉପସଭାପତି ବିଭୁନି ସାମନ୍ତରାୟ, ସମ୍ପାଦକ ମନୋଜ ପ୍ରଧାନଙ୍କ ସହ ବଜରଙ୍ଗ ଦଳ ପ୍ରମୁଖ ପ୍ରକାଶ ପ୍ରଧାନ ଦାବି କରିଛନ୍ତି।

# ଚାଲିଛି ମା’ ଦୁର୍ଗା, ହରପାର୍ବତୀଙ୍କ ମୂର୍ତ୍ତି ନିର୍ମାଣ

ଖୋର୍ଦ୍ଧା,୭।୧୦(ପ୍ରଭାତ ପାଣିଗ୍ରାହୀ)

ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଓହ୍ଲାଇବେ ଜଗତ୍‌ଜନନୀ ମା’ଦୁର୍ଗା। ମା’ଙ୍କ ଆଗମନ ପାଇଁ ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳରେ ବିଭିନ୍ନ ପୂଜାମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ରାଧାଷ୍ଟମୀ ଦିନ ରୀତିନୀତି ଅନୁଯାୟୀ ମାଟି ଉଠା କାର୍ଯ୍ୟକ୍ରମ ହୋଇଥିଲା। ଏଥିସହିତ ପୂଜାମଣ୍ଡପ ଗୁଡିକରେ ମୂର୍ତ୍ତି ନିର୍ମାଣ ମଧ୍ୟ ଆରମ୍ଭ ହୋଇଗଲାଣି। ଖୋର୍ଦ୍ଧା ସହରର ୯ଟି ମଣ୍ଡପରେ ଦୁର୍ଗା ପୂଜା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ। ଗୁରୁଜଙ୍ଗ ମାଳିସାହି ଦୁର୍ଗା ମଣ୍ଡପ, ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ଫାୟର ଷ୍ଟେଶନ ରୋଡ, କଣ୍ଟାଛକରେ ଦୁର୍ଗା ପୂଜା ହେଉଥିବା ବେଳେ ଟ୍ରାଫିକ ଛକ, ୪୦୭ ଷ୍ଟାଣ୍ଡ ଛକ, ମାଛ ମାର୍କେଟ ଛକ ଏବଂ ଦୁଲଣା ସାହିରେ ହରପାର୍ବତୀ ପୂଜା ଆୟୋଜନ ହୋଇଥାଏ। ୫ଦିନ ବ୍ୟାପୀ ଆଡ଼ମ୍ବରରେ ପୂଜା ଆୟୋଜିତ ହୋଇଥାଏ। ଆକର୍ଷଣୀୟ ମୂର୍ତ୍ତି, ସୁଉଚ୍ଚ ତୋରଣସହ ରଙ୍ଗିନ ଆଲୋକମାଳାରେ ଝଲସି ଥାଏ ଖୋର୍ଦ୍ଧା ସହର। ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦର୍ଶକଙ୍କ ଭିଡ ଜମିଥାଏ। ବିଶେଷକରି ସହରର ଖୋର୍ଦ୍ଧା କ୍ଲବ ଏବଂ ଇଗଲ କ୍ଲବରେ ପୂଜା ଆକର୍ଷଣୀୟ ହୋଇଥାଏ। ସୁଉଚ୍ଚ ଆକର୍ଷଣୀୟ ତୋରଣ ଏବଂ ଆଲୋକମାଳାର ସାଜସଜ୍ଜା ଦର୍ଶକଙ୍କୁ ଆକର୍ଷିତ କରିଥାଏ। ଜିଲା ପ୍ରଶାସନ, ପୌର ପ୍ରଶାସନ ଏବଂ ବ୍ୟବସାୟୀ ମହାସଂଘ ପକ୍ଷରୁ ଏଥର ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ଛକ ପୂଜା କମିଟି ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କୁହନ୍ତି, ଦୀର୍ଘ ବର୍ଷ ଟାଉନ ହଲ ସମ୍ମୁଖରେ ହରପାର୍ବତୀଙ୍କ ପୂଜା ଆୟୋଜିତ ହୋଇଆସୁଛି। ୫ଦିନ ବ୍ୟାପୀ ଧୁମଧାମରେ ପୂଜା ଆୟୋଜନ ହୋଇଥାଏ। ଷଷ୍ଠୀରେ ବିଲ୍ୱବରଣ, ସପ୍ତମୀରେ ବିଭିନ୍ନ ପ୍ରକାରେ ଶୁଖିଲା ଭୋଗ, ଅଷ୍ଟମୀରେ ଖିରୀ, କାକରା, ନବମୀରେ ଅନ୍ନ ଭୋଗ କରାଯାଏ। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ।

# ଗଣିତ ଓ ବିଜ୍ଞାନ ଶିକ୍ଷାକୁ ତ୍ୱରାନ୍ୱିତ କରାଯିବ

‘ମୋ ସ୍କୁଲ’ ଏବଂ ‘ଖାନ୍ ଏକାଡେମୀ ଇଣ୍ଡିଆ’ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର, ୭।୧୦(ଅସମାପିକା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଆଉଏକ ନୂଆ ପଦକ୍ଷେପ ଗ୍ରହଣ କରିଛି ‘ମୋ ସ୍କୁଲ ଅଭିଯାନ’। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଗଣିତ ଓ ବିଜ୍ଞାନ ଶିକ୍ଷାକୁ ଅଧିକ ସୁଦୃଢ଼ କରାଯିବ। ଛାତ୍ରୀଛାତ୍ର ସହଜରେ ବିଜ୍ଞାନ ଓ ଗଣିତର ପାଠ୍ୟକ୍ରମକୁ ଶିଖିପାରିବେ। ଏହାଦ୍ୱାରା ଉକ୍ତ ବିଷୟ ପ୍ରତି ଥିବା ଭୟ ଦୂର ହେବ। ଏଥିପାଇଁ ‘ମୋ ସ୍କୁଲ ଅଭିଯାନ’ ଏବଂ ‘ଖାନ୍ ଏକାଡେମୀ ଇଣ୍ଡିଆ’ ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଓ ଖାନ୍ ଏକାଡେମୀର ଭାରତ ଶାଖା-ନିର୍ଦ୍ଦେଶକ ସ୍ୱାତୀ ଭାଉଦେବାନଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି। ଚୁକ୍ତି ଅନୁସାରେ ଆଗାମୀ ଶିକ୍ଷା ବର୍ଷରୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଜ୍ଞାନକୌଶଳ ମାଧ୍ୟମରେ ଗଣିତ ଓ ବିଜ୍ଞାନ ଶିକ୍ଷା ଦିଆଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୨୩-୨୪ ଶିକ୍ଷାବର୍ଷରୁ ୨୦୨୭-୨୮ ଶିକ୍ଷାବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଛାତ୍ରୀଛାତ୍ର, ଶିକ୍ଷକ ଏସମ୍ବନ୍ଧୀୟ ସହାୟକ ଉପକରଣ ଖାନ୍ ଏକାଡେମୀର ୱେବସାଇଟ୍‌ରେ ପାଇପାରିବେ। ସେହିପରି ଶିକ୍ଷକମାନେ ସହଜ ଉପାୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେଇପାରିବେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମୟ ବ୍ୟବଧାନରେ ବିଭିନ୍ନ କ୍ୟାମ୍ପେନ୍ କରାଯିବ। ‘ମୋ ସ୍କୁଲ’ ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଇଆର୍‌ଟି) ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡ(ବିଏସ୍‌ଇ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବ।

# ଜମି ବିବାଦକୁ କେନ୍ଦ୍ରକରି ହତ୍ୟା


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ପୁରୀ ୭।୧୦ (ଅଜିତ୍ ମହାନ୍ତି)

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦାଦାକୁ ପୁତୁରା ହତ୍ୟା କରିଥିବା ଅଭିଯୋଗ ହୋଇଛି। ସଦର ଥାନା ଅନ୍ତର୍ଗତ କଣପୁର ଗୋପାଳପୁର ଗ୍ରାମରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଉଛନ୍ତି ବୀର ବରାଳ। ଖବରପାଇ ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ବୀର ଶୁକ୍ରବାର ରାତିରେ ଖାଇ ତାଙ୍କ ଦୋକାନ ଘରେ ଶୋଇଥିଲେ। ଶନିବାର ସକାଳୁ ବୀରଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦୋକାନରେ ପଡ଼ିରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପୁତୁରା ପପୁ ବରାଳ ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରିଥିବା ବୀରଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଜମିବାଡ଼ିକୁ କେନ୍ଦ୍ରକରି ପୂର୍ବରୁ ଭାଇ ଭାଇ ମଧ୍ୟରେ ଝଗଡ଼ା ହେଉଥିଲା। ଏପରିକି ଏହାକୁ ନେଇ ମାମଲା ଥାନା ପର୍ଯ୍ୟନ୍ତ ପହଞ୍ଚିଥିଲା। ପୋଲିସ ଉଭୟପକ୍ଷଙ୍କୁ ବୁଝାଶୁଝା କରି ଘଟଣାର ସମାଧାନ କରିଥଲେ ମଧ୍ୟ ବୀରଙ୍କ ପରିବାରକୁ ଜୀବନରୁ ମାରିଦେବା ପାଇଁ ବିଭିନ୍ନ ସମୟରେ ଅଭିଯୁକ୍ତ ପପୁ ବରାଳ ଧମକ ଚମକ ଦେଉଥିବା ବୀରଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଅଭିଯୁକ୍ତ ପପୁ ବରାଳକୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଏହି ହତ୍ୟାକାଣ୍ଡରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

# ଡବ୍ଲ୍ୟୁଏସ୍‌ସିରେ ଆରମ୍ଭ ହେବ ‘ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ’ ପାଠ୍ୟକ୍ରମ

**ଛାତ୍ରୀଛାତ୍ରଙ୍କୁ ମିଳିବ ବିଶ୍ୱସ୍ତରୀୟ କ୍ୟାରିୟର ସୁଯୋଗ**

ଭୁବନେଶ୍ୱର, ୭।୧୦(ଅସମାପିକା ସାହୁ)

ସାରା ବିଶ୍ୱରେ ଏଲିଭେଟର, ଏସ୍କାଲେଟର ଓ ଟ୍ରାଭେଲେଟର ପରି ଆଧୁନିକ ଯନ୍ତ୍ରର ଚାହିଦା ବଢ଼ିବାରେ ଲାଗିଛି। ତା’ ସାଙ୍ଗକୁ ଏ ସବୁର ପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ମଧ୍ୟ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି) ପକ୍ଷରୁ ‘ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍’ ଉପରେ ଏକ ନୂତନ ତାଲିମ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଫଳରେ ରାଜ୍ୟ ସରକାରଙ୍କ ‘ସ୍କିଲ୍ଡ ଇନ୍ ଓଡ଼ିଶା’ ପରିକଳ୍ପନା ଅଧୀନରେ ରାଜ୍ୟର ଯୁବବର୍ଗଙ୍କୁ ଏହି ଅତ୍ୟାଧୁନିକ ବିଷୟରେ ତାଲିମ ଦେଇ ସେମାନଙ୍କୁ ବିଶ୍ୱସ୍ତରୀୟ କ୍ୟାରିୟର ଗଢ଼ିବା ଲାଗି ପ୍ରସ୍ତୁତ କରାଯିବ। ୨୦୨୩-୨୪ ଶିକ୍ଷାବର୍ଷରୁ ଆରମ୍ଭ ହେବାକୁ ଯାଉଥିବା ଏହି ନୂତନ ପାଠ୍ୟକ୍ରମର ନାମ ରହିଛି ‘ଆଡ୍‌ଭାନ୍ସଡ୍ ସାର୍ଟିଫିକେଟ୍ ଇନ୍ ଫାସିଲିଟି ଟେକ୍ନୋଲୋଜି (ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍)। ସିଙ୍ଗାପୁର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନର (ଆଇଟିଇଏସ୍) ତତ୍ତ୍ୱାବଧାନରେ ଏହି ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହି ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ ବିଷୟରେ ଆବଶ୍ୟକ ବୈଷୟିକ ଶିକ୍ଷା ଓ ତାଲିମ ଦିଆଯିବ। ଫଳରେ ସେମାନେ ଆଧୁନିକ ଲିଫ୍ଟ ଓ ଏସ୍କାଲେଟରର ସ୍ଥାପନା, ତାହାକୁ କାର୍ଯ୍ୟକ୍ଷମ କରିବା, ରକ୍ଷଣାବେକ୍ଷଣ, ମରାମତି ଓ ଯାଞ୍ଚ ଆଦି କାର୍ଯ୍ୟ କରିବାରେ ସକ୍ଷମ ହେବେ। ଏହା ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣୀୟ ନିଯୁକ୍ତିର ସୁଯୋଗ ଆଣିଦେଇପାରିବ। ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ଥିବା ଏହି ୧ ବର୍ଷିଆ ପାଠ୍ୟକ୍ରମ ପାଇଁ ଆଇଟିଆଇ(୨ବର୍ଷିଆ) କିମ୍ବା ପଲିଟେକ୍‌ନିକ୍‌ରେ ଡିପ୍ଲୋମା କରିଥିବା ଓଡ଼ିଶାର ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଏଠାରେ ଜୀବନ୍ତ ମଡେଲ ଜରିଆରେ ସିମୁଲେସନ ସହିତ ଭର୍ଟିକାଲ ଟେକ୍ନୋଲୋଜିର ବିଭିନ୍ନ ଦିଗ ଉପରେ ଶିକ୍ଷା ଓ ତାଲିମ ଦିଆଯିବ। ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ଫଳରେ ଏହା ଏସ୍କାଲେଟର, ଏଲିଭେଟର ଏବଂ ଅନୁରୂପ ଯନ୍ତ୍ରର ସ୍ଥାପନା ଓ କାର୍ଯ୍ୟକାରିତା, ପରିଚାଳନା ଓ ରକ୍ଷଣାବେକ୍ଷଣ ଆଦି ବିଷୟରେ ତାଲିମ ଦେବାରେ ବିଶେଷ ସହାୟକ ହେବ।

# ସିକିମ୍‌ରେ ଫସିଛନ୍ତି ୨ ଓଡ଼ିଆ

ଗୋପ,୭।୧୦(ଭାରତୀ ଭୂଷଣ ଉପାଧ୍ୟାୟ)


ଆଶିଷ ସାହୁ


ସଞ୍ଜୟ ବେହେରା

ସିକିମ୍‌ରେ ବାଦଲଫଟା ବର୍ଷା ଓ ଭୂସ୍ଖଳନ ସହିତ ଡ୍ୟାମ ଭାଙ୍ଗିଯିବାରୁ ବହୁ ଜୀବନହାନି ହେବା ସହ ସେଠାରେ ଅନେକ ଲୋକେ ଫସି ରହିଛନ୍ତି। ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ କୁଶୁପୁରୁ ପାଟେଣା ଗ୍ରାମର ଆଶିଷ ସାହୁ(୨୭), ବିଶରପୁର ଗ୍ରାମର ସଞ୍ଜୟ ବେହେରା (୩୫)ଙ୍କ ଜୀବନ ବଞ୍ଚିଯାଇଥିବା ଜଣାପଡିଛି। ଏହି ବନ୍ୟା, ଭୂସ୍ଖଳନ ସହିତ ଡ୍ୟାମ ପାଣି ମାଡ଼ିଆସିବା ଖବର ରାତି ୩ଟାରେ ଜାଣିବା ପରେ ଆଶିଷ ମାତ୍ର ୫ ମିନିଟ୍ ଭିତରେ ୮ ମହଲା ବିଶିଷ୍ଟ କୋଠା ଉପରୁ ପଳାଇ ଯାଇଥିଲେ। କିନ୍ତୁ ସେ ଦୀର୍ଘ ୭୨ ଘଣ୍ଟା ଧରି ଭୋକ ଉପାସରେ ଥିବାବେଳେ ଜୀବନ କଷ୍ଟ ହୋଇପଡ଼ିଥିବା ଆଶିଷ କହିଛନ୍ତି। ସେପଟେ ସଞ୍ଜୟ ଗୋଟିଏ ଉଚ୍ଚ କୋଠାରେ ରହିଥିବାବେଳେ କେମିତି ଜୀବନ ବଞ୍ଚାଇ ଭଲରେ ଭଲରେ ଘରେ ପହଞ୍ଚି ପରିବାର ଓ ନିଜ ପିଲାଙ୍କୁ ଭେଟିବେ ବୋଲି କଷ୍ଟରେ ଅନ୍ଧାର ଭିତରେ ଭୋକ ଉପାସରେ ରହିଥିବା ଜଣାପଡ଼ିଛି। ତାଙ୍କ ଆଖିଆଗରେ ଅନେକ ମୃତଦେହ ଦେଖି ସେମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେହିଦିନର ବାଦଲଫଟା ବର୍ଷା ଓ ଭୂସ୍ଖଳନ ଜୀବନରେ କେବେ ଭୁଲିପାରିବୁନି ବୋଲି ଦୁହେଁ କହିଛନ୍ତି। ସିକିମ୍‌ରେ ଏବେ ସ୍ୱାଭାବିକ ଅବସ୍ଥା ଫେରିପାରି ନ ଥିବାବେଳେ ଲୁଟ୍‌ପାଟ୍ ସମସ୍ୟା ଲୋକଙ୍କୁ ଅଧିକ ମାତ୍ରାରେ ଭୟଭୀତ କରିପକାଇଛି। ଖୁବ୍‌ଶୀଘ୍ର ସେମାନେ ଓଡ଼ିଶା ଫେରିବାକୁ ଚେଷ୍ଟା କରୁଥିବା ଧରିତ୍ରୀ ପ୍ରତିନିଧିଙ୍କୁ କହିଛନ୍ତି।

# ଜୋରସୋରରେ ଚାଲିଛି ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣ କାର୍ଯ୍ୟ

କୋଣାର୍କ,୭।୧୦(ଜ୍ୟୋତିରାଜ ମହାନ୍ତି)



ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ପାଇଁ ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣ ଜୋରଦାର ଆଗେଇ ଚାଲିଛି। କୋଣାର୍କ ଏନ୍‌ଏସି ୱାର୍ଡ ନଂ. ୧ ଜୁଣେଇ ମୌଜାରେ ‘ସୂର୍ଯ୍ୟମନ୍ଦିର ନିର୍ମାଣ ଶାଳା କମିଟି’ ପକ୍ଷରୁ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ରାଜସ୍ଥାନରୁ ମାର୍ବଲ ପଥର ଅଣାଯାଇ କୁଶଳୀ କାରିଗରମାନେ ବିଭିନ୍ନ ମୂର୍ତ୍ତି ନିର୍ମାଣରେ ନିୟୋଜିତ ହୋଇଛନ୍ତି। କୋଣାର୍କ ଚକ୍ର ଏହି ମନ୍ଦିରର ଶୋଭା ବଢ଼ାଉଛି। ମନ୍ଦିର ନିର୍ମାଣ ସରିଲେ ମନ୍ଦିରରେ ରୀତିନୀତି ଅନୁଯାୟୀ, ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜାର୍ଚ୍ଚନା କରାଯିବ। ୧୨୦୦ ଶତାବ୍ଦୀରେ ରାଜା ଲାଙ୍ଗୁଳା ନରସିଂହ ଦେବ କୋଣାର୍କ ଅର୍କକ୍ଷେତ୍ରରେ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ। କାଳକ୍ରମେ ବ୍ରିଟିଶ ଶାସନ ସମୟଠାରୁ ଏଠାରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ବନ୍ଦ ରହିଛି। କୋଣାର୍କ ସୂର୍ଯ୍ୟ ଉପାସନାର ଏକ ଧାର୍ମିକସ୍ଥଳୀ ଭାବେ ବିଶ୍ୱରେ ପ୍ରସିଦ୍ଧ। ଦୀର୍ଘବର୍ଷ ପରେ ସୌରକ୍ଷେତ୍ର କୋଣାର୍କରେ ସୂର୍ଯ୍ୟପୂଜା ପୁନଃ ପ୍ରଚଳନ କରିବାକୁ କୋଣାର୍କ ସମେତ ଭାରତ ବାହାରର ସୂର୍ଯ୍ୟ ଉପାସକ, ସଂସ୍କୃତି ଓ ଧାର୍ମିକ ବିଶାରଦଙ୍କ ମହଲରେ ଦାବି ହୋଇ ଆସୁଥିଲା। ‘ସୂର୍ଯ୍ୟମନ୍ଦିର ନିର୍ମାଣଶାଳା କମିଟି’ର ଅଧ୍ୟକ୍ଷ ମୁକେଶ ଜୈନ କୋଣାର୍କରେ ସୂର୍ଯ୍ୟପୂଜା ନିମନ୍ତେ ଏକ ଭବ୍ୟମନ୍ଦିର ନିର୍ମାଣ କରି ଏଠାରେ ପୁନଃ ସୂର୍ଯ୍ୟ ପୂଜାର୍ଚ୍ଚନା କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଭାରତୀୟ ସଂସ୍କୃତିର ମହାନ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହିତ ଅର୍କକ୍ଷେତ୍ର କୋଣାର୍କରେ ପୁନଃ ସୂର୍ଯ୍ୟପୂଜା ଆରମ୍ଭ କରାଯାଇ ସୂର୍ଯ୍ୟ ଉପାସକଙ୍କ ନିମନ୍ତେ ଏକ ମହାନ ପ୍ରୟାସ ବୋଲି ଅଧ୍ୟକ୍ଷ ଜୈନ ମତବ୍ୟକ୍ତ କରିଛନ୍ତି। ଗତ ଏପ୍ରିଲ ୫ରେ ଏହି ମନ୍ଦିର ନିର୍ମାଣ ନିମନ୍ତେ ବିଧିବଦ୍ଧ ଭାବେ ଭୂମି ପୂଜନ କରାଯାଇଥିଲା।

## ସଂକ୍ଷେପରେ

### ପଞ୍ଚମ ବାର୍ଷିକ ବିଜ୍ଞାନମେଳା କାର୍ଯ୍ୟକ୍ରମ

ପୁରୀ ୭।୧୦( ଅଜିତ୍ ମହାନ୍ତି):

ନବକଳେବର ରୋଡ ନନ୍ଦିଘୋଷ ଲେନ୍ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାନିକେତନ ପରିସରରେ ପଞ୍ଚମ ବାର୍ଷିକ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ ଯୋଗଦାନ କରିଥିବା ବେଳେ ଡେଲାଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଶୋକ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ଚାରୁଲତା ମିଶ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଚାରପତି ଭାବେ ପୂର୍ବତନ ବିଜ୍ଞାନ ଶିକ୍ଷକ ବ୍ରହ୍ମାନନ୍ଦ ଦାସ, ବିଶ୍ୱମ୍ଭର ବିଦ୍ୟାପୀଠର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସାହୁ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ଅନୁଷ୍ଠାନର ସଭାପତି କମଳେଶ କୁମାର ନରେନ୍ଦ୍ର, ସମ୍ପାଦକ କବିରାଜ ପ୍ରଧାନ, ଶ୍ୟାମ ପ୍ରକାଶ ସେନାପତି ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ସମର୍ଥା, ସୁଜାତା ଲେଙ୍କା, ଶୁଭଶ୍ରୀ ଦାଶ, ସଙ୍ଗୀତା ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶୋଇ, ଚନ୍ଦ୍ରଶେଖର ପାଢ଼ୀ, ବାଗ୍‌ଦେବୀ ମିଶ୍ର ଏବଂ ଜ୍ୟୋତିର୍ମୟୀ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଡ. ଏମ୍‌ଏସ୍ ସ୍ୱାମୀନାଥନଙ୍କ ସ୍ମୃତି ଚାରଣ ସଭା

ଚାରିଛକ,୭।୧୦(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ଏକାନ୍ତ ଆଶ୍ରମ ପରିସରରେ ଶନିବାର କୃଷି ବୈଜ୍ଞାନିକ ସବୁଜ ବିପ୍ଳବ ଜନକ ଡ. ଏମ୍‌ଏସ୍ ସ୍ୱାମୀନାଥନଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମହର୍ଷି ମାୟାଧର ଦାସ ନାଗରିକ ମଞ୍ଚର ସଭାପତି ଗୋପୀନାଥ କର ଏଥିରେ ନେତୃତ୍ୱ ନେଇଥିଲେ। ସଭାରେ ପୂର୍ବତନ ଜିଲାପରିଷଦ ପୂର୍ଣ୍ଣଚନ୍ଦ୍ର ଓଝା, ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ଅଧ୍ୟାପକ ପଞ୍ଚାନନ ସାହୁ, କୈଳାସ ରାୟ, ବିଭୀଷଣ ମଲ୍ଲିକ, ନୀଳମଣି ପ୍ରଧାନ, ଚାରିଛକ ପ୍ରେସ୍‌କ୍ଲବ ସହସମ୍ପାଦକ ସନ୍ତୋଷ ଦାସ, ପ୍ରିୟନାଥ ଭୋଳଙ୍କ ସହିତ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ ସଂଯୋଜନା କରିବା ସହ ମଞ୍ଚ ପରିଚାଳନା କରିଥିଲେ। ସର୍ବ ଶେଷରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର ଧନ୍ୟବାଦ ଦେଇଥିଲେ।

### ବିପର୍ଯ୍ୟୟର ସଫଳ ମୁକାବିଲା ଧନ ଜୀବନ କ୍ଷୟ ହ୍ରାସ କରେ

ପୁରୀ, ୭।୧୦(ଅଜିତ୍ ମହାନ୍ତି):

ବିପର୍ଯ୍ୟୟ ସୂଚନା ଦେଇ ଆସେ ନାହିଁ, କିନ୍ତୁ ଆମର ପୂର୍ବ ପ୍ରସ୍ତୁତି ଓ ସଚେତନତା ତାହାର କ୍ଷୟକ୍ଷତିକୁ ବହୁତ କମାଇବା ସହ ମୂଲ୍ୟବାନ ଜୀବନକୁ ରକ୍ଷା କରିଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ। ଶୁକ୍ରବାର ସର୍କିଟ ହାଉସ୍ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଭାବ ହ୍ରାସରେ ଲିଙ୍ଗଗତକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସମ୍ପର୍କରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ସାହୁ ବିପର୍ଯ୍ୟୟରେ କିପରି ସଫଳ ମୁକାବିଲା କରିହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଯୋଗ ଦେଇ ୧୯୯୯ ମହାବାତ୍ୟା ପରେ ଆମ ରାଜ୍ୟ ବିପର୍ଯ୍ୟୟ ପରିଚାଳନାରେ ଅନେକ ଅଗ୍ରଗତି ହାସଲ କରିଛି। ଯୁଗ୍ମ ଏସ୍‌ଆର୍‌ସି ଲିପିକା ଦାସ ବିପର୍ଯ୍ୟୟକୁ ମୁକାବିଲା ଉପରେ ନିଜର ମତ ରଖିଲେ। ସେହିପରି ଓସଡମାର ଜେଣ୍ଡର ବିଶେଷଜ୍ଞ ଆରଣ୍ୟକ ମିଶ୍ର , ଏଡିଏମଓ ଡା ବିରଜା ଶଙ୍କର ରଥ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିପିଏମ୍‌ଟି ନାରାୟଣ ରାଓ, ମିଶନ ଶକ୍ତି ଜିଲା ସଂଯୋଜିକା ଆରତୀ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ପ୍ରମୁଖ ଯୋଗ ଦେଇ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଜରୁରୀ ବିଭାଗ ଅଧିକାରୀ ଆଶୁତୋଷ ଦେ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରଶିକ୍ଷଣ ସମ୍ବନ୍ଧରେ ସୂଚନା ଦେଇଥିଲେ। ଡିପିଓ ସୁକାନ୍ତ କୁମାର ଦାଶ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲାର ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଜୋରସୋରରେ ଚାଲିଛି ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣ କାର୍ଯ୍ୟ

କୋଣାର୍କ,୭।୧୦(ଜ୍ୟୋତିରାଜ ମହାନ୍ତି)



ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ପାଇଁ ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣ ଜୋରଦାର ଆଗେଇ ଚାଲିଛି। କୋଣାର୍କ ଏନ୍‌ଏସି ୱାର୍ଡ ନଂ. ୧ ଜୁଣେଇ ମୌଜାରେ 'ସୂର୍ଯ୍ୟମନ୍ଦିର ନିର୍ମାଣ ଶାଳା କମିଟି' ପକ୍ଷରୁ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ରାଜସ୍ଥାନରୁ ମାର୍ବଲ ପଥର ଅଣାଯାଇ କୁଶଳୀ କାରିଗରମାନେ ବିଭିନ୍ନ ମୂର୍ତ୍ତି ନିର୍ମାଣରେ ନିୟୋଜିତ ହୋଇଛନ୍ତି। କୋଣାର୍କ ଚକ୍ର ଏହି ମନ୍ଦିରର ଶୋଭା ବଢ଼ାଉଛି। ମନ୍ଦିର ନିର୍ମାଣ ସରିଲେ ମନ୍ଦିରରେ ରୀତିନୀତି ଅନୁଯାୟୀ, ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜାର୍ଚ୍ଚନା କରାଯିବ। ୧୨୦୦ ଶତାବ୍ଦୀରେ ରାଜା ଲାଙ୍ଗୁଳା ନରସିଂହ ଦେବ କୋଣାର୍କ ଅର୍କକ୍ଷେତ୍ରରେ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ। କାଳକ୍ରମେ ବ୍ରିଟିଶ ଶାସନ ସମୟଠାରୁ ଏଠାରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ବନ୍ଦ ରହିଛି। କୋଣାର୍କ ସୂର୍ଯ୍ୟ ଉପାସନାର ଏକ ଧାର୍ମିକସ୍ଥଳୀ ଭାବେ ବିଶ୍ୱରେ ପ୍ରସିଦ୍ଧ। ଦୀର୍ଘବର୍ଷ ପରେ ସୌରକ୍ଷେତ୍ର କୋଣାର୍କରେ ସୂର୍ଯ୍ୟପୂଜା ପୁନଃ ପ୍ରଚଳନ କରିବାକୁ କୋଣାର୍କ ସମେତ ଭାରତ ବାହାରର ସୂର୍ଯ୍ୟ ଉପାସକ, ସଂସ୍କୃତି ଓ ଧାର୍ମିକ ବିଶାରଦଙ୍କ ମହଲରେ ଦାବି ହୋଇ ଆସୁଥିଲା। 'ସୂର୍ଯ୍ୟମନ୍ଦିର ନିର୍ମାଣଶାଳା କମିଟି'ର ଅଧ୍ୟକ୍ଷ ମୁକେଶ ଜୈନ କୋଣାର୍କରେ ସୂର୍ଯ୍ୟପୂଜା ନିମନ୍ତେ ଏକ ଭବ୍ୟମନ୍ଦିର ନିର୍ମାଣ କରି ଏଠାରେ ପୁନଃ ସୂର୍ଯ୍ୟ ପୂଜାର୍ଚ୍ଚନା କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଭାରତୀୟ ସଂସ୍କୃତିର ମହାନ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହିତ ଅର୍କକ୍ଷେତ୍ର କୋଣାର୍କରେ ପୁନଃ ସୂର୍ଯ୍ୟପୂଜା ଆରମ୍ଭ କରାଯାଇ ସୂର୍ଯ୍ୟ ଉପାସକଙ୍କ ନିମନ୍ତେ ଏକ ମହାନ ପ୍ରୟାସ ବୋଲି ଅଧ୍ୟକ୍ଷ ଜୈନ ମତବ୍ୟକ୍ତ କରିଛନ୍ତି। ଗତ ଏପ୍ରିଲ ୫ରେ ଏହି ମନ୍ଦିର ନିର୍ମାଣ ନିମନ୍ତେ ବିଧିବଦ୍ଧ ଭାବେ ଭୂମି ପୂଜନ କରାଯାଇଥିଲା।



ଅତିଥିଙ୍କ ଗହଣରେ ବିଜେଡିରେ ଯୋଗଦେଇଥିବା ନୂତନ କର୍ମୀମାନେ।

# ବିଜେଡିର ସାଙ୍ଗଠନିକ ବୈଠକ, ମିଶ୍ରଣ ପର୍ବ

ନିମାପଡ଼ା,୭।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ବଡ଼ମାଛପୁର ପଞ୍ଚାୟତ ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଜଣାଇଥିଲେ। କେବଳ ବିକାଶ ହିଁ ବିଜେଡିକୁ ସଫଳତା ଆଣିଦେବ ବୋଲି ବିଧାୟକ ଦାଶ କହିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ରବୀନ୍ଦ୍ର ମଲ୍ଲିକ, ମହିଳା ନେତ୍ରୀ ସସ୍ମିତା ନାୟକ, ପ୍ରୀତିରେଖା ବେହେରା, ସରପଞ୍ଚ ଅଶୋକ ଭୋଇ, ସମିତି ସଭ୍ୟ ରଞ୍ଜନ ସେଠୀ, ଭାଗ୍ୟଧର ଖଟୋଇ ପ୍ରମୁଖ ଯୋଗଦେଇ ତୃଣମୂଳ ଓ ୱାର୍ଡସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ କରିବା, ଦଳର ସାଙ୍ଗଠନିକ କାର୍ଯ୍ୟକୁ ନିଷ୍ଠାର ସହ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ଏକ ମିଶ୍ରଣ ସମାରୋହ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀଠାରେ ଆୟୋଜିତ ହୋଇଥିଲା। ସମାରୋହରେ ବଡ଼ମାଛପୁର ପଞ୍ଚାୟତର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଶାସନ, ବିଧାୟକ ଦାଶଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ନୂତନକର୍ମୀ ବିଜେଡିରେ ସାମିଲ ହୋଇଥିବା କହିଥିଲେ। ନୂତନ କର୍ମୀଙ୍କୁ ବିଧାୟକ ଦାଶ, ଦଳୀୟ ନେତୃବୃନ୍ଦମାନେ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

# ଜିଲା କଂଗ୍ରେସ କମିଟିର ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ପୁରୀ ୭।୧୦ (ଅଜିତ୍ ମହାନ୍ତି):

ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଶନିବାର ଭିଆଇପିରୋଡସ୍ଥିତ ଇନ୍ଦିରା ଭବନ ପରିସରରେ ଜିଲା ସଭାପତି ଜୟନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟନାୟକ ସୂଚନା ଦେଇ କହିଥିଲେ କି ବର୍ତ୍ତମାନ କଠୋର ପରିଶ୍ରମ ଏବଂ ବଳିଷ୍ଠ ସଂଗଠନ ମାଧ୍ୟମରେ ଜିଲା କଂଗ୍ରେସ କମିଟିକୁ ମଜଭୁତ କରିବାକୁ ପଡିବ। ଆସନ୍ତା ୨୦୨୪ ମସିହା ପ୍ରାରମ୍ଭରେ ସାଧାରଣ ନିର୍ବାଚନ ଏବଂ ଓଡିଶାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। କଂଗ୍ରେସ ପାଇଁ ଅଗ୍ନିପରୀକ୍ଷା ରହିଛି। ମହିଳା ଓ ଯୁବ ଛାତ୍ରମାନେ ଏହି ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ବର୍ତ୍ତମାନ ଓଡିଶା କଂଗ୍ରେସର ଘରକୁ ଘର ଅଭିଯାନ ବୁଥ୍ ଓ ୱାର୍ଡସ୍ତରୀୟ ମଜଭୁତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆଗାମୀ ଦିନରେ କଂଗ୍ରେସ ନିଶ୍ଚୟ ବିଜୟ ହେବ ଏବଂ ସରକାର ପ୍ରତିଷ୍ଠା କରିବ। ଜିଲାର ୬ଟି ଯାକ ନିର୍ବାଚନମଣ୍ଡଳୀ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। କାର୍ଯ୍ୟକାରିଣୀ ବୈଠକରେ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ତଥା ପୁରୀ ଜିଲା ପ୍ରଭାରୀ ଶିବାନନ୍ଦ ରାୟ, କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ, ବିଶ୍ୱକେତନ ହରିଚନ୍ଦନ ମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ନିରୁପମା ପାତ୍ର, ଶରତ ରଥ, ପୁଷ୍କର ମହାପାତ୍ର, ସୁଜିତ ମହାପାତ୍ର, ବିନାୟକ ଦାସ ମହାପାତ୍ର, ନିରଞ୍ଜନ ରଥ, ଅମିୟ ପଟ୍ଟନାୟକ, ଜିଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା, ଅମରେନ୍ଦ୍ର ପାଇକରାୟ ପ୍ରମୁଖ ଯୋଗଦାନ କରିଥିଲେ।



ଇନ୍ଦିରା ଭବନ ପରିସରରେ ଆୟୋଜିତ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି ।

## କୁକୁଡ଼ା, ଗୋପାଳନ କରି ଉପକୃତ ହେଉଛନ୍ତି ଚାଷୀ

କଣାସ, ୭।୧୦ (ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକରେ ଗତ ଦୁଇବର୍ଷ ହେଲା ଗାଈ, ଛେଳି, ମେଣ୍ଢା, ବତକ, କୁକୁଡ଼ା ଚାଷକରି ଯୁବକ ଓ ମହିଳାମାନେ ଲାଭବାନ ହେଉଛନ୍ତି। କଣାସ ପ୍ରାଣୀ ଚିକିତ୍ସାକେନ୍ଦ୍ରର ମୁଖ୍ୟ ପ୍ରାଣୀ ଚିକିତ୍ସକ ବିଶ୍ୱରଞ୍ଜନ ବେହେରା ରାଜ୍ୟ ସରକାରଙ୍କ ପ୍ରାଣୀ ଚିକିତ୍ସା ସମ୍ପଦ ବିଭାଗ ତରଫରୁ ବିଭିନ୍ନ ଆତ୍ମନିଯୁକ୍ତିଭିତ୍ତିକ ଯୋଜନାର ସଫଳ ରୂପାୟନ କରିଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ଡିପିଲିଟର ମାଧ୍ୟମରେ ୫ଶହ କୁକୁଡା ପାଳନ ଯୋଜନାରେ ସର୍ବାଧିକ ଚାଷୀ ଉପକୃତ ହୋଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ୫ଜଣ ଚାଷୀ ଉପକୃତ ହୋଇଥିଲେ। ୨୦୨୧-୨୨ରେ ୧୫ ଜଣ ଓ ୨୦୨୨-୨୩ରେ ୫୪ଜଣ ଚାଷୀ ଉପକୃତ ହୋଇଛନ୍ତି। ସେହିପରି ୨୦୨୧-୨୨ରେ ଡିପିଲିଟର ମାଧ୍ୟମରେ ୧ହଜାର କୁକୁଡ଼ା ପାଳନ ଯୋଜନାରେ ୧୧ଟି ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହୋଇପାରିଛନ୍ତି। ୨୦୨୧-୨୨ରେ ୬ଟି ଏବଂ ୨୦୨୨-୨୩ରେ ୮ଟି ଗୋଷ୍ଠୀଙ୍କୁ ଛେଳିପାଳନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସେହିପରି ୧ ହଜାର ଅଣ୍ଡାଦିଆ କୁକୁଡ଼ା ପାଳନରେ ୨୦୨୧-୨୨ରେ ୪ଜଣ ଏବଂ ୨୦୨୨-୨୩ରେ ୧୦ଜଣ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ଏକ ହଜାର ବତକ ପାଳନ ଯୋଜନାରେ ୩ ଏବଂ କ୍ଷୁଦ୍ର କୁକୁଡା ଦାନା ଉତ୍ପାଦନ କଳ (ମିନି ଫେଡମିଲ୍) ଯୋଜନାରେ ୩ଜଣ ଚାଷୀ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ଆର୍ଥିକ ସ୍ୱାବଲମ୍ବୀ ପାଇଁ ୫୦ଟି ଲେଖାଏ କୁକୁଡ଼ା ୨୦୨୦-୨୧ ଆର୍ଥିକ ବର୍ଷରେ ୫୦ଜଣଙ୍କୁ ୫୦ଟି ଲେଖାଏ କୁକୁଡା ଦିଆଯାଇଥିବା ବେଳେ ୨୦୨୧-୨୨ରେ ୫୦ଜଣ ଏବଂ ୨୦୨୨-୨୩ରେ ୧୯୦ ଜଣ ମହିଳାଙ୍କୁ ୫୦ଟି ଲେଖାଏ କୁକୁଡା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ କଣାସ ବ୍ଲକର ୨୦ଜଣ ଅଗ୍ରଣୀ ଚାଷୀ ଉପକୃତ ହୋଇପାରିଛନ୍ତି। ଏହି କାର୍ଯ୍ୟରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଅନୁଗତ ଜଗତ ଜେନା ସହାୟତା କରିଛନ୍ତି।

# ଗୋମାଂସ ବୋଝେଇ ଗାଡ଼ି ଜବତ, ୨ ଚାଲାଣକାରୀ ଗିରଫ



ଜବତ ହୋଇଥିବା କଣ୍ଟେନର ।

ପିପିଲି,୭।୧୦ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପିପିଲି ପୋଲିସ ଚଢ଼ାଉ କରି ପାଣିଦୋଳ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋମାଂସ ବୋଝେଇ ଗାଡ଼ି ଜବତ କରିବା ସହ ୨ ଚାଲାଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ ପିପିଲି ଜୟପୁର କିଲାର ସାମୁଏଲ ବେହେରା (୪୫ବର୍ଷ) ଏବଂ ସିଙ୍ଘାପାଟଣାର ସେକ୍ ଫାୟାଜ ବକ୍ସ (୪୦ ବର୍ଷ)। ଏନେଇ ପୋଲିସ ୪୫୦/୨୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗୋମାଂସ ଚାଲାଣ ହେଉଥିବା ଏକ କଣ୍ଟେନର (ଏପି୨୭-ଟିୟୁ-୬୧୪୫) ବାହାର ରାଜ୍ୟକୁ ଯାଉଥିବା ଖବରପାଇ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କ ନିର୍ଦ୍ଦେଶରେ ଏକ ପୋଲିସ ଟିମ୍ ସହ ଗାଡ଼ିକୁ ପିଛା କରିଥିଲେ। ପିପିଲି-ଜଟଣୀ ମୁଖ୍ୟ ରାସ୍ତା ପାଣିଦୋଳ ଛକଠାରେ ପୋଲିସ ଗାଡ଼ିକୁ କାବୁ କରିବାରେ ସଫଳ ହୋଇଥିଲା। କଣ୍ଟେନରରେ ପ୍ରାୟ ୮ ଟନ୍ ଓଜନର ଗୋମାଂସ ଚୋରା ଚାଲାଣ ହେଉଥିବା ଅନୁମାନ କରାଯାଉଥିବାବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାକୁ ଖୋଲାଯିବ ବୋଲି ଥାନା ଅଧିକାରୀ ଖଣ୍ଡାୟତରାୟ କହିଛନ୍ତି। ଖବରପାଇ ପୁରୀ ଜିଲା ଅତିରିକ୍ତ ଏସ୍‌ପି ପିପିଲି ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଭଳି ଗୋମାଂସ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଗୋ ରକ୍ଷକ ଓ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପ୍ରାନ୍ତ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ପିପିଲି ପ୍ରଖଣ୍ଡ ଉପସଭାପତି ବିଭୁତି ସାମନ୍ତରାୟ, ସମ୍ପାଦକ ମନୋଜ ପ୍ରଧାନଙ୍କ ସହ ବଜରଙ୍ଗ ଦଳ ପ୍ରମୁଖ ପ୍ରକାଶ ପ୍ରଧାନ ଦାବି କରିଛନ୍ତି।

# ଖାଲଖମାରେ ଭର୍ତ୍ତି ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତା



ରାସ୍ତା ମଝିରେ ଖାଲଖମା ।

ଡେଲାଙ୍ଗ,୭।୧୦ (ରଶ୍ମିରଞ୍ଜନ ପ୍ରଧାନ):

## ୧୫ ଦିନରେ ୮ ଦୁର୍ଘଟଣା

ଖୋର୍ଦ୍ଧା ଓ ପୁରୀ ଜିଲା ପୂର୍ତ୍ତବିଭାଗ ଅଧୀନରେ ଥିବା ବେଳେ ପଟ୍ଟନାଇକିଆଠାରୁ ତିରିମଲ ଦୟାନଦୀ ସେତୁ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହାକୁ ନେଇ ଗତ ୧ ମାସ ତଳେ ଡେଲାଙ୍ଗ ପିପିଲି ଜନକଲ୍ୟାଣ ମଞ୍ଚ ପକ୍ଷରୁ ସମସ୍ୟା ସମାଧାନ ନହେଲେ ରାସ୍ତାରୋକୋ ହେବ ବୋଲି ଚେତାବନୀ ଦିଆଯାଇଥିଲା। ହେଲେ ତରବରିଆ ଭାବରେ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ୪୮ କୋଟିର ଟେଣ୍ଡର ଡକାଯାଇଛି ବୋଲି ବିଭାଗ ପକ୍ଷରୁ ଚିଠି ସାର୍ବଜନୀନ କରାଯାଇଥିଲା । ଅନ୍ୟପଟେ ସ୍ଥାନୀୟ ଖବରଦାତାମାନେ ଗତ ଏକମାସ ତଳେ ଏ ସମ୍ପର୍କରେ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କୁ ପଚାରିବାରୁ ୪୮କୋଟି ଟଙ୍କା ବ୍ୟୟ ବରାଦରେ ରାସ୍ତା ଦୋହରୀକରଣ ଖୁବ୍‌ଶୀଘ୍ର କରାଯିବ ବୋଲି କହିଥିଲେ। ଟେଣ୍ଡର ଡକାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ମିଳିଥିବା ସୂଚନାକୁ ୪ ମାସ ବିତିଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଯଦି ଟେଣ୍ଡର ଡକାଯିବା ପାଇଁ ବିଳମ୍ବ ଘଟୁଛି ତେବେ ରାସ୍ତାରେ ଥିବା ବଡବଡ ଖାଲଖମା କାହିଁକି ମରାମତି କରାଯାଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଗତ ୧୫ ଦିନରେ ୮ ଦୁର୍ଘଟଣା ଘଟି ୧୦ରୁ ଊର୍ଦ୍ଧ୍ୱ ବାଇକ୍ ଚାଳକ ଓ ତାଙ୍କ ସାଥୀମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେଣୁ ଯଥାଶୀଘ୍ର ଏହି ଖାଲଖମାପୂର୍ଣ୍ଣ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କଣାସ-ଡେଲାଙ୍ଗ ରାସ୍ତା ମରଣଯନ୍ତା

କଣାସ, ୭।୧୦(ବିଭୂତି ଭୂଷଣ ତ୍ରିପାଠୀ):

## ୭ ଦିନ ମଧ୍ୟରେ ମରାମତି ନ ହେଲେ ଆନ୍ଦୋଳନ

କଣାସଠାରୁ ଡେଲାଙ୍ଗ ୧୩କି.ମି. ମୁଖ୍ୟ ରାସ୍ତା ମଧ୍ୟରୁ ୬କି.ମି. ରାସ୍ତା କାର୍ଯ୍ୟ କରାଯାଇଥିବା ବେଳେ ୭କି.ମି. ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି। ଏହି ରାସ୍ତା ମରାମତି ହୋଇନଥିବାରୁ ଏବେ ମରଣଯନ୍ତାରେ ପରିଣତ ହୋଇଛି। ଏଠାରେ ସୂଚନାଯୋଗ୍ୟ, କଣାସ ଠାରୁ ଡେଲାଙ୍ଗ ପର୍ଯ୍ୟନ୍ତ ୭ ମିଟର ଚଉଡାରେ ପିଚୁ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଡକାଯାଇ ଠିକାଦାର ନିଯୁକ୍ତି କରାଯାଇଥିଲା । ଠିକାଦାର କଣାସ ଠାରୁ ତ୍ରିଲୋଚନପୁର ୬ କିମି ରାସ୍ତା ୭ ମିଟର ଚଉଡାରେ ପିଚୁ ପକାଇ ନିର୍ମାଣ କରିଥିବା ବେଳେ କଲ୍ୟାଣପୁର ଠାରୁ ଡେଲାଙ୍ଗ ୭ କିମି ରାସ୍ତାର କାମ କରାଯାଇନାହିଁ। ରାସ୍ତା ଉଚ୍ଚା କରିବାପାଇଁ ଆର୍ଥିକ ମଞ୍ଜୁର ହୋଇନଥିବାରୁ ଠିକାଦାର ରାସ୍ତାକାମ ବନ୍ଦ କରିଦେଇଛନ୍ତି। ରାସ୍ତା ସାରା ଛୋଟ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାନବାହନ ଯିବା ତ ଦୂରର କଥା, ଚାଲିକରି ଯିବା କଷ୍ଟସାଧ୍ୟ ହୋଇପଡ଼ିଛି। ଦୈନନ୍ଦିନ କଣାସରୋଡ୍‌ରୁ ଟ୍ରେନ୍‌ରୁ ଓହ୍ଲାଉଥିବା ଯାତ୍ରୀମାନେ ୧୩କିମି ରାସ୍ତା ଅଟୋ, ଟ୍ରେକର କିମ୍ବା ଛୋଟ ଚାରିଚକିଆ ଯାନରେ ଆସିଥାଆନ୍ତି, କିନ୍ତୁ ରାସ୍ତା ଅବସ୍ଥା ଏପରି ହୋଇଛି ଯେ କୌଣସି ଯାତ୍ରୀବାହୀ ଅଟୋ କିମ୍ବା ଚାରିଚକିଆ ଯାନ ଆସିବାକୁ ମଙ୍ଗୁ ନାହାନ୍ତି। ତେଣୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଭୁବନେଶ୍ୱର-୨ର ହୋଇଥିବା ବେଳେ ମରାମତି ପାଇଁ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରୁନଥିବାରୁ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଯଦି ୭ ଦିନ ମଧ୍ୟରେ ଉକ୍ତ ରାସ୍ତା ମରାମତି କରା ନ ଯାଏ ତେବେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ସିପିଆଇ (ଏମ୍) ନେତା ଅଶୋକ ପ୍ରଧାନ ସୂଚନା ଦେଇଛନ୍ତି।

# ଡବ୍ଲ୍ୟୁଏସ୍‌ସିରେ ଆରମ୍ଭ ହେବ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ' ପାଠ୍ୟକ୍ରମ

ଭୁବନେଶ୍ୱର, ୭।୧୦(ଅସମାପିକା ସାହୁ):

## ଛାତ୍ରୀଛାତ୍ରଙ୍କୁ ମିଳିବ ବିଶ୍ୱସ୍ତରୀୟ କ୍ୟାରିୟର ସୁଯୋଗ



ସାରା ବିଶ୍ୱରେ ଏଲିଭେଟର, ଏସ୍କାଲେଟର ଓ ଟ୍ରାଭେଲେଟର ପରି ଆଧୁନିକ ଯନ୍ତ୍ରର ଚାହିଦା ବଢ଼ିବାରେ ଲାଗିଛି। ତା' ସାଙ୍ଗକୁ ଏ ସବୁର ପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ମଧ୍ୟ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି) ପକ୍ଷରୁ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ୍' ଉପରେ ଏକ ନୂତନ ତାଲିମ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଫଳରେ ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' ପରିକଳ୍ପନା ଅଧୀନରେ ରାଜ୍ୟର ଯୁବବର୍ଗଙ୍କୁ ଏହି ଅତ୍ୟାଧୁନିକ ବିଷୟରେ ତାଲିମ ଦେଇ ସେମାନଙ୍କୁ ବିଶ୍ୱସ୍ତରୀୟ କ୍ୟାରିୟର ଗଢ଼ିବା ଲାଗି ପ୍ରସ୍ତୁତ କରାଯିବ। ୨୦୨୩-୨୪ ଶିକ୍ଷାବର୍ଷରୁ ଆରମ୍ଭ ହେବାକୁ ଯାଉଥିବା ଏହି ନୂତନ ପାଠ୍ୟକ୍ରମର ନାମ ରହିଛି 'ଆଡ୍‌ଭାନ୍ସଡ୍ ସାର୍ଟିଫିକେଟ୍ ଇନ୍ ଫ୍ୟାସିଲିଟି ଟେକ୍ନୋଲୋଜି (ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ୍)। ସିଙ୍ଗାପୁର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନର (ଆଇଟିଇଏସ୍) ତତ୍ତ୍ୱାବଧାନରେ ଏହି ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହି ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ ବିଷୟରେ ଆବଶ୍ୟକ ବୈଷୟିକ ଶିକ୍ଷା ଓ ତାଲିମ ଦିଆଯିବ। ଫଳରେ ସେମାନେ ଆଧୁନିକ ଲିଫ୍ଟ ଓ ଏସ୍କାଲେଟରର ସ୍ଥାପନା, ତାହାକୁ କାର୍ଯ୍ୟକ୍ଷମ କରିବା, ରକ୍ଷଣାବେକ୍ଷଣ, ମରାମତି ଓ ଯାଞ୍ଚ ଆଦି କାର୍ଯ୍ୟ କରିବାରେ ସକ୍ଷମ ହେବେ। ଏହା ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣୀୟ ନିଯୁକ୍ତିର ସୁଯୋଗ ଆଣିଦେଇପାରିବ। ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ଥିବା ଏହି ୧ ବର୍ଷିଆ ପାଠ୍ୟକ୍ରମ ପାଇଁ ଆଇଟିଆଇ(୨ବର୍ଷିଆ) କିମ୍ବା ପଲିଟେକ୍‌ନିକ୍‌ରେ ଡିପ୍ଲୋମା କରିଥିବା ଓଡ଼ିଶାର ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଏଠାରେ ଜୀବନ୍ତ ମଡେଲ ଜରିଆରେ ସିମୁଲେଶନ ସହିତ ଭର୍ଟିକାଲ ଟେକ୍ନୋଲୋଜିର ବିଭିନ୍ନ ଦିଗ ଉପରେ ଶିକ୍ଷା ଓ ତାଲିମ ଦିଆଯିବ। ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ଫଳରେ ଏହା ଏସ୍କାଲେଟର, ଏଲିଭେଟର ଏବଂ ଅନୁରୂପ ଯନ୍ତ୍ରର ସ୍ଥାପନା ଓ କାର୍ଯ୍ୟକାରିତା, ପରିଚାଳନା ଓ ରକ୍ଷଣାବେକ୍ଷଣ ଆଦି ବିଷୟରେ ତାଲିମ ଦେବାରେ ବିଶେଷ ସହାୟକ ହେବ।

## ବିଧାୟକଙ୍କୁ ଦୁର୍ବ୍ୟବହାର କରି ବିଜେଡିରୁ ନିଲମ୍ବିତ

ମୋରଡ଼ା, (ସ୍ୱାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନମଣ୍ଡଳୀ ବିଧାୟକ ରାଜକିଶୋର ଦାସଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବିଜୁ ମହିଳା ଜନତା ଦଳର ହଳଦୀପାଳ ପଞ୍ଚାୟତ ସଭାପତି ସୁକାନ୍ତି ସେଠୀଙ୍କୁ ନିଲମ୍ବନ କରାଯାଇଛି। ଅତୀତରେ ସୁକାନ୍ତି ବିଧାୟକ ଦାସଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଗତ ୨ ତାରିଖରେ ବ୍ଲକର ଚିତ୍ରଡ଼ା-ଶୀର୍ଷାପାଳ ଛକରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଯୋଗ ଦେଇଥିଲେ। କିନ୍ତୁ ଉକ୍ତ କାର୍ଯ୍ୟକ୍ରମରେ ସୁକାନ୍ତି ସହଯୋଗ କରି ନ ଥିବା ତଥା ମହିଳାମାନଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ନ ଦେବାକୁ ପ୍ରବର୍ତ୍ତାଇଥିଲେ। ଏସବୁକୁ ନେଇ ସୁକାନ୍ତିଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ବିଜୁ ମହିଳା ଜନତା ଦଳର ମୟୂରଭଞ୍ଜ-୧ ସଭାପତି ଦୀପ୍ତିଲତା ମିଶ୍ର ଚିଠି ନମ୍ବର ୦୪-ବିଏମ୍‌ଜେଡି/୨୩ରେ ଉଲ୍ଲେଖ କରିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାହୁଲଙ୍କ ଲୋକପ୍ରିୟତାରେ ଭାଜପା ଭୟଭୀତ: ଶିବକୁମାର

**ବେଙ୍ଗାଲୁରୁ,୭।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ପୋଷ୍ଟରକୁ ନେଇ ଚାଲିଥିବା ବିବାଦ ମଧ୍ୟରେ କର୍ନାଟକର ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର କହିଛନ୍ତି ଆସନ୍ତା ୨୦୨୪ ନିର୍ବାଚନରେ ରାହୁଲ ଦେଶର ନେତୃତ୍ୱ ନେବେ। ତାଙ୍କ ପ୍ରତି ବଢୁଥିବା ଲୋକପ୍ରିୟତାକୁ ନେଇ ଭାଜପା ଭୟଭୀତ ଅଛି। କାରଣ ଭାରତ ଯୋଡ଼ୋ ଯାତ୍ରା ପରେ ରାହୁଲଙ୍କୁ ନେଇ ଭାଜପା ଲୋକଙ୍କ ମଧ୍ୟରେ ସୃଷ୍ଟି କରିଥିବା ଧାରଣା ବଦଳିବାରେ ଲାଗିଛି। ଲୋକେ ଭାଜପାକୁ ଏହାର ଉଚିତ ଜବାବ ଦେବେ। ଭାଜପା ଦେଶରେ ଗଣତନ୍ତ୍ରକୁ ଧ୍ୱଂସ କରିବାକୁ ପ୍ରୟାସ କରୁଛି। ମାତ୍ର ଏହା ଆଉ ବେଶି ଦିନ ଚାଲିବ ନାହିଁ ବୋଲି ଶିବକୁମାର କହିଛନ୍ତି।

# ଜାତିଗତ ଜନଗଣନା ଏକ ନିର୍ବାଚନୀ ରାଜନୀତି: ଅନୀଲ ବିଜ୍

**ଚଣ୍ଡିଗଡ଼,୭।୧୦ :** ଜାତିଗତ ଜନଗଣନା ନେଇ ଭାଜପା ନେତା ତଥା ହରିୟାଣା ଗୃହମନ୍ତ୍ରୀ ଅନୀଲ ବିଜ୍ ବିରୋଧୀ ଦଳଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜାତିଗତ ଜନ ଗଣନା ଦେଶକୁ ଏକଜୁଟ କରିବା ପରିବର୍ତ୍ତେ ଦେଶକୁ ବିଭାଜନ କରିବା ପାଇଁ ଏକ ଷଡ଼ଯନ୍ତ୍ର। ଆମେ ସମସ୍ତେ ଭାରତୀୟ। କିନ୍ତୁ ଜାତିଗତ ଜନଗଣନାର ପ୍ରାମାଣିକତା କ'ଣ ? ଏହାର ଅର୍ଥ ହେଉଛି ନିଜ ଇଚ୍ଛାନୁସାରେ ସେହି ଜାତିରେ କାହାକୁ ରଖିବା ପାଇଁ ସରକାରଙ୍କ ହାତରେ ରେଜିଷ୍ଟର ଅଛି। ଜନଗଣନାରେ ଅନ୍ତର୍ଭୁକ୍ତ ହେବା ପରେ ଲୋକମାନେ କେବଳ ଲାଭ ପାଇବେ କି ? ଏହା ହେଉଛି ଏକ ନିର୍ବାଚନୀ ରାଜନୀତି। ଏହା ପୂର୍ବରୁ ମଧ୍ୟ ମଣ୍ଡଳ କମିଶନ ଗଠନ କରାଯାଇଥିଲା ବୋଲି ସେ କହିଛନ୍ତି।



କଂଗ୍ରେସ ନେତା ନବଜୋତ ସିଂ ସିଦ୍ଧୁ ଦଳୀୟନେତା ସୁଖପାଲ ସିଂ ଖଇରାଙ୍କୁ ନାଭା ଜେଲରେ ଭେଟିବା ପରେ ଗଣମାଧ୍ୟମ ସହ ଆଲୋଚନା କରୁଛନ୍ତି।

# ମିଥ୍ୟା ପ୍ରତିଶ୍ରୁତି ଦେବାକୁ ଆସୁଛନ୍ତି ରାହୁଲ-ପ୍ରିୟଙ୍କା: ଅନୁରାଗ

**ଭୋପାଳ,୭।୧୦**

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର। ସେ କହିଛନ୍ତି, କେବଳ ନିର୍ବାଚନ ସମୟରେ ରାହୁଲ-ପ୍ରିୟଙ୍କା ଲଲିପପ୍ ଏବଂ ମିଥ୍ୟା ଗ୍ୟାରେଣ୍ଟି ଦେବାକୁ ଆସନ୍ତି। କିନ୍ତୁ ରାଜସ୍ଥାନ ଏବଂ ଛତିଶଗଡରେ କଂଗ୍ରେସର କେତେକ ଗ୍ୟାରେଣ୍ଟି ପ୍ରତିଶ୍ରୁତି ବିଫଳ ହୋଇଛି। ସେହି ରାଜ୍ୟରେ କଂଗ୍ରେସ ନେତା ମୁହଁ ଦେଖାଇବାକୁ ଏବେ ସକ୍ଷମ ନୁହଁନ୍ତି। ଯେତେବେଳେ କଂଗ୍ରେସ ସରକାର କ୍ଷମତାରେ ଥିଲେ, ମଧ୍ୟପ୍ରଦେଶରେ ଏକ ଅସନ୍ତୋଷ ଦେଖାଦେଇଥିଲା। କଂଗ୍ରେସ ସରକାର କୃଷି ଋଣ ଛାଡ଼ କରିବା ଏବଂ ବେରୋଜଗାର ଭତ୍ତା ଯୋଗାଇବାରେ ବିଫଳ ହୋଇଥିଲେ। ହିମାଚଳ ପ୍ରଦେଶରେ ସେମାନେ ପ୍ରତ୍ୟେକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମାସକୁ ୧,୫୦୦ ଟଙ୍କା ପଠାଇବାକୁ ଗ୍ୟାରେଣ୍ଟି ଦେଇଥିଲେ, କିନ୍ତୁ ୧୦ ମାସ ପରେ ମଧ୍ୟ ଗୋଟିଏ ଟଙ୍କା ଦିଆଯାଇ ନ ଥିଲା। ଗାଈ ଗୋବର କିଣିବା ଏବଂ ରୋଜଗାର ଯୋଗାଇବା ଭଳି ଅନ୍ୟାନ୍ୟ ପ୍ରତିଶ୍ରୁତି ମଧ୍ୟ ପୂରଣ ହୋଇପାରିଲା ନାହିଁ। ହିମାଚଳ ପ୍ରଦେଶ ଏବଂ କର୍ନାଟକର କଂଗ୍ରେସ ସରକାର ବିକାଶ ପାଇଁ ଅର୍ଥ ଖର୍ଚ୍ଚ ବନ୍ଦ କରି ଦେଇଛନ୍ତି। ମୁଁ ରାହୁଲ ଗାନ୍ଧୀଙ୍କୁ ପଚାରିବାକୁ ଚାହେଁ ଏହା କେଉଁ ମଡେଲ ? ମିଥ୍ୟା ଗ୍ୟାରେଣ୍ଟି ଦିଅ ଏବଂ କ୍ଷମତା ହାସଲ କର, ତାପରେ ବିକାଶ ବନ୍ଦ ।

### ରାୟଗଡ଼ା, ବୌଦ୍ଧ, ଦେବଗଡ଼ ଜିଲା

# ବିଜେଡି କର୍ମକର୍ତ୍ତାଙ୍କୁ ନୂତନ ନିଯୁକ୍ତି

**ଭୁବନେଶ୍ୱର,୭।୧୦(ଅନିଲ ଦାସ)**

**ଅମିୟ ସ୍ୱାଇଁ, ରୋମାଞ୍ଚରଞ୍ଜନ ରାଜ୍ୟ ସମ୍ପାଦକ**

**ଚିତ୍ତରଞ୍ଜନ ପ୍ରଧାନ ଦେବଗଡ଼ ଜିଲା ସଭାପତି**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ରାୟଗଡ଼ା, ବୌଦ୍ଧ ଏବଂ ଦେବଗଡ଼ ଜିଲା କମିଟିର ବିଭିନ୍ନ କର୍ମକର୍ତ୍ତାଙ୍କୁ ନୂତନ ନିଯୁକ୍ତି ଦିଆଯାଇଛି। ଶନିବାର ବିଜେଡି ପକ୍ଷରୁ ଏ ନେଇ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅମିୟ କୁମାର ସ୍ୱାଇଁଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ, ବିଷ୍ଣୁ ପ୍ରସାଦ ପଣ୍ଡାଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଶର୍ମିଷ୍ଠା ପାଢ଼ୀଙ୍କୁ ରାୟଗଡ଼ା ଜିଲା ମହିଳା ବିଜୁ ଜନତା ଦଳ ସଭାପତି, ଅବିନାଶ ବିଶୋଇଙ୍କୁ ଜିଲା ବିଜୁ ଯୁବ ଜନତା ଦଳର ସଭାପତି, ନେତ୍ରାନନ୍ଦ ଶବରଙ୍କୁ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ରଣଜିତ ରାୟଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଶାନ୍ତ ନାୟକ, ଗୁଣୁପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀଙ୍କୁ ପର୍ଯ୍ୟବେକ୍ଷକ ଓ ଇମ୍ରାନ ଖାଁଙ୍କୁ ନିର୍ବାଚନମଣ୍ଡଳୀ ସଂଯୋଜକ ଏବଂ ବରଜୀ ଜଗନମୋହନ ରାଓଙ୍କୁ ରାୟଗଡ଼ା ମ୍ୟୁନିସିପାଲିଟିର ସହର ସଭାପତି (ଟାଉନ ପ୍ରେସିଡେଣ୍ଟ) ଭାବେ ନିଯୁକ୍ତ କରାଯାଇଛି।

ଏଥିସହିତ ବୌଦ୍ଧ ଜିଲାର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଏବଂ ସଂଯୋଜକ ନିଯୁକ୍ତ କରାଯାଇଛି। ଚିତ୍ତରଞ୍ଜନ କର୍ନାଙ୍କୁ ବୌଦ୍ଧ ପର୍ଯ୍ୟବେକ୍ଷକ, ସୁବୋଧ ପ୍ରଧାନଙ୍କୁ କନ୍ଧମାଳ ପର୍ଯ୍ୟବେକ୍ଷକ, ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ବୌଦ୍ଧ ସଂଯୋଜକ ଏବଂ ସୁଧୀର ମହାକୁଡଙ୍କୁ କନ୍ଧମାଳ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଦେବଗଡ଼ ଜିଲା କମିଟି କର୍ମକର୍ତ୍ତା ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଚିତ୍ତରଞ୍ଜନ ପ୍ରଧାନଙ୍କୁ ଦେବଗଡ଼ ଜିଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।

# ଟେକ୍ସଟାଇଲ ପାର୍କ ନ ଥିବାରୁ କପାଚାଷୀ ଉପକୃତ ହୋଇପାରୁନାହାନ୍ତି: ମନମୋହନ

**ଭବାନୀପାଟଣା,୭।୧୦(ଉତ୍ତମ କୁମାର ଦାଶ):** ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କଳାହାଣ୍ଡି ଜିଲା ଗସ୍ତରେ ଆସିଥିଲେ। ଶନିବାର ପୂର୍ବାହ୍ନରେ ଭବାନୀପାଟଣା ସର୍କିଟ ହାଉସଠାରେ ଜିଲା ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, କଳାହାଣ୍ଡି ଜିଲାରେ ଅଧିକ କପା ଚାଷ ହେଉଥିଲେ ମଧ୍ୟ ଟେକ୍ସଟାଇଲ ପାର୍କ ନାହିଁ। ତେଣୁ ଏଠାକାର କପା ଚାଷୀ ଉପକୃତ ହୋଇପାରୁ ନାହାନ୍ତି । ଏଥିସହିତ ଜିଲାରେ ପର୍ଯ୍ୟଟନର ବିକାଶ ହେଲେ ଦାଦନ ଖଟୁଥିବା ଲୋକ ଉପକୃତ ହେବା ସହ ସେମାନଙ୍କ ଆର୍ଥିକ ସ୍ଥିତିର ବିକାଶ ହୋଇପାରିବ। କଳାହାଣ୍ଡି ଜିଲାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପ୍ରସଙ୍ଗରେ ମନମୋହନ କହିଥିଲେ, ଏହି ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଯୋଗାଇ ଦିଆଯାଉ ନ ଥିବାରୁ ଏହା ବିଳମ୍ବିତ ହୋଇଛି। କଳାହାଣ୍ଡି ଭଳି ରାଜ୍ୟର କେତେକ ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ କେନ୍ଦ୍ର ସରକାର ଅନୁଦାନ ଦେଇଥିବାରୁ ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ଓଡ଼ିଶାରେ କ୍ଷମତାକୁ ଆସିଲେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଦାଦନ ଆଦି ସମସ୍ୟାର ସମାଧାନ ହେବ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦକ ସରୋଜ କର, ଏମ୍‌ପି ବସନ୍ତ ପଣ୍ଡା, ଜିଲା ପ୍ରଭାରୀ ରମେଶ ସାହୁ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।






# କଂଗ୍ରେସରେ ସୁନ୍ଦରଗଡ଼ ଜିଲାର ବିଜେଡି, ସିପିଏମ୍ କର୍ମୀ

**ଭୁବନେଶ୍ୱର,୭।୧୦(ଅନିଲ ଦାସ)**



ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଦଳରେ ଯୋଗଦେଇଥିବା ଅନ୍ୟଦଳର କର୍ମୀମାନେ।

କଂଗ୍ରେସ ଦଳର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ପ୍ରତି ଦୃଢ଼ ଆସ୍ଥା ପ୍ରକଟ କରି ସୁନ୍ଦରଗଡ଼ ଜିଲା ତଲସରା ବ୍ଲକ, ନୂଆଗାଁ ବ୍ଲକ ଏବଂ ବୀରମିତ୍ରପୁର ମ୍ୟୁନିସିପାଲିଟିର କେତେକ ବିଜେଡି ଓ ସିପିଏମ୍ କର୍ମୀ ଏହି ସର୍ବପୁରାତନ ଦଳରେ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ଶନିବାର ଆୟୋଜିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ପିସିସି ସଭାପତି ସମସ୍ତ କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ ଏହି ଯୋଗଦାନ ସୁନ୍ଦରଗଡ଼ ଜିଲାରେ କଂଗ୍ରେସ ସଂଗଠନକୁ ଆହୁରି ସୁଦୃଢ଼ କରିବ । ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସରୋଜିନୀ ବାଙ୍କୀ, କଂଗ୍ରେସ ନେତା ପ୍ରଦୀପ ମିଞ୍ଜ ଓ ଜିଲା କଂଗ୍ରେସ ସମ୍ପାଦକ ରାଜନ ଦାଶଙ୍କ ତତ୍ତ୍ୱାବଧାନରେ ଏହି କର୍ମୀମାନେ କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସରେ ଯୋଗଦେଇଥିବା କର୍ମକର୍ତ୍ତା ହେଲେ ପୂର୍ବତନ ସରପଞ୍ଚ ଜିତେନ୍ ଓରାମ୍, ଲିଲି ଲାକ୍ରା, ପୌଲିନା ଡୁଙ୍ଗଡୁଙ୍ଗ, ରଞ୍ଜିତା ଲାକ୍ରା, ମେଡିଲିନ୍ ଲାକ୍ରା, ପିଟର ଲାକ୍ରା, ରଜତ କୁମାର ମିଞ୍ଜ, ସୁରେଶ ଟପ୍ପୋ, ଶ୍ରୀନୁସ୍ ବୋର୍ଡ, ରଜତ ଲାକ୍ରା, ବୁଦ୍ଧିରାମ ବଡ଼ାଇ, ଚନ୍ଦନ ଦାସ, ଜ୍ୟୋତି ଲାକ୍ରା ଓ ରୋଜାଲିନ୍ ଲାକ୍ରା । ନିଜ ପ୍ରତିକ୍ରିୟାରେ ସେମାନେ କହିଛନ୍ତି ଯେ, କଂଗ୍ରେସ ଦଳ ଆମମାନଙ୍କୁ ଯେଉଁ ଦାୟିତ୍ୱ ଦେବ ତାହା ନିଷ୍ଠାର ସହ ପାଳନ କରିବୁ । ଆଜିର ଏହି ମିଶ୍ରଣ କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ତରୁଣକାନ୍ତ ମିଶ୍ର ଓ କଂଗ୍ରେସ ନେତା ମିହିର ଆଚାର୍ଯ୍ୟ ଉପସ୍ଥିତ ଥିଲେ ।


# Classified Everyday

**0674-2580101, 2549949**



MATRIMONIAL

BRIDE WANTED

Wanted Service bride for handsome Khandayat, Boy 1986, 6” B.Tech Serving Engineer TCS Bhubaneswar “Sunasansar”. 9937512659. D-75234

Karan boy, 1990, Software Engineer, Bangalore required divorcee/ fresh. 9853366347. D-1512



REAL ESTATE

SALE

Duplex sale at Bhubaneswar @ 57 lakhs only. Contact: 9777433701. D-75232

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- 9658562429. D-75224

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

Plot Sale 50x75 Maharshi College Road, Sahidnagar, Bhubaneswar. Contact: 9124915059. D-1517

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-75048

Available resale plot at Hanspal, Rudrapur Surrounded quality building purchase gated Society at Nakhara/ Pahala, 9439363944. D-75230

Flat for sale: 3BHK flat for sale at 1. Sahidnagar- 1.6 crore, 2. Raghunathpur(near Royal Lagoon- 85 lakhs. 9827769868, 0674351396 9. D-71064

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

3212sqft.Gharabadi residential plot with boundary wall sale nearby “PHULNAKHARA CHHAKA”. 9438279244. D-1464

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot- 300/-. 7978663279. D-75231



CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1384

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



FOR RENT

Office Space available at Esplanade Mall, Rasulgarh (1432sqft.). Contact: 9776505301. D-1498



Healthcare

Newly open Spa positively Health benefit with expert. Contact: 7749976301. D-1469

Newly open spa positively Health benefits with expert therapist. 9040286886. D-75152

Full body massage by expert therapist positively health benefits. 9938843929. D-75153

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

Relax, Refresh your body, Mind at Saikrupa Spa with best therapies. 8984068077. D-1502

Full body Massage expert boy's Therapist home Service availble Ph- 8093303918. D-1442



business

Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819. D-75154

ଷଷ୍ଠବର୍ଷ ଜନ୍ମଦିନର ଶୁଭେଚ୍ଛା



ଦିବ୍ୟସିତା (ରିଧି)

ଜନ୍ମଦିନରେ ଠାକୁରଙ୍କ ପାଖେ ଏତିକି ପ୍ରାର୍ଥନା । ପୂରଣ କରନ୍ତୁ ପ୍ରଭୁ ତୋର ସବୁ ମନସ୍କାମନା ।

-:ଶୁଭେଚ୍ଛା ସହ:-

ଜେଜେ, ମା, ଅଜା, ଆଈ, ବାପା, ମାମା, ଅପା, ଦାଦା ଓ ପରିବାରବର୍ଗ ।

ଧ-୭୫୯୩୪

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଓଡ଼ିଶାର ଦାବି ଅଗ୍ରାହ୍ୟ
# କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ହେଲାନି

ନୂଆଦିଲ୍ଲୀ,୭।୧୦ (ପି.ଟି.)

କେନ୍ଦୁପତ୍ର ଉପରେ ଲାଗୁ ହୋଇଥିବା ୧୮% ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଉଚ୍ଛେଦ ପାଇଁ ଓଡ଼ିଶା ସରକାର କେନ୍ଦ୍ର ନିକଟରେ କରିଆସୁଥିବା ଦାବି ପୁଣି ଥରେ ଅଗ୍ରାହ୍ୟ ହୋଇଯାଇଛି। ନୂଆଦିଲ୍ଲୀରେ ଶନିବାର ଆୟୋଜିତ ଜିଏସ୍‌ଟି କାଉନସିଲର ୫୨ତମ ବୈଠକରେ ଓଡ଼ିଶାର ଏହି ଦାବି ସମ୍ପର୍କରେ କୌଣସି ଆଲୋଚନା ହୋଇନାହିଁ। ଫଳରେ ଓଡ଼ିଶାର ଲକ୍ଷାଧିକ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଏବଂ ଋତୁକାଳୀନ ଶ୍ରମିକଙ୍କୁ ଟିକସଜନିତ ଆର୍ଥିକ କ୍ଷତିରୁ ଆଶ୍ୱସ୍ତି ମିଳିବ ନାହିଁ।

ଓଡ଼ିଶାର ୮ ଲକ୍ଷରୁ ଊର୍ଦ୍ଧ୍ୱ ଗରିବ ଆଦିବାସୀ ଲୋକ କେନ୍ଦୁପତ୍ର ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର କେନ୍ଦୁପତ୍ରକୁ ଜିଏସ୍‌ଟିରୁ ବାଦ୍ ଦେବା ଲାଗି ବାରମ୍ବାର ଦାବି କରିଆସିଛନ୍ତି। ତେବେ ଏହାକୁ କାହିଁକି କେନ୍ଦ୍ର ସରକାର ଗ୍ରହଣ କରୁନାହାନ୍ତି ବୋଲି ପଚରାଯିବାରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତରାମନ କହିଛନ୍ତି, ଓଡ଼ିଶାର ଏ ସମ୍ପର୍କିତ ପ୍ରସ୍ତାବକୁ ପୂର୍ବର ଜିଏସ୍‌ଟି କାଉନସିଲ ବୈଠକରେ କେତେକ କେନ୍ଦୁପତ୍ର ଉତ୍ପାଦନକାରୀ ରାଜ୍ୟ ବିରୋଧ କରିଛନ୍ତି। ଆମେ ନୁହେଁ, ସେହି ରାଜ୍ୟଗୁଡ଼ିକ ଏହି ଜିଏସ୍‌ଟି ଉଚ୍ଛେଦ କରିବାକୁ ଚାହୁଁନାହାନ୍ତି। ସେଥିପାଇଁ ଶନିବାର ବୈଠକରେ ଏ ବିଷୟରେ ଆଲୋଚନା ହୋଇନାହିଁ ବୋଲି ସୀତାରାମନ କହିବା ସହ ବିରୋଧ କରୁଥିବା ରାଜ୍ୟଗୁଡ଼ିକର ନାମ ନେବାକୁ ଚାହିଁ ନ ଥିଲେ। ତେବେ ଅର୍ଥ ମନ୍ତ୍ରଣାଳୟର କେତେଜଣ ଅଧିକାରୀ ନାମ ଗୋପନ ସର୍ତ୍ତରେ ସୂଚନା ଦେଇଛନ୍ତି ଯେ, ଉକ୍ତ ରାଜ୍ୟଗୁଡ଼ିକ ମଧ୍ୟରୁ ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ମୁଖ୍ୟତଃ ଓଡ଼ିଶାର ଦାବିକୁ ବିରୋଧ କରିଛନ୍ତି। ସୂଚନାଥାଉ କି କେନ୍ଦୁପତ୍ର ଉତ୍ପାଦନରେ ଓଡ଼ିଶା ପ୍ରମୁଖ ରାଜ୍ୟ। ୫୧ତମ ଜିଏସ୍‌ଟି କାଉନସିଲ ବୈଠକ ପୂର୍ବରୁ ଗତ ଜୁନ୍ ମାସରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରୋକ୍ତ ଦାବି ସଂକ୍ରାନ୍ତରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଥିଲେ ଯେ, ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ



ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ-୨୦୦୬ରେ ବ୍ୟାଖ୍ୟା କରାଯାଇଥିବା ଅଧିକାରର ଏକ ଅଂଶ ଭାବେ ଆଦିବାସୀମାନେ କେନ୍ଦ୍ରପତ୍ର ସଂଗ୍ରହ କରନ୍ତି। ଏଭଳିସ୍ଥଳେ ୧୮% ଜିଏସ୍‌ଟି ଲାଗୁହେବା ଯୋଗୁ କେନ୍ଦୁପତ୍ର କାରବାର ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଏବଂ ଋତୁକାଳୀନ ଶ୍ରମିକଙ୍କ ଜୀବିକା ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ଏହି ବର୍ଗର ଲୋକଙ୍କ ସାମାଜିକ ସୁରକ୍ଷା ଓ କଲ୍ୟାଣ ନିମନ୍ତେ ଓଡ଼ିଶା ସରକାର ଯୋଜନା କାର୍ଯ୍ୟକାରୀ କରିଥିବା ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ। କେବଳ ଶାସକ ବିଜେଡି ନୁହେଁ, ଭାରତୀୟ ଜନତା ପାର୍ଟି ମଧ୍ୟ ଜିଏସ୍‌ଟି ପ୍ରତ୍ୟାହାର ପାଇଁ କେନ୍ଦ୍ରକୁ ଅନୁରୋଧ କରିଛି। ଗତ ସେପ୍ଟେମ୍ବରରେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ସମୟରେ ଭାଜପା ଏମ୍‌ପି ବସନ୍ତ ପଣ୍ଡା କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟି କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ଏକ ସ୍ମାରକପତ୍ର ଦେଇଥିଲେ।

ଅନ୍ୟପକ୍ଷରେ ଶନିବାର ଜିଏସ୍‌ଟି କାଉନସିଲ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ପ୍ରି-ପ୍ୟାକେଜ୍ ଓ ଲେବଲ ଫର୍ମରେ ବିକ୍ରି ହେଉଥିବା ମିଲେଟ୍ ଭିତ୍ତିକ ଅଟା ଉପରେ ୫% ଜିଏସ୍‌ଟି ଲାଗୁ ହୋଇଛି। ତେବେ ଅତିକମ୍‌ରେ ୭୦% ମିଲେଟ୍ ଥିବା ଅଟା ଖୋଲାରେ ବିକ୍ରି ହେଲେ ସେଥିରେ ଜିଏସ୍‌ଟି ଲାଗିବ ନାହିଁ। ଅର୍ଥମନ୍ତ୍ରୀ ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀମାନେ ଜିଏସ୍‌ଟି ଆପିଲେଟ୍ ଟ୍ରିବ୍ୟୁନାଲ (ଜିଏସ୍‌ଟିଏଟି) ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ସର୍ବାଧିକ ବୟସ ସୀମା ପୁନଃ ନିର୍ଦ୍ଧାରଣ କରିଛନ୍ତି। ତଦନୁଯାୟୀ ଅଧ୍ୟକ୍ଷଙ୍କ ବୟସ ସୀମା ୭୦ ଏବଂ ସଦସ୍ୟମାନଙ୍କ ବୟସ ୬୭ ବର୍ଷକୁ ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏହି ବୟସ ସୀମା ଯଥାକ୍ରମେ ୬୭ ଏବଂ ୬୫ ବର୍ଷ ଥିଲା। ସେହିପରି ମଦ ପାଇଁ କଞ୍ଚାମାଲ ଭାବେ ବ୍ୟବହାର ହେଉଥିବା ଆଖୁ ଦୋରୁଅ ଉପରେ ଲାଗୁ ହୋଇଥିବା ୨୮% ଜିଏସ୍‌ଟି ୫%କୁ ହ୍ରାସ କରାଯାଇଛି। ଏହାସହ ମାନବ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଆଲ୍‌କୋହଲ (ଏକ୍ସଟ୍ରା ନ୍ୟୁଟ୍ରାଲ ଆଲ୍‌କୋହଲ ବା ଇଏନ୍‌ଏ)କୁ ଜିଏସ୍‌ଟିରୁ ବାହାର କରାଯାଇଛି। କିନ୍ତୁ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଇଏନ୍‌ଏ ଉପରେ ୧୮% ଜିଏସ୍‌ଟି ଜାରି ରହିବ ବୋଲି କାଉନସିଲ ସଦସ୍ୟ ତଥା ଛତିଶଗଡ଼ ଅର୍ଥମନ୍ତ୍ରୀ ଟି.ଏସ୍. ସିଂଦେଓ କହିଛନ୍ତି। ଅନ୍ୟପକ୍ଷରେ ବୈଠକରେ ଦିଲ୍ଲୀ, ଗୋଆ ଏବଂ ଅନ୍ୟ କେତେକ ରାଜ୍ୟ ଅନ୍‌ଲାଇନ ଗେମିଂ କମ୍ପାନୀଗୁଡ଼ିକୁ ଟିକସ ଠକେଇ ନେଇ ହୋଇଥିବା ଜିଏସ୍‌ଟି ଡିମାଣ୍ଡ ନୋଟିସ ପ୍ରସଙ୍ଗ ଉଠାଇଥିଲେ। ଦିଲ୍ଲୀ ଅର୍ଥମନ୍ତ୍ରୀ ଆତିଶି କହିଛନ୍ତି, ଅଣଭାଜପାଶାସିତ ରାଜ୍ୟର କମ୍ପାନୀଗୁଡ଼ିକୁ ଜାଣିଶୁଣି ଟାର୍ଗେଟ କରାଯାଉଛି। ଅନ୍‌ଲାଇନ୍ ଗେମ୍ ପରିଚାଳନାକାରୀ ସଂସ୍ଥାଗୁଡ଼ିକୁ ଅଧିକ ମୂଲ୍ୟର ଡିମାଣ୍ଡ ନୋଟିସ୍ ପଠାଯାଇଛି ବୋଲି ସେ କହିଛନ୍ତି।

## ଆଇଆଇଟି ବମ୍ବେ ସହ ଜେଏସ୍‌ଏଲ୍‌ର ସହଭାଗିତା

ଭୁବନେଶ୍ୱର ,୭।୧୦



ଦେଶର ପ୍ରମୁଖ ଶିଳ୍ପସଂସ୍ଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍‌ଏଲ୍) ଏବଂ ଭାରତର ପ୍ରମୁଖ ଶିକ୍ଷାନୁଷ୍ଠାନ ଆଇଆଇଟି ବମ୍ବେ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ହୋଇଯାଇଛି। ଆଇଆଇଟି ବମ୍ବେରେ ଏକ ଚେୟାର ପ୍ରଫେସରଶିପ୍ ପ୍ରତିଷ୍ଠା ପାଇଁ ଜେଏସ୍‌ଏଲ୍ ଉକ୍ତ ସହଭାଗିତା ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏପରିକି ଉକ୍ତ ଚେୟାର ଷ୍ଟେନ୍‌ଲେସ୍ ଷ୍ଟିଲ୍ କ୍ଷେତ୍ରରେ ଶିଳ୍ପ ପ୍ରକ୍ରିୟା ଏବଂ ଉତ୍ପାଦ ପ୍ରଯୁକ୍ତିବିଦ୍ୟା ଗବେଷଣାକୁ ସମର୍ଥନ ତଥା ଉତ୍ସାହିତ କରିବ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ୍ ଏକ କ୍ଷୟ (କରୋଜନ) ମୁକ୍ତ ଭାରତ ନିର୍ମାଣର ବୃହତ୍ ଉଦ୍ଦେଶ୍ୟ ସହ ଶିଳ୍ପ-ଏକାଡେମୀ ସହଭାଗିତାକୁ ଗଭୀର କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଚେୟାର ପ୍ରଫେସରଶିପ୍ ଆମର ପ୍ରତିବଦ୍ଧତାକୁ ଦୃଢ଼ କରୁଛି। କାରଣ ଏହା ଇସ୍ପାତ ଧାତୁ କ୍ଷେତ୍ରରେ ଅଧିକ ଉଦ୍ଭାବନ ଏବଂ ଅନୁସନ୍ଧାନ କରିବାରେ ସାହାଯ୍ୟ କରିବ। ବିଶେଷକରି ଆମର ଲକ୍ଷ୍ୟ ହେଉଛି ସ୍ଥାୟୀ ଏବଂ ସ୍ଥାୟୀ ଭିତ୍ତିଭୂମିରେ ନୂତନ ମାନଦଣ୍ଡ ସୃଷ୍ଟି କରିବା। ଆଇଆଇଟି ବମ୍ବେ ଭଳି ଏକ ପ୍ରତିଷ୍ଠିତ ଅନୁଷ୍ଠାନ ସହିତ ସହଭାଗିତା ଏହି ଲକ୍ଷ୍ୟଗୁଡ଼ିକୁ ଆଗକୁ ନେଇଯିବାରେ ସାହାଯ୍ୟ କରିବ। ସେହିଭଳି ଆଇଆଇଟି ବମ୍ବେର ନିର୍ଦ୍ଦେଶକ ପ୍ରଫେସର ଶୁଭାଶିଷ ଚୌଧୁରୀ କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ କ୍ଷେତ୍ରରେ ଗବେଷଣା ଓ ବିକାଶକୁ ଆଗକୁ ବଢାଇବା ପାଇଁ ଏହା ଏକ ଉତ୍ତମ ସୁଯୋଗ ପାଲଟିଛି। କାରଣ ଏହି ଚେୟାର ବିଦ୍ୟମାନ ଜ୍ଞାନ ଆଧାରକୁ ବୃଦ୍ଧି କରିବ ଏବଂ ଏହି ଡୋମେନରେ ଏକାଡେମିକ୍ କାର୍ଯ୍ୟ ଏବଂ ଅଗ୍ରଗାମୀ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବ।

## ଇଏସ୍‌ଆଇସି ପକ୍ଷରୁ ରାଜଭାଷା ପଖୱାଡ଼ା ସମାପନ

ଭୁବନେଶ୍ୱର ,୭।୧୦

କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ପକ୍ଷରୁ ଆୟୋଜିତ ଅଫିସିଆଲ ଲାଙ୍ଗୁଏଜ୍ ଫର୍ଟନାଇଟ୍ (ରାଜଭାଷା ପଖୱାଡ଼ା) ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହିଅବସରରେ ଇଏସ୍‌ଆଇସିର ଡିଜି ଡ. ରାଜେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏହାର ସିଭିଓ ମନୋଜ କୁମାର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ରାଜେନ୍ଦ୍ର କୁମାର କହିଥିଲେ, ରାଜଭାଷା ହିନ୍ଦୀ ବିଶ୍ୱର ୩ୟ ସର୍ବାଧିକ ବ୍ୟବହୃତ ଭାଷା ହୋଇଥିବାବେଳେ ଭାରତର ସବୁ କ୍ଷେତ୍ରରେ ହିନ୍ଦୀର ବ୍ୟବହାର ହୋଇଥାଏ। ଏପରିକି ହିନ୍ଦୀ ଭାଷାର ବ୍ୟବହାର ସାଙ୍ଗକୁ ହିନ୍ଦୀ ଭାଷାରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅପରପକ୍ଷେ ହିନ୍ଦୀ ପଖୱାଡ଼ା ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଇଏସ୍‌ଆଇସିର ମୁଖ ପୁସ୍ତିକା 'ପଞ୍ଚଦୀପ ଭାରତୀ'ର ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଇଏସ୍‌ଆଇସିର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

## ମାଲାବାରରେ ଆର୍ଟିଷ୍ଟ୍ରି ବ୍ରାଣ୍ଡେଡ୍ ଜୁଏଲେରି ଶୋ



ଭୁବନେଶ୍ୱର ,୭।୧୦ (ଅଭୟ ଦାଶ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଶହୀଦନଗର ଷ୍ଟୋର ପକ୍ଷରୁ ଏକ ୯ ଦିନିଆ 'ଆର୍ଟିଷ୍ଟ୍ରି-ବ୍ରାଣ୍ଡେଡ୍ ଜୁଏଲେରି ଶୋ' ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଲେବର ୱେଲଫେୟାର ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଶହୀଦନଗର ଷ୍ଟୋରର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଶେଷକରି ଏହି ଶୋ' ୨୦୨୩ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ ଶୋ'ରେ ମାଲାବାରର ଏକ୍ସକ୍ଲୁସିଭ ଡିଜାଇନ ଯଥା ମାଇନ, ଏରା, ପ୍ରେସିଆ, ଏଥ୍‌ନିକ୍ସ, ଡିଭାଇନ, ଷ୍ଟାରଲେଟ ଏବଂ ଜୁଏଲ ଭଳି ବିଭିନ୍ନ ବର୍ଗର ଗହଣା ଉଭୟ ବିକ୍ରି ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ।

ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଶହୀଦନଗର ଷ୍ଟୋର ହେଡ୍ ଅସନାଫ ଅରାକଲ କହିଥିଲେ, ଏହି ଶୋ ଜରିଆରେ ଆମେ ଆମର ପ୍ରିୟ ଗ୍ରାହକଙ୍କୁ ଆକର୍ଷଣୀୟ ଜୁଏଲେରି ସୁଲଭ ଓ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ମାଲାବାର ସର୍ବଦା ଗ୍ରାହକ କେନ୍ଦ୍ରିକ ସେବା ଓ ସାମଗ୍ରୀକୁ ଗୁରୁତ୍ୱ ଦେଇଥାଏ। ବିଶେଷକରି ଆମର ଏକ୍ସକ୍ଲୁସିଭ ଡିଜାଇନ ଓ ବ୍ରାଣ୍ଡ୍ ପାର୍ବଣ ପୂର୍ବରୁ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ଡୁରିଆନ୍‌ର ଗ୍ରାଣ୍ଡ୍ ଫେଷ୍ଟିଭ ଅଫର

ଭୁବନେଶ୍ୱର,୭।୧୦




ଦେଶର ପ୍ରମୁଖ ଫର୍ନିଚର ବ୍ରାଣ୍ଡ୍ ଡୁରିଆନ୍‌ର ବହୁ ପ୍ରତୀକ୍ଷିତ ' ଗ୍ରାଣ୍ଡ୍ ଫେଷ୍ଟିଭ ଅଫର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କେତେକ ସ୍ୱତନ୍ତ୍ର ସାମଗ୍ରୀ ଉପରେ ଫ୍ଲାଟ୍ ୫୦%ର ରିହାତି ଅଫର ଦିଆଯାଉଛି। ଏହା ସବୁ ବର୍ଗର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ବ୍ରାଣ୍ଡ୍ (କମ୍ପାନୀ) ପକ୍ଷରୁ କୁହାଯାଇଛି। ଏପରିକି ଚଳିତ ବର୍ଷର ପାର୍ବଣ ପୂର୍ବରୁ ବ୍ରାଣ୍ଡ୍‌ର ମେଗା ସେଲ୍ ଉଭୟ ବ୍ରାଣ୍ଡ୍ ଓ ବ୍ୟବସାୟ ପାଇଁ ବେଶ୍ ଉତ୍ସାହଜନକ ରହିଥିଲା। ଏହି ପରିପ୍ରେକ୍ଷୀରେ ଗ୍ରାହକମାନେ ଡୁରିଆନ୍‌ର ସମସ୍ତ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ସହ ରିହାତି ସୁବିଧା ଓ ୫ବର୍ଷର ୱାରେଣ୍ଟି ଭଳି ସୁବିଧା ପାଉଛନ୍ତି। ସେହିଭଳି ଡୁରିଆନ୍‌ର ସମସ୍ତ ଉତ୍ପାଦ ମେଡ୍ ଇନ୍ ଇଣ୍ଡିଆ ହୋଇଥିବାବେଳେ ଗ୍ରାହକଙ୍କୁ ଗୁଣାତ୍ମକ ମାନର ପ୍ରିମିୟମ ପ୍ରଡକ୍ଟ ଯୋଗାଇ ଦିଆଯାଇଥାଏ। ଉଲ୍ଲେଖଯୋଗ୍ୟ, ଡରୁଆନ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱରର ପଟିଆ ( ନନ୍ଦନକାନ ରୋଡ୍ ହରିୟାଣ ହ୍ୟାଣ୍ଡଲୁମ୍ ସମ୍ମୁଖ) ଏବଂ ସାମନ୍ତରାୟପୁର ଠାରେ ରହିଛି। ସୂଚନାଯୋଗ୍ୟ, ଏଠାରେ ଡୁରିଆନ୍‌ର ସୋଫା,ବେଡ୍, ଚେୟାର, ଟେବୁଲ ସହ ଲିଭିଂ ରୁମ୍, ବେଡ୍ ରୁମ୍ ଏବଂ ଅଫିସ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ଫର୍ନିଚର ଉପଲବ୍ଧ।

## ୨ଦିନିଆ ଫେଷ୍ଟିଭ୍ ଫ୍ଲି ଉଦ୍‌ଘାଟିତ



ଭୁବନେଶ୍ୱର,୭।୧୦

ରାଜ୍ୟର ଅଗ୍ରଣୀ ଷ୍ଟାର୍ଟଅପ୍ ୟୁନିଟ୍ 'ହାତକଥା' ପକ୍ଷରୁ ୨ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଫେଷ୍ଟିଭ୍ ଫ୍ଲି' ଆନୁଷ୍ଠାନିକ ଭାବେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର କଟକ ରୋଡ୍‌ସ୍ଥିତ ପ୍ରାଙ୍ଗନ ମ୍ୟାଙ୍ଗୋ ହୋଟେଲଠାରେ ଆୟୋଜିତ ୨ ଦିନିଆ 'ଫେଷ୍ଟିଭ୍ ଫ୍ଲି'କୁ ଆଇଏନ୍‌ଡବ୍ଲୁଇସିର ଜାତୀୟ ଅଧ୍ୟକ୍ଷା ସୁକୀର୍ତ୍ତି ପଟ୍ଟନାୟକ ଏବଂ ଆଇଏନ୍‌ଡବ୍ଲୁଇସିର ସହ ଆବାହିକା ପ୍ରୀତିପଲ୍ଲବୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ୧୭ରୁ ଅଧିକ ବିଭିନ୍ନ ବ୍ରାଣ୍ଡ୍‌ର ଭଲିକି ଭଲି ପୋଷାକ ସାଙ୍ଗକୁ ସୂକ୍ଷ୍ମ ହ୍ୟାଣ୍ଡଲୁମ୍ ଶାଢ଼ି, ଡିଜାଇନ ଅଳଙ୍କାର, ଘର ସାଜସଜ୍ଜା, ଆସବାବପତ୍ର ଏବଂ ଉପହାର ଆଦି ଉଭୟ ପ୍ରଦର୍ଶନୀ ଏବଂ ବିକ୍ରୟ ପାଇଁ ଉପଲବ୍ଧ। ଏପରିକି ଉପରୋକ୍ତ ଉତ୍ପାଦଗୁଡ଼ିକ ୨୦୨୩ ଅକ୍ଟୋବର ୭ ଏବଂ ୮ରେ ଉକ୍ତ ପ୍ରଦର୍ଶନୀରେ ଉପଲବ୍ଧ ହେବ। ଏହି ପ୍ରଦର୍ଶନୀ ଓଡ଼ିଶାର ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଆୟୋଜନ କରାଯାଇଛି। ଏ ସମ୍ପର୍କରେ ହାତକଥାର ପ୍ରତିଷ୍ଠାତା ସୋନିକା ପ୍ରଧାନ କହିଛନ୍ତି, ଆପଣଙ୍କୁ 'ଫେଷ୍ଟିଭ୍ ଫ୍ଲି'କୁ ନିମନ୍ତ୍ରଣ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଶପିଂକୁ ମନେରଖିବା ପାଇଁ ଏକ ଅନୁଭୂତି ମିଳିଥାଏ।

## ବିଶ୍ୱ ଗହଣା ସଂଘ ଦ୍ୱାରା ଜୟ ଆଲୁକ୍କାସ ସମ୍ମାନିତ

ଭୁବନେଶ୍ୱର,୭।୧୦



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଜୟ ଆଲୁକ୍କାସ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସଙ୍କୁ ନିକଟରେ ଆଉ ଏକ ଅନ୍ତର୍ଜାତୀୟସ୍ତରୀୟ ସମ୍ମାନ ଦିଆଯାଇଛି। ବିଶେଷକରି ଭାରତ ଏବଂ ବିଶ୍ୱରେ ଗହଣା କ୍ଷେତ୍ରକୁ ଅସାଧାରଣ ଯୋଗଦାନ ପାଇଁ ଜୟ ଆଲୁକ୍କାସଙ୍କୁ ବିଶ୍ୱ ଗହଣା ସଂଘ ଦ୍ୱାରା ଏକ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ବିଶ୍ୱ ଗହଣା ସଂଘର ସିଆଇବିଜେଓ କଂଗ୍ରେସ-୨୦୨୩ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଗହଣା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜୟ ଆଲୁକ୍କାସଙ୍କ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ଜନ୍ ପଲ୍ ଆଲୁକ୍କାସ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଏ ନେଇ ଜୟ ଆଲୁକ୍କାସ କହିଛନ୍ତି, ବିଶ୍ୱ ଗହଣା ସଂଘଠାରୁ ଏହି ପୁରସ୍କାର ପାଇଁ ମୁଁ ଗଭୀର ଭାବେ ସମ୍ମାନିତ ଓ କୃତଜ୍ଞ ଅନୁଭବ କରୁଛି। ସମ୍ପୂର୍ଣ୍ଣ ଜୟଆଲୁକ୍କାସ ଟିମ୍‌ର କଠିନ ପରିଶ୍ରମ ଓ ସମର୍ପଣ ଏବଂ ଆମ ଗ୍ରାହକଙ୍କ ପ୍ରତି ଆମ ଅତୁଟ ପ୍ରତିବଦ୍ଧତା କାରଣରୁଏହି ପୁରସ୍କାର ମିଳିପାରିଛି। ଆମ ସଂଗଠନର ପ୍ରତ୍ୟେକ ସଦସ୍ୟ ଏହି ସମ୍ମାନର ହକ୍‌ଦାର।

## ଟିପିସିଓଡିଏଲ୍‌ର ନୂତନ ସିସିସି

ଭୁବନେଶ୍ୱର,୭।୧୦

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ନୂତନ ଗ୍ରାହକ ସେବା କେନ୍ଦ୍ର (ସିସିସି) ଆଠଗଡ଼ଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଉତ୍ସର୍ଗୀକୃତ ଗ୍ରାହକ ସେବା କେନ୍ଦ୍ର ଜରିଆରେ ସମସ୍ତ ଗ୍ରାହକ ପ୍ରଶ୍ନ ଓ ଅଭିଯୋଗର ପରିଚାଳନା କରିବା ଏବଂ ବିଭିନ୍ନ ଉପଲବ୍ଧ ଅନ୍‌ଲାଇନ ସେବା ଜରିଆରେ ସେମାନଙ୍କୁ ସଚେତନ କରିବା ଲାଗି ଏହା ଏକ ଭଲ ପଦକ୍ଷେପ ହୋଇଥିବାବେଳେ ଶ୍ରେଷ୍ଠ ମାନର ଗ୍ରାହକ ସେବା ପ୍ରଦାନ କରିବା ଲାଗି ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି। ବିଶେଷକରି କମ୍ପାନୀର ଆଠଗଡ଼ ବିଦ୍ୟୁତ୍ ଡିଭିଜନ (ମଣ୍ଡଳ)ର ଗ୍ରାହକଙ୍କୁ ଶ୍ରେଷ୍ଠ ସେବା ପ୍ରଦାନ କରିବା ଯାତ୍ରାରେ ଏହି କେନ୍ଦ୍ର ବେଶ୍ ସହାୟକ ହେବ।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଗ୍ରାହକ ସେବାରେ ଉନ୍ନତି ଆଣିବାର ନିରନ୍ତର ସନ୍ଧାନରେ ଆମେ ଆଠଗଡ଼ଠାରେ ଉକ୍ତ ସିସିସିର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଉକ୍ତ ମଣ୍ଡଳର ଘରଗୁଡ଼ିକୁ ଆଲୋକିତ କରୁଥିବା ବେଳେ ଖୁସି ଓ ସନ୍ତୁଷ୍ଟି ପ୍ରଦାନ କରୁଛୁ ବୋଲି ସିଂହ ମତପ୍ରକାଶ କରିଛନ୍ତି।

## ଆର୍‌ଆର୍‌ଭିଏଲ୍‌ରେ ନିବେଶ କରିବ ଏଡିଆଇଏ

ଭୁବନେଶ୍ୱର,୭।୧୦

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପ୍ରମୁଖ କମ୍ପାନୀ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ (ଆର୍‌ଆର୍‌ଭିଏଲ୍)ରେ ଆବୁଧାବି ଇନ୍‌ଭେଷ୍ଟମେଣ୍ଟ ଅଥୋରିଟି (ଏଡିଆଇଏ)ର ଏକ ପୂର୍ଣ୍ଣ ଅଧିକୃତ ସହଯୋଗୀ ସଂସ୍ଥା ପ୍ରାୟ ୫୦୦୦ (୪୯୬୬.୮୦) କୋଟି ଟଙ୍କାର ପୁଞ୍ଜିନିବେଶ କରିବା ନେଇ ଆର୍‌ଆର୍‌ଭିଏଲ୍ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଏଡିଆଇଏର ଏହି ନିବେଶ ପୂର୍ଣ୍ଣ ବିଘଟିତ ଭାବେ ଆର୍‌ଆର୍‌ଭିଏଲ୍‌ର ୦.୫୯% ଇକ୍ୱିଟି ଅଂଶରେ ପରିବର୍ତ୍ତିତ ହେବ। ଏହି ନିବେଶ ଆର୍‌ଆର୍‌ଭିଏଲ୍‌ର ପ୍ରି-ମନି ଇକ୍ୱିଟି ମୂଲ୍ୟ ୮.୩୮୧ ଲକ୍ଷ କୋଟି ଟଙ୍କା ଆକଳନ କରିଛି, ଯାହା ଇକ୍ୱିଟି ମୂଲ୍ୟ ହିସାବରେ ଦେଶର ଚାରି ଅଗ୍ରଣୀ କମ୍ପାନୀ ମଧ୍ୟରେ ରହିଛି। ବିଶେଷ କରି ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍‌ର ସହଯୋଗୀ କମ୍ପାନୀଗୁଡିକ ଜରିଆରେ ଭାରତର ସର୍ବବୃହତ୍ ତଥା ଦ୍ରୁତ ଅଭିବୃଦ୍ଧିଶୀଳ ଏବଂ ସର୍ବାଧିକ ଲାଭଦାୟକ ରିଟେଲ ବ୍ୟବସାୟ ପରିଚାଳନା କରୁଛି। ଏପରିକି ଗ୍ରୋସରି, କଞ୍ଜୁମର ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ ଓ ଲାଇଫଷ୍ଟାଇଲ ଏବଂ ଫାର୍ମା ଉପଭୋକ୍ତା ବର୍ଗରେ ୧୮,୫୦୦ରୁ ଊର୍ଦ୍ଧ୍ୱ ଷ୍ଟୋର ଏବଂ ଡିଜିଟାଲ କମର୍ସ ପ୍ଲାଟ୍‌ଫର୍ମ ନେଟ୍‌ୱାର୍କ ଜରିଆରେ ମଧ୍ୟ ଏହା ୨୬୭ ନିୟୁତରୁ ଅଧିକ ନିୟମିତ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରୁଛି।

ଏ ସମ୍ପର୍କରେ ଆର୍‌ଆର୍‌ଭିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ୍ ଅମ୍ବାନୀ କହିଛନ୍ତି, ଆର୍‌ଆର୍‌ଭିଏଲ୍‌ର ଏକ ନିବେଶକ ଭାବେ ଏଡିଆଇଏ ସହିତ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବିଶ୍ୱରେ ମୂଲ୍ୟ ସୃଷ୍ଟି କରିବା କ୍ଷେତ୍ରରେ ସେମାନଙ୍କର ରହିଥିବା ସୁଦୀର୍ଘ ଅଭିଜ୍ଞତା ଆମକୁ ଭାରତର ରିଟେଲ କ୍ଷେତ୍ରକୁ ପରିବର୍ଦ୍ଧିତ କରିବା ନେଇ ଆମର ରହିଥିବା ଲକ୍ଷ୍ୟ ହାସଲରେ ବେଶ୍ ସହାୟକ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଏଡିଆଇଏ ଘରୋଇ ଇକ୍ୱିଟି ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହମଦ ସାୱନ୍ ଆଲ୍‌ଡ଼ାହେରି କହିଛନ୍ତି, ଦ୍ରୁତଗତିରେ ଆଗକୁ ବଢୁଥିବା ଏକ ବଜାରରେ ରିଲାଏନ୍ସ ରିଟେଲ ଦୃଢ ଅଭିବୃଦ୍ଧି ଓ ନମନୀୟତା ପ୍ରଦର୍ଶିତ କରିଛି। ରିଲାଏନ୍ସ ସହିତ ଆମର ସହଭାଗିତା ବଢ଼ାଇ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଉପଭୋକ୍ତା କ୍ଷେତ୍ରରେ ଆମ ଉପସ୍ଥିତି ବୃଦ୍ଧିକରି ଆମେ ବେଶ୍ ଆନନ୍ଦିତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଗୋ ଗ୍ରୀନ୍ ପୋର୍ଟାଲର ଲୋକାର୍ପଣ

ଭୁବନେଶ୍ୱର,୭।୧୦




ରାଜ୍ୟର ପ୍ରମୁଖ କର୍ପୋରେଶନ ତଥା ଗ୍ରୀଡ୍‌କୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଗୋ ଗ୍ରୀନ୍'ପୋର୍ଟାଲର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଓଡ଼ିଶା ସରକାରଙ୍କ ସବୁଜ ଶକ୍ତିର ବହୁଳ ଉତ୍ପାଦନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ଅନ୍ୟତମ ପ୍ରୟାସ ସ୍ୱରୂପ ଉକ୍ତ ପୋର୍ଟାଲ ଇତିମଧ୍ୟରେ ଲୋକାର୍ପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗ୍ରୀଡ୍‌କୋର ଅଧ୍ୟକ୍ଷ ନିକୁଞ୍ଜ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉକ୍ତ ପୋର୍ଟାଲକୁ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ, ଓପିଜିସିର ପରିଚାଳନା ନିର୍ଦ୍ଦେଶକ, ବିଦ୍ୟୁତ୍ ନିୟାମକ ଆୟୋଗର ନିର୍ଦ୍ଦେଶକ, ଏସ୍‌ଏଲ୍‌ଡିସିର ନିର୍ଦ୍ଦେଶକ, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଗ୍ରୀଡ୍‌କୋର ସମସ୍ତ ନିର୍ଦ୍ଦେଶକ,ଓରେଡାର ମୁଖ୍ୟ କାର୍ଯ୍ୟନିର୍ବାହୀ, ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଧଳ କହିଥିଲ, ଅକ୍ଷୟ ଶକ୍ତି ବିକାଶକାରୀଙ୍କ ପାଇଁ ଉକ୍ତ ପୋର୍ଟାଲ ଅତ୍ୟନ୍ତ ଉପଯୋଗୀ ଏବଂ ସେମାନଙ୍କ ପ୍ରକଳ୍ପଗୁଡିକ ତୁରନ୍ତ ମଞ୍ଜୁର ହେବା ଦିଗରେ ଏହା ବେଶ୍ ସହାୟକ ହେବ। ଏଥିସହ ଉକ୍ତ ପୋର୍ଟାଲ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡିକର ଅନୁମୋଦନ ଲାଗି ଆବଶ୍ୟକ ପ୍ରକ୍ରିୟାର ନିରୀକ୍ଷଣକୁ ମଧ୍ୟ ଅଧିକ ପ୍ରଭାବଶାଳୀ କରିବ। ଏତଦ୍ୱ୍ୟତୀତ, ଉକ୍ତ ପୋର୍ଟାଲ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡିକର ସମୀକ୍ଷା ଏବଂ ଅନୁମୋଦନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ସହ ପ୍ରକଳ୍ପ ପଞ୍ଜୀକରଣ, ଟ୍ରାକିଂ ଏବଂ ଯୋଗାଯୋଗ ପାଇଁ ମଧ୍ୟ ଏକ ନିରାପଦ ତଥା ଦକ୍ଷ ମାଧ୍ୟମ ଭାବେ କାର୍ଯ୍ୟ କରିବ। ବିଶେଷକରି ଏହା ସାମଗ୍ରିକ ଭାବେ ରାଜ୍ୟରେ ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶ,କାର୍ଯ୍ୟାନ୍ୱୟନ ଏବଂ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରିବ। ଅପରପକ୍ଷରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ର ଆବଶ୍ୟକତା ଅନୁଯାୟୀ, ଗ୍ରୀଡ୍‌କୋ ଦ୍ୱାରା ବିକଶିତ ଏହି ୱେବ୍ ପୋର୍ଟାଲ, ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଦିଷ୍ଟ ରହିଛି। ଏପରିକି ଅକ୍ଷୟ ଶକ୍ତି ବିକାଶକାରୀଙ୍କ ପାଇଁ ଏହା ଏକ ସିଙ୍ଗଲ ୱିଣ୍ଡୋ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ ବୋଲି ଗ୍ରୀଡ୍‌କୋ ପକ୍ଷରୁ କୁହାଯାଇଛି।

# ଦେଶର ସୁରକ୍ଷା ବାୟୁସେନା ହାତରେ



ଭାରତୀୟ ବାୟୁସେନା କେବଳ ଭାରତ ଭୂଖଣ୍ଡର ରକ୍ଷା କରେ ନାହିଁ, ସମସ୍ତ ପ୍ରକାର ବିପଦରୁ ଦେଶକୁ ସୁରକ୍ଷା ପ୍ରଦାନ କରେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ସାହାଯ୍ୟ କରେ। ଯୁଦ୍ଧକ୍ଷେତ୍ରରେ ଭାରତୀୟ ସେନାକୁ ସମସ୍ତ ପ୍ରକାର ସମର୍ଥନ ଯୋଗାଇଥାଏ। ଆକାଶ ମାର୍ଗକୁ ସୁରକ୍ଷା ଦେବା, ମାନବିକ ସହାୟତା ତଥା ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ବାୟୁସେନାର ବଳିଷ୍ଠ ଯୋଗଦାନ ରହିଛି। ବାୟୁସେନା ଭାରତୀୟ ସଶସ୍ତ୍ର ବାହିନୀର ଏକ ଅଭିନ୍ନ ଅଙ୍ଗ। ସ୍ୱାଧୀନତା ପରଠାରୁ ଭାରତୀୟ ବାୟୁସେନା ୪ଟି ଯୁଦ୍ଧରେ ସାମିଲ ହୋଇସାରିଛି । ସେଥିମଧ୍ୟରୁ ତିନୋଟି ପାକିସ୍ତାନ ବିରୋଧରେ ଏବଂ ଗୋଟିଏ ଚାଇନା ବିରୋଧରେ ରହିଛି । ଏହା ବ୍ୟତୀତ ଜାତିସଂଘର ଶାନ୍ତିରକ୍ଷା କାର୍ଯ୍ୟରେ ଭାରତୀୟ ବାୟୁସେନା ମଧ୍ୟ ସହଯୋଗ କରିଛି । ଭାରତୀୟ ସୀମାକୁ ଅକ୍ଷୁଣ୍ଣ ରଖିବା ପାଇଁ ବାୟୁସେନାର ଉଦ୍ୟମ ପ୍ରଶଂସନୀୟ। ଆମେରିକା, ଚାଇନା ଓ ରୁଷିଆ ପରେ ବିଶ୍ୱର ଚତୁର୍ଥ ସର୍ବବୃହତ୍ ବାୟୁଶକ୍ତି ହେଉଛି ଭାରତୀୟ ବାୟୁସେନା' ୮ ଅକ୍ଟୋବର ୧୯୩୨ରେ ପ୍ରତିଷ୍ଠା ହୋଇଥିଲା ବାୟୁସେନା, ସେବେଠାରୁ ଆଜି ପର୍ଯ୍ୟନ୍ତ ଏହି ଦିନକୁ ପ୍ରତିବର୍ଷ ବାୟୁସେନା ଦିବସ ଭାବେ ପାଳନ କରାଯାଏ। ଏହି ଦିବସ ଅବସରରେ ଭାରତୀୟ ବାୟୁସେନା ପକ୍ଷରୁ ପରେଡ ଓ ଭବ୍ୟ ଏୟାର ଶୋ'ର ଆୟୋଜନ କରାଯାଇଥାଏ।ଏହି ଦିନ ବ୍ରିଟିଶ ସାମ୍ରାଜ୍ୟ ଦ୍ୱାରା ଔପଚାରିକ ଭାବେ ଭାରତୀୟ ବାୟୁସେନାର ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଭାରତୀୟ ବାୟୁସେନା ୯୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଭାରତୀୟ ବାୟୁସେନା ୧୯୩୩ ମସିହା ଏପ୍ରିଲ ୧ରେ ପ୍ରଥମ ଥର ପାଇଁ ନିଜର ପ୍ରତିଷ୍ଠାକୁ ଜାହିର କରିଥିଲା। ବ୍ରିଟିଶ ସାମ୍ରାଜ୍ୟର ବାୟୁସେନାର ୟୁନିଟ ଭାବରେ ଭାରତୀୟ ବାୟୁସେନାର ପ୍ରତିଷ୍ଠା କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବାୟୁସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଏହାକୁ ରୟାଲ ଇଣ୍ଡିଆନ ଏୟାର ଫୋର୍ସ ଭାବେ ବିଶ୍ୱ ଦରବାରରେ ପରିଚିତ କରାଯାଇଥିଲା। କିନ୍ତୁ ସ୍ୱାଧୀନତାର ୩ବର୍ଷ ପରେ ୧୯୫୦ ମସିହାରେ ଏହାକୁ ହଟାଇ ଦିଆଯାଇଥିଲା। ସେବେଠାରୁ ଏହା ଭାରତୀୟ ବାୟୁସେନା ନାମରେ ନାମିତ ହୋଇଛି। ପୂର୍ବରୁ ଦିଲ୍ଲୀର ପାଲାମ ବିମାନବନ୍ଦରରେ ବାୟୁସେନା ଦିବସ ପାଳନର ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ମାତ୍ର ୨୦୦୬ ପରଠାରୁ ଉତ୍ତରପ୍ରଦେଶ ଗାଜିଆବାଦସ୍ଥିତ ହିଣ୍ଡନ୍ ଏୟାର ବେସ୍‌ରେ ଏହା ପାଳନ କରାଯାଉଛି।

**ଭାରତୀୟ ବାୟୁସେନା ଦିବସ**

# ନଭେମ୍ବର ୩ରେ ସୁସ୍ମିତାଙ୍କ 'ଆର୍ଯ୍ୟା ୩'



**ମୁମ୍ବାଇ**

ବଲିଉଡ୍‌ର ଜଣେ ବୁଦ୍ଧିମାନ ଅଭିନେତ୍ରୀ ହେଉଛନ୍ତି ସୁସ୍ମିତା ସେନ୍। ଫିଲ୍ମ ସହିତ ସେ ଅନେକ ଓଟିଟିରେ ଧମାଲ କରୁଛନ୍ତି। ତାଙ୍କ 'ଆର୍ଯ୍ୟା' ୱେବ୍ ସିରିଜ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ତେବେ ଆର୍ଯ୍ୟାର ୩ୟ ସିଜନରେ ମଧ୍ୟ ଖୁବ୍‌ଶୀଘ୍ର ତାଙ୍କୁ ଦେଖିବାକୁ ମିଳିବ। ଚଳିତବର୍ଷ ପ୍ରାରମ୍ଭରେ ଅଭିନେତ୍ରୀ ହୃଦ୍‌ଘାତରେ ପୀଡ଼ିତ ଥାଇ ମଧ୍ୟ ସେ ତାଙ୍କ ଧାରାବାହିକ ପାଇଁ ଶୁଟିଂ କରିଥିଲେ। ଅଭିନେତ୍ରୀ 'ଆର୍ଯ୍ୟା ୩'ର ପ୍ରୋମୋ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଭିଡିଓରେ 'ଆର୍ଯ୍ୟା ୩' ନଭେମ୍ବର ୩ରେ ରିଲିଜ୍ ନେଇ ଘୋଷଣା କରିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, ଶେରନୀ ଫେରିବାର ସମୟ ଆସିଛି। ନିକଟରେ ସୁସ୍ମିତାଙ୍କ ଏମି-ମନୋନୀତ ଥ୍ରିଲର ସିରିଜର ନୂଆ ସିଜନର ଶୁଟିଂ ଶେଷ ହୋଇଛି। ସୁସ୍ମିତା ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ଅତୀତକୁ ମୁକ୍ତ କରି ନିଜ କାହାଣୀ ଲେଖୁଛନ୍ତି। ରାମ ମାଧବାନୀ ଏବଂ ସନ୍ଦୀପ ମୋଦିଙ୍କ ଦ୍ୱାରା ନିର୍ଦ୍ଦେଶିତ ଆର୍ଯ୍ୟା ଏକ ଡଚ୍ କ୍ରାଇମ ଡ୍ରାମାର ଅଫିସିଆଲ ରିମେକ୍। ଏଥିରେ ଜଣେ ମଧ୍ୟବୟସ୍କା ତାଙ୍କ ପରିବାରକୁ ସମସ୍ତ ଅସୁବିଧାରୁ ରକ୍ଷା କରିବାକୁ ସଂଗ୍ରାମ କରିଥିବା ଦେଖିବାକୁ ମିଳିଛି।



# ସବୁଠୁ ବଡ଼ ପିଟ୍‌ବୁଲ

**ୱାଶିଂଟନ**

ବର୍ତ୍ତମାନ ସମୟରେ ବଜାରରେ କୁକୁରର ବିଭିନ୍ନ ପ୍ରଜାତି ମିଳୁଛି। ସେମାନଙ୍କ ମଧ୍ୟରେ କିଛି କ୍ଷତିକାରକ କୁକୁର ମଧ୍ୟ ଅଛନ୍ତି। ତେବେ ପିଟ୍‌ବୁଲ ତା' ମଧ୍ୟରୁ ଗୋଟିଏ। ସୋସିଆଲ ମିଡିଆରେ ଆମେରିକାର ବାସିନ୍ଦା ମର୍ଲୋନ ଗ୍ରୀନନ ତାଙ୍କ ପାଳିତ ପିଟ୍‌ବୁଲର ଫଟୋ ଶେୟାର କରିଛନ୍ତି। ଏହା ଦୁନିଆର ସବୁଠୁ ବଡ଼ ପିଟ୍‌ବୁଲ କୁକୁର ବୋଲି ସେ ଦାବି କରିଛନ୍ତି। ଏଥିସହ ସେ ତାଙ୍କ ପାଳିତ କୁକୁର ବାବଦରେ କିଛି କଥା ମଧ୍ୟ ଶେୟାର କରିଛନ୍ତି। ବ୍ୟକ୍ତି ଜଣକ ପିଟ୍‌ବୁଲର ନାମ ହଲ୍କ ରଖିଛନ୍ତି। କୁକୁରର ଓଜନ ୮୦ କି.ଗ୍ରା. ହୋଇଥିବାବେଳେ ସେ ପଛ ଗୋଡ଼ରେ ଠିଆ ହେଲେ ତା' ଉଚ୍ଚତା ୬ ଫୁଟ୍ ହେବ। ମର୍ଲୋନ କୁକୁରଙ୍କ ବ୍ରିଡ୍‌ର ସୁରକ୍ଷା ପାଇଁ କାମ କରନ୍ତି। ତେବେ ସେଠାରେ ହଲ୍କକୁ ଦେଖି ଲୋକେ ଡରିଯାଆନ୍ତି। ମର୍ଲୋନ କହିଛନ୍ତି, କିଛିଦିନ ହେବ ଏହି ପ୍ରଜାତିର କୁକୁରଙ୍କ ଉପରେ ବ୍ୟାନ ଲଗାଯିବାକୁ କୁହାଯାଉଛି। ହଲ୍କର ମୂଲ୍ୟ ୨ କୋଟିରୁ ଊର୍ଦ୍ଧ୍ୱ ହେବ। ହଲ୍କର କିଛି ଛୁଆକୁ ବ୍ରିଟେନରେ ବେଆଇନ ଭାବେ ବିକ୍ରି କରାଯାଇଛି। ତାହା ମଧ୍ୟ ବହୁତ ଉଚ୍ଚ ଦରରେ। ସୂଚନାନୁଯାୟୀ, ବ୍ରିଟେନରେ ପିଟ୍‌ବୁଲ କୁକୁରକୁ ବ୍ୟାନ୍ କରାଯାଇଛି। ହେଲେ ମଧ୍ୟ ଲୋକେ ସେଠାରେ ଏହି କୁକୁରକୁ ବେଆଇନ ଭାବେ ପାଳୁଛନ୍ତି।

# ହସ୍ପିଟାଲରେ କର୍କଟ ପୀଡ଼ିତାଙ୍କ ରୋଜଗାର



**ଲଣ୍ଡନ**

କର୍କଟ ଭଳି ରୋଗ ହେଲେ ଲୋକେ ବଞ୍ଚିବାର ଆଶା ପ୍ରାୟତଃ ଛାଡ଼ି ଦେଇଥାନ୍ତି। ବ୍ୟକ୍ତି ଜଣଙ୍କ ପରିବାର ଉପରେ ନିର୍ଭରଶୀଳ ମଧ୍ୟ ହୋଇଯାନ୍ତି। ତାଙ୍କ ଚିକିତ୍ସାର ଖର୍ଚ୍ଚ ମଧ୍ୟ ବଢିଯାଏ। ତେବେ ନିକଟରେ ବ୍ରିଟେନର ଜଣେ କର୍କଟ ପୀଡ଼ିତା ହସ୍ପିଟାଲରେ ରହି କିଛି ନୂଆ କରିବାର ଉପାୟ ବାହାର କଲେ। କର୍କଟ ପାଇଁ ଜୀବନ ବଞ୍ଚିବା ଆଶା ଛାଡ଼ି ଦେଇଥିବା ୨୦ ବର୍ଷୀୟା ଭାଲେଣ୍ଟିନାଙ୍କ ପାଖରେ ଚିକିତ୍ସା କାରଣରୁ ସମସ୍ତ ଟଙ୍କା ସରିଯାଇଥିଲା। ତାଙ୍କୁ ଲାଗିଲା ଯେ ଟଙ୍କା ଅଭାବରୁ ସେ ନିଜର ଚିକିତ୍ସା କରି ନ ପାରି ଯେପରି ମରିଯିବେ। ଭାଲେଣ୍ଟିନାଙ୍କୁ ୨୦୨୧ରେ ଆକ୍ୟୁଟ୍ ମାଏଲଏଡ୍ ଲ୍ୟୁକେମିଆ କ୍ୟାନ୍ସର ଅଫ୍ ବ୍ଲକ ଆଣ୍ଡ ବୋନମ୍ୟାରୋ ହୋଇଥିବା ସେ ଜାଣିବାକୁ ପାଇଲେ। ଏହାପରେ ସେ କୋମାକୁ ଚାଲିଗଲେ। ତାଙ୍କର ଏପରି ରୋଗ ପାଇଁ ସେ ଚାକିରି ବି କରିପାରୁ ନ ଥିଲେ। ଏହା ମଧ୍ୟରେ ତାଙ୍କୁ ଟଙ୍କା ରୋଜଗାର କରିବାର ଏକ ଉପାୟ ଆସିଲା। ତାଙ୍କର କେମୋଥେରାପିରୁ ବିରତି ମିଳିବା ପରେ ସେ ନିଜର ବୋଲ୍ଡ ଫଟୋ ଉଠାଇ ତା' ଜରିଆରେ ଟଙ୍କା ରୋଜଗାର କରିବାକୁ ଲାଗିଲେ। ଏଥିସହ ସେ ମାସରେ ଥରେ କିମ୍ବା ନିଜର ସମୟ ବାହାର କରି ଅନ୍‌ଲାଇନରେ କିଛି ପ୍ରେରଣାତ୍ମକ କଣ୍ଟେଣ୍ଟ ଲେଖି ତା' ମାଧ୍ୟମରେ ଟଙ୍କା ରୋଜଗାର କରିଥିବା କହିଛନ୍ତି। ଭାଲେଣ୍ଟିନା ହସ୍ପିଟାଲରେ ୧୫ ହଜାର ପାଉଣ୍ଡ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରି ତାଙ୍କ ଚିକିତ୍ସାରେ ବ୍ୟବହାର କରିଥିଲେ। ତାଙ୍କ ଚିକିତ୍ସାକୁ ୨ ବର୍ଷ ବିତିଯାଇଥିବାବେଳେ ସେ ମଧ୍ୟ ସୁସ୍ଥ ହେଉଥିବା କହିଛନ୍ତି।

**ରାଜ୍ୟ ଖବର**

# ମିଲେଟ୍‌ଭିତ୍ତିକ ଉତ୍ପାଦ ଉପରୁ ଜିଏସ୍‌ଟି ହ୍ରାସ ପାଇଁ ଓଡ଼ିଶାର ଦାବି

**ଭୁବନେଶ୍ୱର,୭।୧୦(ଅନିଲ ଦାସ)**

**ଜିଏସ୍‌ଟି ପରିଷଦର ୫୨ତମ ବୈଠକ**

ମିଲେଟ୍‌ଭିତ୍ତିକ ଉତ୍ପାଦ ଉପରୁ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ହ୍ରାସ କରିବାକୁ ଓଡ଼ିଶା ପକ୍ଷରୁ ଦାବି କରାଯାଇଛି। ଶନିବାର ନୂଆଦିଲ୍ଲୀସ୍ଥିତ ସୁଷମା ସ୍ୱରାଜ ଭବନଠାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୫୨ତମ ବୈଠକରେ ଯୋଗଦେଇ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ଦାବି କରିଛନ୍ତି।

ସେ କହିଛନ୍ତି ଯେ ମିଲେଟ୍ ମିଶନ ମାଧ୍ୟମରେ ମିଲେଟ୍ ଚାଷକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ। ମିଲେଟ୍ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ମିଲେଟ୍ ମିଶନ ମଡେଲକୁ ଗ୍ରହଣ କରିବାକୁ ଭାରତ ସରକାର ସମସ୍ତ ରାଜ୍ୟକୁ କହିଛନ୍ତି। ମିଲେଟ୍‌ଭିତ୍ତିକ ଉତ୍ପାଦ ଉପରେ ଜିଏସ୍‌ଟି ହାର ହ୍ରାସ ଓଡ଼ିଶା ମିଲେଟ୍ ମିଶନ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଅଧିକରୁ ଅଧିକ ଲୋକ ମିଲେଟ୍‌କୁ ନିଜ ଖାଦ୍ୟରେ ସାମିଲ କରିବା ପାଇଁ ଉତ୍ସାହିତ ହୋଇପାରିବେ। ଏଥିସହିତ ସ୍ଥାନୀୟ ମିଲେଟ୍ ଚାଷୀମାନଙ୍କୁ ସହାୟତା ମିଳିପାରିବ। ଓଡ଼ିଶାରେ ବିଶେଷକରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବ୍ୟବସାୟିକ ସୁଯୋଗର ସାମଗ୍ରିକ ବିକାଶରେ ଏହା ସହାୟକ ହେବ। କେବଳ ସେତିକି ନୁହେଁ, ଜିଏସ୍‌ଟି ହାର ହ୍ରାସ ଦ୍ୱାରା ମିଲେଟ୍ ଆଧାରିତ ସ୍ୱାସ୍ଥ୍ୟ ମିଶ୍ରଣ ଉତ୍ପାଦନରେ ନିୟୋଜିତ ଉଦ୍ୟୋଗୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ସୁନିଶ୍ଚିତ ହୋଇପାରିବ।

ଏଥିସହିତ ଡିଏମ୍‌ଏଫ୍ ଟ୍ରଷ୍ଟ ପକ୍ଷରୁ ଦିଆଯାଉଥିବା ସେବା ଉପରେ ଜିଏସ୍‌ଟି ଛାଡ଼ ପାଇଁ ଓଡ଼ିଶା ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଫିଟ୍‌ମେଣ୍ଟ କମିଟି ଓଡ଼ିଶାର ପ୍ରସ୍ତାବକୁ ଅନୁଧ୍ୟାନ କରିଥିଲା ଏବଂ ଏହା ସ୍ପଷ୍ଟ କରିବାକୁ ସୁପାରିସ କରିଥିଲା ଯେ ଡିଏମ୍‌ଏଫ୍‌ଟି ଏକ ସରକାରୀ କର୍ତ୍ତୃପକ୍ଷ। ତେଣୁ ବର୍ତ୍ତମାନର ଯୋଜନାରେ ଯେକୌଣସି ସରକାରୀ କର୍ତ୍ତୃପକ୍ଷ ସମାନ ରିହାତି ପାଇବାକୁ ଯୋଗ୍ୟ।

ଏହି ପରିପ୍ରେକ୍ଷୀରେ ପରିଷଦର ବିଚାର ପାଇଁ ଓଡ଼ିଶା ଜିଲା ଖଣିଜ ଫାଉଣ୍ଡେଶନ ନିୟମାବଳୀର ନିୟମ ୧୦ରେ ଉଲ୍ଲେଖ ରହିଛି, ଡିଏମ୍‌ଏଫ୍ ଟ୍ରଷ୍ଟର ଉପଯୋଗ ଖଣି ପ୍ରଭାବିତ ଅଞ୍ଚଳରେ ସାମାଜିକ-ଆର୍ଥିକ ବିକାଶ ଏବଂ ଲୋକଙ୍କ କଲ୍ୟାଣ ପାଇଁ ପ୍ରମୁଖ କାର୍ଯ୍ୟକଳାପର କାର୍ଯ୍ୟାନ୍ୱୟନ ପାଇଁ କରାଯାଇଥାଏ। ଡିଏମ୍‌ଏଫ୍ ପାଣ୍ଠି ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟକଳାପଗୁଡ଼ିକ ମୁଖ୍ୟତଃ ଭାରତୀୟ ସମ୍ବିଧାନର ଏକାଦଶ ଅନୁସୂଚୀ (ଅନୁଚ୍ଛେଦ ୨୪୩ ଜି) ଏବଂ ଦ୍ୱାଦଶ ଅନୁସୂଚୀ (ଅନୁଚ୍ଛେଦ ୨୪୩)ରେ ତାଲିକାଭୁକ୍ତ କାର୍ଯ୍ୟକଳାପ ସହିତ ଜଡିତ। ଡିଏମ୍‌ଏଫ୍ ଟ୍ରଷ୍ଟରେ ସ୍ଥାନୀୟ ସଂସ୍ଥାର ସଦସ୍ୟମାନଙ୍କୁ ସାମିଲ କରି ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା ସହିତ ସମନ୍ୱୟ ସୁନିଶ୍ଚିତ କରିବା ଲାଗି ଏହି ନିୟମରେ ବ୍ୟବସ୍ଥା କରାଯାଇଛି।

ଓଡିଏମ୍‌ଏଫ୍ ନିୟମାବଳୀର ନିୟମ ୧୩ ଅନୁଯାୟୀ ଟ୍ରଷ୍ଟ ଦ୍ୱାରା କରାଯାଇଥିବା କାର୍ଯ୍ୟ ସରକାରୀ ବିଭାଗ, ଏଜେନ୍ସି ଓ ରାଷ୍ଟ୍ରାୟତ୍ତ ସଂସ୍ଥା ମାଧ୍ୟମରେ କିମ୍ବା ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ ସମ୍ପାଦିତ ହୋଇଥାଏ। ଏହାର ବ୍ୟବହାରକାରୀ ହେଉଛନ୍ତି ଖଣି ପ୍ରଭାବିତ ଅଞ୍ଚଳର ବ୍ୟକ୍ତି, ମହିଳା, ଶିଶୁ ଏବଂ ପରିବାର, ଯେଉଁମାନେ ବିନା ଶୁଳ୍କରେ ଏହି ସେବା ପାଇପାରିବେ। ଗତ ୨ ବର୍ଷ ମଧ୍ୟରେ ଡିଏମ୍‌ଏଫ୍‌ଟି କେବଳ ଖଣି ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସାମାଜିକ-ଆର୍ଥିକ ବିକାଶ ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସଂଗ୍ରହ କରାଯାଇଥିବା ଡିଏମ୍‌ଏଫ୍ ପାଣ୍ଠିରୁ ୭୭୬ କୋଟି ଟଙ୍କା ଜିଏସ୍‌ଟି ପ୍ରଦାନ କରିଛି। ଖଣି ପ୍ରଭାବିତ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶ ଓ ଜନସାଧାରଣଙ୍କ କଲ୍ୟାଣ ପାଇଁ ଓଡ଼ିଶାର ପ୍ରସ୍ତାବକୁ ବିଚାର କରିବାକୁ ଅର୍ଥମନ୍ତ୍ରୀ ଆରୁଖ ଅନୁରୋଧ କରିଥିଲେ। ଏହି ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ଓ ଜିଏସ୍‌ଟି କମିଶନର ସଞ୍ଜୟ କୁମାର ସିଂ ଯୋଗଦେଇ ଥିଲେ।

# ଏମ୍‌ସିଏଲ୍‌କୁ ଡି ଆଣ୍ଡ ବି ପିଏସ୍‌ୟୁ ପୁରସ୍କାର

**ସମ୍ବଲପୁର,୭।୧୦(ବି.ଶଙ୍କର)**




ଏମ୍‌ସିଏଲ୍‌କୁ ପୁରସ୍କାର ପ୍ରଦାନ କରାଯାଉଛି।

କୋଇଲା ଖଣି କ୍ଷେତ୍ରରେ ବ୍ୟବସାୟିକ ଉନ୍ନତି ସକାଶେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)କୁ ସମ୍ମାନଜନକ ଡି ଆଣ୍ଡ ବି ପିଏସ୍‌ୟୁ ପୁରସ୍କାର ମିଳିଛି। ଶୁକ୍ରବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ, ଜେନେରାଲ ମ୍ୟାନେଜର ତଥା ବୈଷୟିକ ସଚିବ ଡ. ଶମ୍ଭୁ ଝା ଏହି ପୁରସ୍କାର ଗ୍ରହଣ କରିଥିଲେ। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ସଚିବ ଡ. ବିବେକ ଜୋଷୀ ଅତିଥି ଭାବେ ଯୋଗଦେଇଥିଲେ। ଏ ନେଇ ଏମ୍‌ସିଏଲ୍ ଅଧ୍ୟକ୍ଷ ସିଂ ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ମଧ୍ୟ ଏହି ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ୨୦୨୩ ବର୍ଷ ପାଇଁ ଡି ଆଣ୍ଡ ବି ପୁରସ୍କାର ଏମ୍‌ସିଏଲ୍ ଅଧିକାରୀ ଓ କର୍ମଚାରୀଙ୍କୁ କାର୍ଯ୍ୟ କରିବାକୁ ଉତ୍ସାହ ଦେଇଛି। ସୂଚନାଯୋଗ୍ୟ ଓଡ଼ିଶାର ସୁନ୍ଦରଗଡ, ଝାରସୁଗୁଡା ଓ ଅନୁଗୋଳ ଜିଲାରେ କମ୍ପାନୀ କୋଇଲା ଖଣି ଚଳାଉଛି।

# ଛାତ୍ରୀଛାତ୍ରଙ୍କ ପାଇଁ ପ୍ରକାଶ ପାଇଲା କୋଶ୍ଚିନ ବ୍ୟାଙ୍କ

**ଭୁବନେଶ୍ୱର, ୭।୧୦(ଅସମାପିକା ସାହୁ)**

**ଯୁକ୍ତ୨ ପରୀକ୍ଷା**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବା ଦ୍ୱାଦଶ ପରୀକ୍ଷା ୨୦୨୪ ଫେବୃୟାରୀ ୧୪ରୁ ଆରମ୍ଭ ହେବ। ଏଥିପାଇଁ ପରିଷଦ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ଯୁକ୍ତ୨ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ପରିଷଦ ଆଣିଛି ଖୁସି ଖବର। ପ୍ରଥମଥର ପାଇଁ ପରିଷଦ ପକ୍ଷରୁ କୋଶ୍ଚିନ ବ୍ୟାଙ୍କ ପ୍ରକାଶ କରାଯାଇଛି। ଛାତ୍ରୀଛାତ୍ର ଏହି କୋଶ୍ଚିନ ବ୍ୟାଙ୍କ୍‌ରୁ ପ୍ରଶ୍ନ ନେଇ ପରୀକ୍ଷା ପାଇଁ ପ୍ରସ୍ତୁତି କରିପାରିବେ। ସିବିଏସ୍‌ଇ ଓ ସିଆଇଏସ୍‌ସିଇ ବୋର୍ଡ ପକ୍ଷରୁ ପ୍ରତିବର୍ଷ କୋଶ୍ଚିନ ବ୍ୟାଙ୍କ୍ ଜାରି କରାଯାଇଥାଏ। ଏହା ପରୀକ୍ଷାର୍ଥୀଙ୍କ ପ୍ରସ୍ତୁତିରେ ସହାୟକ ହୁଏ। ଏହାକୁ ଦୃଷ୍ଟିରେ ରଖି ସିଏଚ୍‌ଏସ୍‌ଇ ପକ୍ଷରୁ ଏହି କୋଶ୍ଚିନ ବ୍ୟାଙ୍କ ପ୍ରସ୍ତୁତ କରାଯାଇଛି। କୋଶ୍ଚିନ ବ୍ୟାଙ୍କ୍ chseodisha.nic.in ୱେବ୍‌ସାଇଟରେ ଉପଲବ୍ଧ ଅଛି। ପ୍ରଥମ ପର୍ଯ୍ୟାୟରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ବାୟୋଲୋଜିରେ କୋଶ୍ଚିନ ବ୍ୟାଙ୍କ ଉପଲବ୍ଧ ହୋଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସମସ୍ତ ବିଷୟର ପ୍ରଶ୍ନ ଅପ୍‌ଲୋଡ୍ କରାଯିବ। ତେବେ କୋଶ୍ଚିନ ବ୍ୟାଙ୍କ୍ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ରାଜ୍ୟର ସମସ୍ତ ଯୁକ୍ତ୨ କଲେଜ ଅଧ୍ୟକ୍ଷଙ୍କୁ ସିଏଚ୍‌ଏସ୍‌ଇ ପକ୍ଷରୁ ଚିଠି ଲେଖାଯାଇଛି।

ସୂଚନାଯୋଗ୍ୟ, ଯୁକ୍ତ୨ ଦ୍ୱିତୀୟ ବର୍ଷ ଥିଓରି ପରୀକ୍ଷା ଫେବୃୟାରୀ ୧୪ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ଶେଷ ସପ୍ତାହ କିମ୍ବା ମେ' ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ। ସେହିପରି ଜାନୁୟାରୀ ପ୍ରଥମ ସପ୍ତାହରୁ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଥିଓରି ପରୀକ୍ଷାର ଗୋଟିଏ ମାସ ପୂର୍ବରୁ ୨୦୨୪ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଦ୍ୱିତୀୟ ବର୍ଷ ରେଗୁଲାର ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ୍ ଫର୍ମ ପୂରଣ ଆସନ୍ତା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ।

# ୪ ଛେଳି ମାରିଲା ବାଘ
## ଅଟେଇ ପରେ ବାରବାଙ୍କ ଜଙ୍ଗଲରେ ଆତଙ୍କ

**କେନ୍ଦୁଝର,୭।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜରେ ପୁଣି ବାଘ ଆତଙ୍କ। କିଛି ମାସ ପୂର୍ବେ ଅଟେଇ ଜଙ୍ଗଲରେ ମହାବଳ ଗୋରୁ ମାରି ଖାଇବା ପରେ ବନ ବିଭାଗ ପକ୍ଷରୁ ବାଘ ଥିବା ନେଇ ସ୍ପଷ୍ଟ କରାଯାଇ ୫୦ ଟ୍ରାପ୍ କ୍ୟାମେରା ଲଗାଯାଇ ବନବାସୀଙ୍କୁ ଜଙ୍ଗଲକୁ ଯିବାକୁ ବାରଣ କରାଯାଇଥିଲା। ଏବେ ପୁଣି ଉକ୍ତ ରେଞ୍ଜ ଡେଙ୍କିକୋଟ ସେକ୍ସନରେ ବାଘ ବୁଲୁଥିବା ଜଣାପଡ଼ିଛି। ବାଲିପୋଖରୀ ବିଟ୍ କାଳିମାଟି ଡ୍ୟାମ ନିକଟରେ ବାଘ ଶୁକ୍ରବାର ରାତିରେ ୪ଟି ଛେଳି ମାରିଛି। ରଜାବନ୍ଧ ସାହିର ଲମ୍ବୋଦର ମୁଣ୍ଡା ଏବଂ ବାସନ୍ତୀ ମୁଣ୍ଡା ଛେଳି ଚରାଇବାକୁ ବାରବାଙ୍କ ସଂରକ୍ଷିତ ଜଙ୍ଗଲକୁ ଯାଇଥିବାବେଳେ ବର୍ଷା ହେବାରୁ ପଳାଇ ଆସିଥିଲେ। ହେଲେ ୧୦ ଛେଳି ଜଙ୍ଗଲରେ ରହିଯାଇଥିଲେ। ଶନିବାର ସକାଳେ ପାହାଡ଼ ଉପରେ ୪ ଛେଳି ମରିପଡ଼ିଥିବା ଓ ବାଘର ପାଦ ଚିହ୍ନ ଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ ପକ୍ଷରୁ ଜଙ୍ଗଲକୁ ନ ଯିବାକୁ ସୁନାରିପଶି, କୋଳିମାଟି, ରଜାବନ୍ଧ ସାହିର ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବାରଣ କରାଯାଇଛି। କାଳିମାଟି ଡ୍ୟାମ୍ ନିକଟରେ ବାଘର ପାଦଚିହ୍ନ ପ୍ଲାଷ୍ଟର ପ୍ୟାରିସରେ ନିଆଯାଇଥିବା ବେଳେ ଏହା ଏକ କଲରାପତରିଆ ବାଘ ବୋଲି ଅନୁମାନ କରାଯାଉଛି। ୨ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବା ନେଇ ଏସିଏଫ୍ ପ୍ରଭାତ କୁଅଁର ସୂଚନା ଦେଇଛନ୍ତି।

# ରାଜ୍ୟବ୍ୟାପୀ ପ୍ରତିବାଦ ଅଭିଯାନ ଆରମ୍ଭ
## ଗଣମାଧ୍ୟମ, ଗଣତନ୍ତ୍ର, ରାଜନେତାଙ୍କ ଉପରେ ଆକ୍ରମଣ ଓ ଗିରଫଦାରିକୁ ବିରୋଧ ଡେଙ୍ଗିଲା




**ଭୁବନେଶ୍ୱର,୭।୧୦**
**(ଅନୁରାଧା ମହାରଣା)**

ଗଣତନ୍ତ୍ର, ଗଣମାଧ୍ୟମ, ଗଣସାମ୍ବାଦିକଙ୍କ ଅଭିବ୍ୟକ୍ତିର ସ୍ୱାଧୀନତା, ବିରୋଧୀ ରାଜନେତାଙ୍କ ଗଣତାନ୍ତ୍ରିକ ସ୍ୱର ତଥା ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ ଓ ଗିରଫଦାରିକୁ ବିରୋଧ କରି ରାଜ୍ୟବ୍ୟାପୀ ପ୍ରତିବାଦ ଅଭିଯାନ ଆରମ୍ଭ ହୋଇଛି। ଇଣ୍ଡିଆ ମେଣ୍ଟଭୁକ୍ତ ଓଡିଶାର ବିରୋଧୀ ରାଜନୈତିକ ଦଳର ନେତାମାନେ ଏହାର ତୀବ୍ର ପ୍ରତିବାଦ କରି ଶନିବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଅକ୍ଟୋବର ୩ରେ ଅନ୍‌ଲାଇନ୍ ଖବର ସରବରାହ ସଂସ୍ଥା 'ନ୍ୟୁଜ୍ କ୍ଲିକ୍'ର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କ ବାସଗୃହ ଉପରେ ଇଡ଼ି ଚଢ଼ାଉ କରିଥିଲା। ତାଙ୍କ ସହ ସଂସ୍ଥାର ମାନବ ସମ୍ବଳ ମୁଖ୍ୟ ଅମିତ ଚକ୍ରବର୍ତ୍ତୀଙ୍କୁ ଅତି ସଙ୍ଗିନ ଆଇନ ୟୁଏପିଏରେ ଗିରଫ କରାଯାଇଥିଲା। ଏପରିକି ୪୬ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ଲାପ୍‌ଟପ୍, ମୋବାଇଲ ଫୋନ୍ ସହ ବିଭିନ୍ନ କାଗଜପତ୍ର ଜବତ କରାଯିବା ସହ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଜେରା କରାଯାଇଥିଲା। ଏହା ପୂର୍ବରୁ ମୋଦି ସରକାର ବିବିସି, ନ୍ୟୁଜ୍ ଲଣ୍ଡ୍ରି, ୱୟାର, ଦୈନିକ ଭାସ୍କର, ଭାରତ ସମାଚାର ଆଦି ସମ୍ବାଦ ସରବରାହ ସଂସ୍ଥା ବିରୋଧରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କ କଣ୍ଠରୋଧ କରିବାକୁ ଅପଚେଷ୍ଟା କରିଥିଲା। ସେହିଭଳି ପ୍ରତିଶୋଧ ପରାୟଣ ହୋଇ ଆମ୍ ଆଦ୍‌ମୀ ପାର୍ଟିର ସାଂସଦ ସଞ୍ଜୟ ସିଂହଙ୍କୁ ଗିରଫ କରାଯାଇଥିଲା। ମୋଦି ସରକାରଙ୍କ ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପକୁ ଇଣ୍ଡିଆ ମେଣ୍ଟଭୁକ୍ତ ବିରୋଧୀ ରାଜନୈତିକ ଦଳର ନେତାମାନେ ତୀବ୍ର ବିରୋଧ କରିଛନ୍ତି। ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ, ଆଞ୍ଚଳିକ କମିଟି, ସିପିଆଇଏମ୍‌ଏଲ୍(ଲିବେରେସନ), ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ, ସମାଜବାଦୀ ପାର୍ଟି, ଆମ ଆଦ୍‌ମୀ ପାର୍ଟି, ସିପିଆଇଏମ୍‌ଏଲ(ରେଡ୍ ଷ୍ଟାର)ର ନେତୃବୃନ୍ଦ ଏହି ପ୍ରତିବାଦ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଅକ୍ଟୋବର, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଟରନ୍ୟାଶନାଲ୍ ଟେନିସ୍ ହଲ୍ ଅଫ୍ ଫେମ୍‌କୁ ମନୋନୀତ ହୋଇଥିବା ପ୍ରଥମ ଏସୀୟ ଖେଳାଳି ............ ?
୨– ଭାରତ ଡ୍ରୋନ୍ ଶକ୍ତି ପ୍ରଦର୍ଶନୀ ୨୦୨୩ ......... ରାଜ୍ୟରେ ଆୟୋଜିତ ହୋଇଯାଇଛି ?
୩– ଏସିଆନ୍ ଗେମ୍ ୨୦୨୩ରେ ଗୋଲ୍ଡ ମେଡାଲ୍ ପାଇଥିବା ଦେଶ .......... ?
୪– ଇଣ୍ଡିଆନ୍ ସାଇନ୍ ଲାଙ୍ଗୁଏଜ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟରର ମୁଖ୍ୟ କାର୍ଯ୍ୟାଳୟ .............. ଠାରେ ରହିଛି ?
୫– 'ଆମ୍ବେଡକର– ଏ ଲାଇଫ୍' ପୁସ୍ତକର ଲେଖକ................ ?

## ଗତ ଥରର ଉତ୍ତର

୧ ଶନି ଗ୍ରହ
୨ ପେରେଗ୍ରାଇନ୍ ଫାଲ୍‌କନ
୩ ୩ଟି
୪ ମାଢ଼ି
୫ ଇଣ୍ଟରନ୍ୟାଶନାଲ୍ ଫେଡେରେଶନ୍ ଅଫ୍ ଆସୋସିଏଶନ୍ ଫୁଟ୍‌ବଲ

## ଉତ୍ତରଦାତା

୧– ସୁନୀଲ କୁମାର ବେହେରା, ବ୍ରହ୍ମପୁର
୨– ସୁଚିସ୍ମିତା ପତି, ଭଦ୍ରକ
୩– ଦେବବ୍ରତ ନାୟକ, ଖଲିକୋଟ
୪–ରାଜେନ୍ଦ୍ର ସ୍ୱାଇଁ, ଜଗତ୍‌ସିଂହପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଉଚ୍ଚା ଗଛ

୧– ହାଇପେରିଅନ୍ ........ ୩୮୦.୧ ଫୁଟ୍
୨– ସେଞ୍ଚୁରିଅନ୍ ........ ୩୨୭.୫ ଫୁଟ୍
୩– ଡୋଏର୍ନର ଫର୍ ........ ୩୨୭ ଫୁଟ୍
୪– ରାଭେନ୍‌ସ ଟାୱାର ........ ୩୧୭ ଫୁଟ୍
୫– ଜିଆଣ୍ଟ ସେକ୍ୱିଆ ........ ୩୧୪ ଫୁଟ୍
୬– ୟେଲୋ ମେରାଣ୍ଟି ଇନ୍ ବର୍ନେଓ ........ ୩୦୯ ଫୁଟ୍
୭– ହ୍ୱାଇଟ୍ ନାଇଟ୍ ........ ୩୦୧ ଫୁଟ୍
୮– ନିମିନା ଲୋଗୋରେଲ୍ ମୀନା ........ ୨୯୮ ଫୁଟ୍
୯– ଆଲ୍‌ପାଇନ୍ ଆଶ୍ ........ ୨୮୮ ଫୁଟ୍
୧୦– କିଙ୍ଗ୍ ଷ୍ଟ୍ରିଙ୍ଗୀ ........ ୨୮୨ ଫୁଟ୍



## ଜାଣନ୍ତୁ ଦୁନିଆ

# ଇମୋଜି

**ବର୍ତ୍ତମାନ କାହାକୁ ମେସେଜ୍ କରିବା ଲାଗି ଟେକ୍ସଟ୍ ବଦଳରେ ସହଜ ଏବଂ ଶୀଘ୍ର ହେଉଥିବାରୁ ଇମୋଜି ସବୁଠୁ ଅଧିକ ବ୍ୟବହାର ହେଉଛି। ଏହା ମାଧ୍ୟମରେ ମନର ଭାବ ପ୍ରକାଶ କରିବା ବି ସହଜ। ତେବେ ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...**



■ ଇମୋଜି। ପ୍ରଥମେ ଜାପାନର ଜଣେ ମୋବାଇଲ କମ୍ପାନୀ କର୍ମଚାରୀ ଶିଗେଟାକା କୁରିଟାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ତାଙ୍କୁ ଇମୋଜିର ଜନକ ବୋଲି ମଧ୍ୟ କୁହାଯାଇଥାଏ।

■ ସେ ଏହି ଶବ୍ଦଟି ଇ+ମୋଜି ଅର୍ଥାତ୍ ପିକ୍ଚର+କ୍ୟାରେକ୍ଟର ବା ଚିତ୍ର+ଚରିତ୍ରକୁ ନେଇ ଆରମ୍ଭ କରିଥିଲେ। ସେ ଖବରକାଗଜ ଏବଂ ଟେଲିଭିଜନରେ ପାଣିପାଗ ସୂଚନା ଲାଗି ଶବ୍ଦ ବଦଳରେ ଦିଆଯାଉଥିବା ସିମ୍ବଲଗୁଡ଼ିକୁ ଦେଖି ମଣିଷର ଭାବକୁ ଶବ୍ଦ ବଦଳରେ ଚିତ୍ର ମାଧ୍ୟମରେ ପ୍ରକାଶ କରିବାକୁ ଉଦ୍ୟମ କରିଥିଲେ।

■ ଏଥିଲାଗି ସେ ନିଜର ଏକ ଟିମ୍‌ଙ୍କ ସହାୟତାରେ ପ୍ରଥମେ ୧୭୬ଟି ଇମୋଜି ପ୍ରସ୍ତୁତ କରିଥିଲେ। ପ୍ରଥମେ କେବଳ ମୁହଁରେ ବିଭିନ୍ନ ଭାବ ଥିବା ଚିତ୍ରକୁ ନିଆଯାଇଥିଲା। ଏହାବ୍ୟତୀତ ପୋଲିସ ଓ କନ୍‌ଷ୍ଟ୍ରକ୍ସନ କର୍ମଚାରୀମାନଙ୍କ ସିମ୍ବଲକୁ ପୁରୁଷ ଭାବେ ନେଇଥିବା ବେଳେ ମହିଳା ଅଧିକ ଶପିଂ ଏବଂ ବିୟୁଟିପାର୍ଲର ଯାଉଥିବାରୁ ସେମାନଙ୍କ ଚରିତ୍ରରେ କେଶ କାଟୁଥିବା କିମ୍ବା ମସାଜ ନେଉଥିବାର ଚିତ୍ର ଦିଆଯାଉଥିଲା।

■ ଧୀରେ ଧୀରେ ଶବ୍ଦ ପରିବର୍ତ୍ତେ ଏସବୁ ସିମ୍ବଲ ଲୋକାଦୃତ ହେବାକୁ ଲାଗିଲା। ୨୦୦୭ରେ ମୋବାଇଲ୍ ଟେକ୍ନୋଲୋଜିରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଏବଂ ଏକାଧିକ ଟେଲିକମ୍ କମ୍ପାନୀର ନେଟ୍‌ୱର୍କ ସାଙ୍ଗକୁ ସ୍ମାର୍ଟଫୋନ୍‌ର ବ୍ୟବହାର ଆରମ୍ଭ ହେବା ଦ୍ୱାରା ବିଭିନ୍ନ ପ୍ରକାର ଇମୋଜି ମଧ୍ୟ ପ୍ରସ୍ତୁତ କରାଗଲା। ବିଶେଷକରି ୨୦୧୧ରେ ଆପ୍‌ଲ ଦ୍ୱାରା ଇମୋଜି କି'ବୋର୍ଡ ଆରମ୍ଭ ହେବା ପରଠୁ ଏହା ଅଧିକ ବ୍ୟବହାର ହେଲା। ବର୍ତ୍ତମାନ ମଣିଷ ବ୍ୟତୀତ ପ୍ରତ୍ୟେକ ଜିନିଷର ମଧ୍ୟ ଇମୋଜି ଆସୁଥିବାରୁ ଶବ୍ଦର ବ୍ୟବହାର ସୋସିଆଲ ମିଡିଆରେ କ୍ରମଶଃ କମିବାରେ ଲାଗୁଛି।



■ ଇମୋଜି କଞ୍ଜୁମର ସାଇନ୍ସ ଟିମ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ ବର୍ତ୍ତମାନ ସମସ୍ତ ସୋସିଆଲ ସାଇଟ୍ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୯୨ ଭାଗ ଇମୋଜି ବ୍ୟବହାର କରୁଛନ୍ତି, ଯେଉଁମାନଙ୍କ ମଧ୍ୟରେ ୧୮ରୁ ୨୯ ବର୍ଷ ବୟସର ବ୍ୟବହାରୀଙ୍କ ସଂଖ୍ୟା ସର୍ବାଧିକ।



# ଖୁସି...

**ଟେନ୍‌ସନ ! ଏହି ଶବ୍ଦଟି ବୋଧହୁଏ କାହା ପାଟିରୁ ନ ଶୁଣିବା ଏବେ ଏକ ସ୍ୱପ୍ନ ହୋଇଗଲାଣି। ଅଧିକାଂଶ ଯୁବବର୍ଗ କିଏ ପାଠପଢ଼ାକୁ ନେଇ ତ କିଏ ଜବ୍ ଅବା ପୁଣି କିଏ ଆର୍ଥିକ କିମ୍ବା ପାରିବାରିକ ଭଳି ବିଭିନ୍ନ ସମସ୍ୟାକୁ ନେଇ ଟେନ୍‌ସନ୍। ହେଲେ ଏହି ଭାରାକ୍ରାନ୍ତ ମାନସିକ ସ୍ଥିତିର ନକାରାତ୍ମକ ପ୍ରଭାବ ପଡ଼ିଥାଏ ଶରୀର ଉପରେ। ଯେଉଁଥିପାଇଁ ଅପରପକ୍ଷେ ତାହା ହୋଇପଡ଼େ ଅସୁସ୍ଥ। ତେଣୁ ଆଜିର ଦିନରେ କେବଳ ଶରୀରକୁ ସୁସ୍ଥ ନୁହେଁ, ମନ ଖୁସି ରହିବା କୌଣସି ବରଦାନଠୁ କମ୍ ନୁହେଁ...**

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ପ୍ରତି ୪ ଜଣରେ ଜଣେ ବ୍ୟକ୍ତି ନିଜ ଜୀବନକାଳ ମଧ୍ୟରେ କମ୍ ହେଉ ବା ବେଶୀ ଯେକୌଣସି ମାନସିକ ସମସ୍ୟାର ଶିକାର ହୋଇଥାଏ। ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ପାଇଁ ମାନସିକ ଚାପ, ଅବସାଦ, ଉଦ୍‌ବେଗ ଭଳି ମାନସିକ ସମସ୍ୟା ବୃଦ୍ଧି ପାଉଛି। ବିଶେଷକରି ବିଭିନ୍ନ ଇଲେକ୍ଟ୍ରୋନିକ ଗ୍ୟାଜେଟ୍ସର ବହୁଳ ବ୍ୟବହାର ଏହାର ଏକ ସବୁଠୁ ବଡ଼ କାରଣ ବୋଲି ଜଣାପଡ଼ିଛି। ତେଣୁ କୌଣସି କାରଣରୁ ମନ ଭାରାକ୍ରାନ୍ତ ହୋଇପଡ଼ିଲେ ଏହାକୁ ଦୂର କରିବା ଲାଗି ଜୀବନଶୈଳୀରେ ପରିବର୍ତ୍ତନ ରଖିବା ନିହାତି ଆବଶ୍ୟକ। ନଚେତ୍ ଏହା ଧୀରେ ଧୀରେ ଜଟିଳ ମାନସିକ ରୋଗର ରୂପ ନେବାର ଦେଖିବାକୁ ମିଳିଥାଏ। ଏମିତିକି ଏଥିପାଇଁ କେହି କେହି ମାନସିକ ବିକୃତିର ଶିକାର ହେବା ସହ ଆଉ କେହି ଆତ୍ମହତ୍ୟା ଭଳି ଭୁଲ୍ ପଦକ୍ଷେପ ନେଇ ଜୀବନ ହାରୁଥିବାର ବି ନଜିର ରହିଛି। ତେଣୁ ଜୀବନକୁ ସୁଖମୟ କରିବାକୁ ହେଲେ ଶରୀର ସହ ମନର ସୁସ୍ଥତା ପାଇଁ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ।

**ରୁହନ୍ତୁ ଟେନ୍‌ସନ୍ ଫ୍ରି:** ଆଜିର ଯୁବପିଢ଼ି ପାଠପଢ଼ା, ଜବ୍ ଆଦିକୁ ନେଇ ହେଉ କିମ୍ବା କେହି କେହି ପାରିବାରିକ ପରିସ୍ଥିତି, ସାଙ୍ଗସାଥୀଙ୍କ ସହ ଝଗଡ଼ା, ପ୍ରେମରେ ବିଫଳ ହେବା ଆଦି ଭଳି ଅନେକ କାରଣକୁ ନେଇ ଟେନ୍‌ସନ୍ ବା ଉଦାସ ରହୁଥିବା ଦେଖିବାକୁ ମିଳୁଛି। ହେଲେ ଅଧିକ ଦିନ ଏହି ଟେନ୍‌ସନ୍ ମନରେ ରହିବା, କାହା ଆଗରେ ପ୍ରକାଶ ନ କରି ମନ ଭିତରେ ଚାପି ରଖିବା ଦ୍ୱାରା ତାହା ଡିପ୍ରେଶନ୍‌ର ରୂପ ନେଇଥାଏ। ତେଣୁ କୌଣସି କଥା ମନକୁ ଭାରାକ୍ରାନ୍ତ କରୁଥିଲେ ଦୀର୍ଘଦିନ ଚାପି ନ ରଖି ପରିବାର ସଦସ୍ୟ କିମ୍ବା କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ।

**ଦୂରକରନ୍ତୁ ଅଯଥା ଚିନ୍ତା:** କୌଣସି ବିଷୟରେ ଚିନ୍ତା କରିବା ଦ୍ୱାରା ଦାୟିତ୍ୱ ବଢ଼ିଥାଏ। ହେଲେ ଏହି ଚିନ୍ତା ଆବଶ୍ୟକତାଠାରୁ ଅଧିକ ହେଲେ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥାଏ। ଅଧିକ ଦିନ ଚିନ୍ତା ରହିଲେ ତାହା ଶରୀରକୁ ମଧ୍ୟ ହାନି ପହଞ୍ଚାଇଥାଏ। କାରଣ ଚିନ୍ତା ମନରେ ନକାରାତ୍ମକ ପ୍ରଭାବ ପକାଇଥାଏ, ଯାହାକି ରହି ରହି ଏଙ୍ଗ୍‌ଜାଇଟି ଡିସ୍‌ଅର୍ଡର ରୋଗର କାରଣ ସାଜିଥାଏ। ଏହା ଫଳରେ କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ। ଏମିତିକି ଧୀରେ ଧୀରେ ଏହା ଯୋଗୁ ବିଭିନ୍ନ ପ୍ରକାର ଫୋବିଆ ବି ଜାତ ହୋଇଥାଏ।

**ନିଅନ୍ତୁ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ:** ଅନେକ ସମୟରେ ମଣିଷ ନିଜର ମାନସିକ ସମସ୍ୟା ସହଜରେ ଚିହ୍ନି ପାରି ନ ଥାଏ। ତେଣୁ ପରିବାର ସଦସ୍ୟ କିମ୍ବା ସାଙ୍ଗସାଥୀ ଯଦି କୌଣସି ଲକ୍ଷଣ ଦେଖି ଏହାକୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦିଅନ୍ତି, ଏଥିରେ ବିରକ୍ତି ପ୍ରକାଶ କରିବା କିମ୍ବା ଅଣଦେଖା କରିବା ବଦଳରେ ଏହାକୁ ଦୂର କରିବାକୁ ଚେଷ୍ଟା କରିବା ଆବଶ୍ୟକ। କାରଣ ମାନସିକ ସ୍ଥିତି ବି ଶରୀର ଉପରେ ଅନେକ ପ୍ରଭାବ ପକାଇଥାଏ। ଏହାର ଛୋଟ ଛୋଟ ସମସ୍ୟାକୁ ଅଣଦେଖା କରିବା ଦ୍ୱାରା ଏହା ପରବର୍ତ୍ତୀ ସମୟରେ କୌଣସି ବଡ଼ ମାନସିକ ରୋଗର କାରଣ ସାଜିପାରେ। ଯଦି ବାରମ୍ବାର ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରନ୍ତି, ତେବେ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଆବଶ୍ୟକ।





**ନିଜ ପାଖେ ରହିଛି ଉପାୟ:**

**କମାନ୍ତୁ ଇ–ଗ୍ୟାଜେଟ୍ ବ୍ୟବହାର:** ଆଜିର ଦିନରେ ମୋବାଇଲ୍ ଫୋନ୍, କମ୍ପ୍ୟୁଟର, ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟର ଅନେକଙ୍କ ଆଡିକ୍ସନରେ ପରିଣତ ହେଉଛି। ଏହାକୁ ବ୍ୟବହାର କରିବା ନିଶାରେ ସେମାନେ ପରିବାର, ସାଙ୍ଗସାଥୀ ପ୍ରମୁଖଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଉଛନ୍ତି। ଫଳରେ କେତେକଙ୍କଠାରେ ଏହା ବିଭିନ୍ନ ମାନସିକ ସମସ୍ୟା ଉପୁଯାଉଛି। ତେଣୁ ମାନସିକ ସୁସ୍ଥତା ଲାଗି ଅତ୍ୟାବଶ୍ୟକ ନ ଥିଲେ ଇ–ଗ୍ୟାଜେଟ୍‌ଠାରୁ ଦୂରେଇ ରହି ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ।

**ଏଣ୍ଟରଟେନ୍‌ମେଣ୍ଟ ବହୁତ ଜରୁରୀ:** ଦୈନନ୍ଦିନ କାର୍ଯ୍ୟବ୍ୟସ୍ତତା ଚାପରୁ ମନକୁ ହାଲୁକା କରିବା ଲାଗି ଏଣ୍ଟରଟେନ୍‌ମେଣ୍ଟ ନିହାତି ଆବଶ୍ୟକ। ସେଥିପାଇଁ କିଛି ସମୟ ଫିଲ୍ମ ଦେଖିବା, ସଙ୍ଗୀତ ଶୁଣିବା ଆଦିରେ ମନ ନିବେଶ କରନ୍ତୁ। ସମୟ ମିଳିଲେ ପରିବାର ସଦସ୍ୟ କିମ୍ବା ସାଙ୍ଗସାଥୀଙ୍କ ସହ ବୁଲାବୁଲି କରିବାକୁ ଯାଆନ୍ତୁ ଦେଖିବେ ମନ ଖୁସି ରହିବ।

**ଜୀବନଶୈଳୀ ପରିବର୍ତ୍ତନ ଦେବ ଖୁସି:** ସୁଷମ ଖାଦ୍ୟ ଖାଇବା ସହ ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ଯାଆନ୍ତୁ। କାରଣ ମସ୍ତିଷ୍କକୁ ବିଶ୍ରାମ ଦେବା ହିଁ ମାନସିକ ସୁସ୍ଥତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ନିଶାସେବନ ଅଭ୍ୟାସ ଥିଲେ ତୁରନ୍ତ ଛାଡିବାକୁ ଚେଷ୍ଟା କରନ୍ତୁ। ତା'ଛଡା ଦୈନିକ ଅତିକମ୍‌ରେ ଅଧଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ଯୋଗ ବ୍ୟାୟାମ କଲେ ଶରୀର ଫିଟ୍ ରହିବା ସହ ମନ ମଧ୍ୟ ଖୁସି ରହିବ ଏଥିରେ ସନ୍ଦେହ ନାହିଁ।

### ରୁଚି ରଖିବ ଷ୍ଟ୍ରେସ୍ ଫ୍ରି

ଲେଖାଲେଖି, ପେଣ୍ଟିଂ, ଡ୍ୟାନ୍ସିଂ, ସିଙ୍ଗିଙ୍ଗ୍, ସିଲେଇ କରିବା ଆଦି କୌଣସି କ୍ଷେତ୍ରରେ ରୁଚି ଥିଲେ ଏହା ଉପରେ ଧ୍ୟାନ ଦିଅନ୍ତୁ, ଦେଖିବେ ମାନସିକ ଶାନ୍ତି ମିଳିବ। ଯଦି ଗଛ ଲଗାଇବା ପସନ୍ଦ, ତେବେ ଘର ଚାରିପଟେ କିମ୍ବା ଛାତ, ବାଲ୍‌କୋନୀ ଆଦି ସ୍ଥାନରେ ବିଭିନ୍ନ ପ୍ରକାରର ଫୁଲ, ଫଳ ଏବଂ ଅନ୍ୟାନ୍ୟ ଗଛ ଲଗାନ୍ତୁ। ଏହା ମାନସିକ ଶାନ୍ତି ଦେବା ସହ ଷ୍ଟ୍ରେସ୍ ଫ୍ରି ମଧ୍ୟ ରଖିଥାଏ।



## ୟୁଥ୍ ଆଲର୍ଟ

# ପେଟ ବଢ଼ୁଥିଲେ

**ପେଟରେ ସାଧାରଣତଃ ସର୍ବପ୍ରଥମେ ଚର୍ବି ଜମା ହୋଇଥାଏ। ଏହା ନା କେବଳ ଫିଗର ଖରାପ କରିଥାଏ ବରଂ ଏଥିପାଇଁ ବିଭିନ୍ନ ଶାରୀରିକ ସମସ୍ୟା ବି ଉପୁଜିଥାଏ। ତେଣୁ ପେଟ ବଢ଼ୁଥିଲେ ଯଥାଶୀଘ୍ର ଏହାକୁ କମାଇ ନିଜକୁ ଫିଟ୍ ରଖିବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ...**



⏭। ଏଥିପାଇଁ ବିଶେଷକରି ଜୀବନଶୈଳୀ ଏବଂ ଖାଦ୍ୟପେୟରେ ପରିବର୍ତ୍ତନ ମୁଖ୍ୟତଃ ଦାୟୀ। ତେଣୁ ପେଟରେ ଚର୍ବି ନ ହେବା ଲାଗି ସନ୍ତୁଳିତ ଖାଦ୍ୟାଭ୍ୟାସ ସହିତ ଠିକ୍ ସମୟରେ ଖାଇବା, ଶୋଇବା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ।

⏭। ଖାଦ୍ୟ ତାଲିକାରେ ଫାଇବରଯୁକ୍ତ ଖାଦ୍ୟର ପରିମାଣ ବୃଦ୍ଧି କରନ୍ତୁ। ଏପରି କରିବା ଦ୍ୱାରା ପେଟ ଅଧିକ ସମୟ ଭର୍ତ୍ତି ରହିବା ସହ ଭୋକ କମ୍ ଲାଗିବ। ଯଦ୍ୱାରା ଆପଣ ଅଧିକ ଖାଇବାଠାରୁ ଦୂରେଇ ରହିପାରିବେ ଏବଂ ପେଟ ମଧ୍ୟ କମିବାରେ ସାହାଯ୍ୟ କରିବ। ତେଣୁ ଫଳ, ପନିପରିବା, ଓଟ୍ସ ଆଦି ଫାଇବରଯୁକ୍ତ ଖାଦ୍ୟ ଖାଆନ୍ତୁ।

⏭। ପ୍ରୋସେସ୍‌ଡ ଫୁଡ୍, ପ୍ୟାକେଜ୍‌ଡ ଫୁଡ୍ ଏବଂ ଫାଷ୍ଟଫୁଡ୍ ଆଦୌ ଖାଇବା ଠିକ୍ ନୁହେଁ। କାରଣ ଏଥିରେ ଅଧିକ ମାତ୍ରାରେ ତେଲ, ଘିଅ, ସୋଡିୟମ୍, ସୁଗାର ଭରି ରହିଥିବାରୁ ପେଟରେ ଚର୍ବି ବଢ଼ିଥାଏ ଏବଂ ମେଦବହୁଳତାର କାରଣ ସାଜିଥାଏ।

⏭। ସାଙ୍ଗସାଥୀଙ୍କ ସହ ମିଶି ଅନେକ ଯୁବପିଢ଼ି ବର୍ତ୍ତମାନ ଆଲ୍‌କହଲ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ ଏହି ବଦଭ୍ୟାସ ମଧ୍ୟ କେତେକଙ୍କଠାରେ ପେଟ ବଢ଼ିବା ଏବଂ ଅଣ୍ଟା ଚାରିପଟେ ମେଦବହୁଳ ହେବା ପାଇଁ ଦାୟୀ। କେବଳ ଏତିକି ନୁହେଁ, ଏହା ଅନ୍ୟାନ୍ୟ ଜଟିଳ ଶାରୀରିକ ସମସ୍ୟାର ମଧ୍ୟ କାରଣ ସାଜିଥାଏ।



⏭। ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କଲେ ମଧ୍ୟ ଫ୍ୟାଟ୍ ଲସ୍ ହୋଇ ଶରୀର ଫିଟ୍ ରହିବ ଏବଂ ପେଟ ବି ସ୍ଲିମ୍ ହୋଇପାରିବ।

⏭। ଚିନି, ବିଭିନ୍ନ ପ୍ରକାରର ମିଠା, ଆଇସ୍‌କ୍ରିମ୍, କେକ୍ ଆଦି କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ମେଦବହୁଳତା ଦେଖାଦେଇଥାଏ। ବିଶେଷକରି ଅଧିକ ସମୟ ବସୁଥିବା ଯୁବପିଢ଼ିଙ୍କଠାରେ ଏଭଳି ଖାଦ୍ୟ ପେଟ ବଢ଼ାଇବାର ଏକ ବଡ଼ କାରଣ। ତେଣୁ ଯଥାସମ୍ଭବ ଏଭଳି ଖାଦ୍ୟ କମ୍ ଖାଆନ୍ତୁ।

⏭। ଅଧିକ ସମୟ ଗୋଟିଏ ଜାଗାରେ ବସିବ ନାହିଁ କିମ୍ବା ମୋବାଇଲ୍, କମ୍ପ୍ୟୁଟର ଆଦି ଦୀର୍ଘ ସମୟ ବସି ବ୍ୟବହାର କରନ୍ତୁ ନାହିଁ। ମଝିରେ ମଝିରେ ଉଠି ଚାଲନ୍ତୁ। ପ୍ରତିଦିନ ଯୋଗ, ବ୍ୟାୟାମ ଆଦି ନିଶ୍ଚୟ କରନ୍ତୁ। ଦେଖିବେ, ପେଟ ବଢ଼ୁଥିଲେ ଶୀଘ୍ର କମିଯିବ।

⏭। ପ୍ରତିଦିନ ସକାଳୁ ଦୁଇ ଗ୍ଲାସ୍ ଉଷୁମ ପାଣି ପିଅନ୍ତୁ ଏବଂ ଦିନ ଭିତରେ ୩–୪ ଲିଟର ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।



# ଅଷ୍ଟ୍ରେଲିଆ ଚ୍ୟାଲେଞ୍ଜ ପାଇଁ ଭାରତ ପ୍ରସ୍ତୁତ

**ଚେନ୍ନାଇ, ୭।୧୦(ପି.ଟି.)**

ଭାରତକୁ ଦିନିକିଆ କ୍ରିକେଟ ବିଶ୍ୱକପ ଫେରିଥିବା ବେଳେ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଅଭିଯାନ ଆରମ୍ଭ କରିବ ଭାରତ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଏକ ନୂତନ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଥିବା ବେଳେ ପ୍ରଥମ ମ୍ୟାଚରେ ୫ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ମୁକାବିଲା କରିବ। ୧୪୦ କୋଟି ଦେଶବାସୀଙ୍କ ସ୍ୱପ୍ନକୁ କାନ୍ଧରେ ବୋହି ଭାରତ ଏହି ମ୍ୟାଚକୁ ଓହ୍ଲାଇବ। ଚେପକ୍‌ର ସ୍ପିନ୍ ସହାୟକ ଟ୍ରାକ୍‌ରେ ଭାରତ ଫେଭ୍‌ରିଟ୍ ରହିଥିଲେ ହେଁ ଅଷ୍ଟ୍ରେଲିଆ ମଧ୍ୟ କଡା ଚ୍ୟାଲେଞ୍ଜ ଦେବା ନେଇ ଆଶା କରାଯାଏ। ଭାରତୀୟ ଦଳର ଅଧିନାୟକ ରହିଥିବା ରୋହିତ ଶର୍ମାଙ୍କୁ ବର୍ତ୍ତମାନ ୩୬ ବର୍ଷ ହୋଇଥିବା ବେଳେ ବିରାଟ କୋହଲିଙ୍କୁ ହେଲାଣି ୩୫ ବର୍ଷ। ଏହି ଦୁଇ ଖେଳାଳିଙ୍କ ପାଇଁ ଏହା ଅନ୍ତିମ ଦିନିକିଆ ବିଶ୍ୱକପ ବୋଲି ମଧ୍ୟ କୁହାଯାଇପାରେ। ତେଣୁ ଉଭୟ ଏହାକୁ ସ୍ମରଣୀୟ କରିବାକୁ ସମସ୍ତ ପ୍ରୟାସ କରିବେ। ୧୨ ବର୍ଷ ପୂର୍ବେ କୋହଲି ନିଜ ପଦାର୍ପଣରେ ବିଶ୍ୱକପ ବିଜୟୀ ହୋଇଥିବା ବେଳେ ଏଥିରେ ମଧ୍ୟ ସମାନ କରିସ୍ମା ଦୋହରାଇବାକୁ ପ୍ରୟାସ କରିବେ। ରୋହିତ ଓ କୋହଲିଙ୍କ ବ୍ୟତୀତ ୩୭ ବର୍ଷୀୟ ଅଶ୍ୱିନ ମଧ୍ୟ ସମ୍ଭବତଃ ନିଜର ଶେଷ ବିଶ୍ୱକପ ଖେଳୁଛନ୍ତି। ଦିନିକିଆ କ୍ରିକେଟର ଲୋକପ୍ରିୟତା ହ୍ରାସ ପାଉଥିବା ବେଳେ ଭାରତ ବିଜୟୀ ହେବା ଦ୍ୱାରା ଏହା ପୁନର୍ବାର ଶୀର୍ଷକୁ ଫେରିବା ଆକଳନ କରାଯାଉଛି। ୫ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ମଧ୍ୟ ଭାରତକୁ କଡା ଟକ୍କର ଦେବ। ଚେପକ୍‌ର ପିଚ୍ ଓ ପରିବେଶ ଭାରତ ପାଇଁ ଅନୁକୂଳ ହୋଇଥିବା ବେଳେ ଭାରତୀୟ ଦଳ ଏହାର ଫାଇଦା ଉଠାଇବାକୁ ପ୍ରୟାସ କରିବ। ଚେପକ୍‌ରେ ଭାରତ ୧୪ ମ୍ୟାଚ୍‌ରୁ ୭ ବିଜୟ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆ ୬ ମ୍ୟାଚ୍‌ରୁ ୫ ବିଜୟ ହାସଲ କରିଛି।

ସେହିପରି ଦଳ ଚୟନକୁ ନେଇ ମଧ୍ୟ ଭାରତ ସମସ୍ୟାରେ ରହିଛି। ୩ ସ୍ପିନରଙ୍କୁ ଖେଳାଇବ କି ନାହିଁ ଏହାକୁ ନେଇ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। କୁଲଦୀପ ଓ ଜାଡେଜାଙ୍କ ଖେଳିବା ସ୍ଥିର ଥିବା ବେଳେ ଅଶ୍ୱିନ ଓ ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣେ ଖେଳିବେ। ଚେନ୍ନାଇ ପିଚ୍‌କୁ ଦୃଷ୍ଟିରେ ରଖିଲେ ଭାରତ ଅଶ୍ୱିନଙ୍କୁ ଖେଳାଇବ। ସେହିପରି ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତିରେ ଇଶାନ କିଶନ ଓପନ କରିବେ। ଟପ୍ ଅର୍ଡରରେ ବାମ-ଡାହାଣ କମ୍ବିନେଶନ ଭାରତକୁ ଅଧିକ ଦୃଢତା ପ୍ରଦାନ କରିବ। ତେବେ ଅଷ୍ଟ୍ରେଲୀୟ ସ୍ପିନର ଆଡାମ ଜାମ୍ପା ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଠାରୁ ଭାରତକୁ ସତର୍କ ରହିବାକୁ ପଡିବ।



ଅଭ୍ୟାସ ଅବସରରେ ସାଥୀ ଖେଳାଳିଙ୍କ ସହ ବିରାଟ କୋହଲି।

**ଭାରତ ବନାମ ଅଷ୍ଟ୍ରେଲିଆ**
**ଚେନ୍ନାଇ, ଅପରାହ୍ନ-୨.୦୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଫଗାନିସ୍ତାନକୁ ହରାଇଲା ବାଂଲାଦେଶ



ଆଫଗାନିସ୍ତାନର ଏକ ଉଇକେଟ ପତନ ପରେ ସାଥୀ ଖେଳାଳି ବାଂଲାଦେଶର ଶୋରିଫୁଲ ଇସ୍‌ଲାମଙ୍କ ସହ ଖୁସି ମୁହୂର୍ତ୍ତରେ ମେହିଦି ହସନ ମିରାଜ।

**ଧର୍ମଶାଳା,୭।୧୦ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ମେହିଦି ହସନ ମିରାଜଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ବାଂଲାଦେଶ ୬ଉଇକେଟରେ ଆଫଗିନିସ୍ତାନକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଉଭୟ ଦଳର ଏହା ଥିଲା ପ୍ରଥମ ମ୍ୟାଚ। ମିରାଜଙ୍କ ଚମତ୍କାର ଅଫ୍ ସ୍ପିନ ବୋଲିଂ (୩/୨୫) ସହାୟତାରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନକୁ ୧୫୬ରନରେ ସୀମିତ କରିଦେଇଥିଲା। ପରେ ବ୍ୟାଟିଂ କରିବାକୁ ଯାଇ ମିରାଜ ୭୩ ବଲ୍‌ରୁ ଗୁରୁତ୍ୱପୂର୍ଣ୍ଣ ୫୭ ରନ ସଂଗ୍ରହ କରିଥିଲେ। ବାଂଲାଦେଶ ୩୪.୪ ଓଭରରେ ୪ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳର ଟପ୍ ସ୍କୋରର ନାଜମୁଲ ଶାନ୍ତୋ ୮୩ ବଲ୍‌ରୁ ଧୈର୍ଯ୍ୟପୂର୍ଣ୍ଣ ୫୯ରନ କରି ଅପରାଜିତ ରହିଥିଲେ। ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ୧୫୭ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ବାଂଲଦେଶ ଏକଦା ୨୭ରନ ସ୍କୋରରେ ଏହାର ୨ ବ୍ୟାଟରଙ୍କୁ ହରାଇଥିଲା। ତାନ୍‌ଜିଦ ହସନ (୫) ଓ ଲିଟନ ଦାସ (୧୩) ପ୍ରଥମ ସାତ ଓଭର ଖେଳରେ ପ୍ୟାଭିଲିୟନକୁ ଫେରିଥିଲେ। ତେବେ ମିରାଜ ଓ ଶନ୍ତୋ ମାତ୍ର ୨୨ ଓଭରରେ ତୃତୀୟ ଉଇକେଟରେ ୯୭ରନ ଯୋଗ କରି ବାଂଲାଦେଶକୁ ଫିନିଶ ଲାଇନ୍‌ର ନିକଟତର କରାଇ ଦେଇଥିଲେ। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୩୭.୨ ଓଭରରେ ୧୫୬ ରନ କରି ଅଲଆଉଟ ହୋଇଯାଇଥିଲେ। ଦଳର ଟପ୍ ସ୍କୋରର ତଥା ଓପନର ତଥା ଉଇକେଟକିପର ରହମାନୁଲ୍ଲା ଗୁରବାଜ କ୍ରିଜ୍‌ରେ କିଛି ସମୟ ତିଷ୍ଠି ପାରିଥିଲେ। ସେ ଦଳ ପକ୍ଷରୁ ସର୍ବାଧିକ ୬୨ ବଲ୍‌ରୁ ୪୭ ରନ କରିଥିଲେ।

### ମିରାଜଙ୍କ ଅଲରାଉଣ୍ଡ ପ୍ରଦର୍ଶନ

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ଥାନ:** ୩୭.୨ ଓଭରରେ ୧୫୬/ଅଲଆଉଟ (ରହମାନୁଲ୍ଲା ଗୁରବାଜ-୪୭ ; ମେହିଦି ହସ ମିରାଜ-୩/୨୫, ଶକିବ ଅଲ ହସନ-୩/୩୦, ଶୋରିଫୁଲ୍ ଇସ୍‌ଲାମ-୨/୩୪)।

**ବାଂଲାଦେଶ:** ୩୪.୪ ଓଭରରେ ୧୫୮/୪ (ନାଜମୁଲ ହୋସେନ ଶାନ୍ତୋ-୫୯*, ମେହେଦି ହସନ ମିରାଜ-୫୭ ; ଅଜମାତୁଲ୍ଲା ଓମାରଜାଇ-୧/୯)।

# ବିସିସିଆଇ ରିଲିଜ କଲା ୧୪,୦୦୦ ଟିକେଟ

**ମୁମ୍ବାଇ, ୭।୧୦ (ପି.ଟି.)**

ଅହମଦାବାଦଠାରେ ଅକ୍ଟୋବର ୧୪ରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ହାଇ ଭୋଲଟେଜ୍ ବିଶ୍ୱକପ୍ ମ୍ୟାଚର ଟିକେଟ ଚାହିଦା ଖୁବ୍ ରହିବା ସ୍ୱାଭାବିକ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିଲାଗି ୧୪,୦୦୦ ଟିକେଟ ରିଲିଜ କରିବାକୁ ବାଧ୍ୟ ହୋଇଛି। ଟି୨୦ ବିଶ୍ୱକପ୍ ୨୦୧୬ରେ କୋଲକାତା ମୁକାବିଲା ପରେ ଭାରତ ଓ ପାକିସ୍ତାନ ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଟିକେଟ ବିକ୍ରି ଅକ୍ଟୋବର ୮ ଅପରାହ୍ନ ୧୨ଟାରୁ ଆରମ୍ଭ ହେବ। ଖେଳପ୍ରେମୀମାନେ ଅଫିସିଆଲ ୱେବ୍‌ସାଇଟ୍‌କୁ ଯାଇ ଟିକେଟ କ୍ରୟ କରିପାରିବେ। ଭେନ୍ୟୁର ଦର୍ଶକ କ୍ଷମତା ହେଉଛି ୧,୩୦,୦୦୦ରୁ ଅଧିକ। ଗୁରୁବାର ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ବେଳେ ଷ୍ଟାଡିୟମରେ ୪୭,୦୦୦ ଦର୍ଶକ ଉପସ୍ଥିତ ଥିଲେ। ଏକ ବିଶ୍ୱକପ୍ ଉଦ୍‌ଘାଟନୀ ମ୍ୟାଚରେ ଏହି ଉପସ୍ଥାନ ସର୍ବାଧିକ ଥିଲା। ଆୟୋଜକ ଭାରତ ଚେନ୍ନାଇଠାରେ ରବିବାର ଅଷ୍ଟ୍ରେଲିଆକୁ ଭେଟିବ। ପାକିସ୍ତାନ ଶୁକ୍ରବାର ହାଇଦ୍ରାବାଦଠାରେ ନେଦରଲାଣ୍ଡ୍ସ ବିପକ୍ଷରେ ରେକର୍ଡ ବିଜୟ ହାସଲ କରିଛି।

### ଭାରତ-ପାକିସ୍ତାନ ମ୍ୟାଚ

# ଦକ୍ଷିଣ ଆଫ୍ରିକାର ବୃହତ୍ ବିଜୟ

**ନୂଆଦିଲ୍ଲୀ, ୭।୧୦**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଚତୁର୍ଥ ମ୍ୟାଚରେ ୩ ଖେଳାଳିଙ୍କ ଶତକ ବଳରେ ଶ୍ରୀଲଙ୍କା ବିପକ୍ଷରେ ୧୦୨ ରନରେ ବିଜୟ ହାସଲ କରିଛି ଦକ୍ଷିଣ ଆଫ୍ରିକା। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଏଡେନ୍ ମାରାକ୍ରମ, କ୍ୱିଣ୍ଟନ୍ ଡି'କକ୍ ଓ ରାଶି ଭାନ୍ ଡର ଡୁସେନଙ୍କ ଶତକ ବଳରେ ୫ ଉଇକେଟ ହରାଇ ୪୨୮ ରନ୍ ସ୍କୋର କରିଥିଲା।

ଜବାବରେ ଶ୍ରୀଲଙ୍କା ୪୪.୫ ଓଭରରେ ୩୨୬ ରନରେ ଅଲଆଉଟ ହୋଇଥିଲା। ଟସ୍ ହାରି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଦଳୀୟ ସ୍କୋର ୧୦ ରନ୍‌ରେ ଅଧିନାୟକ ଟେମ୍ବା ବଭୁମାଙ୍କ ଉଇକେଟ ହରାଇଥିଲା। ତେବେ ଡି'କକ୍ (୧୦୦) ଓ ରାଶି ଭାନ୍ ଡର ଡୁସେନ(୧୦୮) ଦ୍ୱିତୀୟ ଉଇକେଟରେ ୨୦୪ ରନ୍ ଯୋଡିଥିଲେ। ଡି'କକ୍ ୮୪ ବଲ୍ ଖେଳି ୧୨ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ରାଶି ଭାନ୍ ଡର ଡୁସେନ ୧୧୦ ବଲ୍ ଖେଳି ୧୩ ଚୌକା ଓ ୨ ଛକା ମାରିଥିଲେ। ଏଡେନ୍ ମାରାକ୍ରମ ବିଶ୍ୱକପ୍‌ର ଦ୍ରୁତତମ ଶତକ ହାସଲ କରିବା ସହିତ ୫୪ ବଲ୍‌ରୁ ୧୦୬ ରନ୍ କରିଥିଲେ। ୪୯ ବଲ୍‌ରୁ ଶତକ ହାସଲ କରି ସେ କେଭିନ୍ ଓ ବ୍ରାଏନଙ୍କ ରେକର୍ଡ ଭାଙ୍ଗିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦିଲସାନ ମଦୁଶନକା ଦୁଇଟି ଉଇକେଟ ନେଇଥିଲେ। ୪୨୯ ରନ୍ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କାର ବ୍ୟାଟିଂ ବିଫଳ ହୋଇଥିଲା। କୁଶାଲ ମେଣ୍ଡିସ୍ ୭୬ ଓ ଚରିଥ୍ ଆସାଲଙ୍କା ୭୯ ରନ୍ କରିଥିବା ବେଳେ ଦାସୁନ ଶନକା ୬୮ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଜେରାଲ୍ଡ କୋଏଟଜି ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ମାର୍କୋ ଜାନସେନ୍, କେଶବ ମହାରାଜ ଓ କାଗିସୋ ରାବାଡା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ଏଡେନ୍ ମାରାକ୍ରମ

# ରେକର୍ଡ ଭାଙ୍ଗିପାରେ ଭାରତ

### କ୍ରିକେଟ ବିଶ୍ୱକପ୍

**ଚେନ୍ନାଇ,୭।୧୦(ପି.ଟି.)**

ଆଇସିସି କ୍ରିକେଟ ବିଶ୍ୱକପ୍ ୨୦୨୩ରେ ଟିମ୍ ଇଣ୍ଡିଆ ରବିବାର ଅଷ୍ଟ୍ରେଲିଆକୁ ଭେଟି ଏହାର ଅଭିଯାନ ଆରମ୍ଭ କରିବ। ଚଳିତ ସଂସ୍କରଣରେ ଯେଉଁ କେତୋଟି ରେକର୍ଡ ଭଙ୍ଗ କରିହେବ ତାହାର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା।

**୧.** ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲି ଆଉ ୩ ଶତକ ହାସଲ କରିପାରିଲେ ସେ ସଚିନ ତେନ୍ଦୁଲକର (୪୯)ଙ୍କୁ ଅତିକ୍ରମ କରି ବିଶ୍ୱ କ୍ରିକେଟରେ ପ୍ରଥମ ଖେଳାଳି ଭାବେ ଅନ୍ତର୍ଜାତୀୟ ଦିନିକିଆରେ ୫୦ ଶତକ ହାସଲ କରିବାର ଗୌରବ ଅର୍ଜନ କରିପାରିବେ।

**୨.** ରୋହିତ ଶର୍ମା ଏକ ଶତକ ହାସଲ କରିପାରିଲେ ଇଭେଣ୍ଟ ଇତିହାସରେ ଜଣେ ଭାରତୀୟ ଭାବେ ସର୍ବାଧିକ ଶତକ ହାସଲ କରିବାରେ ସେ ତେନ୍ଦୁଲକର(୬)ଙ୍କ ରେକର୍ଡକୁ ଭଙ୍ଗ କରିଦେଇ ପାରିବେ।

**୩.** ଭାରତୀୟ ଅଧିନାୟକ ତଥା ଓପନର ରୋହିତ ଶର୍ମା ଆଉ ୩ଟି ଛକା ମାରିପାରିଲେ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ଅଧିକ ଛକା ମାରିବାରେ ନୂଆ ରେକର୍ଡ ପ୍ରତିଷ୍ଠା କରିପାରିବେ। ଏହାଦ୍ୱାରା ସେ ୱେଷ୍ଟଇଣ୍ଡିଜ ଓପନର କ୍ରିସ୍ ଗେଲ୍ (୫୫୩)ଙ୍କ ରେକର୍ଡ ଭଙ୍ଗ କରିପାରିବେ।

**୪.** ଯୁବ ଭାରତୀୟ ଓପନର ଶୁବମନ ଗିଲ୍ ଆଉ ୬୬୫ ରନ ସ୍କୋର କରିପାରିଲେ ଏକ ଅନ୍ତର୍ଜାତୀୟ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ ସ୍କୋରର ବିବେଚିତ ହୋଇପାରିବେ। ଏହାଦ୍ୱାରା ସେ ପୂର୍ବତନ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର (୧,୮୯୪)ଙ୍କ ରେକର୍ଡ ଭଙ୍ଗ କରିପାରିବେ।

**୫.** ଭାରତୀୟ ସିମ୍ ବୋଲର ମହମ୍ମଦ ଶାମି ୧୩ ଉଇକେଟ ନେଇପାରିଲେ ସେ ଜାହିର ଖାଁ ଓ ଜାଭାଗଲ ଶ୍ରୀନାଥ (୪୪)ଙ୍କୁ ଅତିକ୍ରମ କରି ବିଶ୍ୱକପ୍ ଇତିହାସରେ ଜଣେ ଭାରତୀୟ ଖେଳାଳି ଇତିହାସରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ହୋଇପାରିବେ।

**୬.** ଭାରତ ଯଦି ଏଥର ଟାଇଟଲ ବିଜୟୀ ହୁଏ ତେବେ ଆୟୋଜକ ହିସାବରେ କ୍ରମାଗତ ଦ୍ୱିତୀୟ ଥର ଟାଇଟଲ ଜିତିବାରେ ପ୍ରଥମ ଦେଶ ହେବ। ଏହାପୂର୍ବରୁ ଭାରତ ୨୦୧୧ରେ ପ୍ରତିଯୋଗିତା ଆୟୋଜନ କରିବା ସହ ଚାମ୍ପିୟନ ହୋଇଥିଲା।



ରୋହିତ ଶର୍ମା

# ଲିଅନଙ୍କୁ ନେବାର ଥିଲା

**ଗୌତମ ଗମ୍ଭୀର**

ଅଷ୍ଟ୍ରେଲିଆ ଏହାର ଇତିହାସ ଓ ପରମ୍ପରାକୁ ଭଲ ପାଏ। ଫଳସ୍ୱରୂପ ଏକ ଟେଷ୍ଟ ମ୍ୟାଚର ପ୍ରଥମ ଦିବସରେ ସେମାନେ ବ୍ୟାଗି ଗ୍ରିନ କ୍ୟାପ ପିନ୍ଧିବା ପରମ୍ପରା ରହିଛି। ପ୍ରାକ୍ଟିସ ଆରମ୍ଭ କରିବା ସମୟରେ ସେମାନେ ଟିମ୍ ପାଇଁ ଏକ ଗୀତ ଗାଇଥାନ୍ତି। 'ଅଷ୍ଟ୍ରେଲିଆନ୍ ଶୋଏ' ପରମ୍ପରା ଅନୁସାରେ ଏକ ଜୋତାରେ ସେମାନେ ସାମ୍ପେନ ପାନ କରିଥାନ୍ତି। ଏଥର ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ଦଳରେ ନାଥାନ ଲିଅନଙ୍କ ଭଳି ସ୍ପିନରଙ୍କୁ ସାମିଲ ନ କରି ମସ୍ତବଡ଼ ଭୁଲ କରିଛି। ଲିଅନ ଶେଷ ଥର ପାଇଁ ଏକ ଅନ୍ତର୍ଜତୀୟ ଦିନିକିଆ ଇଂଲଣ୍ଡ ବିପକ୍ଷ ୨୦୧୯ ବିଶ୍ୱକପ୍ ସେମିଫାଇନାଲରେ ଖେଳିଥିଲେ। ଏଥିରେ ସେ ତାଙ୍କ ୫ ଓଭର ବୋଲିଂରେ ୪୯ରନ ଦେଇଥିଲେ ଓ ଉଇକେଟ ଶୂନ୍ୟ ରହିଥିଲେ। ତାଙ୍କୁ ବର୍ତ୍ତମାନ ୩୫ ବର୍ଷ ବୟସ। ତଥାପି ଭାରତୀୟ ପିଚ୍ ପାଇଁ ସେ ଦଳର ଏକ ବଡ଼ ସମ୍ବଳ ହୋଇପାରିଥାନ୍ତେ। ଜଣେ ଅଧିନାୟକ ହିସାବରେ ମୁଁ ତାଙ୍କୁ ଦଳରେ ନେବାକୁ ଚାହିଁବି। ଲିଅନ ମିଡ୍‌ଲ ଓଭରଗୁଡ଼ିକରେ ବାଉନ୍ସ ସହ ଲାଇନ୍ ଲେଙ୍ଥ ରଖି ବୋଲିଂ କରିପାରନ୍ତି। ମୋର ମନେ ପଡୁଛି ଚଳିତବର୍ଷ ପ୍ରାରମ୍ଭରେ ଟେଷ୍ଟ ମ୍ୟାଚଗୁଡ଼ିକରେ ଲିଅନ ଭାରତର ଶୁବମନ ଗିଲ୍ ଓ ରୋହିତ ଶର୍ମାଙ୍କ ଉପରେ ଅଙ୍କୁଶ ଲଗାଇବାରେ ସମର୍ଥ ହୋଇଥିଲେ। ବିଶ୍ୱକପ୍ ଭଳି ହାଇ ପ୍ରୋଫାଇଲ ଟୁର୍ନାମେଣ୍ଟ ପାଇଁ ପ୍ୟାଟ କମିନ୍ସଙ୍କ ଲାଗି ଅଭିଜ୍ଞ ଖେଳାଳି ଉପଯୋଗି ସାବ୍ୟସ୍ତ ହୋଇପାରନ୍ତି। ଲିଅନ ହେଉଛନ୍ତି ଜଣେ ପ୍ରକୃଷ୍ଟ ଅଷ୍ଟ୍ରେଲୀୟ କ୍ରିକେଟର। ଅଷ୍ଟ୍ରେଲିଆ ଯେଉଁ ଭେନ୍ୟୁଗୁଡ଼ିକରେ ମ୍ୟାଚ ଖେଳିବ ସେଠାରେ ଲିଅନଙ୍କ ଅନୁପସ୍ଥିତି ନିଶ୍ଚିତ ଅନୁଭବ ହେବ। ରବିବାର ଅଷ୍ଟ୍ରେଲିଆ ପ୍ରଥମେ ଚେନ୍ନାଇରେ ଏବଂ ପରେ ଦୁଇଟି ମ୍ୟାଚ ଲକ୍ଷ୍ନୌରେ ଖେଳିବେ। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଲକ୍ଷ୍ନୌ ଧିମା ବୋଲରଙ୍କ ଭୂସ୍ୱର୍ଗ ପାଲଟିଥିଲା। ପରେ ସେମାନେ ଅହମଦାବାଦ, ପୁଣେ ଓ ମୁମ୍ବାଇରେ ଖେଳିବେ। ଲିଅନ ଓ ଆଡାମ ଜାମ୍ପା ଯୋଡ଼ି ପୂର୍ବତନ ବିଶ୍ୱ ଚାମ୍ପିୟନ ଦଳ ପାଇଁ ପ୍ରଭାବୀ ସାବ୍ୟସ୍ତ ହୋଇଥାନ୍ତେ। ଭାରତ ଏହି ବିଚ୍‌ଗୁଡ଼ିକରେ ଯଦି ରବିଚନ୍ଦ୍ରନ ଅଶ୍ୱିନଙ୍କୁ ମୁଖ୍ୟ ଅସ୍ତ୍ର ରୂପେ ବ୍ୟବହାର କରେ ତେବେ ଅଷ୍ଟ୍ରେଲିଆ ପାଇଁ ଲିଅନ ଏହି ଭୂମିକା ଗ୍ରହଣ କରିପାରିଥାନ୍ତେ। ବର୍ତ୍ତମାନ ଭଲ ଫର୍ମରେ ଥବବା ଗିଲ୍ ଡେଙ୍ଗୁରେ ପୀଡ଼ିତ ଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ରବିବାର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ସେ ଖେଳିବା ନେଇ ସନ୍ଦେହ ରହିଛି। ଭାରତ ପାଇଁ ଏହା ଚିନ୍ତାର କାରଣ ହୋଇପାରେ। ବର୍ତ୍ତମାନ ପରିସ୍ଥିତିରେ ମ୍ୟାଚରେ ରୋହିତଙ୍କ ସହ ଇଶନ କିଶନ ଓପନ କଲେ ଭଲ। ବିରାଟ କୋହଲି ପୂର୍ବ ଭଳି ୩ୟ ସ୍ଥାନରେ, କେ.ଏଲ୍ ରାହୁଲ ୫ମ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ୬ଷ୍ଠ ସ୍ଥାନରେ ବ୍ୟାଟିଂ କରିବେ। କାଗଜପତ୍ରରେ ଏହି ବ୍ୟାଟିଂ ଲାଇନ୍ ଅପ୍ ଶକ୍ତିଶାଳୀ ମନେ ହେଉଛି। ରବୀନ୍ଦ୍ର ଜାଡେଜା, ଅଶ୍ୱିନ ଓ କୁଲଦୀପ ଯାଦବ ମୋର ତିନ ମନପସନ୍ଦ ସ୍ପିନର। ସେମାନଙ୍କ ପଛକୁ ରହିଛନ୍ତି ମହମ୍ମଦ ସିରାଜ ଓ ଯଶପ୍ରୀତ ବୁମ୍‌ରା। ଏମାନେ ବ୍ୟାଟ୍ସମ୍ୟାନ ଭାବେ ସହାୟକ ହୋଇପାରିବେ। ବିଶ୍ୱକପ୍‌ରେ ଭାରତ ଏହାର ଓପନିଂ ଗେମ୍ ଖେଳିବାକୁ ଯାଉଥିବାରୁ ଏହା ଉପରେ ଦେଶବାସୀଙ୍କ ବିଶେଷ ଧ୍ୟାନ ରହିଥିବ। ମୋ ହିସାବରେ ଅଷ୍ଟ୍ରେଲିଆ ସେମାନଙ୍କ ପାଇଁ ବିପଦ ସାବ୍ୟସ୍ତ ହେବ ନାହିଁ। ଚେନ୍ନାର ଉତ୍ତାପ ପରିବେଶ ଅଷ୍ଟ୍ରେଲୀୟଙ୍କ ଲାଗି ସମସ୍ୟା ସୃଷ୍ଟି କରିପାରେ। ଭାରତୀୟ ପରିବେଶରେ ସେମାନଙ୍କ ବୋଲିଂ ସେତେଟା ପ୍ରଭାବଶାଳୀ ହେବ ନାହିଁ। ପୁନଶ୍ଚ ଭାରତ ଯଦି ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଏ ତେବେ ଫାଇଦାରେ ରହିବ।

**(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମେଡିଆ)**






# ବ୍ରୋଞ୍ଜ ଜିତିଲା ମହିଳା ହକି ଦଳ



ପୋଡିୟମ୍‌ରେ ବ୍ରୋଞ୍ଜ ପଦକ ସହ ମହିଳା ହକି ଦଳର ଖେଳାଳି।

**ହାଙ୍ଗଝୋ, ୭।୧୦(ପି.ଟି.)**

## ଏସିଆନ୍ ଗେମ୍ସ

ଏସିଆନ୍ ଗେମ୍ସ ୨୦୨୩ରେ ଭାରତୀୟ ମହିଳା ହକି ଦଳ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି। ଶନିବାର ଅନୁଷ୍ଠିତ ତୃତୀୟ ସ୍ଥାନ ପ୍ଲେ ଅଫ୍‌ରେ ଜାପାନକୁ ୨-୧ରେ ହରାଇଛି ଭାରତ। ଏହି ବିଜୟ ସହିତ ଜାକାର୍ତ୍ତା ୨୦୧୮ ପରାଜୟର ମଧୁର ପ୍ରତିଶୋଧ ନେଇଛି ଭାରତ। ଟାଇଟଲ ଫେଭରିଟ୍ ଥିବା ଭାରତ ଚାଇନା ନିକଟରୁ ୪-୦ରେ ସେମି ଫାଇନାଲରେ ହାରି ଯାଇଥିଲା। ତେବେ ସବିତା ପୁନିଆଙ୍କ ଦଳ ଚମତ୍କାର ପ୍ରଦର୍ଶନ କରିବା ସହିତ ସପ୍ତମ ଏସିଆଡ୍ ପଦକ ହାସଲ କରିଛି। ଭାରତ ପକ୍ଷରୁ ଦୀପିକା(୫) ଓ ସୁଶୀଳା ଚାନୁ(୫୦) ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଜାପାନ ପକ୍ଷରୁ ୟୁରି ନାଗାଇ(୩୦) ମିନିଟରେ ଗୋଟିଏ ଗୋଲ ଦେଇଥିଲେ।

ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ହକି ଖେଳିଥିଲା। ପଞ୍ଚମ ମିନିଟରେ ଦୀପିକା ଭାରତ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରଥିଲେ। ପେନାଲ୍ଟି ଷ୍ଟ୍ରୋକକୁ ସେ ଗୋଲରେ ପରିଣତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ଅନ୍ତିମ ମିନିଟରେ ଜାପାନକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ୟୁରି ଏହାକୁ ଗୋଲରେ ପରିଣତ କରିବା ସହିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଚତୁର୍ଥ କ୍ୱାର୍ଟରରେ ସୁଶୀଳା ଚାନୁ ନିର୍ଣ୍ଣାୟକ ଗୋଲ ଦେଇଥିଲ।

## ଖେଳାଳିଙ୍କୁ ୩ ଲକ୍ଷ ଲେଖାଏ ପୁରସ୍କାର

**ଭୁବନେଶ୍ୱର, ୭।୧୦(ସରୋଜ ଜେନା)**

ଏସିଆନ୍ ଗେମ୍ସ ୨୦୨୩ରେ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ମହିଳା ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇବା ସହ ଏହା ଭାରତୀୟ ଦଳ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଭାରତୀୟ ବିଜୟ ଇତିହାସରେ ଏହା ଆଉ ଏକ ଫର୍ଦ୍ଦ ଭାବରେ ଯୋଡ଼ିହୋଇଛି। ଭାରତୀୟ ହକିର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଛନ୍ତି। ପୂର୍ବରୁ ହକି ଇଣ୍ଡିଆ ପକ୍ଷରୁ ମହିଳା ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୧.୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ହକିର ପ୍ରାୟୋଜକ ରହିଥିବା ଓଡ଼ିଶା ସରକାର ସ୍ୱର୍ଣ୍ଣ ବିଜେତା ପୁରୁଷ ଦଳର ସମସ୍ତ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

## ଏସିଆନ୍ ଗେମ୍ସରେ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨୦୦ | ୧୧୧ | ୭୧ | ୩୮୨ |
| ଜାପାନ | ୫୧ | ୬୬ | ୬୯ | ୧୮୬ |
| ଦ.କୋରିଆ | ୪୨ | ୫୯ | ୮୯ | ୧୯୦ |
| **ଭାରତ** | **୨୮** | **୩୮** | **୪୧** | **୧୦୭** |
| ଉଜ୍‌ବେକିସ୍ତାନ | ୨୨ | ୧୮ | ୩୧ | ୭୧ |
| ଚାଇନିଜ ତାଇପେ | ୧୮ | ୨୦ | ୨୮ | ୬୬ |
| ଇରାନ | ୧୩ | ୨୧ | ୧୯ | ୫୩ |
| ଥାଇଲାଣ୍ଡ | ୧୨ | ୧୪ | ୩୨ | ୫୮ |
| ବାହାରିନ | ୧୨ | ୩ | ୫ | ୨୦ |
| ଉ.କୋରିଆ | ୧୧ | ୧୮ | ୧୦ | ୩୯ |
| କାଜାଖସ୍ତାନ | ୧୦ | ୨୧ | ୪୭ | ୭୮ |

# ଚେସ୍: ପୁରୁଷ ଓ ମହିଳା ଦଳଙ୍କୁ ରୌପ୍ୟ

**ହାଙ୍ଗ୍‌ଝୋ, ୭।୧୦ (ପି.ଟି.)**

ଏସିଆନ ଗେମ୍ସ ଚେସ୍‌ରେ ଶନିବାର ଭାରତର ଉଭୟ ପୁରୁଷ ଓ ମହିଳା ଦଳ ରୌପ୍ୟ ପଦକ ଜିତିଛନ୍ତି। ସ୍ୱଳ୍ପ ବୟସ୍କ ଷ୍ଟାର ଖେଳାଳି ଡି. ଗୁକେଶ ଓ ଭାରତର ନମ୍ବର ୱାନ ଆର. ପ୍ରଜ୍ଞାନନ୍ଦଙ୍କୁ ନେଇ ଟପ୍‌ସିଡ୍ ଭାରତୀୟ ଦଳ ସ୍ୱର୍ଣ୍ଣ ବଜେତା ଇରାନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ପ୍ରତିଯୋଗିତାରେ ଭାରତ ଉଭୟ ଇରାନ ଓ ଚାଇନା ବିପକ୍ଷ ମୁକାବିଲା ଡ୍ର ରଖିଥିଲା। ୯ମ ଓ ୧୦ମ ତଥା ଫାଇନାଲ ରାଉଣ୍ଡରେ ଭାରତ ୩.୫-୦.୫ରେ ଫିଲିପାଇନ୍ସକୁ ପରାସ୍ତ କରିଥିଲା। କିନ୍ତୁ ଏହା ଯଥେଷ୍ଟ ନ ଥିଲା, କାରଣ ଇରାନ ୪-୦ରେ ଦକ୍ଷିଣ କୋରିଆକୁ ହରାଇ ପ୍ରଥମ ସ୍ଥାନ ସହ ଏହାର ଅଭିଯାନ ଶେଷ କରିଥିଲା। ଅନ୍ୟପକ୍ଷରେ ଗ୍ରାଣ୍ଡମାଷ୍ଟର ଡି. ହାରିକା, ଅନ୍ତର୍ଜାତୀୟ ମାଷ୍ଟର ଆର. ବୈଶାଳୀ, ଅନ୍ତର୍ଜାତୀୟ ମାଷ୍ଟର ଭାନ୍‌ଟିକା ଅଗ୍ରୱାଲ ଏବଂ ମହିଳା ଗ୍ରାଣ୍ଡ ମାଷ୍ଟର ବି. ସବିତା ଦକ୍ଷିଣ କୋରିଆକୁ ୪-୦ ପରାସ୍ତ କରି ୧୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ହାସଲ କରିଛି। ଚତୁର୍ଥ ରାଉଣ୍ଡରେ ଚାଇନାଠାରୁ ପରାଜିତ ହେବାପରେ ଦଳର ସମ୍ଭାବନା ମଉଳିଯାଇଥିଲା। ଟପ୍ ସିଡ ଚାଇନା ୪-୦ରେ ୟୁଏଇକୁ ପରାସ୍ତ କରିବା ଦ୍ୱାରା ୧୭ ମ୍ୟାଚ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ପାଇଥିଲା।

# ଗ୍ରାଣ୍ଡମାଷ୍ଟର ଚେସ୍ ତାଲିମ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୭।୧୦(ସରୋଜ ଜେନା)**

କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରୋ-ଚେସ-ଟା ଠାରେ ଆରମ୍ଭ ହୋଇଥିବା ପାଞ୍ଚ ଦିନିଆ ଗ୍ରାଣ୍ଡମାଷ୍ଟର ତାଲିମ ଶିବିର ଶନିବାର ଉଦଯାପିତ ହୋଇଯାଇଛି । ଏଥିରେ ୨୨୦୦ରୁ ଅଧିକ ଇଲୋ ରେଟିଂ ଥିବା ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ, ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ପଣ୍ଡା, ରାକେଶ କୁମାର ଜେନା ଏବଂ ଫିଡେ ମାଷ୍ଟର ମୋହିତୋଷ ଦେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଭାରତୀୟ ଗ୍ରାଣ୍ଡମାଷ୍ଟର ସୁନ୍ଦରରାଜନ କିଦାମ୍ବି ଏହି ଶିବିରରେ ଯୋଗଦେଇ ଓଡ଼ିଆ ଖେଳାଳି ମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ନିମନ୍ତେ ତାଲିମ ପ୍ରଦାନ କରିଥିଲେ। ଆଗାମୀ ଦିନରେ ବିଶ୍ୱର ସର୍ବଶ୍ରେଷ୍ଠ ଓପନ ଚେସ ପ୍ରତିଯୋଗିତା କାତାର ମାଷ୍ଟର ଓପନ ଚେସ ଟୁର୍ନାମେଣ୍ଟ, ବିଶ୍ୱ ରାପିଡ଼ ବ୍ଲିଟ, ଫ୍ରାନ୍ସ ଓପନ ଏବଂ ପର୍ତ୍ତୁଗାଲ ଓପନ ଆଦି ଚେସ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ତାଲିମ ଶିବିର ଓଡ଼ିଆ ଖେଳାଳିଙ୍କୁ ସେଠାରେ ଭଲ ଖେଳ ପ୍ରଦର୍ଶନରେ ସହାୟକ ହେବ।



କର୍ମକର୍ତ୍ତାଙ୍କ ସହ ଚେସ୍‌ରେ ରୌପ୍ୟ ବିଜେତା ଭାରତୀୟ ପୁରୁଷ ଓ ମହିଳା ଦଳର ଖେଳାଳି।



ଚେସ୍ ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳି।

## କ୍ରିକେଟ ଦଳକୁ ଐତିହାସିକ ସ୍ୱର୍ଣ୍ଣ

**ହାଙ୍ଗଝୋ, ୭।୧୦(ପି.ଟି.)**

ଏସିଆନ୍ ଗେମ୍ସ ୨୦୨୩ରେ ପ୍ରଥମ ଥର ଅଂଶଗ୍ରହଣ କରିଥିବା ଭାରତୀୟ ପୁରୁଷ କ୍ରିକେଟ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫାଇନାଲରେ ଆଫଗାନିସ୍ତାନକୁ ପରାସ୍ତ କରି ଭାରତ ଏହି ସଫଳତା ହାସଲ କରିଛି। ବିଶ୍ୱକପ କାରଣରୁ ଭାରତ ଏହାର ବି ଟିମ୍ ପଠାଇଥିବା ବେଳେ ଋତୁରାଜ ଗାଏକ୍ୱାଡ ଏହାର ଅଧିନାୟକ ରହିଥିଲେ। ଫାଇନାଲ ମ୍ୟାଚ୍ ବର୍ଷା ବାଧାପ୍ରାପ୍ତ ରହିଥିବା ବେଳେ ଭାରତକୁ ବିଜୟୀ ଘୋଷଣା କରାଯାଇଥିଲା।

ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ୧୮.୨ ଓଭରରେ ଆଫଗାନିସ୍ତାନ ୫ ଉଇକେଟ ହରାଇ ୧୧୨ ରନ୍ ସ୍କୋର କରିଥିବା ବେଳେ ବର୍ଷା ହୋଇଥିଲା। ଶାହିଦୁଲ୍ଲା କମାଲ ଅପରାଜିତ ୪୯ ରନ୍ କରିଥିବା ବେଳେ ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଶିବମ ଦୁବେ, ଶାହବାଜ ଅହମଦ ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବର୍ଷା କାରଣରୁ ଖେଳ ସମ୍ଭବ ନ ହେବାରୁ ଉଚ୍ଚତର ର୍‍ୟାଙ୍କିଙ୍ଗ କାରଣରୁ ଭାରତକୁ ବିଜୟୀ ଘୋଷଣା କରାଯାଇଥିଲା।

# ଓଡ଼ିଶା ଏଫ୍‌ସି ପରାସ୍ତ

**ଭୁବନେଶ୍ୱର, ୭।୧୦ (ବିଜୟ ରଣା)**

ଇଣ୍ଡିଆନ ସୁପର ଲିଗ୍ ୨୦୨୩-୨୪ରେ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ଆୱେ ମ୍ୟାଚରେ ପରାଜୟ ବରଣ କରିଛି। ଶନିବାର ଗୋଆସ୍ଥିତ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଏଫ୍‌ସି ଗୋଆ ୩-୨ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ହରାଇ ଦେଇଛି। ମୋର୍ଟାଡା ଫଲ୍ ୬ଷ୍ଠ ମିନିଟ୍‌ରେ ଏକ କର୍ନରକୁ ଗୋଲ୍‌ରେ ରୂପାନ୍ତରିତ କରି ଓଡ଼ିଶା ଏଫ୍‌ସିକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟ୍‌ରେ ମୋର୍ଟାଡା ଆଉ ଏକ ଗୋଲ ଦେବାର ସୁଯୋଗ ପାଇଥିଲେ।



ଗୋଲ୍ ସ୍କୋର କରିବା ପରେ ମୋର୍ଟାଡା ଫଲ୍‌ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ଗୋଲକିପର ଅର୍ଶଦୀପ ଉଦ୍ୟମକୁ ପଣ୍ଡ କରିଦେଇଥିଲେ। ପ୍ରଥମାର୍ଦ୍ଧରେ ଗୋଆ ତରଫରୁ ହୋଇଥିବା ସମସ୍ତ ଉଦ୍ୟମକୁ ପଲ୍ ଓ କାର୍ଲୋସ ଅକାମୀ କରି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ୫୫ତମ ମିନିଟ୍ ଖେଳରେ ଗୋଆର ନୋଆ ସାଦାଓଇ ପ୍ରଭାବୀ ପ୍ରଦର୍ଶନ କରି ଏକ ପେନାଲ୍‌ଟିକୁ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ତରକୁ ନେଇଆସିଥିଲେ। ୬୮ତମ ମିନିଟ୍‌ରେ ସେ ଆଉ ଏକ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ମୋର୍ଟାଡା ଫଲ୍ ପୁଣି ତାଙ୍କ ଚମତ୍କାରିତା ଦେଖାଇ ୮୧ତମ ମିନିଟ୍‌ରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ସ୍କୋର କରି ମ୍ୟାଚକୁ ୨-୨ବରାବର ସ୍ଥିତିକୁ ନେଇ ଆସିଥିଲେ। ମ୍ୟାଚର ଶେଷ ମୁହୂର୍ତ୍ତରେ ଭିକ୍ଟର ରୋଡ୍ରିଗୁଏଜ୍‌ଙ୍କଠାରୁ ସହାୟତା ପାଇ ଜୟ ଗୁପ୍ତା ଟପ୍ ଲେଫ୍ଟ କର୍ନରରୁ ଗୋଲ ସ୍କୋର କରି ଏଫ୍‌ସି ଗୋଆକୁ ବିଜୟୀ କରାଇଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ଅକ୍ଟୋବର ୨୭ରେ କୋଚିସ୍ଥିତ ନେହେରୁ ଷ୍ଟାଡିୟମରେ କେରଳ ବ୍ଲାଷ୍ଟର୍ସ ସହ ମୁକାବିଲା କରିବ।

କୋଷ୍ଠକାଠିନ୍ୟର ସମାଧାନ
9119788888




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ